
୪୬
ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ଡିସେମ୍ବର ୧୪/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Dhenkanal, Saturday, December 14 / 2019 ★★★★★
୧୫ଶ ଭାଗ ୨୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-











"ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରିପ୍ରେକ୍ଷୀରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଟିଭି ଚ୍ୟାନେଲଗୁଡ଼ିକ ଉପରେ କଟକଣା ଜାରି କରିଛି। ଏହା ଦ୍ୱିତୀୟ ଜରୁରିକାଳୀନ ପରିସ୍ଥିତି କି?
-ଡେରେକ୍ ଓ' ବ୍ରାଏନ୍, ଟିଏମ୍‌ସି ଏମ୍‌ପି



# ସିଏଏ କାର୍ଯ୍ୟକାରୀ କରିବାକୁ ରାଜ୍ୟ ବାଧ୍ୟ

ନୂଆଦିଲ୍ଲୀ,୧୩।୧୨(ପି.ଟି.)


ମମତା ବାନାର୍ଜୀ


ଅମରିନ୍ଦର ସିଂ


ପିନାରାୟି ବିଜୟନ୍


କମଲନାଥ


ଭୂପେଶ ବାଘେଲ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ୨୦୧୯କୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟଗୁଡ଼ିକ ବାଧ୍ୟ। ସମ୍ବିଧାନର ସପ୍ତମ ପରିଚ୍ଛେଦ ଅନୁସାରେ ଏହି ଆଇନ ଅଣାଯାଇଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରିବା ଅଧିକାର କୌଣସି ରାଜ୍ୟ ସରକାରଙ୍କର ନାହିଁ ବୋଲି ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ନବପ୍ରଣୀତ ନାଗରିକତ୍ୱ ସଂଶୋଧନ ଆଇନକୁ ଅସାମ୍ବିଧାନିକ ଦର୍ଶାଇ କେତେଜଣ ମୁଖ୍ୟମନ୍ତ୍ରୀ ଏହାକୁ ନିଜ ନିଜ ରାଜ୍ୟରେ ଲାଗୁ କରିବାକୁ ମନାକରିଦେଇଛନ୍ତି। ସେମାନେ ହେଲେ ମମତା ବାନାର୍ଜୀ (ପଶ୍ଚିମବଙ୍ଗ), ଅମରିନ୍ଦର ସିଂ (ପଞ୍ଜାବ), ପିନାରାୟି ବିଜୟନ୍ (କେରଳ), କମଲନାଥ (ମଧ୍ୟପ୍ରଦେଶ) ଓ ଭୂପେଶ ବାଘେଲ (ଛତିଶଗଡ଼)। ମୁଖ୍ୟମନ୍ତ୍ରୀମାନଙ୍କ ମନ୍ତବ୍ୟ ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କେନ୍ଦ୍ର ତାଲିକାରେ ଥିବା ଏକ କେନ୍ଦ୍ରୀୟ ଆଇନକୁ କାର୍ଯ୍ୟକାରୀ ପାଇଁ ମନାକରିବା ସକାଶେ କ୍ଷମତା କୌଣସି ରାଜ୍ୟ ପାଖରେ ନାହିଁ। ସପ୍ତମ ପରିଚ୍ଛେଦର କେନ୍ଦ୍ର ତାଲିକାରେ ପ୍ରତିରକ୍ଷା, ବହିର୍ବ୍ୟାପାର, ରେଲୱେ, ନାଗରିକତ୍ୱ ଓ ପ୍ରାକୃତିକୀକରଣ ଭଳି ୯୭ଟି ବିଷୟ ରହିଛି। ନାଗରିକତ୍ୱ ସଂଶୋଧନ ଆଇନ ଅନୁସାରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧାର୍ମିକ ଅତ୍ୟାଚାରର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ଭାରତରେ ଶରଣାର୍ଥୀ ଭାବେ ପରିଗଣିତ ହେବେ ନାହିଁ। ପଡ଼ୋଶୀ ଦେଶର ସେହି ସଂଖ୍ୟାଲଘୁମାନେ ଭାରତରେ ୫ ବର୍ଷ ରହିଥିଲେ ଏଠାରେ ନାଗରିକତ୍ୱ ହାସଲ କରିବେ। ପୂର୍ବରୁ ଏହି ଅବଧି ୧୧ ବର୍ଷ ଥିଲା। ଏହି ବିଲ୍ ସୋମବାର ଲୋକ ସଭାରେ ପାସ୍ ହୋଇଥିବାବେଳେ ବୁଧବାର ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ମଧ୍ୟରାତ୍ରିରେ ଏହାକୁ ଅନୁମୋଦନ କରିବା ପରେ ବିଲ୍ ଆଇନରେ ପରିଣତ ହୋଇଛି।

## ସ୍ପଷ୍ଟକଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

କେରଳ ମୁଖ୍ୟମନ୍ତ୍ରୀ ବିଜୟନ୍ ଗୁରୁବାର କହିଥିଲେ, ତାଙ୍କ ରାଜ୍ୟରେ 'ଏକ ସମ୍ବିଧାନବିରୋଧୀ ଆଇନର କୌଣସି ସ୍ଥାନ ନାହିଁ।' ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ମଧ୍ୟ ଏହାକୁ ଦୃଢ଼ବିରୋଧ କରିଛନ୍ତି। ସେ କହିଛନ୍ତି, ଭାଜପା ଇସ୍ତାହାରରେ ବିକାଶ ପ୍ରସଙ୍ଗ ପରିବର୍ତ୍ତେ ଦେଶକୁ ବିଭାଜନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଧର୍ମ ଆଧାରରେ ନାଗରିକତ୍ୱ କାହିଁକି ସ୍ଥିର କରାଯିବ? ମୁଁ ଏହାକୁ ଗ୍ରହଣ କରିବି ନାହିଁ। ସଂଖ୍ୟାବଳ ଥିବାରୁ ତୁମେ ଲୋକ ସଭା ଓ ରାଜ୍ୟ ସଭାରେ ବଳପୂର୍ବକ ଆଇନ ପ୍ରଣୟନ କରିପାରିବ। କିନ୍ତୁ ଦେଶ ବିଭାଜନ କରିବା ପାଇଁ ତୁମକୁ ଆମେ ଅନୁମତି ଦେବୁନାହିଁ। ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ଏହି ଆଇନକୁ ଭାରତର ଧର୍ମନିରପେକ୍ଷ ଚରିତ୍ର ଉପରେ ଆକ୍ରମଣ ଭାବେ ଅଭିହିତ କରିଛନ୍ତି। ପଞ୍ଜାବରେ ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ ଦିଆଯିବନାହିଁ ବୋଲି ସେ କହିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବାଘେଲ କହିଛନ୍ତି, ଏହି ଆଇନ ସମ୍ପୂର୍ଣ୍ଣ ଭାବେ ଅସାମ୍ବିଧାନିକ। ଏ ସଂକ୍ରାନ୍ତ ବିଲ୍‌କୁ ନେଇ କଂଗ୍ରେସ ଯାହା ନିଷ୍ପତ୍ତି ନେବ ଛତିଶଗଡ଼ରେ ତାହା ଲାଗୁ ହେବ। ସେହିପରି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ବିଭାଜନର ମଞ୍ଜି ବୁଣୁଥିବା ଏକ ପ୍ରକ୍ରିୟାରେ ଆମେ ଭାଗୀଦାର ହେବୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ମତରେ ଏହି ବିଲ୍ ହେଉଛି ସମ୍ବିଧାନର ମୂଳ ଧାରଣା ଉପରେ ଆକ୍ରମଣ। ଏହାର ଭାଗ୍ୟ ସୁପ୍ରିମକୋର୍ଟରେ ନିର୍ଦ୍ଧାରଣ ହେବ।

## ୧୬ରେ ରାଜ୍ୟବ୍ୟାପୀ ଆନ୍ଦୋଳନ: ମମତା

କୋଲକାତା,୧୩।୧୨
(ଆଇଏଏନ୍‌ଏସ୍)

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ପଶ୍ଚିମବଙ୍ଗରେ କୁହୁଳୁଥିବା ନିଆଁ ଆଗକୁ ଅଧିକ ଜଳିବ। କାରଣ ଏହି ପ୍ରସଙ୍ଗରେ ଆସନ୍ତା ସୋମବାର ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘୋଷଣା କରିଛନ୍ତି। କୋଲ୍‌କାତାର ବି.ଆର୍. ଆମ୍ବେଡକର ପ୍ରତିମୂର୍ତ୍ତିଠାରୁ ସେ ଏକ ଶୋଭାଯାତ୍ରା କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମମତା କହିଛନ୍ତି, ନିଆଁ ସହିତ ନ ଖେଳିବା ପାଇଁ କେନ୍ଦ୍ରର ଭାଜପା ସରକାରକୁ ଆମେ କହିଥିଲୁ। ହେଲେ ସେମାନେ ସିଏଏ ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ବଳପୂର୍ବକ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି। ପଶ୍ଚିମବଙ୍ଗରେ ଏହାକୁ କାର୍ଯ୍ୟକାରୀ ହେବାକୁ ଦିଆଯିବ ନାହିଁ।



ଗୁଆହାଟୀର ଏକ ବୃଦ୍ଧାଶ୍ରମରେ ଶାନ୍ତିପୂର୍ଣ୍ଣ ଉପାୟରେ ବିକ୍ଷୋଭ କରାଯାଉଛି।

# ଆବେଙ୍କ ଭାରତ ଗସ୍ତ ସ୍ଥଗିତ

ନୂଆଦିଲ୍ଲୀ,୧୩।୧୨


ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ

ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି)କୁ ନେଇ ବିବାଦ ପ୍ରରିପ୍ରେକ୍ଷୀରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଭାରତ ଗସ୍ତକୁ ସ୍ଥଗିତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରତିପକ୍ଷ ଆବେଙ୍କ ମଧ୍ୟରେ ଡିସେମ୍ବର ୧୫ରୁ ୧୭ ପର୍ଯ୍ୟନ୍ତ ଆସାମ ରାଜଧାନୀ ଗୁଆହାଟୀରେ ବାର୍ଷିକ ସମ୍ମିଳନୀ ହେବାର ଥିଲା। ସିଏବିକୁ ନେଇ ଗୁଆହାଟୀରେ ହିଂସାତ୍ମକ ଆନ୍ଦୋଳନ ଚାଲିଥିବାରୁ ବର୍ତ୍ତମାନ ପାଇଁ ଆବେଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଛି। ଦୁଇଦେଶର ସୁବିଧା ଅନୁସାରେ ତାଙ୍କ ଗସ୍ତ ପାଇଁ ଭବିଷ୍ୟତରେ ନୂଆ ତାରିଖ ଧାର୍ଯ୍ୟ କରାଯିବ। ଆବେଙ୍କ ଗସ୍ତ କାର୍ଯ୍ୟକ୍ରମ ନୂଆବର୍ଷରେ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ସୂଚନା ଦେଇଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ଜାପାନର ଏକ ଟିମ୍ ବୁଧବାର ଗୁଆହାଟୀ ପରିଦର୍ଶନ କରିବା ସହ ଆବେଙ୍କ ଗସ୍ତ ପ୍ରସ୍ତୁତି ନେଇ ସ୍ଥିତି ଅନୁଧ୍ୟାନ କରିଥିଲା। ଉକ୍ତ ଟିମ୍‌ର ରିପୋର୍ଟ ପରେ ଏଭଳି ସମୟରେ ଆବେ ଭାରତ ଆସିପାରିବେ ନାହିଁ ବୋଲି ଟୋକିଓ ପକ୍ଷରୁ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଅବଗତ କରାଯାଇଛି। ଏହା ପୂର୍ବରୁ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବ୍‌ଦୁଲ ମୋମେନ୍ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅସାଦୁଜ୍ଜାମନ୍ ଖାନ୍ ମଧ୍ୟ ନିଜ ନିଜ ଭାରତ ଗସ୍ତକୁ ବାତିଲ କରିସାରିଛନ୍ତି। ପ୍ରକାଶ ଯେ, ସିଏବିକୁ ନେଇ ଆସାମ ସମେତ ଉତ୍ତର-ପୂର୍ବର ଅଧିକାଂଶ ଅଞ୍ଚଳରେ ବିକ୍ଷୋଭ ଓ ଆନ୍ଦୋଳନ ଜାରି ରହିଛି। ଗୁଆହାଟୀରେ ଗୁରୁବାର ପୋଲିସ ଗୁଳିରେ ୨ ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିଲା।

# ହିଂସ୍ର ହେଲା ଜାମିଆ ଛାତ୍ରଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୧୩।୧୨

## ଲାଠିମାଡ଼ କଲା ଦିଲ୍ଲୀ ପୋଲିସ

ସିଏଏକୁ ନେଇ ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ହିଂସ୍ର ହୋଇଛି। ଛାତ୍ରୀଛାତ୍ରମାନେ ଶୁକ୍ରବାର ପାର୍ଲାମେଣ୍ଟ ହାଉସ୍ ଆଡ଼କୁ ଏକ ଶୋଭାଯାତ୍ରାରେ ଯାଉଥିବାବେଳେ ବିଶ୍ୱବିଦ୍ୟାଳୟ ଗେଟ୍ ନିକଟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଫଳରେ ଦୁଇପକ୍ଷଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଛାତ୍ରୀଛାତ୍ର ପୋଲିସ ଉପରକୁ ଟେକାମାଡ଼ କରିଥିବାବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବିଦ୍ୟାର୍ଥୀମାନେ ନ ମାନି ଆଗକୁ ଅଗ୍ରସର ହେଉଥିବାବେଳେ ପୋଲିସ କର୍ମଚାରୀମାନେ ସେମାନଙ୍କ ଉପରେ ଲାଠିମାଡ଼ କରିଥିଲେ। ଏଥିରେ କେତେଜଣ ଛାତ୍ରୀଛାତ୍ର ଆହତ ହୋଇଥିବା ଜଣାପଡ଼ିଛି।

## [ଇତିହାସର ଆଇନାରେ] ଡିସେମ୍ବର ୧୪ର ପ୍ରମୁଖ ଘଟଣା

୨୦୦୩ ଡିସେମ୍ବର ୧୪ରେ ପାକିସ୍ତାନର ରାଷ୍ଟ୍ରପତି ପର୍‌ଭେଜ୍ ମୁସାରଫ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ତାଙ୍କ କାର୍‌କେଡ୍ ଅତିକ୍ରମ କରିବାର ୩୦ ସେକେଣ୍ଡ ପରେ ପୋଲ ତଳେ ଖଞ୍ଜାଯାଇଥିବା ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣ ହୋଇଥିଲା। ପରେ ପୋଲ ଆଖପାଖ ଅଞ୍ଚଳକୁ କର୍ଡନ କରାଯାଇ ତନାଘନା ଆରମ୍ଭ ହୋଇଥିଲା।

୨୦୦୮ ଡିସେମ୍ବର ୧୪ରେ ଇରାକର ରାଜଧାନୀ ବାଗ୍‌ଦାଦରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଟିଭି ସାମ୍ବାଦିକ ମୁଣ୍ଟାଧର ଅଲ୍ ଜାଇଦି ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ଜର୍ଜ ଡବ୍ଲୁ. ବୁଶ୍‌ଙ୍କ ଉପରକୁ ଜୋତା ଫିଙ୍ଗିଥିଲେ। ଏହାକୁ ନେଇ ଆମେରିକା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା।

# ପାର୍ଲାମେଣ୍ଟ ଆକ୍ରମଣକୁ ୧୮ ବର୍ଷ



## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ,୧୩।୧୨(ପି.ଟି.):** ସଂସଦ ଭବନ ଆକ୍ରମଣକୁ ଶୁକ୍ରବାର ୧୮ ବର୍ଷ ପୂରିଛି। ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ୨୦୦୧ ଆକ୍ରମଣରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ପ୍ରମୁଖ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଜଣାଇଥିଲେ। ୨୦୦୧ ଡିସେମ୍ବର ୧୩ରେ ପାକିସ୍ତାନର ଲଶ୍କର-ଇ-ତୋଇବା ଓ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ପାର୍ଲାମେଣ୍ଟ ଭବନ ପରିସରରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୯ ଜଣଙ୍କ ମୃତ୍ୟୁ ଘଟିଥିଲା।

# ବଳାତ୍କାରୀଙ୍କୁ ୨୧ ଦିନରେ ଫାଶୀ

## ଆନ୍ଧ୍ରପ୍ରଦେଶ ବିଧାନସଭାରେ ବିଲ୍ ପାସ୍

**ଅମରାବତୀ,୧୩।୧୨(ପି.ଟି.):** ଏଣିକି ବଳାତ୍କାରୀଙ୍କୁ ନିସ୍ତାର ନାହିଁ। ପ୍ରମାଣ ମିଳିବାର ୨୧ ଦିନରେ ଫାଶୀ ମିଳିବ। ଏନେଇ ଶୁକ୍ରବାର ଆନ୍ଧ୍ରପ୍ରଦେଶ ସରକାର ରାଜ୍ୟ ବିଧାନସଭାରେ ଆଣିଥିବା ବିଲ୍ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ନିର୍ଭୟା ଆକ୍ଟ ୨୦୧୩ ଓ କ୍ରିମିନାଲ ଆମେଣ୍ଡମେଣ୍ଟ ଆକ୍ଟ ୨୦୧୮ରେ ମାମଲାର ଶୁଣାଣି ୪ ମାସରେ ଶେଷକରି ଦଣ୍ଡବିଧାନ କରିବାର ବ୍ୟବସ୍ଥା ରହିଥିବାବେଳେ ଏହାକୁ ଆନ୍ଧ୍ରପ୍ରଦେଶ ସରକାର ୨୧ ଦିନକୁ କମାଇ ଦେଇଛନ୍ତି। ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଓ ବଳାତ୍କାରୀଙ୍କୁ ଉପଯୁକ୍ତ ଦଣ୍ଡ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆନ୍ଧ୍ରପ୍ରଦେଶରେ ମହିଳା ଓ ଶିଶୁଙ୍କୁ ବଳାତ୍କାର ନେଇ ଅଣାଯାଉଥିବା ସମସ୍ତ ମାମଲାର ତଦନ୍ତ ୭ ଦିନ ମଧ୍ୟରେ ଶେଷ କରାଯିବା ସହ ଶୁଣାଣି ୧୪ ଦିନରେ ଶେଷ କରିବା ଲାଗି 'ଦିଶା' ଆଇନରେ ବ୍ୟବସ୍ଥା ରହିଛି। ହାଇଦ୍ରାବାଦର ମହିଳା ପ୍ରାଣୀ ଚିକିତ୍ସକ(ଦିଶା)ଙ୍କୁ ଗଣବଳାତ୍କାର କରି ପୋଡ଼ିମାରିବା ଓ ପରେ ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ମାରିବା ଘଟଣାକୁ ନେଇ ରାଜ୍ୟ ତଥା ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିବାବେଳେ ବଳାତ୍କାରୀଙ୍କ ବିରୋଧରେ ଏଭଳି କଠୋର ଆଇନ ଅଣାଯାଇଛି। ଦେଶର ପ୍ରଥମ ରାଜ୍ୟ ଭାବେ ଆନ୍ଧ୍ରପ୍ରଦେଶ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରି ଉଦାହରଣ ସୃଷ୍ଟି କରିଛି। ଦିଶା ବିଲ୍ ଯୁଗ୍ମ (ରାଜ୍ୟ ଓ କେନ୍ଦ୍ର)ତାଲିକାରେ ଅଛି। ଏହାକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଗି ପଠାଯିବ।

# ରାହୁଲଙ୍କ ବଳାତ୍କାର ମନ୍ତବ୍ୟକୁ ନେଇ ଲୋକ ସଭାରେ ହଙ୍ଗାମା

ନୂଆଦିଲ୍ଲୀ,୧୩।୧୨(ପି.ଟି.)



- କ୍ଷମା ମାଗନ୍ତୁ କଂଗ୍ରେସ ନେତା: ଭାଜପା
- କ୍ଷମା ମାଗିବା ପ୍ରଶ୍ନ ଉଠୁନି: ଥରୁର
- ଏଭଳି ସଦସ୍ୟଙ୍କ ଗୃହରେ ରହିବାର ନୈତିକ ଅଧିକାର ନାହିଁ: ରାଜନାଥ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ରେପ୍ ଇନ୍ ଇଣ୍ଡିଆ' ମନ୍ତବ୍ୟକୁ ନେଇ ଶୁକ୍ରବାର ଲୋକ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ରାହୁଲ ତାଙ୍କ ମନ୍ତବ୍ୟ ପାଇଁ ଗୃହରେ କ୍ଷମାମାଗନ୍ତୁ ବୋଲି ଭାଜପା ସଦସ୍ୟମାନେ ଦାବି କରିଥିଲେ। ଏଭଳି ସଦସ୍ୟଙ୍କର ପାର୍ଲାମେଣ୍ଟରେ ରହିବାର ନୈତିକ ଅଧିକାର ନାହିଁ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଥିଲେ। ତେବେ କ୍ଷମା ମାଗିବାକୁ ରାହୁଲ ମନା କରିଦେଇଛନ୍ତି। ତାଙ୍କର କ୍ଷମା ମାଗିବା ପ୍ରଶ୍ନ ଉଠୁନାହିଁ ବୋଲି କଂଗ୍ରେସ ଏମ୍‌ପି ଶଶୀ ଥରୁର ରାହୁଲଙ୍କ ସମର୍ଥନ କରି କହିଛନ୍ତି।

ଝାଡ଼ଖଣ୍ଡରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ରାହୁଲ ନରେନ୍ଦ୍ର ମୋଦି ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସରକାର ମେକ୍ ଇନ୍ ଇଣ୍ଡିଆର ପ୍ରତିଶ୍ରୁତି ଦେଇଥିଲା। ଏବେ ଯେଉଁଠି ଦେଖିବ ରେପ୍ ଇନ୍ ଇଣ୍ଡିଆ ଚାଲିଛି ବୋଲି କଂଗ୍ରେସ ନେତା ମନ୍ତବ୍ୟ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ନେତୃତ୍ୱରେ ଦଳର ମହିଳା ଏମ୍‌ପିମାନେ ରାହୁଲଙ୍କ ମନ୍ତବ୍ୟର ତୀବ୍ର ବିରୋଧ କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦୁଇଥର ମୁଲତବୀ ଘୋଷଣା କରିଥିଲେ। ଡିଏମ୍‌କେ ସଦସ୍ୟ କାନିମୋଝି ରାହୁଲଙ୍କୁ ସମର୍ଥନ କରିଥିବାବେଳେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରଶ୍ନୋତ୍ତର କାର୍ଯ୍ୟ ଜାରି ରଖିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ରାହୁଲଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିବା ସହ ଏହା ଉପରେ କାନିମୋଝି ଓ ଏନ୍‌ସିପି ସଦସ୍ୟ ସୁପ୍ରିୟା ସୁଲେ ମତାମତ ରଖିବାକୁ କହିଥିଲେ। ଏହାର ଉତ୍ତରରେ କାନିମୋଝି କହିଥିଲେ, ରାହୁଲ ଗୃହରେ ବଳାତ୍କାର ମନ୍ତବ୍ୟ ଦେଇନାହାନ୍ତି। ଦେଶରେ ମହିଳାଙ୍କ ପ୍ରତି ଅପରାଧ ଓ ହିଂସା ବଢ଼ିଚାଲିଥିବାରୁ ସେ ନିର୍ବାଚନୀ ସଭାରେ ଏଭଳି କହିଥିଲେ। ରାହୁଲଙ୍କ ମନ୍ତବ୍ୟ ଭାରତର ମହିଳା ଓ ପୁରୁଷଙ୍କ ପାଇଁ ଅପମାନ ବୋଲି ସ୍ମୃତି ଇରାନୀ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟ ମହିଳାମାନଙ୍କୁ ବଳାତ୍କାର କରିବା ଲାଗି ଲୋକଙ୍କୁ ଆମନ୍ତ୍ରଣ କରିବା ଭଳି। ଏଥିପାଇଁ ରାହୁଲ କ୍ଷମା ମାଗନ୍ତୁ ବୋଲି ଇରାନୀ କହିବା ସହ ସେ ଦଣ୍ଡିତ ହେବା ଉଚିତ ବୋଲି କହିଥିଲେ। ରାହୁଲ କେବଳ ଗୃହକୁ ନୁହେଁ ସାରା ଦେଶକୁ ଅପମାନିତ କରିଛନ୍ତି ବୋଲି ରାଜନାଥ କହିଥିଲେ। ଭାରତକୁ ଆମଦାନିକାରୀ ରାଷ୍ଟ୍ରରୁ ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ କରିବା ଲାଗି ମୋଦି ସରକାର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଯୁବତୀଯୁବକଙ୍କୁ ନିଯୁକ୍ତି ଯୋଗାଇଦେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ନିଆଯାଇଛି। ଏବେ ଏହାକୁ କଂଗ୍ରେସ ନେତା ଅକଥନୀୟ ଭାଷାରେ ବ୍ୟଙ୍ଗ କରୁଛନ୍ତି ବୋଲି ପ୍ରତିରକ୍ଷାମନ୍ତ୍ରୀ କହିବା ସହ ରାହୁଲ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। ପୂର୍ବରୁ ମନ୍ତ୍ରୀ ଥିବା ଅନନ୍ତ ହେଗ୍‌ଡେ ଏବଂ ସାଧ୍ୱୀ ନିରଞ୍ଜନ ଜ୍ୟୋତି ପାର୍ଲାମେଣ୍ଟ ବାହାରେ ଦେଇଥିବା ମନ୍ତବ୍ୟ ପାଇଁ ଗୃହରେ କ୍ଷମା ମାଗିଛନ୍ତି ବୋଲି ବରିଷ୍ଠ ଭାଜପା ନେତା କହିଥିଲେ।

ଗୃହରେ ପ୍ରବଳ ହଟ୍ଟଗୋଳ ସତ୍ତ୍ୱେ କ୍ଷମା ମାଗିବେ ନାହିଁ ବୋଲି ରାହୁଲ ରୋକ୍‌ଠୋକ କହିଛନ୍ତି। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦି ତାଙ୍କର ପୂର୍ବ ମନ୍ତବ୍ୟ ପାଇଁ କ୍ଷମା ମାଗିବାକୁ ସେ ଦାବି କରିଛନ୍ତି। ୟୁପିଏ ସରକାର ବେଳେ ଦିଲ୍ଲୀରେ ହୋଇଥିବା ବଳାତ୍କାରକୁ ନେଇ ମୋଦି ସେତେବେଳେ ଏହାକୁ ବଳାତ୍କାର ରାଜଧାନୀ କହିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ କ୍ଷମାମାଗିବା ଆବଶ୍ୟକ ବୋଲି କଂଗ୍ରେସ ନେତା କହିଛନ୍ତି। ରାହୁଲଙ୍କୁ ସମର୍ଥନ କରି ଥରୁର କହିଥିଲେ, ସେ କ୍ଷମା ମାଗିବାର ପ୍ରଶ୍ନ ଆଦୌ ଉଠୁନାହିଁ। କାରଣ ବର୍ତ୍ତମାନ ସ୍ଥିତିକୁ ନେଇ ସେ ଅତି ସାଧାରଣ କଥା କହିଛନ୍ତି। ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ସମଗ୍ର ଉତ୍ତରପୂର୍ବାଞ୍ଚଳ ଜଳୁଥିବାବେଳେ ଏଥିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଭାଜପା ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଥରୁର କହିଥିଲେ।

## ଉଭୟ ଗୃହ ସାଇନ୍-ଏ-ଡାଏ

**ନୂଆଦିଲ୍ଲୀ,୧୩।୧୨(ପି.ଟି.):** ପାର୍ଲାମେଣ୍ଟର ଉଭୟ ଗୃହକୁ ଶୁକ୍ରବାର ସାଇନ-ଏ-ଡାଏ ଘୋଷଣା କରାଯାଇଛି। ଚଳିତ ଶୀତ ଅଧିବେଶନରେ ଲୋକ ସଭା ୧୩୦ ଘଣ୍ଟା ୪୫ ମିନିଟ କାର୍ଯ୍ୟ କରିଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ସେହିପରି ରାଜ୍ୟ ସଭା ଅଧିବେଶନ ୧୦୭ ଘଣ୍ଟା ୧୧ ମିନିଟ ଚାଲିଥିଲା ଓ ଶତ ପ୍ରତିଶତ ଫଳପ୍ରଦ ହୋଇଛି। ୧୫ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହୋଇଥିବା ଗୃହର ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟରେ ରହିଛି ନାଗରିକତ୍ୱ ସଂଶୋଧନ ବିଲ୍, ଏସ୍‌ପିଜି ସଂଶୋଧନ ବିଲ୍, ଟ୍ରାନ୍ସଜେଣ୍ଡର ବ୍ୟକ୍ତି (ଅଧିକାର ସୁରକ୍ଷା) ବିଲ୍, ଇଲେକ୍ଟ୍ରୋନିକ୍ ସିଗାରେଟ ନିଷିଦ୍ଧ ବିଲ୍। ହଟ୍ଟଗୋଳ ଯୋଗୁ ରାଜ୍ୟ ସଭାରେ ୧୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବରବାଦ ହୋଇଥିଲା। ତେବେ ବିଭିନ୍ନ ବିଲ୍ ପାସ୍ ଲାଗି ସଦସ୍ୟମାନେ ନିର୍ଦ୍ଧାରିତ ନିର୍ଘଣ୍ଟଠାରୁ ଅଧିକ ସମୟ ଉପସ୍ଥିତ ରହିଥିଲେ।

ଲୋକ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବଳାତ୍କାର ମନ୍ତବ୍ୟକୁ ନେଇ ଜୋର୍‌ଦାର ତୁମ୍ବିତୋଫାନ ହୋଇଥିଲା। ରାହୁଲ କ୍ଷମା ମାଗନ୍ତୁ ବୋଲି ଶାସକ ଦଳର ସଦସ୍ୟମାନେ ଦାବି କରିଥିଲେ। ବିରୋଧୀ ସଦସ୍ୟମାନେ 'ଆମେ ନ୍ୟାୟ ଚାହୁଁ' ରାହୁଲଙ୍କୁ ଉତ୍ତର ରଖିବାକୁ ସୁଯୋଗ ଦିଆଯାଉ ବୋଲି ଦାବି ଜଣାଇଥିଲେ। ଏହି ସମୟରେ ଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ।

## ଇସିଙ୍କୁ ଭେଟିଲେ ଭାଜପା ମହିଳା ଏମ୍‌ପି

# ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ନୂଆଦିଲ୍ଲୀ,୧୩।୧୨(ପି.ଟି.):** ବଳାତ୍କାରକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସ୍ମୃତି ଇରାନୀଙ୍କ ନେତୃତ୍ୱରେ ଭାଜପା ମହିଳା ଏମ୍‌ପିମାନେ ନିର୍ବାଚନ କମିଶନ (ଇସି)ଙ୍କୁ ଅନୁରୋଧ କରିଛନ୍ତି। ଭାଜପା ସଦସ୍ୟମାନେ ଇସିଙ୍କୁ ଭେଟି ନିର୍ବାଚନୀ ସଭାରେ ରାହୁଲଙ୍କ ରେପ୍ ଇନ୍ ଇଣ୍ଡିଆ ମନ୍ତବ୍ୟ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ରାହୁଲଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସେମାନେ ଦାବି କରିଥିଲେ। ରାଜନୈତିକ ବ୍ୟଙ୍ଗ ପାଇଁ ଜଣେ ରାଜନେତା ପ୍ରଥମ ଥର ପାଇଁ ବଳାତ୍କାର ଶବ୍ଦ ବ୍ୟବହାର କରିଛନ୍ତି। ଏଭଳି ନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିର୍ବାଚନ କମିଶନ ମହିଳାମାନଙ୍କ ମର୍ଯ୍ୟାଦା ରକ୍ଷା କରିବା ସାରା ଦେଶ ଚାହେଁ ବୋଲି ଭାଜପା ଏମ୍‌ପିମାନେ କହିଛନ୍ତି।



୪୬
ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ଡିସେମ୍ବର ୧୪/୨୦୧୯ | Dhenkanal, Saturday, December 14 / 2019 | (ପୃଷ୍ଠା-୧)



## ଫିଲ୍ମର ରିଲିଜ୍ ଡେଟ୍ ବତାଇଲେ ବିଦ୍ୟା

ବଲିଉଡ୍ ଭର୍ସାଟାଇଲ୍ ଆକ୍ଟ୍ରେସ୍ ବିଦ୍ୟା ବାଲାନ୍ ଫିଲ୍ମ 'ଶକୁନ୍ତଳା ଦେବୀ'ର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ଫିଲ୍ମ 'ଶକୁନ୍ତଳା ଦେବୀ' ୨୦୨୦ ମେ' ୮ରେ ରିଲିଜ୍ ହେବ।

୦୮

୧୭

## ତସନିମ୍ କ୍ୱାର୍ଟରଫାଇନାଲରେ

ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତର ତସନିମ୍ ମୀର୍ ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



# ନିର୍ବାଚନ ଜିତିଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ

**୧୫ ଭାରତୀୟ ନିର୍ବାଚିତ**

ଲଣ୍ଡନ,୧୩।୧୨(ପି.ଟି.)

ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ କଞ୍ଜରଭେଟିଭ୍ ପାର୍ଟି ସାଧାରଣ ନିର୍ବାଚନରେ ବିଜୟୀ ହୋଇଛି। ପାର୍ଲାମେଣ୍ଟର ୬୫୦ ଆସନ ମଧ୍ୟରୁ କଞ୍ଜରଭେଟିଭ୍ ପାର୍ଟି ୩୬୪ ଆସନ ଦଖଲ କରିଛି। ବିପୁଳ ସଂଖ୍ୟାଗରିଷ୍ଠତା ସହ ପ୍ରଧାନମନ୍ତ୍ରୀ ଜନ୍‌ସନ କ୍ଷମତାକୁ ଫେରିଥିବାରୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଜନ୍‌ସନଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି।



୨୦ ସପ୍ତାହ କ୍ଷମତାରେ ଥିବା ଜନ୍‌ସନଙ୍କ ପାଇଁ ଏହା ଏକ ବଡ଼ ସଫଳତା। ଏହି ବିଜୟ ଫଳରେ ବ୍ରେକ୍‌ଜିଟ ଡିଲ୍ ଶୀଘ୍ର କାର୍ଯ୍ୟକାରୀ ହେବା ଲାଗି ପଥ ପରିଷ୍କାର ହୋଇଯାଇଛି। ବ୍ରେକ୍‌ଜିଟକୁ ସଫଳ କରିବା ଲାଗି ଭୋଟ ଦେବାକୁ ଜନ୍‌ସନ ଜୋର୍‌ଦାର ପ୍ରଚାର ଚଳାଇଥିଲେ। ଏହି ନିର୍ବାଚନରେ ଉଭୟ କଞ୍ଜରଭେଟିଭ୍ ଓ ଲେବର ପାର୍ଟିରୁ ୧୫ ଜଣ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଅନେକ ଏମ୍‌ପି ସେମାନଙ୍କ ଆସନ ବଜାୟ ରଖିଥିଲାବେଳେ କେତେକ ନୂଆ ମୁହଁ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି। ପୂର୍ବ ପାର୍ଲାମେଣ୍ଟରେ ଥିବା ସମସ୍ତ ଭାରତୀୟ ବଂଶୋଦ୍ଭବ ଏମ୍‌ପି ସେମାନଙ୍କ ଆସନ ବଜାୟ ରଖିଥିବାବେଳେ କଞ୍ଜରଭେଟିଭ ପାର୍ଟିର ଗଗନ ମହିନ୍ଦ୍ରା ଏବଂ କ୍ଲେୟାର କୁଟିନୋ ଏବଂ ଲେବର ପାର୍ଟିର ନଭେନ୍ଦୁ ମିଶ୍ର ପ୍ରଥମ ଥର ଲାଗି ବିଜୟୀ ହୋଇଛନ୍ତି। ବିଜୟ ରାଲିରେ ଉଦ୍‌ବୋଧନ ଦେଇ ଜନ୍‌ସନ କହିଛନ୍ତି, ☞ପୃଷ୍ଠା-୨

# ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ

# ପଶ୍ଚିମବଙ୍ଗକୁ ବ୍ୟାପିଲା ନିଆଁ

- ହାଓଡା, ମୁର୍ଶିଦାବାଦ ରେଳ ଷ୍ଟେଶନରେ ଭଙ୍ଗାରୁଜା, ଜଳାପୋଡ଼ା
- ଗୁଆହାଟୀରେ କର୍ଫ୍ୟୁକୁ ଅମାନ୍ୟ, ଅନଶନ
- କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ସୋନୋୱାଲ
- ଶାହାଙ୍କ ମେଘାଳୟ ଓ ଅରୁଣାଚଳ ଗସ୍ତ ବାତିଲ



ପଶ୍ଚିମବଙ୍ଗର ହାଓଡାରେ ସିଏବି ଏବଂ ଏନ୍‌ଆର୍‌ସି ପ୍ରତିବାଦରେ ବିକ୍ଷୋଭ।

ଗୁଆହାଟୀ/ନୂଆଦିଲ୍ଲୀ/କୋଲକାତା, ୧୩।୧୨(ପି.ଟି./ଆଇଏଏନ୍‌ଏସ୍)

ନୂଆ ନାଗରିକତ୍ୱ ଆଇନକୁ ନେଇ ଉତ୍ତର-ପୂର୍ବାଞ୍ଚଳରେ ଚାଲିଥିବା ଆନ୍ଦୋଳନର ନିଆଁ ଶୁକ୍ରବାର ପଶ୍ଚିମବଙ୍ଗକୁ ବ୍ୟାପିଛି। ଆସାମ, ତ୍ରିପୁରା, ମଣିପୁର, ସିକିମ, ମେଘାଳୟ ଓ ତ୍ରିପୁରାରେ ସ୍ଥିତି ସାମାନ୍ୟ ସୁଧୁରିଥିବାବେଳେ ପଡ଼ୋଶୀ ପଶ୍ଚିମବଙ୍ଗରେ ବ୍ୟାପକ ହିଂସା ଏବଂ ପୋଡ଼ାଜଳା ଦେଖିବାକୁ ମିଳିଛି। ବିକ୍ଷୋଭକାରୀମାନେ କେତେକ ରେଳଷ୍ଟେଶନରେ ଭଙ୍ଗାରୁଜା କରିଛନ୍ତି। ସେପଟେ ଏହି ଆଇନକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ଦାଏର ପିଟିଶନ ସଂଖ୍ୟା ବଢ଼ିବାରେ ଲାଗିଛି। ବିକ୍ଷୋଭକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମେଘାଳୟ ଓ ଅରୁଣାଚଳ ପ୍ରଦେଶ ଗସ୍ତକୁ ବାତିଲ କରିଦେଇଛନ୍ତି।

ରାଷ୍ଟ୍ରପତି ରାମନାଥ କୋବିନ୍ଦ ନାଗରିକତ୍ୱ ସଂଶୋଧନ ବିଲ୍‌ରେ ସ୍ୱାକ୍ଷର କରିବା ପରେ ଏହା ଆଇନରେ ପରିଣତ ହୋଇଛି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଜଳୁଥିବାବେଳେ ରାଷ୍ଟ୍ରପତି ଉକ୍ତ ବିଲ୍‌କୁ ଅନୁମୋଦନ ଦେବା ଦୁର୍ଭାଗ୍ୟଜନକ ବୋଲି ଆସାମ ରାଜଧାନୀ ଗୁଆହାଟୀରେ ଗଣବିକ୍ଷୋଭ କରାଯାଇଛି। ଅଲ୍ ଆସାମ ଷ୍ଟୁଡେଣ୍ଟ ୟୁନିୟନ୍ (ଏଏଏସ୍‌ୟୁ) ପକ୍ଷରୁ ଦିଆଯାଇଥିବା ଅନଶନ ଡାକରାରେ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, କଳାକାର ଓ ଶିକ୍ଷକମାନେ କର୍ଫ୍ୟୁକୁ ଅମାନ୍ୟ କରି ସାମିଲ ହୋଇଛନ୍ତି। ସେମାନେ ନୂଆ ଆଇନକୁ ଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି, ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ଷଡ଼ଯନ୍ତ୍ର ଚାଲିଛି। ଏଥିରେ କଂଗ୍ରେସ, ବାମପନ୍ଥୀ ଓ କେତେକ ସାମ୍ପ୍ରଦାୟିକ ଶକ୍ତି ସାମିଲ ଅଛନ୍ତି। ହିଂସାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସିଏବି ବିରୋଧୀ ଆନ୍ଦୋଳନ ପଶ୍ଚିମବଙ୍ଗରେ ପହଞ୍ଚିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଆନ୍ଦୋଳନକାରୀମାନେ ଅପରାହ୍ନ ୩ଟା ୨୨ରେ ରେଳପଥ ଅବରୋଧ କରିଥିଲେ। ଫଳରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ହାଓଡା ଜିଲାର ଉଲୁବେରିଆ ଷ୍ଟେଶନରେ ସେମାନେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ସେମାନଙ୍କ ଆକ୍ରମଣରେ ଜଣେ ଟ୍ରେନ୍ ଡ୍ରାଇଭର ଆହତ ହୋଇଛନ୍ତି। ସେହିପରି ମୁର୍ଶିଦାବାଦ ଜିଲାର ଏକ ଷ୍ଟେଶନ କମ୍ପ୍ଲେକ୍ସରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେଇଛନ୍ତି। ହମ୍‌ସଫର ଏକ୍ସପ୍ରେସ୍‌କୁ ମଧ୍ୟ ଆନ୍ଦୋଳନକାରୀ ଟାର୍ଗେଟ କରିଥିବା ସାଉଥ୍ ଇଷ୍ଟର୍ନ ରେଲୱେ ମୁଖପାତ୍ର ସଞ୍ଜୟ ଘୋଷ ସୂଚନା ଦେଇଛନ୍ତି।

# ବଢ଼ିବ ଟୋଲ ଫି

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

**ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦେଲା ଓବିସିସି**

ରାଜ୍ୟରେ ମହଙ୍ଗା ହେବ ଟୋଲ ଟିକସ। ଗାଡି ଚାଳକଙ୍କୁ ଅଧିକ ଟିକସ ଦେବାକୁ ପଡିବ।୨୦୦୬ରେ ଧାର୍ଯ୍ୟ ହୋଇଥିବା ଟୋଲ ଟିକସରେ ସଂଶୋଧନ କରାଯିବ। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ(ଓବିସିସି)ଏ ନେଇ ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦେଇଛି। ଓଡ଼ିଶା ରାଜ୍ୟ ଟୋଲସ୍ ରୁଲ ୨୦୧୧ ଅନୁସାରେ ଏହି ଟିକସ ଧାର୍ଯ୍ୟ କରାଯିବ।

ପୂର୍ତ୍ତ ବିଭାଗ ଅଧୀନରେ ୨୯ଟି ଟୋଲ ଗେଟ୍ ଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି ୭ଟି ଟୋଲ ଗେଟ । ଏସବୁରୁ ବାର୍ଷିକ ୨୪ରୁ ୨୫ କୋଟି ଟଙ୍କା ଆଦାୟ ହେଉଛି। ରାସ୍ତା ଓ ପୋଲ ନିର୍ମାଣ କରିବାକୁ ଅଧିକ ଟଙ୍କା ଦରକାର ପଡୁଥିବାରୁ ଟୋଲ ଫି'ରେ ସଂଶୋଧନ କରାଯିବ ବୋଲି ଓଡିଶା ସେତୁ ଓ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାଶ କହିଛନ୍ତି। ୨୦୦୬ରେ ଧାର୍ଯ୍ୟ ମୂଲ୍ୟ ଅନୁସାରେ ୩ ଚକିଆ ଯାନ ପାଇଁ ଦୈନିକ ୭ ଟଙ୍କା, କାର ଜିପ ଓ ଅନ୍ୟାନ୍ୟ ହାଲକା ଯାନ ପାଇଁ ୧୫ ଟଙ୍କା, ବସ, ମିନିଟ୍ରକ, ଟ୍ରାକ୍ଟର ଏବଂ ପିକ୍‌ଅପ ଭ୍ୟାନ ଭଳି ଯାନ ପାଇଁ ୩୦ ଟଙ୍କା ଦେବାକୁ ପଡୁଛି। ଭାରିଯାନ ପାଇଁ ଦୈନିକ ୩୦୦ ଟଙ୍କା ଟୋଲ ଫି ରହିଛି। ସରକାରଙ୍କ ଅନୁମୋଦନ ପରେ ଏହାକୁ ଲାଗୁ କରାଯିବ ବୋଲି ଜଣାପଡିଛି।

# ନାବାଳିକାଙ୍କୁ ବଳାତ୍କାର, ଭିଡିଓ ଭାଇରାଲ ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡ

ଢେଙ୍କାନାଳ ଅଫିସ, ୧୩।୧୨

- ସହଯୋଗୀଙ୍କୁ ୨ବର୍ଷ ଜେଲ
- ଅନ୍ୟଜଣେ ନିର୍ଦ୍ଦୋଷରେ ଖଲାସ

ଢେଙ୍କାନାଳ ଜିଲା ଭୁବନ ଥାନା ମାର୍ଥାପୁର ଅଞ୍ଚଳର ଜନୈକ ନାବାଳିକାଙ୍କୁ ବଳାତ୍କାର ଏବଂ ଘଟଣାର ଭିଡିଓ ଭାଇରାଲ ମାମଲାର ରାୟ ଶୁକ୍ରବାର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ପ୍ରକାଶ ପାଇଛି। ବିଚାରପତି ରାଜକିଶୋର ମହାପାତ୍ର ଘଟଣାର ମୁଖ୍ୟ ଅଭିଯୁକ୍ତ ଶତ୍ରୁଘ୍ନ ସାହୁ ଓରଫ୍ ବଛିଆ (୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସହଯୋଗୀ ତଥା ଅନ୍ୟତମ ଅଭିଯୁକ୍ତ ଶେଷଦେବ ବାରିକ (୨୫)ଙ୍କୁ ୨ବର୍ଷ ଜେଲଦଣ୍ଡ ଶୁଣାଇଥିବାବେଳେ ପ୍ରମାଣ ଅଭାବରୁ ଗୋବିନ୍ଦ ମିଶ୍ର (୨୭)ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଜୁଲାଇରେ ସମ୍ପୃକ୍ତା ୧୫ବର୍ଷୀୟା ନାବାଳିକାଙ୍କୁ ମାର୍ଥାପୁର ଗ୍ରାମର ଶତ୍ରୁଘ୍ନ ପ୍ରେମକରି ବିବାହର ପ୍ରଲୋଭନ ଦେଖାଇ ହାଇସ୍କୁଲ ବାରଣ୍ଡାରେ ବଳାତ୍କାର କରିଥିଲେ। ଏହାର ଦୃଶ୍ୟକୁ ଶେଷଦେବ ବାରିକ ଏବଂ ଗୋବିନ୍ଦ ମିଶ୍ର ମୋବାଇଲରେ ରେକର୍ଡିଂ କରି ☞ପୃଷ୍ଠା-୨

# ବଦଳିବ ଓଡ଼ିଶା ଶିକ୍ଷା, ବିଶ୍ୱବିଦ୍ୟାଳୟ ନୀତି

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

- ମହାରାଷ୍ଟ୍ର, କର୍ନାଟକ ଢାଞ୍ଚାରେ ହେବ
- ୧୫ସୁଦ୍ଧା ପ୍ରସ୍ତୁତ ହେବ ଚିଠା ପ୍ରସ୍ତାବ
- ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବାରମ୍ବାର ଚାଲିଛି ସମୀକ୍ଷା ବୈଠକ

ବଦଳିବ ରାଜ୍ୟର ଶିକ୍ଷା ନୀତି। ବିଶ୍ୱବିଦ୍ୟାଳୟ ନୀତିରେ ମଧ୍ୟ ପରିବର୍ତ୍ତନ ଅଣାଯିବ। ଏଥିପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ୧୫ତାରିଖ ସୁଦ୍ଧା ଚିଠା ପ୍ରସ୍ତାବ ଆଗତ ହେବ ବୋଲି ସୂଚନା ମିଳିଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ଡକାଯାଇ ସମୀକ୍ଷା ଚାଲିଛି। ଶୁକ୍ରବାର ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ଆଉ ଏକ ସମୀକ୍ଷା କରାଯିବ। ଏହି ଦାୟିତ୍ୱ ପିଏମ୍‌ୟୁ(ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍) ହାତରେ ଛଡ଼ାଯାଇଛି। ସେମାନେ ବିଭିନ୍ନ ରାଜ୍ୟର ଶିକ୍ଷା ନୀତି ଏବଂ ବର୍ତ୍ତମାନ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ନୂଆ ନୀତି ପାଇଁ ଚିଠା ପ୍ରସ୍ତାବ ଆଣିବେ। ବିଶେଷ କରି ମହାରାଷ୍ଟ୍ର ଏବଂ କର୍ନାଟକ ଶିକ୍ଷା ଏବଂ ବିଶ୍ୱବିଦ୍ୟାଳୟ ନୀତି ଢାଞ୍ଚାରେ ଓଡ଼ିଶାରେ ନୂଆ ନୀତି ପ୍ରସ୍ତୁତ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ କୁଳପତିମାନଙ୍କ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବାପେକ୍ଷା ପିଜି ବିଷୟବସ୍ତୁ ବୃଦ୍ଧି ପାଇଛି। ଅନ୍ୟପଟେ ରାଜ୍ୟରେ ଯେତିକି ବିଶ୍ୱବିଦ୍ୟାଳୟ ରହିଥିଲା ତା'ର ସଂଖ୍ୟା ବୃଦ୍ଧିପାଇଛି। ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ମଧ୍ୟ ବଢିଯାଇଛି। ଅନ୍ୟପଟେ ଛାତ୍ରୀଛାତ୍ରମାନେ ପିଜି ପରୀକ୍ଷା ପାଇଁ ୨ କିମ୍ବା ୩ଟି ବିଶ୍ୱବିଦ୍ୟାଳୟରେ ଫର୍ମ ପକାଉଥିବା ବେଳେ ଏକାସମୟରେ ସବୁ ସ୍ଥାନରେ ପରୀକ୍ଷା ହୋଇଯାଉଛି, ଯେଉଁଥିଲାଗି ଛାତ୍ରୀଛାତ୍ରମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ନୂଆ ଶିକ୍ଷା ନୀତି ଓ ବିଶ୍ୱବିଦ୍ୟାଳୟ ନୀତି ପାଇଁ ଯୋଜନା କରାଯାଉଛି। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ଶିକ୍ଷାଦାନ ଓ କ୍ୟାରିୟର ଗଠନ ନିମନ୍ତେ ସହାୟକ ହୋଇପାରିବ। ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପଦ୍ମଜା ମିଶ୍ର କହିଛନ୍ତି, ଶିକ୍ଷା ଏବଂ ବିଶ୍ୱବିଦ୍ୟାଳୟ ନୀତିରେ ପରିବର୍ତ୍ତନର ଆବଶ୍ୟକତା ବହୁଦିନରୁ ଥିଲା। ୮୦ବର୍ଷ ତଳୁ ପ୍ରସ୍ତୁତ ହୋଇଥିବା ନୀତି ଏ ପର୍ଯ୍ୟନ୍ତ ଚାଲିଛି। ମଝିରେ ଛୋଟମୋଟ ପରିବର୍ତ୍ତନ ହୋଇଛି। ମାତ୍ର ଏବେ ନୂଆ ନୀତି ଆସିବାକୁ ଯାଉଛି, ଯାହା ଏ ପର୍ଯ୍ୟନ୍ତ ଚୂଡାନ୍ତ ହୋଇନାହିଁ। ଆବଶ୍ୟକତାକୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ସଡକ ଦୁର୍ଘଟଣାରେ ୨ ମୃତ

# ଆହତଙ୍କୁ ବଞ୍ଚାଇବାକୁ ଯାଇ ଯୁବକଙ୍କ ପ୍ରାଣଗଲା

ଧର୍ମଶାଳା/ଜେନାପୁର, ୧୩।୧୨(ଡି.ଏନ୍.ଏ.)



ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ରାସ୍ତାରୋକୋ।

ମୃତ୍ୟୁ ଏମିତି ବି ଆସେ। ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବକଙ୍କୁ ବଞ୍ଚାଇବାକୁ ଉଦ୍ୟମ କରୁଥିବା ଆଉ ଜଣେ ଯୁବକ ଏକ ଟ୍ରକ୍ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ଧର୍ମଶାଳା ବ୍ଲକ ଜେନାପୁର ଥାନା ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥ ବାଘୁଆ ଛକଠାରେ ଶୁକ୍ରବାର ଅପରାହ୍ନରେ ଏଭଳି ଘଟଣା ଘଟିଛି। ଏହି ଘଟଣାରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ରାଜପଥକୁ ଅବରୋଧ କରିଥିଲେ। ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଯାତାୟାତ ସ୍ୱାଭାବିକ କରିଥିଲେ। ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ସୁକିନ୍ଦା ଅଞ୍ଚଳର ଚନ୍ଦ୍ରଶେଖର ଦ୍ୱିବେଦୀ(୪୨) ବାଇକ ଯୋଗେ ଚଣ୍ଡିଖୋଲ ଦେଇ ଘରକୁ ଫେରୁଥିବା ବେଳେ ବାଘୁଆ ଛକ ନିକଟରେ ଏକ ☞ପୃଷ୍ଠା-୨

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଅଡୁଆରେ ଜମ୍ମୁ-କଶ୍ମୀର ବାବୁ

**ଆଜିର ମନ୍ତବ୍ୟ**

"କଂଗ୍ରେସ ନେତା ରାହୁଲ ଗାନ୍ଧୀ ବଳାତ୍କାରକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି।

-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ

Vencobb Fresh Chicken

13.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 79 | 131 | 141 |
| BLS | 78 | 129 | 139 |
| ANG | 85 | 139 | 149 |
| BHM | 86 | 140 | 150 |

*Conditions Apply

Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ମନୋକ୍ରିଷ୍ଣା ପରିବାରବର୍ଗ | ସ୍ୱାଗତ ପରିବାରବର୍ଗ | ସୋହମ୍ ପରିବାରବର୍ଗ | ଖୁସୀ ପରିବାରବର୍ଗ | ଶୁଭମ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## କିଛି ତଥ୍ୟ

ଚଳିତ ବର୍ଷ ନଭେମ୍ବରରେ ଦେଶର ରପ୍ତାନି ଲଗାତର ଭାବେ ୪ ମାସ ଲାଗି ହ୍ରାସ ଘଟି ୨୫.୯୮ ବିଲିୟନ ଡଲାର ରହିଛି।

**-ବାଣିଜ୍ୟ ମନ୍ତ୍ରଣାଳୟ**






ପାଇଲ୍ସ ଉପଚାର

ଦେଖନ୍ତୁ ଭିଡିଓ

YouTube /dharitrilive


## ପ୍ରଥମ ପୃଷ୍ଠାରୁ...

### ଆହତଙ୍କୁ ବଞ୍ଚାଇବାକୁ...

ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସେ ମୁମୂର୍ଷୁ ଅବସ୍ଥାରେ ବାଇକ ଉପରେ ପଡ଼ି ଛଟପଟ ହେଉଥିବାବେଳେ ସେହି ରାସ୍ତା ଦେଇ କବାଟବନ୍ଧ ଅଞ୍ଚଳର ଅଜୟ ବେହେରା(୪୬) ବାଇକ୍ ଯୋଗେ ଘରକୁ ଫେରୁଥିଲେ। ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଯୁବକଙ୍କୁ ଦେଖି ସେ ବାଇକରୁ ଓହ୍ଲାଇ ରାସ୍ତା କଡ଼ରେ ଛିଡାହୋଇ ଆମ୍ବୁଲାନ୍ସକୁ ଫୋନ କରୁଥିବାବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ (ନଂ.ଓଆର ୦୯-ଜି-୭୫୧୯) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଜୟଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିଛି। ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଚନ୍ଦ୍ରଶେଖରଙ୍କୁ ଗୁରୁତର ଅବସ୍ଥାରେ ଢୁବୁରୀସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ୨ଟି ମାମଲା ରୁଜୁ କରି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଓ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

### ନିର୍ବାଚନ ଜିତିଲେ ବ୍ରିଟିଶ ...

ବ୍ରିଟେନରେ ଏକ ନୂଆ ସକାଳ ଆରମ୍ଭ ହୋଇଛି। ବ୍ରେକ୍‌ଜିଟକୁ ନେଇ ଲାଗିରହିଥିବା ଅଚଳାବସ୍ଥା ଦୂରହୋଇଛି। ତାଙ୍କ ପ୍ରତି ଦେଶବାସୀ ଦେଖାଇଥିବା ଆସ୍ଥାକୁ ସେ କଦାପି ବ୍ୟର୍ଥ ହେବାକୁ ଦେବେନାହିଁ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ କହିଛନ୍ତି।

### ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ବର୍ଷ ...

ଭାଇରାଲ କରିଦେଇଥିଲେ। ୨୦୧୫ ଜୁଲାଇ ୮ରେ ଘଟଣା ପ୍ରଘଟ ହୋଇଥିଲା। ଏ ନେଇ ଜୁଲାଇ ୨୦ରେ ଭୁବନ ଥାନାରେ ଅଭିଯୋଗ ହେବାପରେ ନଂ. ୧୧୯/୧୫, ଦଫା ୩୭୬ (୨) (ଏନ୍), ୧୨୦(ବି), ୫୦୯, ୩୫୪ ଏଡି, ଆଇଟି ଆକ୍ଟ-୬୭(ଏ), ୬୭(ବି) ଏବଂ ପୋକ୍‌ସୋ ଆକ୍ଟ ୬, ୧୨, ୧୪(୧)ରେ ମାମଲା ରୁଜୁ କରାଯାଇଥିଲା। ୩ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ମାମଲାର ସିଟି ସ୍ପେଶାଲ ପୋକ୍‌ସୋ କେସ୍ ନଂ. ୨୩/୧୫ର ବିଚାର କରି ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ରାଜକିଶୋର ମହାପାତ୍ର ଘଟଣାର ମୁଖ୍ୟ ଅଭିଯୁକ୍ତ ଶତ୍ରୁଘ୍ନଙ୍କୁ ଦଫା-୩୭୬ ଏବଂ ୬ ପୋକ୍‌ସୋ ଆକ୍ଟରେ ୨୦ବର୍ଷ ଲେଖାଏ କାରାଦଣ୍ଡ ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ସମାନ୍ତରାଳ ଭାବେ ଚାଲିବ। ଏଥିସହ ୨୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ବର୍ଷେ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟତମ ଅଭିଯୁକ୍ତ ଶେଷଦେବଙ୍କୁ ୨ଟି ଦଫାରେ ୨ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଏହା ମଧ୍ୟ ସମାନ୍ତରାଳ ଭାବେ ଲାଗୁହେବ। ଅନ୍ୟତମ ଅଭିଯୁକ୍ତ ଆଦିପୁରା ଗ୍ରାମର ଗୋବିନ୍ଦ ମିଶ୍ର ପ୍ରମାଣ ଅଭାବରୁ ଖଲାସ ହୋଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍‌ସୋ ପବ୍ଲିକ ପ୍ରସିକ୍ୟୁଟର ସୁଲେମାନ ଖାନ୍ ପରିଚାଳନା କରିଥିଲେ।

# ଷ୍ଟାର୍ଟଅପ୍‌ରେ ଓଡ଼ିଶା ଶ୍ରେଷ୍ଠ

**ରାଜ୍ୟର ଅଭିବୃଦ୍ଧି ୮୪%**

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମର ସଫଳତା ଦେଖିବାକୁ ମିଳୁଛି। ୨୦୧୮ରେ ଓଡ଼ିଶା ଜାତୀୟ ସ୍ତରରେ ଷ୍ଟାର୍ଟଅପ୍ ପାଇଁ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି। ୨୦୧୫-୧୬ରେ ରାଜ୍ୟରେ ଷ୍ଟାର୍ଟଅପ୍ ଆରମ୍ଭ ହୋଇଥିଲା। ୨୦୧୭-୧୮ ବେଳକୁ ଏଥିରେ ୮୪ ପ୍ରତିଶତ ବୃଦ୍ଧି ଘଟିଛି। ଏହି ସମୟରେ ଦେଶର ଷ୍ଟାର୍ଟଅପ୍ ଅଭିବୃଦ୍ଧି ହାର ମାତ୍ର ୬୨ ପ୍ରତିଶତ ରହିଛି। ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ପୁଞ୍ଜିନିବେଶ କରିବାକୁ କମ୍ପାନୀଗୁଡିକୁ ଆକୃଷ୍ଟ କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଲାଗି ବିଭାଗଗୁଡିକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଷ୍ଟାର୍ଟଅପ୍ ଫଣ୍ଡ୍ ସମ୍ପର୍କରେ ସୂଚନା ଦେଇ ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ରାଜ୍ୟରେ ୫୦୦ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୭ ପ୍ରତିଶତ ୨୦୧୭ ଓ ଏହା ପରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ପ୍ରତିଶତ ମହିଳା ଷ୍ଟାର୍ଟଅପ୍ ଥିବା ସଚିବ ସୂଚନା ଦେଇଛନ୍ତି। ଷ୍ଟାର୍ଟଅପ୍‌କୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ଟ,ଏନଆଇଆଇଟି, କିଟ୍, ଆଇଆଇଟି ଭୁବନେଶ୍ୱର ଏବଂ ରବିଶଙ୍କର ୟୁନିଭର୍ସିଟିରେ ଇନ୍‌କ୍ୟୁବେଟର ସେଣ୍ଟର ସ୍ଥାପନ କରାଯାଇଛି। ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ୧ ହଜାର ଷ୍ଟାର୍ଟଅପ୍ ଆରମ୍ଭ କରିବାକୁ ଓଡ଼ିଶା ଷ୍ଟାର୍ଟଅପ୍ ନୀତିରେ ଲକ୍ଷ୍ୟ ରଖାଯାଇଛି। ଆବଶ୍ୟକତା ଅନୁସାରେ ଆସନ୍ତା ୩ରୁ ୫ ବର୍ଷ ମଧ୍ୟରେ ଷ୍ଟାର୍ଟଅପ୍ ପାଣ୍ଠିକୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଶର୍ମା ସୂଚନା ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପ୍ରିୟ କଥା କହିବା କାରଣରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ନିଜ ପରିବେଶରେ ସହମତି ଭିତ୍ତିରେ କାର୍ଯ୍ୟକଲେ ସଫଳତା ପାଇବେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। କର୍ମକ୍ଷେତ୍ରରେ ସାଧାରଣ ଭୁଲ୍ ସକାଶେ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ବୃଷ** ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ, ସହଯୋଗ ଲାଭ କରିବାରେ ସମର୍ଥ ହେବେ। କିନ୍ତୁ ଦୀର୍ଘଦିନରୁ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବ୍ୟବସାୟ ଭଲରେ ଚାଲିବ ମାତ୍ର ପ୍ରତିଦ୍ୱନ୍ଦ୍ୱିତା କମିବ ନାହିଁ। ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ।

**ମିଥୁନ** ଆଜିର ଆଲୋଚନା, ସନ୍ତାନଙ୍କ ସମସ୍ୟା, କଥା ଦେଇଥିବା ବନ୍ଧୁଙ୍କ କ୍ଷେତ୍ରରେ ସୁଫଳ ମିଳି ନ ପାରେ। କୌଣସି ବ୍ୟକ୍ତିଙ୍କ ପ୍ରଭାବରେ ପ୍ରଭାବିତ କାମ ସକାଶେ ନିଜକୁ ଅପମାନିତ ହେବାକୁ ପଡ଼ିପାରେ। ଯୁକ୍ତିତର୍କ ଜନିତ ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟକରି ପାରନ୍ତି। କର୍ମକ୍ଷେତ୍ରରେ ବେଶି ସଫଳତା ପାଇବେ।

**କର୍କଟ** ଆଜି ଏକାଧାରରେ ଦୂରଯାତ୍ରା, ବାଣିଜ୍ୟ,ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, ବିବାଦ ଓ କିଛି ନୂତନ କାମରେ ସଫଳତା ମିଳିବ। ଚେଷ୍ଟା କରୁଥିବା କାମରେ ଟେନ୍‌ସନ କିଛି ମାତ୍ରାରେ କମିଯିବ। ମାତ୍ର ସଭାସମିତିରେ ଅଥବା ଆଲୋଚନାରେ କାହା କଥା ସହ ଅନ୍ୟ କାହାର କଥା ମିଶି ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ପାଲଟିଯାଇପାରେ।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତାରୁ ବିରୋଧାଭାସ ସୃଷ୍ଟି ହୋଇପାରେ। ସାହିତ୍ୟ,କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିବାରରେ ସାମାନ୍ୟ ବ୍ୟତିକ୍ରମ ଘଟିଲେ ମଧ୍ୟ ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ନ୍ତୁ ନାହିଁ। ନିଜର ପାରିପାର୍ଶ୍ୱିକ କ୍ଷେତ୍ରରେ ସାମୂହିକ ଜନକଲ୍ୟାଣକାରକ କାମରୁ ସମ୍ମାନିତ ହେବେ।

**କନ୍ୟା** ହଠାତ୍ କୌଣସି ମିଥ୍ୟା ଗୁଜବ ଉତ୍ତେଜନାମୂଳକ ପରିବେଶ ସୃଷ୍ଟି କରିବାର ଆଶଙ୍କା ରହିଛି। ପଦସ୍ଥ ବ୍ୟକ୍ତିମାନଙ୍କ ସାହଚର୍ଯ୍ୟରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଟଙ୍କାପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ଆଜି ଆପଣଙ୍କର ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ଅଭାବ ନ ଥାଇ ମଧ୍ୟ ସ୍ୱାତୀ ନକ୍ଷତ୍ରର ଅପୂରଣୀୟ ଆଶା ସକାଶେ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ଅନ୍ୟଥା କୌଣସି ସମସ୍ୟା ଦେଖାଦେଇପାରେ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟାରୁ ପୁନଶ୍ଚ ଅପରାହ୍ନରେ ଟେନ୍‌ସନ ବଢ଼ିବା ସୂଚନା ରହିଛି। ପରିସ୍ଥିତିବଶତଃ ମାତ୍ରାଧିକ ଭ୍ରମଣ କାରଣରୁ କ୍ଳାନ୍ତି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ ତଥାପି ଆଶାନୁଯାୟୀ ମାନସିକ ପରିତୃପ୍ତି ମିଳି ନ ପାରେ। ନୂତନ କର୍ମାରମ୍ଭ, ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ।

**ଧନୁ** ପୂର୍ବ ପରିକଳ୍ପିତ ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରି ଏକ ପ୍ରକାର ଖୁସି ହେବେ। ଅତୀତର ବିବାଦୀୟ ଘଟଣାର ଫଳାଫଳ ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। ଆର୍ଥିକ ଉନ୍ନତି, ସାମାଜିକ ପ୍ରଗତି, ପାଖ ପଡ଼ୋଶୀଙ୍କ ସହୃଦୟତା ଓ ସହକର୍ମୀଙ୍କ ସୌଜନ୍ୟତାରୁ ମନ ଖୁସି ରହିବ।

**ମକର** ନିଜ ପରିବାର ସଦସ୍ୟଙ୍କ ସହ ତିକ୍ତ ସମ୍ପର୍କ ଓ ବିଜାତୀୟ ବ୍ୟକ୍ତିଙ୍କ ସହ ମୈତ୍ରକୁ କେନ୍ଦ୍ରକରି ସମସ୍ୟା ଦେଖାଦେଇପାରେ। ଆଲୋଚନା ପରିସରରେ ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିପାରେ। ଆଶା କରିଥିବା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିପାରେ।

**କୁମ୍ଭ** ପରିବାରର ଆବଶ୍ୟକ ନୂତନ ଜିନିଷ କ୍ରୟକରିବା ସକାଶେ ମନ ବଳାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା କାର୍ଯ୍ୟସାଧିତ ହୋଇପାରିବ। କର୍ମକ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନେବା ବୁଦ୍ଧିମାନର କାମ ହେବ। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ,ଆଶାନୁଯାୟୀ ପ୍ରାପ୍ୟ ପାଇବାରେ ଅସୁବିଧା ରହିବ ନାହିଁ।

**ମୀନ** ସମସ୍ୟା ସମାଧାନ କରିବା ଦିଗରେ ଅବହେଳା କରିବେ, କିନ୍ତୁ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାକୁ ଆମନ୍ତ୍ରଣ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, ମାତ୍ର ଏଥିସକାଶେ ବହୁ ବାକ୍‌ବିତଣ୍ଡାର ସମ୍ମୁଖୀନ ହେବାକୁ ପଡ଼ିବ। ବୈଷୟିକ ଜିନିଷକୁ କେନ୍ଦ୍ରକରି କୌଣସି ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ।

ଆଜି ପୌଷ କୃଷ୍ଣ ଦ୍ୱିତୀୟାଯୁକ୍ତ ତୃତୀୟା ଶନିବାର, ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୯ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୭ମି. ଗତେ ଘ୮।୫୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୫୯ମି. ଗତେ ଘ୧୦।୨୦ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302




**SALE**

Gharabari boundary plot Infocity-2 near 200ft. road side. Direct owner- 8144391451. D-68429

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68433

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

Yellow zone gharabari plots Jharapada, Tankapani road Sai Temple eastfacing plots available booking, Simplex near B.J.E.M-(2) 15,80,000/, 7735738102. D-15708

ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829. D-68441

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014. D-15661

Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208. D-68447

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-15714

Flats for sale at DHPL Crystal Raghunathpur. Contact: 9937059891, 8908292617. D-15713

11000sqft. single plot near C.V. Raman college, Janla Sqft. 800/- 9438400633. D-68448

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9439163430, 9692712917. D-68449

2800sqft. gharabari plots immediately sale at Bomikhal, Bhubaneswar, only buyer directly contact Deepak- 9937329999. D-68038

4/5 BHK Duplex with Gated Community at Balianta (Land-1400 & Construction- 2200 @ 60,00,000 / 2600 @ 70,00,000) and Residential Land at Jaanla- 750/- Balianta- 900/-, Andilo- 1200/-, Aiims- 1650/-, Rudrapur- 1750/-,Raghunathpur- 2200/- Mplanets: 9938219397, 9861022055 D-15711

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




Construct your building as per your terms and condition. Contact: 9937064680. D-27284

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15712

Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1300sqft. independent house for office/ guesthouse at Pragati Enclave Chandrasekharpur. Contact: 09437165036. D-68628




Rejuvenate and ayurvedic full body massage by smart therapist. 9114402304. D-68904

Take full body therapy. Just call 7852986810. D-68527

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68918

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Ayurvedic full body massage ladies & gents smart therapist, 9668814589. D-68723

Male therapist full body massage with relax, BBSR. Contact: 8328868891, D-15718

**AFFIDAVIT**

By virtue of an affidavit sworn before the Notary Public, Kesinga, Kalahandi I, Soubhagya Monjari Bag, W/o- Narendra Tandi, R/o- Vill-Digsira, PO-Sirjapali, Dist-Kalahandi declare that the name of Soubhagyamonjari Bag, Saubhagya Manjari Tandi and Soubhagya Monjari Bag is one and same person. D-15715

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ବାଲେଶ୍ୱର ରେଳ ଷ୍ଟେଶନରେ ତୀର୍ଥଯାତ୍ରାରେ ବାହାରିଥିବା ବରିଷ୍ଠ ନାଗରିକମାନେ।

**ଭୁବନେଶ୍ୱର/ ବାଲେଶ୍ୱର ଅଫିସ ୧୩।୧୨ (ବ୍ୟୁରୋ)**

**ହରିଦ୍ୱାର-ଋଷିକେଶକୁ ଯାତ୍ରା**
- ବାଲେଶ୍ୱରରୁ ଯାତ୍ରା ଆରମ୍ଭ
- ୯୭୦ ଯାତ୍ରୀଙ୍କ ସହ ୩୦ ଏସ୍କର୍ଟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି। ବାଲେଶ୍ୱର ଷ୍ଟେଶନରୁ ତୀର୍ଥଯାତ୍ରୀ ଦଳ ହରିଦ୍ୱାର-ଋଷିକେଶ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଇଆରସିଟିସି ସହଯୋଗରେ ୨୦୧୬ରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଯାବତ୍ ୧୨ଟି ତୀର୍ଥଯାତ୍ରୀ ଦଳ ଦେଶର ବିଭିନ୍ନ ପ୍ରମୁଖ ତୀର୍ଥସ୍ଥଳ ବୁଲି ଦେଖିବାର ସୁଯୋଗ ପାଇଛନ୍ତି।

ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲାର ୯୭୦ ଯାତ୍ରୀ ଚଳିତଥର ଯାତ୍ରା କରିଛନ୍ତି। ସେମାନଙ୍କ ସହାୟତା ଲାଗି ୩୦ ଜଣ ଏସ୍କର୍ଟ ଅଫିସର ଯାଇଛନ୍ତି। ଲୋକସେବା ଭବନରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ, ପର୍ଯ୍ୟଟନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁରୂପଭାବେ ବାଲେଶ୍ୱର ରେଳ ଷ୍ଟେସନରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ, ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ତୀର୍ଥଯାତ୍ରୀମାନଙ୍କ ଶୁଭକାମନା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ସସ୍ମିତ ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ଷ୍ଟେଶନରେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ରେଳ ବିଭାଗର ଆଇଆରସିଟିସି ସହଯୋଗରେ ଆୟୋଜିତ ଯାତ୍ରାରେ ତୀର୍ଥଯାତ୍ରୀମାନେ ଯାତ୍ରା ଶେଷ କରି ଆସନ୍ତା ୧୮ ତାରିଖରେ ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ବିଭିନ୍ନ ଜିଲାରୁ ଆସିଥିବା ବସ୍ ଯୋଗେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି।

ମୁଖ୍ୟମନ୍ତ୍ରୀ ସମସ୍ତ ଯାତ୍ରୀମାନଙ୍କ ଶୁଭ ମନାସିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଏପରି ବ୍ୟବସ୍ଥା କରାଯାଇଥିବାରୁ ତୀର୍ଥଯାତ୍ରୀମାନେ ସନ୍ତୋଷ ପ୍ରକାଶ କରିଥିଲେ।

ଉଲ୍ଲେଖଯୋଗ୍ୟ, ୨୦୧୬ରୁ ଏଯାବତ୍ ୧୨,୦୦୦ ବରିଷ୍ଠ ନାଗରିକ ଭ୍ରମଣର ସୁଯୋଗ ପାଇଛନ୍ତି। ଚଳିତ ଆର୍ଥିକବର୍ଷରେ ଆଉ ୩ଟି ଦଳ ବ୍ରହ୍ମପୁରରୁ ରାମେଶ୍ୱର-ମଦୁରାଇ(ଜାନୁୟାରୀ ୨୦୨୦), ସମ୍ବଲପୁରରୁ ଆଗ୍ରା-ମଥୁରା-ବୃନ୍ଦାବନ(ଫେବୃୟାରୀ ୨୦୨୦) ଏବଂ ଭୁବନେଶ୍ୱରରୁ ଆଲ୍ଲାହାବାଦ-ବନାରସ(ଫେବୃୟାରୀ ୨୦୨୦) ଅଭିମୁଖେ ଯାତ୍ରା କରିବେ।

# ରାଜସ୍ୱ ପ୍ରଶାସନରେ ଅଦଳବଦଳ

**ଭୁବନେଶ୍ୱର, ୧୩।୧୨ (ବ୍ୟୁରୋ):** ରାଜ୍ୟର ରାଜସ୍ୱ ସେବା କ୍ଷେତ୍ରରେ କାର୍ଯ୍ୟରତ ଅଫିସର ସ୍ତରରେ ଶୁକ୍ରବାର ବ୍ୟାପକ ଅଦଳବଦଳ କରାଯାଇଛି। ବିଭାଗୀୟ ବିଜ୍ଞପ୍ତି ନଂ. ୩୯୮୭୪ ଅନୁଯାୟୀ ୧୫ ଜଣ ଅଧିକାରୀଙ୍କ ବଦଳି କରାଯାଇଛି। ସେହିପରି ବିଭାଗୀୟ ବିଜ୍ଞପ୍ତି ନଂ. ୩୯୮୮୫ ଅନୁଯାୟୀ ୮୫ ଅଧିକାରୀଙ୍କ ବଦଳି ହୋଇଛି। ଏହି ଅଧିକାରୀଙ୍କ ମଧ୍ୟରେ ସବ୍‌କଲେକ୍ଟର, ଅତିରିକ୍ତ ତହସିଲଦାର, କୋର୍ଟ ଅଫିସର, ଭୂ-ଅଧିକାରୀ ରହିଛନ୍ତି।









ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ଅଡୁଆରେ ଜମ୍ମୁ-କଶ୍ମୀର ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦିଙ୍କ ଶାସନରେ ବାବୁମାନେ ଦିଲ୍ଲୀରେ କାମ କରିବାକୁ ଦିନକୁ ଦିନ ଅଧିକ ବିମୁଖ ହେବା ଭଳି ଜଣାପଡୁଛନ୍ତି। ବାସ୍ତବରେ ଗତ ପାଞ୍ଚବର୍ଷ ମଧ୍ୟରେ କେନ୍ଦ୍ରୀୟ ପ୍ରତିନିଯୁକ୍ତି (ଡେପୁଟେଶନ)ରେ ସବୁଠୁ କମ୍ ସଂଖ୍ୟକ ଆଇଏଏସ୍ ଅଧିକାରୀ ନିଯୁକ୍ତି ପାଇଛନ୍ତି ବୋଲି ସରକାର ସ୍ୱୀକାର କରିଥିବା ଏହି ସ୍ତମ୍ଭରେ ୧୬ ନଭେମ୍ବରରେ ପ୍ରକାଶ ପାଇଥିଲା। ଏହି ଧାରାକୁ ବଦଳାଇବା ଲାଗି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପକ୍ଷରୁ କୁହାଯାଇଛି ଯେ, ବାଧ୍ୟତାମୂଳକଭାବେ ବାର୍ଷିକ ସ୍ଥାବର ସମ୍ପତ୍ତି ରିଟର୍ନ ଦାଖଲ କରୁ ନ ଥିବା ତଥା ୧୦ ବର୍ଷ ଚାକିରି କରିବା ପରେ ୫ ବର୍ଷ କେନ୍ଦ୍ରୀୟ ଡେପୁଟେଶନରେ ଯିବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ତାକୁ ଗ୍ରହଣ କରୁ ନ ଥିବା ଆଇଏଏସ୍ ଅଧିକାରୀଙ୍କ ଏମ୍ପ୍ୟାନେଲମେଣ୍ଟ ଓ ପଦୋନ୍ନତି ବନ୍ଦ କରାଯିବ। ଏହା ନବଗଠିତ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ବାବୁମାନଙ୍କୁ ଅଡୁଆରେ ପକାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ଆଗରୁ ଜମ୍ମୁ-କଶ୍ମୀରରେ ବାବୁମାନେ କେବେ ବି ଏହି ନିୟମକୁ ଗୁରୁତ୍ୱ ଦେଇନାହାନ୍ତି। ସମ୍ପ୍ରତି ୧୯ ଜଣ ଆଇଏଏସ୍ ଓ ୧୬ ଜଣ ଆଇପିଏସ୍ ଅଧିକାରୀ ସେମାନଙ୍କ ସ୍ଥାବର ସମ୍ପତ୍ତି ସମ୍ପର୍କରେ ଘୋଷଣା କରିନାହାନ୍ତି। ଆଇଏଏସ୍ ଅଧିକାରୀମାନଙ୍କ ମଧ୍ୟରେ ଯେଉଁମାନେ ସ୍ଥାବର ସମ୍ପତ୍ତି ଘୋଷଣା କରିନାହାନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି କମିଶନର/ସଚିବ ସ୍ତରର ୪ ଜଣ ଅଧିକାରୀ ଏବଂ ଜମ୍ମୁ-କଶ୍ମୀରର ବିଭିନ୍ନ ଜିଲାରେ ଉପାୟୁକ୍ତ ଭାବେ କାର୍ଯ୍ୟ କରୁଥିବା ୪ ଜଣ ଅଧିକାରୀ। କାର୍ମିକ ମନ୍ତ୍ରଣାଳୟ ଆଇଏଏସ୍ ଅଧିକାରୀମାନେ ସେମାନଙ୍କର ସ୍ଥାବର ସମ୍ପତ୍ତିର ରିଟର୍ନ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଏବେ ଏକ ନୂଆ ପରିପତ୍ର ଜାରି କରିଛି। ଜାନୁୟାରୀ ୩୧ ସୁଦ୍ଧା ଏହା କରି ନ ପାରିଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରିଦେଇଛି ମନ୍ତ୍ରଣାଳୟ।

### ଖେମ୍‌କାଙ୍କୁ ପୁଣି ବଦଳି

ହରିୟାଣା ଆଇଏଏସ୍ ଅଧିକାରୀ ତଥା ହ୍ୱିସିଲ୍‌ବ୍ଲୋୟର ଅଶୋକ ଖେମ୍‌କା ବାବୁ ମହଲରେ ଜଣେ ଅଲଗା ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ଖେମ୍‌କାଙ୍କର ୨୮ ବର୍ଷ ଚାକିରି ମଧ୍ୟରେ ତାଙ୍କୁ ୫୩ ଥର ବଦଳି କରାଯାଇଛି। ଏହା ବାସ୍ତବରେ ଏକ ରେକର୍ଡ, ଯାହା ବହୁଦିନ ଯାଏ ଅପରିବର୍ତ୍ତିତ ରହିବ। ଯଦିଓ ଖେମ୍‌କା ତାଙ୍କ ଅସନ୍ତୋଷ ବିଷୟରେ ଟୁଇଟ୍ କରିବା ବ୍ୟତୀତ ଏବେ ସୁଦ୍ଧା ତାଙ୍କର ଏଭଳି ଅଚାନକ ବଦଳି ବାବଦରେ ପ୍ରତିକ୍ରିୟା ଦେଇନାହାନ୍ତି, ତାଙ୍କ ସିଭିଲ ସର୍ଭିସ କ୍ୟାରିୟର ମଧ୍ୟରେ ସେ ବିଭିନ୍ନ ବିଭାଗର ବହୁ ପଦରେ ରହିଛନ୍ତି। ୧୯୯୧ ବ୍ୟାଚ୍‌ର ଏହି ଅଧିକାରୀ ଭୂମି ପ୍ରଶାସନ, ଗୃହ ନିର୍ମାଣ, ଏଡ୍‌ସ ନିୟନ୍ତ୍ରଣ, ଅର୍ଥ, ଗ୍ରାମ୍ୟ ଉନ୍ନୟନ, ଯୋଜନା, ମତ୍ସ୍ୟ, ଯୋଗାଣ, ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଭଳି ଅନେକ ବିଭାଗରେ କାର୍ଯ୍ୟ କରିଛନ୍ତି। ଏବେ ତାଙ୍କୁ ବିଜ୍ଞାନ ଓ ପ୍ରୌଦ୍ୟୋଗିକ ବିଭାଗରୁ ଅଭିଲେଖାଗାର ବିଭାଗକୁ ବଦଳି କରାଯାଇଛି। ୨୦୧୨ରେ ଖେମ୍‌କା ଚକବନ୍ଦୀ ବିଭାଗର ମୁଖ୍ୟ ଭାବେ ଥିବାବେଳେ ସେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ଲ୍ୟାଣ୍ଡ ଡିଲ୍‌କୁ ରଦ୍ଦ କରିଦେବା ପରେ ତାଙ୍କର ଏହି ଯାଯାବର କ୍ୟାରିୟର ଚର୍ଚ୍ଚାକୁ ଆସିଥିଲା। ତାଙ୍କୁ ହଟାଇବା ପୂର୍ବରୁ ସେ ଏହି ପଦରେ ମାତ୍ର ୩ ମାସ ରହିଥିଲେ। ରାଜ୍ୟରେ ଯେଉଁ ସରକାର କ୍ଷମତାରେ ରହନ୍ତୁ ନା କାହିଁକି ଖେମ୍‌କା କ୍ରମାଗତ ଭାବେ ରାଜନେତାଙ୍କ ଆକ୍ରୋଶର ଶିକାର ହୋଇଆସୁଛନ୍ତି।

### ବିପଦରେ କ୍ଷେତ୍ରାଧିକାର

ମୋଦି ସରକାର 'ସ୍ୱର୍ଗରେ ଜନ୍ମିତ' ବାବୁମାନଙ୍କୁ ଗୁରୁତ୍ୱ ଦେଉ ନ ଥିବା ଦେଖାଯାଉଛି। ସରକାର ବରିଷ୍ଠ ପଦପଦବୀରେ ଆଇଏଏସ୍ ଅଧିକାରୀଙ୍କ ଦଖଲକୁ କୋହଳ କରିଚାଲିଛନ୍ତି। ଯେଉଁ ପଦବୀଗୁଡ଼ିକୁ ଦଶନ୍ଧି ଦଶନ୍ଧି ଧରି ନିଜର 'କ୍ଷେତ୍ରାଧିକାର' ବୋଲି ଆଇଏଏସ୍ ବାବୁମାନେ ମନେ କରିଆସିଛନ୍ତି ସେଠାରେ ଅନ୍ୟାନ୍ୟ ସେବାର ଅଧିକାରୀମାନଙ୍କୁ ସରକାର ନିଯୁକ୍ତି ଦେଉଛନ୍ତି। ନିକଟରେ ସରକାର ୪ ଜଣ ଅଣ-ଆଇଏଏସ୍ ବାବୁଙ୍କୁ ସଚିବ କିମ୍ବା ସଚିବ ତୁଲ୍ୟ ପଦଗୁଡିକରେ ଅବସ୍ଥାପିତ କରିବା ପାଇଁ ତାଲିକାଭୁକ୍ତ କରିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ଦୀର୍ଘଦିନ ଯାଏ ଆଇଏଏସ୍ ବାବୁଙ୍କ ମଧ୍ୟରେ କ୍ରୋଧ ଓ ଅସନ୍ତୋଷ ସୃଷ୍ଟି କରିଚାଲିବ। ଏପର୍ଯ୍ୟନ୍ତ କେବଳ ଆଇଏଏସ୍ ବାବୁମାନଙ୍କୁ ସଚିବସ୍ତରୀୟ ପଦରେ ନିଯୁକ୍ତି ପାଇଁ ତାଲିକାଭୁକ୍ତ କରାଯାଇ ଆସୁଥିଲା, ଯଦିଚ ଅନ୍ୟ ଗ୍ରୁପ୍ ଏ ସେବା ଅଧିକାରୀମାନଙ୍କୁ ସେମାନଙ୍କ ନିଜ କ୍ୟାଡରରେ ଥିବା ଶୀର୍ଷ ପଦବୀ ଦିଆଯାଇଛି। ତେବେ ଏହି ଅଧିସୂଚନା ପ୍ରକାଶ ମାଧ୍ୟମରେ ମୋଦି ସରକାର ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ, 'ସ୍ୱର୍ଗରେ ଜନ୍ମିତ' ବାବୁମାନଙ୍କୁ ତଥା ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ 'କ୍ଷେତ୍ରାଧିକାର'କୁ ମାନିବା ଲାଗି ସରକାର ବାଧ୍ୟ ନୁହନ୍ତି। ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ୪ ଜଣ ଅଣ-ଆଇଏଏସ୍ ଅଧିକାରୀ ହେଲେ ଇଣ୍ଡିଆନ ଅଡିଟ ଆଣ୍ଡ୍ ଆକାଉଣ୍ଟସ୍ ସେବାର ପ୍ରେମ କୁମାର କଟାରିୟା, ଭାରତୀୟ ବନ ସେବାର ପ୍ରଶାନ୍ତ କୁମାର, ଭାରତୀୟ ରାଜସ୍ୱ ସେବା ଅଧିକାରୀ ସଞ୍ଜୟ କୁମାର ମିଶ୍ର ଏବଂ ଶେଫାଳି ଶାହ। ମିଶ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ମୁଖ୍ୟ ରହିଥିବାବେଳେ ଶାହ ଖାଉଟି ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଅଛନ୍ତି। ସେହିଭଳି ପ୍ରଶାନ୍ତ କୁମାର ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଓ କଟାରିୟା ବୟନଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅଛନ୍ତି। ବାସ୍ତବରେ ଏହା ହେଉଛି ସବ୍‌କା ସାଥ୍, ସବ୍‌କା ବିକାଶ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | E | | D | 9 | 3 | 4 | | | 5 |
| | | | | 2 | | | | | | | 8 | 4 | B | |
| | | 2 | | | C | | 6 | | | | | | | |
| | | | | | 3 | | 5 | | A | | E | D | | |
| | | | | 5 | | | | | | | 0 | 7 | 1 | C |
| | | | | E | | 9 | 0 | | C | | | | | B |
| | A | | | | | | | 4 | | 5 | | E | 6 | |
| | E | 5 | 7 | | D | | B | | 0 | | 6 | | | 8 |
| | | | C | A | | | | 8 | | 9 | | | | |
| | | B | | | | | | 7 | 4 | | | 5 | | 1 |
| | | | B | D | A | | | 6 | | 1 | | | | |
| D | 9 | | E | 4 | | 7 | | | | | 5 | 2 | | |
| | | E | | | | C | 9 | 0 | | 6 | | 8 | A | |
| | 7 | | 8 | | | 4 | A | 3 | B | | | | | |
| 8 | | | | 6 | | | | | | | C | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 9 | 0 | B | C | 6 | 1 | D | E | A | 4 | 5 | 8 | 7 | 2 |
| 6 | D | 2 | 3 | E | 1 | B | 4 | 7 | C | 8 | 0 | A | 5 | 9 |
| 4 | 7 | B | 8 | 0 | A | 5 | C | 9 | 2 | 3 | E | D | 1 | 6 |
| A | C | 8 | D | 5 | 9 | 0 | 3 | 2 | 6 | 1 | 7 | B | E | 4 |
| 5 | E | 1 | 7 | 4 | 2 | 6 | 8 | A | 9 | D | B | 0 | C | 3 |
| 8 | 0 | 4 | 2 | 7 | D | 9 | 1 | 3 | B | 5 | 6 | E | A | C |
| 7 | A | E | 6 | 9 | 5 | D | 0 | B | 8 | C | 3 | 4 | 2 | 1 |
| 1 | 2 | C | 0 | B | 4 | 7 | 6 | 5 | E | 9 | A | 3 | D | 8 |
| 9 | 6 | 5 | 1 | 3 | C | A | E | 8 | D | 2 | 4 | 7 | 0 | B |
| B | 3 | D | A | 8 | E | 4 | 2 | C | 7 | 0 | 1 | 9 | 6 | 5 |
| 2 | 8 | 7 | E | D | B | 3 | 5 | 6 | 1 | A | 9 | C | 4 | 0 |
| D | B | 3 | 4 | 1 | 7 | 2 | 9 | 0 | 5 | E | C | 6 | 8 | A |
| 0 | 4 | 9 | 5 | A | 8 | C | 7 | 1 | 3 | 6 | D | 2 | B | E |
| E | 5 | A | C | 6 | 3 | 8 | B | 4 | 0 | 7 | 2 | 1 | 9 | D |
| C | 1 | 6 | 9 | 2 | 0 | E | A | D | 4 | B | 8 | 5 | 3 | 7 |

ଗତକାଲିର ଉତ୍ତର

# ସା ବିଦ୍ୟା ଯା ବିମୁକ୍ତୟେ



ଡ. ପବିତ୍ର ସୁବୁଦ୍ଧି

ସମଗ୍ର ଭାରତବର୍ଷରେ ସମ୍ପ୍ରତି ନୂତନ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ବିତର୍କ ଜାରି ରହିଥିବା ବେଳେ ଗୋଟିଏ ରୋଚକ ପ୍ରସଙ୍ଗ ମୋର ସ୍ମରଣକୁ ଆସେ। କିଛିଦିନ ତଳେ ଜଣେ ଲେଖକ ମୟୂରଭଞ୍ଜର କେତେକ ସାନ୍ତାଳ ଗାଁ ଦେଖିବାକୁ ଯାଇଥିଲେ। ଗାଁର ଅନେକ ପିଲା ପାଠ ପଢିବାକୁ ସ୍କୁଲ ନ ଯାଇ ଘରପାଖ ପଡିଆରେ ଖେଳୁଥିଲେ। ଏହା ଦେଖି ଲେଖକ ଜଣକ ଜଣେ ଅଶୀବର୍ଷର ବୁଢୀକୁ ପଚାରିଲେ- ତୁମେ ତମ ନାତିନାତୁଣୀଙ୍କୁ ସ୍କୁଲ ପଠାଉନାହଁ କାହିଁକି। ବୁଢୀ ଜଣକ ଫଁ କରି ଗର୍ଜିଉଠି ଲେଖକଙ୍କୁ ପଚାରିଲା- ସ୍କୁଲ? କେଉଁ ସ୍କୁଲ କଥା କହୁଛ? ଯେଉଁଠି ମାଟ୍ରିକ ପାସ କଲେ ପିଲା ଯାଇ ବାରିପଦାରେ ରହିବ, ବି.ଏ. ପାସ୍ କଲେ ଭୁବନେଶ୍ୱରରେ ଘର କରି ରହିବ? ସେଇ ସ୍କୁଲକୁ ମୋ ପିଲାଙ୍କୁ ପଠେଇବାକୁ କହୁଛ। ଆମର ଦରକାର ନାହିଁ ସେ ପାଠ, ଯେଉଁ ପାଠ ଆମ ପିଲାଙ୍କୁ ଆମଠାରୁ ଦୂରେଇ ଦଉଛି। ବୁଢୀର ଉତ୍ତରରେ ନିର୍ବାକ୍ ହୋଇଗଲେ ଲେଖକ ଜଣକ। ପାଠକେ! ଆମ ଶିକ୍ଷା ବ୍ୟବସ୍ଥା ଯେ ସମାଜକୁ ଭାଙ୍ଗିବା ପାଇଁ, ଯୋଡିବା ପାଇଁ ନୁହେଁ, ଏ ବିଷୟରେ ବୁଢୀର ସଚେତନତା ବୋଧହୁଏ ଆମ ଭିତରେ ନାହିଁ।

ଏବେ ଦେଶବ୍ୟାପୀ ଅସଂଖ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟରେ ଅଗଣିତ ଶିକ୍ଷକ ଓ ଶିକ୍ଷାର୍ଥୀ। ଶିକ୍ଷାର ଉନ୍ନତି ପାଇଁ ବହୁ ଯୋଜନା ଓ ଅଭିଯାନ। ଏହା ସତ୍ତ୍ୱେ ସମ୍ପ୍ରତି ଭାରତରେ ସାକ୍ଷରତା ହାର ଶତକଡା ୭୪ ଭାଗ। ପ୍ରସ୍ତାବିତ ଜାତୀୟ ଶିକ୍ଷାନୀତି ଅନୁସାରେ ୨୦୨୫ ସୁଦ୍ଧା ଶତ ପ୍ରତିଶତ ସାକ୍ଷରତା ହାସଲ ପାଇଁ ଆମର ଲକ୍ଷ୍ୟ ରହିଛି। ମାତ୍ର ବିଡମ୍ବନା ହେଲା ଏହା ଯେ ଲୌକିକ ଅର୍ଥରେ ସାକ୍ଷରଙ୍କ ସଂଖ୍ୟା ତ ବଢିବ, କିନ୍ତୁ ଶିକ୍ଷିତଙ୍କ ସଂଖ୍ୟା ବଢିବ କି? ଶିକ୍ଷାର ଅସଲ ଲକ୍ଷ୍ୟ ସାଧିତ ହେବ କି? ଆଜି ଶିକ୍ଷା କହିଲେ ଆମେ ଯାହା ବୁଝୁ, ସେ ଅର୍ଥରେ ତ ସାକ୍ଷରଙ୍କ ସଂଖ୍ୟାରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି, ମାତ୍ର ଆମର ସାମାଜିକ ନିରାପତ୍ତା, ମାନସିକ ସ୍ୱାସ୍ଥ୍ୟ, ଶାନ୍ତି ଓ ସ୍ୱାଚ୍ଛନ୍ଦ୍ୟର ମାତ୍ରାରେ ଉନ୍ନତି ହେବାର କୌଣସି ଆଶା ନାହିଁ। ଆଜି ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକ ଏକପ୍ରକାର ଶିଳ୍ପରେ ପରିଣତ ହୋଇଛି। ଏହି ଶିଳ୍ପ ଶିକ୍ଷିତ ନାମରେ ଯାହା ଉତ୍ପାଦନ କରୁଛି, ତାହା ପ୍ରାୟତଃ ଏକ ବୈଚିତ୍ର୍ୟହୀନ ଯାନ୍ତ୍ରିକ ପ୍ରାଣୀ। ସେ ପ୍ରାଣୀର ମୁଖ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟ ହେଲା, ଯେନତେନପ୍ରକାରେଣ ଅଜସ୍ର ଅର୍ଥ ଉପାର୍ଜନ କରିବା ଓ ସେ ଅର୍ଥ ବଳରେ ସୁଖର ମରୀଚିକା ପଛରେ ଧାବମାନ ହୋଇ ଦିନେ ସୂର୍ଯ୍ୟାସ୍ତ ବେଳେ ଟଲଷ୍ଟୟଙ୍କ ବିଖ୍ୟାତ କାହାଣୀ ଦୁଇଗଜ ଜମିର ପାହୋମ୍ ଚରିତ୍ର ଭଳି ସ୍ୱୟଂ ଅସ୍ତମିତ ହେବା। ହାୟ! ଏହା ହିଁ ହେଉଛି ଆମ ଆଧୁନିକ ଶିକ୍ଷାର ଅନ୍ତିମ ପରିଣତି।

ଏଣୁ ଆଜିର ଏ ଆଧୁନିକ ଶିକ୍ଷାକୁ ବିଦ୍ୟାର ପ୍ରତିଶବ୍ଦ ଭାବେ କେବେ ବି ଗ୍ରହଣ କରାଯାଇପାରେନା। ବିଦ୍ୟାର ଏକମାତ୍ର ଓ ଅନତିକ୍ରମ୍ୟ ସଂଜ୍ଞା ହେଲା 'ସା ବିଦ୍ୟା ଯା ବିମୁକ୍ତୟେ'। ସିଏ ହେଉଛି ବିଦ୍ୟା ଯାହା ମାନବକୁ ମୁକ୍ତି ପ୍ରଦାନ କରେ। ଜୀବନକୁ ମାର୍ଜିତ ଓ ରୁଚିବନ୍ତ କରେ। ଅଜ୍ଞାନ ଅନ୍ଧକାରକୁ ଅପସାରିତ କରି ଜ୍ଞାନାଲୋକରେ ଜୀବନର ମାର୍ଗକୁ ଆଲୋକିତ କରେ। ଆଜିର ଶିକ୍ଷା ତାହା ଆମକୁ ପ୍ରଦାନ କରିଛି କି? ବରଂ ଆଜିର ଶିକ୍ଷା ଆମକୁ ଅଧିକରୁ ଅଧିକ ବନ୍ଧନ ଭିତରକୁ ଠେଲି ଦେଉଛି। ପ୍ରଚଳିତ ଧାରଣାରେ ଆମେ ଶିକ୍ଷା କହିଲେ ବୁଝିଛୁ, ସାକ୍ଷରତାଠାରୁ ଆରମ୍ଭ କରି ପାଠ୍ୟକ୍ରମରେ ସିଦ୍ଧି, କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସାଫଲ୍ୟ ବା ଜୀବିକା ନିର୍ବାହ ନିମନ୍ତେ କୌଣସି ଏକ ମାର୍ଗରେ ତାଲିମପ୍ରାପ୍ତି। କିନ୍ତୁ ଏହା ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ନୁହେଁ। ଜ୍ଞାନ-ସମୃଦ୍ଧ ପ୍ରାଚୀନ ଭାରତରେ ସାକ୍ଷରତା ବିନା ବି ବିଦ୍ୟାଲାଭ କରାଯାଇପାରୁଥିଲା। ବେଦ-ବେଦାନ୍ତ ଯୁଗରେ ବିଦ୍ୟାର୍ଥୀ ନିମନ୍ତେ ତା'ର ସ୍ମୃତିପଟ ହିଁ ଥିଲା ତା'ର ପୁସ୍ତକ। ସେତେବେଳେ ଶିକ୍ଷାର ମୌଳିକ ଉଦ୍ଦେଶ୍ୟ ଥିଲା ମନୁଷ୍ୟକୁ ସର୍ବପ୍ରକାର ମାନବିକ ଗୁଣରେ ମଣ୍ଡିତ କରିବା ଓ ନୈତିକତାରେ ପରିପୁଷ୍ଟ କରି ଆତ୍ମିକ, ସାମାଜିକ ଓ ରାଷ୍ଟ୍ରୀୟ ଚିନ୍ତନରେ ଉଦ୍‌ବୁଦ୍ଧ କରିବା। କିନ୍ତୁ ଆଜିର ଶିକ୍ଷା କେବଳ ଐହିକ ଉଦରପୂର୍ତ୍ତିର ସାଧନ ମାତ୍ର ପାଲଟିଛି। ପ୍ରତିବର୍ଷ ଆମର ଶିକ୍ଷାୟତନଗୁଡିକ ଯେଉଁ କର୍ମଦକ୍ଷତାଶୂନ୍ୟ ଉପାଧିଧାରୀ ଯୁବକଯୁବତୀମାନଙ୍କୁ ସୃଷ୍ଟି କରୁଛନ୍ତି ସେମାନଙ୍କର ମାନସିକ, ଶାରୀରିକ, ଆତ୍ମିକ ତଥା ନୈତିକ ଶକ୍ତିର ପରିପୂର୍ଣ୍ଣ ବିକାଶର ଦ୍ୱାର ଅବରୁଦ୍ଧ। ଏହି ଶିକ୍ଷା ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଉଦଣ୍ଡତା, ଅନୁଶାସନହୀନତା ଓ ଚରିତ୍ରହୀନତାର ପ୍ରସାର କରୁଛି। ବିଦ୍ୟାର୍ଥୀମାନଙ୍କ ପ୍ରାଣରୁ ଉଚ୍ଚାଭିଳାଷ ଓ ବହୁ ଶାସ୍ତ୍ରଦର୍ଶୀ ଜଣେ ପ୍ରଜ୍ଞାଶୀଳ ବ୍ୟକ୍ତି ହେବାର ପ୍ରବଣତାକୁ ନଷ୍ଟ କରି ଚାଲିଛି। ଏହି ଜାତୀୟ ଦୁର୍ଗତିରୁ ନିସ୍ତାର ପାଇବାକୁ ହେଲେ ଆମର ଜାତୀୟ ଶିକ୍ଷାନୀତିରେ ସଂଶୋଧନ ଲୋଡା। ଆଧୁନିକ ଶିକ୍ଷା ବର୍ଷ ବର୍ଷ ଧରି କେବଳ ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ପ୍ରଶାସକ ଓ ବୈଜ୍ଞାନିକ ଇତ୍ୟାଦି ସୃଷ୍ଟି କରିଚାଲିଛି। ଆମକୁ ବୈଷୟିକ ଜ୍ଞାନରେ ଭରପୂର କରିଦେଇଛି। କିନ୍ତୁ ଉଚ୍ଚାଙ୍ଗ ଆଦର୍ଶର ଠିକଣା ଦେଇପାରିନି। ଭଲ ମଣିଷଟିଏ ଗଢିବାର ଭିତ୍ତିଭୂମି ପ୍ରତିଷ୍ଠା କରିପାରିନି।

କିଏ ଜଣେ କହିଥିଲେ- ମଣିଷ ମହାନ୍ ହେବା ପାଇଁ ତିନିଟି ଜିନିଷ ଲୋଡା। ପୁରୁଷର ମସ୍ତିଷ୍କ, ନାରୀର ହୃଦୟ ଓ ଶିଶୁର ମନ। ଯେଉଁ ସମୟରେ କୋମଳମତି ଶିଶୁଟିଏ ସ୍କୁଲକୁ ଆସେ କିମ୍ବା ନବଯୁବକଟିଏ ମହାବିଦ୍ୟାଳୟରେ ପାଦଦିଏ, ସେମାନେ ଦୁଇଟି ଜିନିଷ ସାଥୀରେ ଧରି ଆସିଥାନ୍ତି। ଗୋଟିଏ ହେଲା ମସ୍ତିଷ୍କ ଓ ଅନ୍ୟଟି ହେଲା ହୃଦୟ। ବିଦ୍ୟାଳୟ, ମହାବିଦ୍ୟାଳୟରେ ଯେତେ ପାଠ୍ୟକ୍ରମ ଅଛି, ସେ ସବୁ ହୁଏତ ବିଦ୍ୟାର୍ଥୀର ମସ୍ତିଷ୍କକୁ ତୀକ୍ଷ୍ଣ କରିବାରେ ସକ୍ଷମ ହୋଇଛି। ମାତ୍ର ତା'ର ହୃଦୟକୁ ସ୍ପର୍ଶ କରିପାରିନାହିଁ। ଅପରପକ୍ଷରେ ତା'ର ଶାନ୍ତ ସରଳ ମନ ଭିତରେ ପ୍ରତିଦ୍ୱନ୍ଦ୍ୱିତାର ନିଶା ପ୍ରବେଶ କରାଇ, ତା'ର ଶୈଶବର ମୃତ୍ୟୁ ଘଟାଇ, ଏକ ରାକ୍ଷସର ଆବିର୍ଭାବ ତା'ର ହୃଦୟ ମଧ୍ୟରେ ସୃଷ୍ଟି କରାଉଛି। ସେଇଥିପାଇଁ କୋମଳମତି ଶିଶୁଟିଏ ଯିଏ ଜନମାନସକୁ ଠିକ୍ ଭାବେ ଚିହ୍ନିନାହିଁ, ସେ ମଧ୍ୟ ବିଦ୍ୟାଳୟକୁ ବମ୍ ଏବଂ ଭୁଜାଲି ଭଳି ମାରଣାସ୍ତ୍ର ଆଣି ସାଙ୍ଗସାଥୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି। ଏହାର କାରଣ କ'ଣ?

ଏକଥା ନିଶ୍ଚିତ ସତ୍ୟ ଯେ ଶିଶୁ ହୃଦୟର ବିକାଶ ପାଇଁ ଆମ ପାଠ୍ୟକ୍ରମରେ କିଛି ବ୍ୟବସ୍ଥା ନାହିଁ। ଶିଶୁଟିଏ ଭଲ ଇଞ୍ଜିନିୟର କିମ୍ବା ଭଲ ଡାକ୍ତର ହେବା ପୂର୍ବରୁ କିପରି ଜଣେ ଭଲ ମଣିଷ ହେବ, ତାହା ଯଦି ଶିଖନ୍ତା, ଆଜି ଏ ସମାଜର ଏପରି ଅଧଃପତନ ହୁଅନ୍ତା ନାହିଁ। ଆପଣମାନେ ଜାଣନ୍ତି, ଜାପାନ ହେଉଛି ବିଶ୍ୱର ଏକମାତ୍ର ରାଷ୍ଟ୍ର, ଯେଉଁଠାର ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ କେବଳ ସଦ୍‌ବ୍ୟବହାର ଶିକ୍ଷା ଦିଆଯାଇଥାଏ। ସେଇଥିପାଇଁ ଜାପାନୀମାନେ ଏତେ ନମ୍ର ଓ ଭଦ୍ର। ବର୍ତ୍ତମାନ ଆମ ଭାରତୀୟ ପାଠ୍ୟକ୍ରମରେ ସାହିତ୍ୟ, ସଂସ୍କୃତି, ସଙ୍ଗୀତ, କଳା, କବିତା, ଯୋଗ, ପ୍ରାଣାୟମ, ବ୍ୟାୟାମ ଓ ସର୍ବୋପରି ନୈତିକ ଶିକ୍ଷା ଆଦି ସାମିଲ କରାଯାଇ ଶିକ୍ଷା ପ୍ରଦାନ କରାଗଲେ, ବିଦ୍ୟାର୍ଥୀ ହୃଦୟର ବିକାଶ ହୋଇପାରନ୍ତା। ଏକ ଅନ୍ତଃସାରଶୂନ୍ୟ ଶିକ୍ଷା ବ୍ୟବସ୍ଥା ଓ ବିପର୍ଯ୍ୟସ୍ତ ଶ୍ରେଣୀଗୃହକୁ ନେଇ ଭାରତବର୍ଷ ଏବେ ପୃଥିବୀର ସର୍ବଶ୍ରେଷ୍ଠ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖୁଛି। କେବଳ ନଭଶ୍ଚୁମ୍ବୀ ପ୍ରାସାଦ ଓ ଅତ୍ୟାଧୁନିକ କଳକାରଖାନା ଗଢି ଦେଶଟାକୁ ଚିମ୍‌ନି ଧୂଆଁରେ ଭରିଦେଲେ ଦେଶ ସଭ୍ୟ ଓ ଉନ୍ନତ ହୋଇଯାଏନା। ଦେଶ ଉନ୍ନତ ହୁଏ ଲୋକମାନଙ୍କର ମାନସିକ ପୁଷ୍ଟିରେ, ନୈତିକ ବିକାଶରେ ଓ ଆଧ୍ୟାତ୍ମିକ ଜାଗରଣରେ। ଏଥିପାଇଁ ଅର୍ଥବାଦୀ ଶିକ୍ଷା ବଦଳରେ ଜୀବନବାଦୀ ଶିକ୍ଷା ଲୋଡା।

ଏକଥା ସତ୍ୟ ଯେ ଯେଉଁଦିନ ପର୍ଯ୍ୟନ୍ତ ଆମ ଶିକ୍ଷାର ଲକ୍ଷ୍ୟ କେବଳ ଚାକିରି ଥିବ, ସେ ପର୍ଯ୍ୟନ୍ତ ଆମ ଶିକ୍ଷା ବ୍ୟବସ୍ଥା କେବଳ ଚାକର ସୃଷ୍ଟି କରି ଚାଲିଥିବ। ମାଲିକ ନୁହେଁ। ଆଉ ସେଇଦିନ ପର୍ଯ୍ୟନ୍ତ ବିଦ୍ୟାର ଏକମାତ୍ର ଓ ଅନତିକ୍ରମ୍ୟ ସଂଜ୍ଞା 'ସା ବିଦ୍ୟା ଯା ବିମୁକ୍ତୟେ' ସମୟର ଗଡ୍‌ଡଳିକା ପ୍ରବାହରେ ରୂପାନ୍ତରିତ ହୋଇ 'ସା ବିଦ୍ୟା ଯା ନିଯୁକ୍ତୟେ'ରେ ପରିଣତ ହୋଇ ସାରିଥିବ।

ନୀଳମାଧବ କଲେଜ, କଣ୍ଟିଲୋ, ମୋ-୯୪୩୭୫୧୭୯୭୮

# ଶକ୍ତି ସଂରକ୍ଷଣ ଓ ଆମ ଦାୟିତ୍ୱ



ଇଂ. ମାୟାଧର ସ୍ୱାଇଁ

ଶକ୍ତି ହେଉଛି ଏକ ଅତ୍ୟାବଶ୍ୟକ ଆନୁଷଙ୍ଗିକ ବସ୍ତୁ। ସମସ୍ତ ପ୍ରକାର ଶକ୍ତି ମଧ୍ୟରେ ସହଜ ଓ ସୁବିଧାରେ ବ୍ୟବହାର ହୋଇପାରିବା ଭଳି ଶକ୍ତି ହେଉଛି ବିଦ୍ୟୁତ୍। ଦେଶର ଅର୍ଥନୈତିକ ବିକାଶ ସହିତ ଲୋକମାନଙ୍କର ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ଅଧିକ। ଆଧୁନିକ ଯୁଗରେ ଘରର ଅଧିକାଂଶ ଯନ୍ତ୍ରପାତି ହେଉଛି ବିଦ୍ୟୁତ୍‌ଚାଳିତ। କମ୍ପ୍ୟୁଟର, ଇଣ୍ଟରନେଟ ଆଦି ସୂଚନା ପ୍ରଯୁକ୍ତିର ପ୍ରସାରଣ ପାଇଁ ଏହା ଜରୁରୀ। ଅନେକ ଅର୍ଥନୀତିଜ୍ଞ କୌଣସି ଦେଶର ବିକାଶ ସ୍ତର ଆକଳନ କରିବା ସମୟରେ ସେହି ଦେଶର ବାର୍ଷିକ ଜଣ ପିଛା ବିଦ୍ୟୁତ୍ ଖର୍ଚ୍ଚକୁ ହିସାବକୁ ନେଇଥାଆନ୍ତି। ଉଦାହରଣସ୍ୱରୂପ ବିକଶିତ ଦେଶଗୁଡିକରେ ଜଣ ପ୍ରତି ବାର୍ଷିକ ହାରାହାରି ୧୫୦୦୦ ୟୁନିଟ୍‌ରୁ ଅଧିକ ବିଦ୍ୟୁତ୍ ବ୍ୟବହାର ହେଉଥିବା ବେଳେ ଆମ ଦେଶରେ ଏହା ହେଉଛି ୧୧୮୦ ୟୁନିଟ୍। ଦେଶରେ ବିଦ୍ୟୁତ୍‌ର ଅଧିକ ବ୍ୟବହାର ପାଇଁ ଅଧିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବାକୁ ପଡିବ ଏବଂ ଏଥିପାଇଁ ଅଧିକ ପୁଞ୍ଜିନିବେଶ କରିବାକୁ ହେବ। ଆମର ମୁଖ୍ୟ ଶକ୍ତି ଉତ୍ସଗୁଡିକ ମଧ୍ୟରେ କୋଇଲା, ପେଟ୍ରୋଲିୟମ୍ ତୈଳର ପରିମାଣ ହେଉଛି ଅଧିକ। ଏଗୁଡିକର ପରିମାଣ ସୀମିତ ଏବଂ କିଛିବର୍ଷ ପରେ ଏହା ନିଃଶେଷ ହୋଇଯିବ। ସେହିପରି ଏହି ଜୀବାଶ୍ମ ଇନ୍ଧନର ଦହନ ଫଳରେ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହେଉଛି। ପୃଥିବୀର ତାପମାତ୍ରା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ ପାଇଁ ଏହାକୁ ମୁଖ୍ୟତଃ ଦାୟୀ କରାଯାଇଥାଏ। ପ୍ୟାରିସ୍ ଚୁକ୍ତି ଅନୁଯାୟୀ ଭାରତ ୨୦୩୦ ମସିହା ସୁଦ୍ଧା ଏହାର କାର୍ବନ ନିର୍ଗମନକୁ ୨୦୦୫ ମସିହାର ନିର୍ଗମନଠାରୁ ୩୦ରୁ ୩୫ ପ୍ରତିଶତ ହ୍ରାସ କରିବା ପାଇଁ ପ୍ରତିବଦ୍ଧ ଅଛି। ଆମର ବ୍ୟବହୃତ କୋଇଲାର ୮୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହୃତ ହୋଇଥାଏ। ଏଣୁ ଆମକୁ ଏହା ଉପରେ ଅଧିକ ନିର୍ଭର ନ କରି ଅକ୍ଷୟଶକ୍ତି ଉତ୍ସ ଉପରେ ନିର୍ଭର କରିବାକୁ ପଡିବ।

ଗୋଟିଏ ଦିଗରେ ଆମର ବିଦ୍ୟୁତ୍ ନିହାତି ଦରକାର ଓ ଏହାର ଚାହିଦା ପ୍ରତିବର୍ଷ ବଢୁଛି ଏବଂ ଅନ୍ୟ ଦିଗରେ ଏହା ପରିବେଶର କ୍ଷତି କରୁଛି। ଏହି କାରଣରୁ ଆମକୁ ଶକ୍ତି ସଂରକ୍ଷଣ କରିବା ନିହାତି ଦରକାର। ବିଦ୍ୟୁତ୍‌ର ସୁବିନିଯୋଗ କରିବା ଏବଂ ଅପବ୍ୟବହାରକୁ ବନ୍ଦ କରିବା ହେଉଛି ଶକ୍ତି ସଂରକ୍ଷଣ। ଏହାର ଅର୍ଥ ନୁହେଁ ଯେ ଆବଶ୍ୟକ ଥାଇ କମ୍ ବିଦ୍ୟୁତ୍ ବ୍ୟବହାର କରିବା। କମ୍ ବିଦ୍ୟୁତ୍ ବ୍ୟବହାର କରି ସମାନ କାମ କରିବା ହେଉଛି ଶକ୍ତି ସଂରକ୍ଷଣ। ଶକ୍ତି ସଂରକ୍ଷଣର ଦୁଇଟି ଦିଗ ହେଉଛି, ବିଦ୍ୟୁତ୍ ଶକ୍ତିର ଅପବ୍ୟବହାରକୁ ବନ୍ଦ କରି ଏହାକୁ ସଞ୍ଚୟ କରିବା ଏବଂ ଅଧିକ ଦକ୍ଷତା ସହ ଏହାକୁ ବ୍ୟବହାର କରି କମ୍ ବିଦ୍ୟୁତ୍ ଖର୍ଚ୍ଚ କରିବା। ଉଭୟ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଓ ଗ୍ରାହକମାନଙ୍କ ପାଇଁ ଏହାର ଗୁରୁତ୍ୱ ରହିଛି। ଅଧିକ ଦକ୍ଷ ବିଦ୍ୟୁତ୍ ଯନ୍ତ୍ରପାତି ଓ ଆଲୋକବତି

### ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ

ବ୍ୟବହାର କଲେ କମ୍ ବିଦ୍ୟୁତ୍ ବିଲ୍ ଆସିବ ଏବଂ ବିଦ୍ୟୁତ୍ ଯୋଗାଣ ସଂସ୍ଥା ପାଇଁ ମଧ୍ୟ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇବା ସହଜ ହେବ।

ଘରେ ବିଦ୍ୟୁତ୍‌ର ମୁଖ୍ୟ ବ୍ୟବହାର ହେଉଛି ଆଲୋକ। ଦିନବେଳେ ବିଦ୍ୟୁତ୍ ଆଲୋକ ବ୍ୟବହାର ନ କରି ସୂର୍ଯ୍ୟାଲୋକର ଉପଯୁକ୍ତ ବିନିଯୋଗ କରିବା ଉଚିତ। ଏଥିପାଇଁ ଗୃହ ନିର୍ମାଣର ଡିଜାଇନ ଏପରି ହେବା ଉଚିତ, ଯେପରି ଘରେ ଯଥେଷ୍ଟ ପରିମାଣର ସୂର୍ଯ୍ୟାଲୋକ ପହଞ୍ଚିପାରିବ। ଗୋଟିଏ ୬୦ ୱାଟ୍‌ର ସାଧାରଣ ବତି ଯେତିକି ଆଲୋକ ଦେଇଥାଏ, ୮ ୱାଟ୍‌ର ଗୋଟିଏ ଏଲଇଡି ବତି ସେତିକି ଆଲୋକ ପ୍ରଦାନ କରିଥାଏ। ଏଣୁ କେବଳ ଏଲଇଡି ବତି ବ୍ୟବହାର ହେବା ଉଚିତ। ଟ୍ୟୁବ୍ ଲାଇଟ୍‌ରେ ଗତାନୁଗତିକ ବିଦ୍ୟୁତ୍ ଚୁମ୍ବକୀୟ ଚୋକ୍ ବଦଳରେ ଆଧୁନିକ ଇଲେକ୍ଟ୍ରୋନିକ୍ ଚୋକ୍ ବ୍ୟବହାର କଲେ ବିଦ୍ୟୁତ୍ ଶକ୍ତି କମ୍ ଖର୍ଚ୍ଚ ହୋଇଥାଏ। ଘରେ କେହି ନ ଥିବା ବେଳେ ବତି, ପଙ୍ଖା ଓ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରକୁ ବନ୍ଦ କରିଦେବା ଉଚିତ। ସାଧାରଣ ଓଭେନ୍ ଅପେକ୍ଷା ମାଇକ୍ରୋୱେଭ୍ ଓଭେନ୍‌ରେ ଅଳ୍ପ ମାତ୍ରାର ଖାଦ୍ୟ ରନ୍ଧନ ନିମନ୍ତେ ପ୍ରାୟ ୫୦ ପ୍ରତିଶତ କମ୍ ଇନ୍ଧନ ଖର୍ଚ୍ଚ ହୋଇଥାଏ। ରେଫ୍ରିଜରେଟର ଭିତରର ତାପମାତ୍ରା ଅତିକମ୍ ଧାର୍ଯ୍ୟ କରିବା ଠିକ୍ ନୁହେଁ। ଆବଶ୍ୟକତାଠାରୁ ଅଧିକ ଥଣ୍ଡା କରିବା ଦ୍ୱାରା ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହୋଇଥାଏ। ଅନେକ ସମୟରେ ରାତି ପାହିବାର ଅନେକ ସମୟ ପର୍ଯ୍ୟନ୍ତ ରାସ୍ତା ଆଲୋକ ଜଳୁଥାଏ। ଏହାକୁ ବନ୍ଦ କରିବାର ଦାୟିତ୍ୱ ଥିବା ବ୍ୟକ୍ତି ଜଣକ ବେଳେବେଳେ ଭୁଲି ଯାଇଥାଆନ୍ତି। ଏଣୁ ସକାଳ ହେଲେ ଆପେ ଆପେ ବନ୍ଦ ହୋଇଯିବା ପାଇଁ ଏଥିରେ ଆଲୋକ ସଂବେଦୀ (ଫଟୋ ସେନ୍‌ସର) ଲଗାଯିବା ଉଚିତ। ଦେଶରେ କୃଷି ପାଇଁ ପ୍ରାୟ ୨୦ ନିୟୁତ ପମ୍ପ ପ୍ରତିଷ୍ଠା କରାଯାଇଛି। ଏଗୁଡିକ ବାର୍ଷିକ ୧୫୦ ବିଲିୟନ ୟୁନିଟ୍‌ରୁ ଅଧିକ ବିଦ୍ୟୁତ୍ ଖର୍ଚ୍ଚ କରିଥାଆନ୍ତି। ଉପଯୁକ୍ତ ମରାମତି ଅଭାବ ଏବଂ ଠିକ୍ ପମ୍ପ ଓ ମୋଟର ବ୍ୟବହାର ନ ହେବାରୁ ଯେତିକି ବିଦ୍ୟୁତ୍ ଖର୍ଚ୍ଚ ହେବା କଥା, ତା'ଠାରୁ ୫୦ ପ୍ରତିଶତରୁ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହେଉଛି। କଳକାରଖାନାରେ ୮୦ ପ୍ରତିଶତରୁ ଅଧିକ ବିଦ୍ୟୁତ୍‌କୁ ମୋଟର ବ୍ୟବହାର କରିଥାଏ। ଜଣାଯାଇଛି ଯେ, ଅଧିକାଂଶ ମୋଟରକୁ ଏହାର କ୍ଷମତାର ପ୍ରାୟ ଅଧା ପର୍ଯ୍ୟନ୍ତ ବ୍ୟବହାର କରାଯାଉଛି। ଏହି କ୍ଷେତ୍ରରେ ମୋଟରଗୁଡିକର ଦକ୍ଷତା କମ୍ ହୋଇଥାଏ ଏବଂ ଅଧିକ ବିଦ୍ୟୁତ୍ ଖର୍ଚ୍ଚ କରିଥାଏ।

ଶକ୍ତି ସଂରକ୍ଷଣ ଦ୍ୱାରା ବ୍ୟକ୍ତିଗତ ଭାବେ ଏବଂ ସାମୂହିକ ଭାବେ ଦେଶର ଅନେକ ଉପକାର ହୋଇଥାଏ। ଶକ୍ତି ଉତ୍ପାଦନ ଅପେକ୍ଷା ଶକ୍ତି ସଂରକ୍ଷଣ ହେଉଛି ଶସ୍ତା। ଅନ୍ୟାର୍ଥରେ କହିଲେ, ଏହା ହେଉଛି ବିନା ଇନ୍ଧନରେ ସବୁଜ ଶକ୍ତି ପ୍ରଦାନ ସହ ସମାନ। ଏହାକୁ 'ବିନା ଖର୍ଚ୍ଚରେ ବିଦ୍ୟୁତ୍ ଉତ୍ପାଦନ' କୁହାଯାଏ। ପୁନଶ୍ଚ ଏହାଦ୍ୱାରା ଆମର ପ୍ରାକୃତିକ ସମ୍ପଦ ସଞ୍ଚୟ ହେବା ସହିତ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ।

ଭାରତ ସରକାର ୨୦୦୧ରେ ଶକ୍ତି ସଂରକ୍ଷଣ ଆଇନ-୨୦୦୧କୁ କାର୍ଯ୍ୟକାରୀ କରିଛନ୍ତି। ଦକ୍ଷତା ସହକାରେ ଶକ୍ତି ବ୍ୟବହାର ଏବଂ ଏହାର ସଂରକ୍ଷଣ କରିବା ହେଉଛି ଏହାର ଉଦ୍ଦେଶ୍ୟ। କେବଳ ସରକାରୀ ଚେଷ୍ଟା ନୁହେଁ, ଦେଶର ପ୍ରତ୍ୟେକ ନାଗରିକ ଏହାକୁ ଗମ୍ଭୀର ଭାବେ ବିଚାର କରି ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବା ଉଚିତ। ଏଥିପାଇଁ ଜନ ସଚେତନତା ନିହାତି ଜରୁରୀ।

ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ମଧ୍ୟପ୍ରଦେଶର ଜଣେ ଆଦିବାସୀ ମହିଳା କୃଷିରେ ନୂଆ କୌଶଳ ପ୍ରୟୋଗ କରି ଗାଁରେ ପୂରା ଚାଷ ପଦ୍ଧତିକୁ ବଦଳାଇ ଦେଇଛନ୍ତି। ଆଦିବାସୀବହୁଳ ଡିଣ୍ଡୋରି ଜିଲାର ଏକ ଛୋଟ ଗାଁରେ ରହନ୍ତି ବୈଗା ସମ୍ପ୍ରଦାୟର ମହିଳା ଉଜିୟାରୀ ବାଈ। ସେ ୫ମ ଶ୍ରେଣୀ ଯାଏ ପଢିଛନ୍ତି। ତାଙ୍କ ଚାଷ ପଦ୍ଧତି ଶିଖିବା ଲାଗି ଦକ୍ଷିଣ ଆଫ୍ରିକା ଓ ଫିଲିପାଇନ୍ସ ଭଳି ଦେଶ ତାଙ୍କୁ ଆମନ୍ତ୍ରିତ କରିଛି। ଡିଣ୍ଡୋରୀର କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ଟେକ୍‌ନିକାଲ ଅଧିକାରୀଙ୍କ ମୁତାବକ ଉଜିୟାରୀ ଫସଲରେ ପାଣି ଦେବା ଲାଗି ବନ୍ଧ ବାନ୍ଧିଛନ୍ତି ଓ ପାଣି ଦେବାର ଭିନ୍ନ କୌଶଳ ଆପଣାଇଛନ୍ତି। ସ୍ୱତନ୍ତ୍ର କୁଣ୍ଡରେ ସେ ଜିଆଖତ ପ୍ରସ୍ତୁତ କରୁଛନ୍ତି। ଜୈବିକ ଉପାୟରେ ଶସ୍ୟ ଉତ୍ପାଦନ କରିବା ସହ ମଞ୍ଜି ସଂଗ୍ରହ କରୁଛନ୍ତି। ମଞ୍ଜିକୁ ଜୈବିକ ଉପାୟରେ ବିଶୋଧନ ବି କରୁଛନ୍ତି। ଉଜିୟାରୀଙ୍କ ପିଲାଦିନ ଦାରିଦ୍ର୍ୟରେ କଟିଥିଲା। ଉଜିୟାରୀ କୁହନ୍ତି ତାଙ୍କ ପାଖରେ ଜମି ଥିଲା, ଗାଁକୁ ଲାଗି ଜଙ୍ଗଲ ବି ଥିଲା। କିନ୍ତୁ ଗାଁ ଲୋକ ମଜୁରିଆ ଭାବେ ଦିନ କାଟୁଥିଲେ। ୨୦୦୮ରେ ଉଜିୟାରୀ ବାଈ ଡିଣ୍ଡୋରୀ କୃଷି ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ଜାଣି ପାରି ଗାଁ ଲୋକମାନଙ୍କୁ ନେଇ ସେଠାରେ ପହଞ୍ଚି ଚାଷ ପ୍ରଣାଳୀ ଶିଖିଥିଲେ। ଏହାପରେ ଏହି ଟେକ୍‌ନିକ ଗାଁ ଲୋକଙ୍କୁ ଶିଖାଇଥିଲେ। ଉଜିୟାରୀ କେବଳ ଚାଷ ଭିତରେ ବାନ୍ଧି ହୋଇ ନାହାନ୍ତି, ସେ ଜଙ୍ଗଲ ସଂରକ୍ଷଣ ମଧ୍ୟ କରୁଛନ୍ତି। ଜଙ୍ଗଲ ନଷ୍ଟ କରୁଥିବା ଲୋକଙ୍କୁ ସଚେତନ କରୁଛନ୍ତି। କୃଷିରେ ଏହି ସଫଳତା ଲାଗି ୨୦୧୯ରେ ଜବଲପୁରସ୍ଥିତ ଜବାହରଲାଲ ନେହେରୁ କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି।

### ଚିରନ୍ତନୀ

ସେ ରୁଧିର ଆଉ ରୋଧିବାକୁ କା'ର ଶକତି କୁହ
ଆରେ ନିର୍ଲ୍ଲଜ ନିର୍ମମ ଜାତି, ପୋଛରେ ଲୁହ!

(ରକ୍ତ-ସ୍ରୋତ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୯୪

- ରିସାଂ କେଇ ସିଂ ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।
- ରାଷ୍ଟ୍ରପତି ସର୍ବକ୍ଷମା ପ୍ରଦାନ କରିବା ନେଇ ଲିଖିତ ପ୍ରତିଶ୍ରୁତି ଦେଲେ ବୀରାପ୍ପାନ ଏବଂ ତା'ର ଦଳ ଆତ୍ମସମର୍ପଣ କରିବ ବୋଲି ସେ ପ୍ରକାଶ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ ହେଉ

ମହାଶୟ,

ପିଆଜ ଦର ୭୦ରୁ ୨୦୦ ଟଙ୍କା ଯାଏ ବଢ଼ିଲା। କିଛି ଥିଲାବାଲା କିଣିଲେ ତ ଅନ୍ୟମାନେ ଅଳ୍ପ କିଣିଲେ ବା କିଣିଲେନି। ବେପାରୀ ୫ରୁ ୧୦ ଟଙ୍କା ଭିତରେ ଚାଷୀଙ୍କଠୁ କିଣିଥିଲେ। ଏବେ ଏତେ ଟଙ୍କାରେ ବିକିବାର କାରଣ କ'ଣ? ତାଙ୍କର ସାଇତି ରଖିବା ବା ରକ୍ଷଣାବେକ୍ଷଣରେ କ'ଣ ଏତେ ଖର୍ଚ୍ଚ ହୋଇଗଲା? ନା, ଅମଳବେଳେ ୫-୧୦ରେ କିଣି ଚାଷୀଙ୍କୁ ଶୋଷିଥିଲେ, ଏବେ ନିଅଣ୍ଟ ଅବସ୍ଥା ଦେଖି ମହଜୁଦ କରି ସେମାନେ ଲାଭ ମାରିଲେ ଓ ଖାଉଟିଙ୍କୁ ଶୋଷଣ କଲେ। ସରକାର ନିଦାବିଷ୍ଟ। ଚାଷୀ ଅବସ୍ଥା ଯେମିତିକୁ ସେମିତି। ତେଣୁ ସରକାର କମ୍ପାନୀ ଜିନିଷ ପରି ସବୁ କୃଷିଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ।

ତ୍ରିଲୋଚନ ସାହୁ, ବୁଗୁଡ଼ା, ଗଞ୍ଜାମ

### ଗାନ୍ଧୀ ଆଦର୍ଶ କେବଳ ଭାଷଣରେ

ସଭା, ସମିତି, ଦିବସ ପାଳନ, ଆଲୋଚନାଚକ୍ର ଆଦିରେ ଆମେ ସୀମିତ। ହେଲେ ମୂଳ କଥାଟି ପ୍ରତି ଶ୍ରଦ୍ଧା ବା ନିଷ୍ଠା ନ ଥାଏ। ଏଇ ଯେମିତି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ। ତାଙ୍କର ଯେଉଁ ଭଲ ଗୁଣ ପାଇଁ ସେ ଦେଶ ଓ ବିଦେଶରେ ପରିଚିତ ତା'ର ପ୍ରତିଫଳନ ଆମଠାରେ ହୋଇଛି କି? ରାଜନୈତିକ ଦଳଠାରୁ ଆରମ୍ଭକରି କ୍ଷୁଦ୍ର ସଂଗଠନ ପର୍ଯ୍ୟନ୍ତ ସବୁଠି ତାଙ୍କ ଟୋପି, ପୋଷାକ ଓ ଫଟୋ ବ୍ୟବହାର କରାଯାଉଛି। ବାପୁଜୀ ନିଜର ପ୍ରଦର୍ଶିତ ଫଟୋଗୁଡ଼ିକୁ ଦେଖି କହିଥିଲେ- ଏ ସବୁକୁ ହଟାଇଦିଅ। ପାରୁଛ ଯଦି ହୃଦୟରେ ସ୍ଥାନ ଦିଅ। କାହିଁ ତାଙ୍କର ନୀତି, ଆଦର୍ଶ? ମରଣମୁଖୀ କେତେଜଣ ବୃଦ୍ଧାବୃଦ୍ଧଙ୍କୁ ଛାଡ଼ିଦେଲେ ଅନ୍ୟମାନେ କେବଳ ନିର୍ଦ୍ଦିଷ୍ଟ ଦିନରେ ହିଁ ତାଙ୍କୁ ମନେପକାନ୍ତି। ତାଙ୍କର ଉତ୍ସବ ପାଳନ ସହ ବାସ୍ତବତା ପ୍ରତି ଧ୍ୟାନ ଦେଲେ ତାଙ୍କ ପ୍ରତି ଉଚିତ ସମ୍ମାନ ହେବ ଓ ପରିକଳ୍ପିତ ସ୍ୱରାଜ ଏବଂ ରାମରାଜ୍ୟ ପ୍ରାପ୍ତ ହେବ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଶନିବାର ୧୪ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ବିଷାକ୍ତ ଫଳ ଖାଇ ୩ ଛାତ୍ରୀଛାତ୍ର ଅସୁସ୍ଥ

**କାମାକ୍ଷାନଗର, ୧୩।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍ଏସି ଅନ୍ତର୍ଗତ ଆଲତୁମାସ୍ଥିତ ଦଧିବାମନଜୀଉ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବିଷାକ୍ତ ଫଳ ଖାଇ ୩ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ହେଲେ ୩ୟ ଶ୍ରେଣୀ ଛାତ୍ର ଅଂଶୁମାନ ପ୍ରଧାନ, ଲିକୁନ ମହାନ୍ତି ଏବଂ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁ। ସମସ୍ତଙ୍କୁ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଛାତ୍ରୀଛାତ୍ରମାନେ କୋଳି ଭାବି ବିଷାକ୍ତ ନାଲି ଫଳ ଖାଇଦେଇଥିଲେ। କିଛି ସମୟ ପରେ ସେମାନଙ୍କ ନିକଟରେ ଏହାର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ସହାୟତାରେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ବିଇଓ ଅଜୟ ପାତ୍ର କୁହନ୍ତି, ପିଲାମାନେ ବିଷାକ୍ତ ଫଳ ଖାଇଦେଇଥିବା ସୂଚନା ମିଳିଛି। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ହେଲେ କେଉଁ ପରିସ୍ଥିତିରେ ସେମାନେ ସ୍କୁଲକୁ ଆସି ଏପରି ଫଳ ଖାଇଛନ୍ତି ତାହାର ତଦନ୍ତ କରାଯିବ।

■ଶ୍ରମିକଙ୍କୁ ନିର୍ମମ ହତ୍ୟା

# ଗୁପ୍ତାଙ୍ଗ କାଟିଲେ, ଆଖି ତାଡ଼ିଦେଲେ

■ଯୋଜନାବଦ୍ଧ ହତ୍ୟାକାଣ୍ଡ: ପୋଲିସ

■କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

**ଢେଙ୍କାନାଳ ଅଫିସ, ୧୩।୧୨**

ଶ୍ରମିକଙ୍କୁ ବୀଭତ୍ସ ହତ୍ୟା। ଆଖି ତାଡ଼ିନେଲେ। ଗୁପ୍ତାଙ୍ଗ କାଟିଦେଲେ। ଏପରି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଛି ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ନିତ୍ୟାନନ୍ଦପୁର ଗ୍ରାମରେ। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ବେହେରା (୪୦)। ଘରଠାରୁ ଅନତିଦୂରରୁ ଶୁକ୍ରବାର ସକାଳେ ତାଙ୍କର କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ହତ୍ୟାକାରୀଙ୍କୁ ଗିରଫ କରିବା ଏବଂ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ମୃତକଙ୍କ ପରିବାର ଲୋକେ ଦାବି କରିଛନ୍ତି।

ପରିବାର ଲୋକଙ୍କ କହିବା କଥା, ପୂର୍ଣ୍ଣଚନ୍ଦ୍ର ବର୍ଷେ ହେଲା ଗ୍ରାମ ନିକଟ ଅରୁଣୀ କ୍ରଶରରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ସେ ପ୍ରାୟତଃ କ୍ରଶରରେ ରହୁଥିଲେ।ଗୁରୁବାର ନିତ୍ୟାନନ୍ଦପୁର ଗ୍ରାମର ଜଣେ ଯୁବକ ଆସି ତାଙ୍କୁ ଖୋଜାଖୋଜି କରିଥିଲେ।



ମୃତଦେହ ରଖି ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି। ମୃତ ପୂର୍ଣ୍ଣଚନ୍ଦ୍ର ବେହେରା(ଇନ୍ସେଟ୍)।

ଶୁକ୍ରବାର ପୂର୍ଣ୍ଣଚନ୍ଦ୍ରଙ୍କ କ୍ଷତାକ୍ତ ମୃତଦେହ ତାଙ୍କ ଘରଠାରୁ ଅଳ୍ପ ଦୂରରେ ଥିବା ଅନ୍ୟ ଏକ ଭଙ୍ଗାଘର ସମ୍ମୁଖରୁ ଉଦ୍ଧାର କରାଯାଇଥିଲା। ଦୁର୍ବୃତ୍ତମାନେ ତାଙ୍କ ବାମଆଖି ତାଡ଼ିଦେଇଥିବାବେଳେ ଗୁପ୍ତାଙ୍ଗକୁ କାଟି ଦେଇଛନ୍ତି। ସେହିପରି ବେକରେ ଚପାଦାଗ ରହିଛି। ପୂର୍ଣ୍ଣଚନ୍ଦ୍ରଙ୍କ ପୁତୁରା ଭୋଳା ବେହେରା ମୃତଦେହକୁ ଦେଖିବା ପରେ ଘଟଣା ପ୍ରଘଟ ହୋଇଥିଲା। ପ୍ରତିବାଦରେ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ପୋଲିସ ଅନୁମାନ କରୁଛି। ଅନ୍ୟପଟେ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ଭାଇ ବାସୁ ବେହେରା ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଲିଖିତ ଭାବେ ଦାବି କରିଛନ୍ତି।

ଏସ୍ପି ଅନୁପମା ଜେମ୍ସ, ଏସ୍ଡିପିଓ ଶ୍ରୀହର୍ଷ ମିଶ୍ର ସଦଳବଳ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଅତିରିକ୍ତ ତହସିଲଦାର ସୁଶାନ୍ତ ମିଶ୍ର ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ରେଡ୍କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ସହାୟତା ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ନଂ. ୯୮/୧୯ ଏବଂ ଦଫା ୩୦୨ରେ ଏକ ମାମଲା ରୁଜୁ କରାଯାଇଛି। ଏ ସଂକ୍ରାନ୍ତରେ ଏସ୍ପି କୁହନ୍ତି, ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ତଦନ୍ତ ନ ସରିବା ଯାଏ କାରଣ କହିହେବ ନାହିଁ।

■ଦୃଷ୍ଟିହୀନ, ବଧିର ସ୍କୁଲରେ ଅବ୍ୟବସ୍ଥା

## ସମ୍ପାଦକଙ୍କୁ ଘେରିଲେ ଛାତ୍ରୀଛାତ୍ର

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳ ସହର ଉପକଣ୍ଠ କଣ୍ଟାନାଳୀ ବାଇପାସ୍ସ୍ଥିତ ଅକ୍ଷମ କଲ୍ୟାଣ ସମିତି ଦ୍ୱାରା ପରିଚାଳିତ ଦୃଷ୍ଟିହୀନ, ବଧିର ସ୍କୁଲରେ ଲାଗି ରହିଥିବା ଅବ୍ୟବସ୍ଥାକୁ ନେଇ ଶୁକ୍ରବାର ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଅନ୍ତେବାସୀମାନେ ସମ୍ପାଦକଙ୍କୁ ଘେରିଥିଲେ। ପିଲାମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କୁ ଠିକ୍ ଭାବେ ଖାଦ୍ୟ ଦିଆଯାଉନାହିଁ। ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି। ସମ୍ପାଦକଙ୍କ ଜଣେ ସମ୍ପର୍କୀୟ ଧମକ ଚମକ ଦେଉଛନ୍ତି। ବୁଧବାରଠାରୁ ସେମାନେ କିଛି ଖାଇ ନ ଥିବା କହିଛନ୍ତି। ସୂଚନା ପାଇ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ଏ ସମ୍ପର୍କରେ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ପଚରାଉଚୁରା କରିଥିଲେ। ଅନ୍ୟପଟେ ଅଭିଯୋଗକୁ କମିଟି ସମ୍ପାଦକ ଅକ୍ଷୟ କୁମାର ପାଣିଗ୍ରାହୀ ଅସ୍ୱୀକାର କରିଛନ୍ତି। ସେ ସ୍ପଷ୍ଟୀକରଣରେ କହିଛନ୍ତି, ଦୁଇଜଣ ଶିକ୍ଷକ ପିଲାଙ୍କୁ ମତାଇ ଏପରି କାର୍ଯ୍ୟ କରୁଛନ୍ତି। ପ୍ରକୃତ ସତ୍ୟ ପଦାକୁ ଆସୁ ବୋଲି ସେ କହିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ କୁହନ୍ତି, ବୁଧବାର ରାତିରେ ପିଲାଙ୍କୁ କ୍ଷୀର ଦିଆଯାଇ ନ ଥିବା ତଦନ୍ତରୁ ଜଣାପଡ଼ିଛି। ପରିଚାଳନାଗତ ତ୍ରୁଟି ସାଙ୍ଗକୁ ଖାଦ୍ୟର ମାନ ଖରାପ ରହୁଛି। ଘଟଣାର ତଦନ୍ତ କରି ଏହାର ରିପୋର୍ଟ ରାଜ୍ୟ ସରକାରଙ୍କୁ ପଠାଯିବ। ଲାଗି ରହିଥିବା ଅବ୍ୟବସ୍ଥା ସୁଧାରିବାକୁ ପଦକ୍ଷେପ ନିଆଯିବ।

## ମିଳିଲାନି ଆମ୍ବୁଲାନ୍ସ ସେବା, ମହିଳାଙ୍କ ମୃତ୍ୟୁ ଅଭିଯୋଗ

**କାମାକ୍ଷାନଗର, ୧୩।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାର ଆମ୍ବୁଲାନ୍ସ ସୁବିଧା ନ ମିଳିବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ, ମହେଶ୍ୱର ପାତ୍ରଙ୍କ ସ୍ତ୍ରୀ ସୁଜାତା। ଏହାକୁ ନେଇ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା।

ମୃତ ମହିଳାଙ୍କ ପରିବାର ଲୋକଙ୍କ କହିବା କଥା, ସୁଜାତାଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ହେଲେ ଠିକ୍ ସମୟରେ ଆମ୍ବୁଲାନ୍ସ ମିଳି ନ ଥିଲା। ଫଳରେ ସୁଜାତାଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ କୁହନ୍ତି, ସୁଜାତା କିଡ୍ନୀ ରୋଗରେ ଆକ୍ରାନ୍ତ ଥିଲେ। ପରିବାର ଲୋକେ ତାଙ୍କୁ କଟକରୁ ଆଣି ଏଠାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିଡ୍ନୀ ରୋଗୀଙ୍କ ଚିକିତ୍ସା ଲାଗି ସୁବିଧା ନ ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ହେଲେ ଡାକ୍ତରଖାନା ଆମ୍ବୁଲାନ୍ସ ନ ଡାକି ୧୦୮ର ସହାୟତା ନେଇଥିଲେ। ହେଲେ ତ୍ୱରିତ ୧୦୮ ସେବା ମିଳି ନ ଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

## ଜେଲ ପାଚେରି ଡେଇଁ କଏଦୀ ଚମ୍ପଟ

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳ ଜିଲା କାରାଗାର ପାଚେରି ଡେଇଁ ଶୁକ୍ରବାର ଅପରାହ୍ନ ୫ଟା ୪୫ରେ ଜଣେ ବିଚାରାଧୀନ କଏଦୀ ଫେରାର ହୋଇଯାଇଛନ୍ତି। ସେ ହେଲେ ଶିବ ମୁଣ୍ଡା (୩୨)। କଡ଼ା ସୁରକ୍ଷା ବଳୟ ଭେଦି ଜଣେ କଏଦୀ ଜେଲ ହତାରୁ ଛୁ' ମାରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୁକ୍ତ ଶିବଙ୍କ ଘର ଭୁବନ ଥାନା କାଞ୍ଚନବାହାଲିରେ। ଏକ ନାବାଳିକା ବଳାତ୍କାର ମାମଲାରେ ସେ ଦୁଇ ସପ୍ତାହ ତଳେ ଗିରଫ ହୋଇ ଜେଲକୁ ଆସିଥିଲେ। ଶୁକ୍ରବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ତାଙ୍କ ମାମଲା ପରିଚାଳନା କରାଯାଇଥିଲା। ଅପରାହ୍ନରେ ସେ କୌଶଳକ୍ରମେ ଲୁଙ୍ଗି ସହାୟତାରେ ପାଚେରି ଚଢ଼ି ଖସି ପଳାଇବାକୁ ସକ୍ଷମ ହୋଇଛନ୍ତି। ଘଟଣା ଜଣାପଡ଼ିବା ପରେ ଜେଲ କର୍ତ୍ତୃପକ୍ଷ ଶିବଙ୍କୁ ଧରିବାକୁ ଉଦ୍ୟମ ଚଳାଇଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିବାବେଳେ ଜେଲ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।



ଜେଲ ପାଚେରିରେ ବନ୍ଧା ଯାଇଥିବା ଲୁଙ୍ଗି।

## ଗୋରୁ ବୋଝେଇ ଗାଡି ଜବତ

**ରାସୋଳ, ୧୩।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ରାସୋଳ ପୋଲିସ ଗୁରୁବାର ଭୋର୍ ସମୟରେ ଏକ ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ କରିଛି। ଜବତ ଗାଡ଼ିରୁ ୧୧ ଗୋରୁ ଉଦ୍ଧାର କରାଯାଇଛି। ଉକ୍ତ ଗାଡ଼ିଟି ସାତମାଇଲରୁ ଭାପୁର ଆଡ଼କୁ ଯାଉଥିବାବେଳେ ସୂଚନା ପାଇ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଉଦ୍ଧାର ଗୋରୁଙ୍କୁ ବାବନ୍ଧ ଗୋ-ଶାଳାରେ ରଖାଯାଇଛି। ଅଭିଯୁକ୍ତ ଡ୍ରାଇଭର ଶେଖ୍ ଆବିଦ୍ଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୧୪୮/୧୯ରେ ଏକ ମାମଲା ରୁଜୁ କରାଯାଇଛି।

भारतीय डाक
India Post
ଡାକ ବିଭାଗ
ଯୋଗାଯୋଗ ମନ୍ତ୍ରାଳୟ
ଭାରତ ସରକାର
सत्यमेव जयते

ଓଡ଼ିଶା ଡାକ ପରିମଣ୍ଡଳ ଆପଣଙ୍କ ସେବାରେ...

EMS SPEED POST
ସ୍ପିଡ୍ପୋଷ୍ଟ, ଦ୍ରୁତଗାମୀ ଡାକ ବ୍ୟବସାୟର ଏକ ଅଗ୍ରଣୀ ସେବା, ଯାହା ଚିଠି ଓ ପାର୍ଶଲକୁ ଶୀଘ୍ର ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପହଞ୍ଚାଇଥାଏ।

ଅନ୍ଲାଇନ୍ରେ କ୍ରୟ ଓ ବିକ୍ରୟ କରିବା ପାଇଁ ଭାରତୀୟ ଡାକ ବିଭାଗ ଶୁଭାରମ୍ଭ କରିଛି ଏହାର ନିଜସ୍ୱ ଇ-କମର୍ସ ପୋର୍ଟାଲ ecom.indiapost.gov.in, ଏହି ଇ-ମାର୍କେଟ ମାଧ୍ୟମରେ ଗ୍ରାମୀଣ କୁଶଳୀ କାରିଗର ତଥା ହସ୍ତଶିଳ୍ପୀ, ମହିଳା ଉଦ୍ୟୋଗ, ସ୍ୱୟଂଚାଳିତ ସଂସ୍ଥା ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧୀନସ୍ଥ ସଂସ୍ଥା ସେମାନଙ୍କର ଦ୍ରବ୍ୟ ବିକ୍ରି କରିପାରିବେ। ଭାରତରେ ଯେ କୌଣସି ସ୍ଥାନରେ ଥିବା ଜଣେ ଗ୍ରାହକ ଏହି ଇ-କମର୍ସ ପୋର୍ଟାଲରେ ଉପଲବ୍ଧ ଥିବା ଯେକୌଣସି ଦ୍ରବ୍ୟ ଅନ୍ଲାଇନ୍ ମାଧ୍ୟମରେ କ୍ରୟ କରିପାରିବେ।

ELECTRICITY BILL PAY
ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଯଥା NESCO, WESCO ଓ SOUTHCO ପାଇଁ ଓଡ଼ିଶା ଭିତରେ ଯେକୌଣସି କମ୍ପ୍ୟୁଟରୀକୃତ ନେଟ୍ୱାର୍କ ଥିବା ଡାକଘରେ (ଶାଖା ଡାକଘରକୁ ମିଶାଇ) ଆପଣଙ୍କର ବିଦ୍ୟୁତ୍ ବିଲ୍ ପୈଠ କରିପାରିବେ।

AADHAAR
୪୭୩ ନିର୍ଦ୍ଧାରିତ ଡାକଘରେ ଆଧାର ତାଲିକାଭୁକ୍ତୀକରଣ ଓ ସଂଶୋଧନ ସୁବିଧା ଉପଲବ୍ଧ। ଆଧାର ତାଲିକାଭୁକ୍ତୀକରଣ ଓ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ସଂଶୋଧନ ମାଗଣା। ଅନ୍ୟାନ୍ୟ ସଂଶୋଧନ ସେବା ଧାର୍ଯ୍ୟ ମୂଲ୍ୟରେ କରାଯାଏ। ଆପଣଙ୍କ ନିକଟତମ ଆଧାର କେନ୍ଦ୍ର ଜାଣିବା ପାଇଁ ଦୟାକରି ଲିଙ୍କ୍: https://www.indiapost.gov.in/MBE/DOP_PDFFiles/CircleAadhaarList.pdfକୁ କ୍ଲିକ୍ କରନ୍ତୁ।


ପାସ୍ପୋର୍ଟ ପାଇଁ ଖର୍ଚ୍ଚାନ୍ତ ଓ ସମୟ ଅପଚୟରୁ ରକ୍ଷା ପାଆନ୍ତୁ।
ସମସ୍ତ ଲୋକସଭା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟ ସ୍ଥାନରେ ରହିଛି ପୋଷ୍ଟ ଅଫିସ ପାସ୍ପୋର୍ଟ ସେବା କେନ୍ଦ୍ର (ପିଓପିଏସ୍କେ)। ଆପଣଙ୍କ ନିକଟତମ ପିଓପିଏସ୍କେ ଜାଣିବା ପାଇଁ ଦୟାକରି ଲିଙ୍କ୍ https://www.indiapost.gov.in/MBE/pages/Content/Retail-Post.aspxକୁ କ୍ଲିକ୍ କରନ୍ତୁ।

ଭାରତୀୟ ଡାକ ରେଳ ଯାତ୍ରୀ ସଂରକ୍ଷଣ ପଦ୍ଧତି (ଆଇପିପିଆର୍ଏସ୍): ଜନସାଧାରଣଙ୍କ ପାଖରେ ରେଳବାଇ ଟିକେଟ ପହଞ୍ଚାଇବା ପାଇଁ ସମସ୍ତ ଶ୍ରେଣୀର ରେଳବାଇ ସଂରକ୍ଷଣ ଟିକେଟ ନିର୍ଦ୍ଦିଷ୍ଟ ଡାକଘରେ ବୁକ୍ କରାଯାଉଛି। ଆଇପିପିଆର୍ଏସ୍ ଉପଲବ୍ଧ ହେଉଥିବା ଆପଣଙ୍କର ନିକଟତମ ଡାକଘର ଜାଣିବା ପାଇଁ ଦୟାକରି ଲିଙ୍କ୍ https://www.indiapost.gov.in/MBE/Pages/Content/Retail-Post.aspx କ୍ଲିକ୍ କରନ୍ତୁ।

ଡାକ ବିଭାଗ ତରଫରୁ ନିର୍ଦ୍ଧାରିତ ଡାକଘର ମାନଙ୍କରେ ପବିତ୍ର ଗଙ୍ଗୋତ୍ରୀର ଗଙ୍ଗାଜଳ (୨୫୦ ମିଲିଲିଟର ବୋତଲ) ଉପଲବ୍ଧ।

ବିଦେଶ ଡାକଘର ଭୁବନେଶ୍ୱରଠାରେ ଓଡ଼ିଶାର ପ୍ରଥମ ବିଦେଶ ଡାକଘର ଖୋଲାଯାଇଛି। ଓଡ଼ିଶାର ରପ୍ତାନୀକାରୀ ସଂସ୍ଥାମାନେ ତାଙ୍କର ସାମଗ୍ରୀ/ପାର୍ସଲ ଆଦି କମ୍ ମୂଲ୍ୟରେ, ଶୀଘ୍ର ବିଦେଶକୁ ପଠାଇପାରିବେ।

ବିସ୍ତୃତ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ:
ଯେକୌଣସି ଡାକଘର/ଡିଭିଜନାଲ କାର୍ଯ୍ୟାଳୟ/ଆଞ୍ଚଳିକ କାର୍ଯ୍ୟାଳୟ/ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ, ଭୁବନେଶ୍ୱର-୭୫୧୦୦୧ଙ୍କ କାର୍ଯ୍ୟାଳୟ
ଯୋଗାଯୋଗ ନମ୍ବର: ୦୬୭୪-୨୩୯୪୩୬୨ (ବିଜ୍ନେସ୍ ଡେଭଲପମେଣ୍ଟ ସେଲ୍)
ଇ-ମେଲ୍: adbd-odi@indiapost.gov.in ୱେବ୍ସାଇଟ୍ସ: indiapost.gov.in / odishapost.gov.in



## ଆସାମ ଆନ୍ଦୋଳନ ପାଇଁ ୩ ଟ୍ରେନ୍ ବାତିଲ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ):** ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଆସାମ ଓ ପଶ୍ଚିମବଙ୍ଗରେ ଚାଲିଥିବା ଆନ୍ଦୋଳନ ଓ ରେଳରୋକୋ ପାଇଁ ୩ଟି ଟ୍ରେନ୍‌କୁ ବାତିଲ କରାଯାଇଛି। ବେଙ୍ଗାଲୁରୁ କ୍ୟାଣ୍ଟ-ଅଗରତାଲା ହମ୍‌ସଫର୍ ଏକ୍ସପ୍ରେସ(୧୨୫୦୩)କୁ ଶୁକ୍ରବାର ବାତିଲ କରାଯାଇଛି। ଡ଼ିବ୍ରୁଗଡ଼-କନ୍ୟାକୁମାରୀ ଏକ୍ସପ୍ରେସ(୧୫୯୦୬) ଡିସେମ୍ବର ୧୪ ଓ କନ୍ୟାକୁମାରୀ-ଡ଼ିବ୍ରୁଗଡ଼(୧୫୯୦୬) ଆସନ୍ତା ୧୯ତାରିଖରେ କନ୍ୟାକୁମାରୀରୁ ବାତିଲ୍ କରାଯାଇଛି। ଅପରପକ୍ଷେ ଡ଼ିବ୍ରୁଗଡ଼-ତାମ୍ବରମ ଏକ୍ସପ୍ରେସ(୧୫୯୩୦) ଆସନ୍ତା ୧୬ତାରିଖରେ ଡ଼ିବ୍ରୁଗଡ଼ ପରିବର୍ତ୍ତେ ଗୁଆହାଟୀରୁ ଯାତ୍ରା ଆରମ୍ଭ କରିବ।

### ସଂକ୍ଷେପରେ

## ନିଜ ଗାଡ଼ି ତଳେ ଯୁବକଙ୍କ ମୃତ୍ୟୁ

**ଜେକେପୁର, ୧୩।୧୨-** ରାୟଗଡ଼ା ବ୍ଲକ୍ କୁଲି ପଞ୍ଚାୟତ ଅଧୀନ କୁଲି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଜଣେ ହାଇଡ୍ରା ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ସ୍ଥାନୀୟ କ୍ରଶର୍ ୟୁନିଟ୍‌ରେ ପଦ୍ମ ରାଓ(୩୨) ନିଜ ହାଇଡ୍ରା ଗାଡ଼ି(ଏପି୦୫ବିୱାଇ-୮୬୫୪) ସାହାଯ୍ୟରେ କାମ କରିବା ସମୟରେ ହଠାତ୍ ଗାଡ଼ି ପଛକୁ ଗଡ଼ିଥିଲା। ଏଥିରେ ପଦ୍ମ ଭୟଭୀତ ହୋଇ ଗାଡ଼ିରୁ ଡେଇଁପଡ଼ିଥିଲେ। ଯଦ୍ଦ୍ୱାରା ସେ ନିଜ ଗାଡ଼ି ଚକା ତଳେ ଚାପି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ପଦ୍ମଙ୍କ ଘର ବିଶାଖାପାଟଣା ଜିଲା ମାଲକାପୁରମ୍ ଅଧୀନ ପ୍ରକାଶ ନଗର ଗ୍ରାମରେ ବୋଲି ଜଣାପଡ଼ିଛି। ସେ କ୍ରଶର୍‌ରେ ନିଜ ହାଇଡ୍ରା ଗାଡ଼ି ଚଳାଇ ପରିବାର ଚଳାଉଥିଲେ। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥେରୁବାଲି ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ଜଗନ୍ନାଥ ବେହେରା ସୂଚନା ଦେଇଛନ୍ତି।

### କୁମ୍ଭକାର ନିଯୋଗ ସାଧାରଣ ସଭା

## ୧୫ରେ ହାଣ୍ଡିକୁଡୁଆ ଗଢା ଅନୁକୂଳ

**ପୁରୀ ଅଫିସ, ୧୩।୧୨:** ଆସନ୍ତା ୧୫ ତାରିଖ ରବିବାର ସୂର୍ଯ୍ୟୋଦୟଠାରୁ ସକାଳ ୭ଟା ୧୯ ମିନିଟ୍ ମଧ୍ୟରେ ଆଗାମୀ ବର୍ଷ ନିମନ୍ତେ ହାଣ୍ଡିକୁଡୁଆ ଗଢିବା କାର୍ଯ୍ୟର ଅନୁକୂଳ କରାଯିବ। ଚଳିତ ପୌଷ ମାସ କୃଷ୍ଣପକ୍ଷ ତୃତୀୟା ତିଥି ଜୟା ଅର୍କବାସରେ ରବି ପୁଷ୍ୟା ଯୋଗରେ ପଣ୍ଡିତଙ୍କ ବିଚାର କ୍ରମେ ଏହି ଶୁଭ ଅନୁକୂଳ ସମୟ ନିର୍ଘଣ୍ଟ କରାଯାଇଛି। ଶୁକ୍ରବାର ଶରଧାବାଲିସ୍ଥିତ କୁମ୍ଭକାର ନିଯୋଗ କାର୍ଯ୍ୟାଳୟ ପରିସରରେ ନିଯୋଗର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦନାର୍ଦ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପରୋକ୍ତ ସମୟ ସ୍ଥିର କରାଯାଇଛି। ଆସନ୍ତା ରବିବାର ସକାଳ ୭ଟା ୧୯ ମିନିଟ୍ ମଧ୍ୟରେ ସମସ୍ତ କୁମ୍ଭକାର ଏକକାଳୀନ ହାଣ୍ଡିକୁଡୁଆ ଗଢା କାମ ଆରମ୍ଭ କରିବା ପାଇଁ ଘୋଷଣା କରାଯାଇଥିଲା। ସମ୍ପାଦକ ମହେନ୍ଦ୍ର ବିଶୋଇ ବିବରଣୀ ପାଠ କରିଥିଲେ। ପୁରୀ ସହରର କୁମ୍ଭାରପଡ଼ା, ଟିକରପଡ଼ା, ଜେନାପୁର, ନୂଆସାହି ଅଞ୍ଚଳରେ ନିଯୋଗ ସଦସ୍ୟମାନେ ନିର୍ଦ୍ଧାରିତ ଶୁଭ ସମୟରେ ହାଣ୍ଡିଗଢା ଅନୁକୂଳ କରିବା ପାଇଁ ଜଣାଇ ଦିଆଯାଇଛି।

### ରାଜ୍ୟରେ ସିଏବି, ଏନ୍‌ଆରସି ଲାଗୁ ହେବା ପ୍ରସଙ୍ଗ

# ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ପାର୍ଲାମେଣ୍ଟରେ ନିକଟରେ ନାଗରିକତ୍ୱ ସଂଶୋଧନ ବିଧେୟକ(ସିଏବି)-୨୦୧୯ ଗୃହୀତ ହୋଇଯାଇଛି। ଏହି ବିଧେୟକକୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମଧ୍ୟ ମିଳିସାରିଛି। ସେହିପରି ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି) ସାରା ଦେଶରେ ଲାଗୁ ହେବା ନେଇ ମଧ୍ୟ କେତେକ କେନ୍ଦ୍ରୀୟ ନେତା ବକ୍ତବ୍ୟ ଦେଇଛନ୍ତି। ଏହା ଦ୍ୱାରା ଦେଶରେ ବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ(ବିଶେଷ ଭାବେ ମୁସ୍‌ଲିମ) ପ୍ରଭାବିତ ହେବେ ବୋଲି ଆଶଙ୍କା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର କେତେକ ସଂଖ୍ୟାଲଘୁ ପ୍ରତିନିଧି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁକ୍ରବାର ଭେଟି ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇଛନ୍ତି।

ଭଦ୍ରକ ଏବଂ ଏହାର ଆଖପାଖ ଅଞ୍ଚଳର ଏକ ପ୍ରତିନିଧି ମଣ୍ଡଳୀ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ଜଣାପଡିଛି। ଏହି ପ୍ରତିନିଧିମାନେ ମୁଖ୍ୟତଃ ଏନ୍‌ଆରସି ଲାଗୁ ନେଇ ଭୟଭୀତ ରହିଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ପରେ ଚଉଦ ମହଲା ମୁସଲିମ୍ ଜମାତ ମୁଖ୍ୟ ମହମ୍ମଦ ଅବଦୁଲ ବରୀ କହିଛନ୍ତି ଯେ, ପିଢି ପରେ ପିଢି ଆମ୍ଭେମାନେ ଓଡ଼ିଶାରେ ରହିଆସିଛୁ। ସିଏବି ଏବଂ ଏନ୍‌ଆରସିକୁ ନେଇ ଯାହା ବି କିଛି ଶଙ୍କା ରହିଛି, ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ମୁଖ୍ୟମନ୍ତ୍ରୀ ମଧ୍ୟ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସକାରାତ୍ମକ ମତ ରଖିଛନ୍ତି। ରାଜ୍ୟରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର କୌଣସି ଅସୁବିଧା ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ସେହିପରି ରାଜ୍ୟରେ ହିନ୍ଦୁ-ମୁସଲିମ୍ ସୌହାର୍ଦ୍ଦ୍ୟ ଯେପରି ପୂର୍ବପରି ଅକ୍ଷୁଣ୍ଣ ରହିବ, ସେ ନେଇ ସରକାର ସବୁ ସମୟରେ ସମ୍ବେଦନଶୀଳ ବୋଲି କୁହାଯାଇଛି। ସେହିପରି ଜମାତର ଅନ୍ୟ ଜଣେ ସଦସ୍ୟ ଜାମିଲ୍ ଅହମ୍ମଦ ଖାନ୍ କହିଛନ୍ତି ଯେ, ସିଏବି ପାର୍ଲାମେଣ୍ଟରେ ଗୃହୀତ ହେବା ସହ ଏନ୍‌ଆରସି କଥା ଉଠୁଛି। ଦୀର୍ଘଦିନ ଧରି ଅସୁବିଧାରେ ଚଳୁଥିବା କେତେକ ଲୋକ କେଉଁଠୁ ପ୍ରମାଣପତ୍ର ଆଣିବେ। ଏସବୁ କଥା ଉଠିଲେ ଶରଣାର୍ଥୀ ଶିବିର କାହାଣୀ ମନକୁ ଆସୁଛି। ତେଣୁ ସଂଖ୍ୟାଲଘୁ ସମ୍ପ୍ରଦାୟରେ ଭୟ ରହିଛି। ସେମାନେ ତାଙ୍କର ଅସୁବିଧା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଥିବା ଖାନ୍ କହିଛନ୍ତି। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି ଯେ, ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ଅତୁଟ ରଖିବା ପାଇଁ ସମସ୍ତେ ବଦ୍ଧପରିକର। ସଂଖ୍ୟାଲଘୁ ସମ୍ପ୍ରଦାୟ ସେମାନଙ୍କ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ସେମାନଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ, ତାହା ପ୍ରତି ସରକାର ଯତ୍ନଶୀଳ ବୋଲି ସଞ୍ଜୀବ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାକ୍ଷାତ ସମୟରେ ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ୍ ଏବଂ ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଭଦ୍ରକରୁ ଆସିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ନବୀନଙ୍କୁ ଭେଟିଲେ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତିନିଧି**


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କବାଟ କଣରେ ନେଉଳ**
**କାନ ଫୁଙ୍କା ଫୁଙ୍କି ଗୁପତ କଥା**
**ମୋତେ କହିଯାଅ ବଉଳ ।**

ସମ୍ପର୍କ ଯେତେ ମଧୁର ଓ ନିବିଡ଼ ହୋଇଥିଲେ ମଧ୍ୟ ଏପରି କିଛି କଥା ଥାଏ, ଯାହା ଅନ୍ୟ ଆଗରେ ଖୋଲିକରି କହି ହୋଇ ନ ଥାଏ। କାରଣ ଗୋପନୀୟ କଥା ପ୍ରକାଶ କରିଦେଲେ ଗୁମର ଫିଟିଯିବାର ଭୟ ରହିଥାଏ। ଏପରିସ୍ଥଳେ ବାନ୍ଧବୀ ମୁହଁରୁ କିଛି ଗୁପ୍ତ କଥା ଶୁଣିବା ଲାଗି ଅଳି କରୁଥିବା ଯୁବତୀର ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଲମଲଟି;**
**ଏ କାଳରେ କାନ୍ତ ବିଦେଶ ଗଲେ,**
**ହୃଦୟ ଯାଉଛି ଫାଟି ।**

ସାଧାରଣତଃ ନୂଆ କରି ଦାମ୍ପତ୍ୟ ଜୀବନ ଆରମ୍ଭ କରିଥିବା ପତିପତ୍ନୀଙ୍କ ମଧ୍ୟରେ ପ୍ରେମଭାବ ଟିକେ ଅଧିକ ରହିଥାଏ। ଏଭଳି ସ୍ଥିତିରେ କେହି କାହାକୁ ନିଜ ପାଖରୁ ଅନ୍ତର କରିବାକୁ ଚାହିଁ ନ ଥାନ୍ତି। ପରନ୍ତୁ ଏଥିରୁ ବଞ୍ଚିତ ହେଲେ ମନର ସବୁ ସୋହାଗ ସରାଗ ମରିଯାଇଥାଏ। ପତି ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ। ପତିଙ୍କ ଅନୁପସ୍ଥିତିରେ ପତ୍ନୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିଥିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରତିଭା ଅନ୍ୱେଷଣର ମାଧ୍ୟମ 'ମଣ୍ଡେଇ'

**ନବରଙ୍ଗପୁର, ୧୩।୧୨(ବି.ପ୍ର.)**

ନବରଙ୍ଗପୁରର କଳା ସଂସ୍କୃତି ଓ ପରମ୍ପରା ଅତି ମହାନ। ଏହାର ଲୋକ ସଂସ୍କୃତିକୁ ଅଧିକ ପ୍ରାଣବନ୍ତ କରିଛି ମଣ୍ଡେଇ। ଆମ ପରମ୍ପରାକୁ ମନେପକାଇବା ସହ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ମାଧ୍ୟମ ପାଲଟିଛି ଏହି ଲୋକ ମହୋତ୍ସବ। କଳା, ସଂସ୍କୃତି ଓ ବିକାଶର ଏହା ବାର୍ତ୍ତାବହ ସାଜିଛି। ଶୁକ୍ରବାର ସନ୍ଧ୍ୟାରେ ଜିଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇର ଉଦ୍‌ଘାଟନୀ ସନ୍ଧ୍ୟାରେ ଯୋଗଦେଇ ମୁଖ୍ୟ ଅତିଥି ମନ୍ତ୍ରୀ ଜଗନ୍ନାଥ ସାରକା ଏହା କହିଛନ୍ତି। ଏହାସହ ସେ ମଣ୍ଡେଇ ପଡ଼ିଆରେ ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟନ କରିଛନ୍ତି।

ସନ୍ଧ୍ୟାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ସ୍ୱାଗତ ସଙ୍ଗୀତ ପରେ ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଥିବା ମୁନ୍ନା ଖାଁ କହିଥିଲେ, ଆର୍ଥିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ନବରଙ୍ଗପୁର ଜିଲା ସମୃଦ୍ଧ ହେବାରେ ଲାଗିଛି। ସେହିପରି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି କହିଥିଲେ, ରାଜ୍ୟ ସରକାରଙ୍କ ଉଦ୍ୟମରେ ସମସ୍ତ ଜିଲାରେ ଏଭଳି ଲୋକ ମହୋତ୍ସବ କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ସେ ପାପଡ଼ାହାଣ୍ଡି ଡିୟର ପାର୍କକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବା ପାଇଁ ପ୍ରଚେଷ୍ଟା ଚାଲିଥିବା ସୂଚନା ଦେଇଥିଲେ। ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ମଣ୍ଡେଇ ମାଧ୍ୟମ ସାଜିଛି। ଲୋକଗୀତ ଓ ଲୋକ ସଂସ୍କୃତିରେ ଆଦିବାସୀଙ୍କ ଜୀବନଶୈଳୀ ଝଲସୁଛି। ଆମ ଜିଲାର କଳା, ସଂସ୍କୃତି ଓ ପରମ୍ପରା ଜାତୀୟସ୍ତରରେ ପହଞ୍ଚିଛି ବୋଲି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ବକ୍ତବ୍ୟ ରଖିଥିଲେ। ଜିଲାର ଶିକ୍ଷା, କୃଷି, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ହୋଇପାରିଛି। ସରକାରଙ୍କ ବିଭିନ୍ନ ଯୋଜନାରେ ହୋଇଥିବା ବିକାଶ କଥା ମଞ୍ଚ ଉପରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଥିଲେ। କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ମଣ୍ଡେଇ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ଆମ ଜିଲା ର ଏକ ସ୍ୱର୍ଣ୍ଣିମ ଇତିହାସ ରହିଛି ବୋଲି ବକ୍ତବ୍ୟ ରଖି ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଏ ମାଟିର ସଂଗ୍ରାମୀ ଓ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ମଣ୍ଡେଇ ପଡ଼ିଆର ବିକାଶ ସହ ଏଠାରେ ପାଣିଟାଙ୍କି ଓ ବିଭିନ୍ନ ଷ୍ଟଲ କରାଯିବ। ମଣ୍ଡେଇ ମଞ୍ଚ ନିର୍ମାଣ ପାଇଁ ଏମ୍‌ପି ୧୦ଲକ୍ଷ ଟଙ୍କା ଯୋଗାଇ ଦେଇଥିବା ଜିଲାପାଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ନିତିନ କୁଶଲକର, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ନିବେଦିତା ମହାନ୍ତି ମଞ୍ଚାସୀନ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ମଞ୍ଚ ପରିଚାଳନା କରିଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ।


ଡାବୁଗାଁ ଏସ୍‌ଏସ୍‌ଡି ବିଦ୍ୟାଳୟ ଛାତ୍ରୀମାନେ ରେଂଯୋଡି ନୃତ୍ୟ ପରିବେଷଣ କରୁଛନ୍ତି।

# ସାରଥି ଆଶ୍ରମକୁ ଇଡି ନୋଟିସ

**ଡେରାବିଶ, ୧୩।୧୨ (ସ୍ୱ.ପ୍ର.):**

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ବାରିମୂଳ ସାରଥି ଆଶ୍ରମ ପରିସରରେ ଦ୍ୱିତୀୟ ଥର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଏନ୍‌ଫୋର୍ସମେଣ୍ଟ ଡିରେକ୍ଟୋରେଟ୍) ପକ୍ଷରୁ ଶୁକ୍ରବାର ନୋଟିସ ଲଗାଯାଇଛି। ଜୁଲାଇ ୨୭ରେ ଏହି ଆଶ୍ରମ ସମ୍ମୁଖରେ ଏକ ନୋଟିସ ବୋର୍ଡ ଲଗାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ୨୦୧୭ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ସାରଥି ମାମଲା (ଓସି ନଂ- ୭୨୮/ ୧୭)ରେ ଜବତ ହୋଇଥିବା ୨୬ ପ୍ଲଟର ୩ ଏକର ୪୨ ଡିସିମିଲ ଜମି ଉପରେ ସର୍ବସାଧାରଣଙ୍କ ଯାତାୟାତକୁ ରୋକ ଲଗାଯାଇଛି । ଶୁକ୍ରବାର ଅପରାହ୍ଣରେ ପୂର୍ବ ନୋଟିସ ନିକଟରେ ଅନ୍ୟ ଏକ ନୋଟିସ ଲଗାଯାଇ ଏଥିରେ ଗରାପୁର ମୌଜାର ଏକ ପ୍ଲଟକୁ ସାମିଲ କରାଯାଇଛି । ଗରାପୁରରେ ଥିବା ଖାତା ନଂ ୬୪୦ ପ୍ଲଟ ନଂ ୭୮୨ର ଏହି ୪୫ ଡିସିମିଲ ଜମିକୁ କଟକ ପୌରାଞ୍ଚଳ ଲାଲବାଗର ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ମାଲିକାନାରେ ଥିବା ଦର୍ଶାଯାଇଛି ।

ସୂଚନାଯୋଗ୍ୟ, ହାଇଦ୍ରାବାଦର ଏକ ହୋଟେଲରେ ରହଣିକୁ ନେଇ ୨୦୧୫ରେ ସାରଥି ବିବାଦୀୟ ହୋଇ ପଡିଥିଲେ । ଉକ୍ତ ବର୍ଷ ଅଗଷ୍ଟ ୮ ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲରେ କ୍ରାଇମ ବ୍ରାଞ୍ଚ ତାଙ୍କୁ ଗିରଫ କରିଥିବା ବେଳେ ଏହାର ତଦନ୍ତ ଦାୟିତ୍ୱ ଇଡିକୁ ଦିଆଯାଇଥିଲା । ଏଥିସହ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଜୀବନରେ ମାରି ଦେବାକୁ ଧମକ ଦିଆଯାଇଥିବା ସାରଥିଙ୍କ ନାଁରେ ଅଭିଯୋଗ ହୋଇଥିଲା । ଏହାଛଡା ସଦର ଥାନା ଅନ୍ତର୍ଗତ ଆଶ୍ରମ ଅନ୍ତେବାସୀ ମା' ଓ ଝିଅଙ୍କ ଟଙ୍କା ଏବଂ ଜମି ଠକେଇ କରିବା, ବିବାହ ପ୍ରତିଶ୍ରୁତି ଦେଇ ଅନୈତିକ ସମ୍ପର୍କ ରଖିବାକୁ ନେଇ ସାରଥି ଓ ତାଙ୍କ ସହଯୋଗୀ ଶରତ ପାତ୍ରଙ୍କ ନାଁରେ କେନ୍ଦ୍ରାପଡା ଏସ୍‌ଡିଜେଏମଙ୍କ କୋର୍ଟରେ ମାମଲା ରୁଜୁ ହୋଇଛି । ଇତିମଧ୍ୟରେ ଅଭିଯୁକ୍ତ ଦୁଇଜଣ ଜେଲରୁ ଜାମିନରେ ମୁକୁଳି ସାରିଛନ୍ତି।

# ମହିଳାଙ୍କୁ ଗଣବଳାତ୍କାର, ୨ ଗିରଫ

**କେନ୍ଦୁଝର/ଘଟଗାଁ, ୧୩।୧୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ପିପିଲିଆ ଅଞ୍ଚଳରେ ଗତ ବୁଧବାର ରାତିରେ ୫୦ ବର୍ଷ ବୟସ୍କା ବିବାହିତା ମହିଳାଙ୍କୁ ନିକଟସ୍ଥ ଜଙ୍ଗଲରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ ଚଳାଇ ସିଙ୍ଗରାଇ ମୁଣ୍ଡା ଓ ଶୈଳେନ୍ଦ୍ର ମୁଣ୍ଡା ନାମକ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଉଭୟ ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଯାଇଛି। ଏଭଳି ଅପରାଧ ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ଘଟଗାଁ ଏସଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ଏହି ସୂଚନା ଦେଇ କହିଛନ୍ତି ଯେ, ଗତ ୧୧ ତାରିଖ ରାତିରେ ଏହି ମହିଳା ଜଣଙ୍କ ଏକ ଶୁଦ୍ଧିକର୍ମରେ ଯୋଗ ଦେଇ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ନିଶାସକ୍ତ ଅବସ୍ଥାରେ ତାଙ୍କୁ ବାଟରେ ଅଟକାଇ ଥିଲେ । ସେମାନେ ତାଙ୍କୁ ପାଖ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡିତା ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତନାଘନା ଚଳାଇ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ପଚରାଉଚୁରା କରିଥିଲେ। ପରେ ସେମାନଙ୍କୁ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଛି । ଏହି ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ମଦ କାରବାର ଚାଲିଥିବାରୁ ମଦପିଇ ଲୋକେ ନିଶାସକ୍ତ ଅବସ୍ଥାରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ଘଟାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ବିଲରୁ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

**ଖଲ୍ଲିକୋଟ, ୧୩।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ତୁଳସୀପୁର ଗ୍ରାମ ନିକଟ ମୁଗ ବିଲରେ ଶୁକ୍ରବାର ଅପରାହ୍ଣରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଗ୍ରାମବାସୀ ଦେଖିଥିଲେ। ଏ ନେଇ ଖଲ୍ଲିକୋଟ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ସନ୍ଧ୍ୟାରେ ମୃତଦେହ ଜବତ କରି ସ୍ଥାନୀୟ ମେଡିକାଲକୁ ନେଇଥିଲା। ମୃତ ଯୁବକ ଜଣକ ବ୍ରହ୍ମପୁର ବଡ଼ ବଜାର ଅଞ୍ଚଳର ବସନ୍ତ ସାହୁ (୨୫)। ମୃତଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ରହିଛି। ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ମୃତଦେହ ନିକଟରୁ କେତେଗୁଡ଼ିଏ ବ୍ଲେଡ ପୋଲିସ ଜବତ କରିଛି।

ପୋଲିସର ସୂଚନା ଅନୁଯାୟୀ, ବସନ୍ତ ଗୁରୁବାର ତାଙ୍କ ସାଙ୍ଗ ତୁଳସୀପୁର ଗ୍ରାମର କାଳୁ ପ୍ରଧାନ (୨୦)ଙ୍କ ଘରକୁ ଆସିଥିଲେ। ସନ୍ଧ୍ୟାରେ ଉଭୟେ ବିଲମାଳକୁ ଯାଇଥିଲେ। ସେଠାରେ ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ପାଟିତୁଣ୍ଡ ହୋଇଥିବା ପୋଲିସ ଅନୁମାନ କରୁଛି। ଗୁରୁବାର ରାତିରେ କାଳୁଙ୍କ ବେକ ଧାରୁଆ ବ୍ଲେଡରେ କଟିଥିବାରୁ ସେ ମଧ୍ୟ ଖଲ୍ଲିକୋଟ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ପୋଲିସ କାଳୁଙ୍କୁ ପଚରାଉଚରା କରୁଛି।

ପ୍ରକାଶ ଯେ, ପୂର୍ବରୁ ବ୍ରହ୍ମପୁର ଜିଆର୍‌ପି ଏକ ଲୁଟ୍ ଘଟଣାରେ ବସନ୍ତ ଓ କାଳୁଙ୍କୁ ଗିରଫ କରିଥିଲା। ପରେ ଉଭୟେ ଜାମିନରେ ଆସିଥିଲେ। ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

**ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ହତ୍ୟା ସନ୍ଦେହ**


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ବା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଭାଜପାର ସାଙ୍ଗଠନିକ ନିର୍ବାଚନ କର୍ମଶାଳା

**ଢେଙ୍କାନାଳ ଅଫିସ, ୧୩।୧୨:** ଢେଙ୍କାନାଳ ଜିଲା ଭାଜପାର ସାଙ୍ଗଠନିକ ନିର୍ବାଚନ କର୍ମଶାଳା ଶୁକ୍ରବାର ସ୍ଥାନୀୟ ଗୋପୀନାଥ ଗାର୍ଡେନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ପ୍ରସାଦ ସେଠୀ, ଜିଲା ସାଙ୍ଗଠନିକ ପର୍ଯ୍ୟବେକ୍ଷକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମିଶ୍ର, ସହ-ପର୍ଯ୍ୟବେକ୍ଷକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଚନ୍ଦ୍ର ଗନ୍ତାୟତ ଜିଲା ସହ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ଥିଲେ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ୨୯ ମଣ୍ଡଳର ସଭାପତି ଏବଂ ଜିଲା ପ୍ରତିନିଧିଙ୍କ ନାମ ଘୋଷଣା କରାଯାଇଥିଲା। ନରେଶ ଚନ୍ଦ୍ର ମହାପାତ୍ର, ସୁନୀଲ ଶର୍ମା, ଶତ୍ରୁଘ୍ନ ଜେନା, ରାମଚନ୍ଦ୍ର ପାତ୍ର, ଅଶୋକ କୁମାର ନାୟକ ମଞ୍ଚାସୀନ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ବିଶ୍ୱାଳ, ଜିଲା ଉପସଭାପତି ନବ କିଶୋର ଗୁରୁ, ରତିକାନ୍ତ ସାହୁ, କୃଷ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ପ୍ରେମାନନ୍ଦ ଜେନା, ବିଷ୍ଣୁ ପ୍ରସାଦ ଲେଙ୍କା, ଜିଲା ସଦସ୍ୟତା ପ୍ରଭାରୀ ମାତୃପ୍ରସାଦ ନନ୍ଦ, ଜିଲା ସମ୍ପାଦିକା ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ଚନ୍ଦନ ମହାନ୍ତି, ଧର୍ମାନନ୍ଦ ସେନାପତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ବହୁ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗଦେଇ ସଙ୍ଗଠନର ଭବିଷ୍ୟତ ସମ୍ପର୍କରେ ସୁଚିନ୍ତିତ ମତାମତ ଦେଇଥିଲେ।

■ଜିରାଳ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

# ସିରୋଲିନ, ଶୁଭମ୍, ସମ୍ବିତ, ସ୍ୱୟଂସୁଲେଖା ଶ୍ରେଷ୍ଠ

**ଭୁବନ ୧୩।୧୨(ଡ.ଏନ.ଏ.)**

ଭୁବନ ବ୍ଲକ ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ, କନିଷ୍ଠ ଏବଂ ସର୍ବକନିଷ୍ଠ ବିଭାଗରେ ୧୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସିରୋଲିନ, ଶୁଭମ୍, ସମ୍ବିତ, ସ୍ୱୟଂସୁଲେଖା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହାକୁ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଜଳେଶ୍ୱରଜୀଉ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ସାହୁଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ, ପରିଚାଳନା କମିଟି କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

# ଅସହାୟଙ୍କୁ କମ୍ବଳ ବଣ୍ଟନ



ଆୟୋଜିତ ସଭାରେ ଅତିଥିଙ୍କ ସମେତ ସଚେତନ ନାଗରିକ ଫୋରମ୍‌ର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ବଉଲପୁର ଏବଂ ସଦର ବ୍ଲକ ବେବର୍ତ୍ତାକାଟେଣୀ ଗ୍ରାମରେ ସଚେତନ ନାଗରିକ ଫୋରମ୍ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ବଉଲପୁର ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂଦେଓ, ତାଙ୍କ ସ୍ତ୍ରୀ ମୀନାଲ କୁମାରୀ ଯୋଗଦେଇଥିଲେ। ମୋଟ ୬୦ କମ୍ବଳ ବଣ୍ଟାଯାଇଥିଲା। ଫୋରମ୍‌ର ଜିଲା ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ବ୍ଲକ ସଭାପତି ବାମଦେବ ପରିଡ଼ା, ସମ୍ପାଦକ ସୁଶୀଲ୍ ପରିଡ଼ା, ସାମାଜିକ କର୍ମୀ କୈଳାସ ନାଏକ, ସମିତିସଭ୍ୟା ଧରିତ୍ରୀ ମଲ୍ଲିକ, ସମିତିସଭ୍ୟ ଶେଖର ଚନ୍ଦ୍ର ସେଠୀ, ୱାର୍ଡ ସଭ୍ୟା ଟିଙ୍କିନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଦର ବ୍ଲକ ବେବର୍ତ୍ତାକାଟେଣୀ ଜୁଆଙ୍ଗ ସାହିର ବୃଦ୍ଧାବୃଦ୍ଧଙ୍କୁ ୨୭ଟି କମ୍ବଳ ବଣ୍ଟାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ଆଜବେଷ୍ଟସ୍‌ର ମହାପ୍ରବନ୍ଧକ ରଘୁନାଥ ସିଂ ଅତିଥି ଭାବେ ଯୋଗଦେଇଥିଲେ। ଫୋରମ୍‌ର ଜିଲା ସଭାପତି, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର, ଉପସଭାପତି ପଙ୍କଜ ନାୟକ, ଚକ୍ରଧର ତରାଇ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଶା ନିବାରଣ, ପିଲାଙ୍କୁ ସ୍କୁଲ ମୁହାଁ କରାଇବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ।

ମରଣାନ୍ତକ ଆକ୍ରମଣ ମାମଲା

# ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୧୩।୧୨**

ଢେଙ୍କାନାଳ ସଦର ଥାନା କୁରୁମଟାଙ୍ଗର ଗ୍ରାମରେ ୨୦୧୬ ମେ ୬ରେ ପ୍ରକାଶ ପୃଷ୍ଟିଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ ଘଟଣାର ଅଭିଯୁକ୍ତ ନିବାରଣ ଲେଙ୍କାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ଏବଂ ପ୍ରମିଳା ମହାପାତ୍ର ପରିଚାଳନା କରିଥିଲେ।

ଘଟଣା ଦିନ ପ୍ରକାଶ ପୃଷ୍ଟି ଓରଫ୍ ବଗା ଘରେ ଥିଲେ। ଦଳିତ ସାହିର ନିବାରଣ ତାଙ୍କୁ ଘରୁ ଡାକି ନେଇ ଲୁହା ରଡ୍‌ରେ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରକାଶ ତଳେ ପଡ଼ିଯିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ନଂ.୧୯୦/୧୬ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ସିଟି (ଏସ୍‌ଏସ୍) କେସ୍ ନଂ. ୩୦/୧୮ର ବିଚାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

# ଦୁଇଦିନିଆ ବାର୍ଷିକ କ୍ରୀଡ଼ା



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜଣେ ଛାତ୍ରୀ।

**ଭୁବନ, ୧୩।୧୨(ଡ.ଏନ.ଏ.)**

ନୂଆ ଭୁବନ ହାଇସ୍କୁଲର ୩୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୨ଦିନ ଧରି ଚାଲିବ। ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଶଟପୁଟ, ଡିସକସ ଥ୍ରୋ ସମେତ ମୋଟ ୩୯ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ, କନିଷ୍ଠ ଓ ସର୍ବକନିଷ୍ଠ ବିଭାଗର ୧୭୦ ଜଣ ପ୍ରତିଯୋଗୀ ଭାଗନେଇ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ।

କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ସାହୁ, ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ସ୍ୱାତିଶ୍ରୀ ନାୟକ, ଶିକ୍ଷକ ଦୁଷ୍ମନ୍ତ ମହାରଣା, ଗୁରୁପ୍ରସାଦ ମିଶ୍ର, ପ୍ରମୋଦ ମିଶ୍ର, ସନ୍ତୋଷ ମାଛୁଆ ମହାପାତ୍ର, ଜ୍ୟୋତିଷ ସାହୁ, ପ୍ରଜିତ୍ କିଶୋର ସାହୁ, ପରିଚାଳନା କମିଟି ସଦସ୍ୟ ରାଜକିଶୋର ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ।

# ବରିଷ୍ଠ ଦେୱାନୀ ଅଦାଲତ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୧୩।୧୨**

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଶୁକ୍ରବାର ନୂତନ ବରିଷ୍ଠ ଅଦାଲତ (ଏଲ୍‌ଆରଓଏଲ୍‌ଟିଭି) ଉଦ୍‌ଘାଟିତ ହୋଇଯାଇଛି। ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅଦାଲତର ବିଚାରପତି ଭାବେ ସୁଶୀଲ କୁମାର ସାହୁ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହାଦ୍ୱାରା ଜିଲାବାସୀଙ୍କୁ ସୁଫଳ ମିଳିପାରିବ ବୋଲି ଜିଲା ଦୌରାଜଜ୍ ଆଶାବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ବିରଞ୍ଚି କୁମାର ରଥ, ଅତିରିକ୍ତ ଜିଲାଜଜ୍ ପ୍ରତିମା ପଣ୍ଡା, ରାଜକିଶୋର ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୁକ୍ତିରଞ୍ଜନ ଶତପଥୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସଞ୍ଜିତ ବେହେରା, ବରିଷ୍ଠ ଦେୱାନୀ ବିଚାରପତି ଅଲ୍ପନା ସ୍ୱାଇଁ, ବରିଷ୍ଠ ଦେୱାନୀ ବିଚାରପତି(ମହିଳାଙ୍କ ଅଦାଲତ) ଗୀତାଞ୍ଜଳି ନନ୍ଦ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଭିଜିତ ପୁରୋହିତ, ପ୍ରଥମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୈତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ, ଜିଲା ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ସମ୍ପାଦକ ଟଙ୍କଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


## ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଆମେ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରୂପେ ପାଳନ କରିଆସୁଛୁ । ଶକ୍ତି ସଂରକ୍ଷଣ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ । ସମୟାନୁସାରେ ଶକ୍ତିର ଚାହିଦା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଉଛି । ଉପଲବ୍ଧ ଶକ୍ତିର ସୁବିନିଯୋଗ ଏବଂ ସଂରକ୍ଷଣ କରାଯାଇ ପାରିଲେ ବଳକା ବିଦ୍ୟୁତ୍, ରାଜ୍ୟର ସାମଗ୍ରିକ ପ୍ରଗତିରେ ସହାୟକ ହୋଇପାରିବ । ତେଣୁ ଉଚ୍ଚ ଦକ୍ଷତା ସମ୍ପନ୍ନ ବିଦ୍ୟୁତ୍ ଉପକରଣର ବ୍ୟବହାର ଏବଂ ଆବଶ୍ୟକ ନ ଥିବା ସମୟରେ ସେଗୁଡ଼ିକର ବ୍ୟବହାର ବନ୍ଦ କରାଯିବା ଆବଶ୍ୟକ । ଏତଦ୍ ବ୍ୟତୀତ ଅଧିକରୁ ଅଧିକ ଅକ୍ଷୟ ଶକ୍ତି ବ୍ୟବହାର କରିପାରିଲେ ପରିବେଶ ସୁରକ୍ଷିତ ରହିବା ସହିତ ସୁସ୍ଥ ଜୀବନଯାପନ ସମ୍ଭବପର ହେବ ।

ଏହି ଲକ୍ଷ୍ୟ ହାସଲ ନିମନ୍ତେ ରାଜ୍ୟ ସରକାର ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଆମ ରାଜ୍ୟରେ ଘରୋଇ ଉପଭୋକ୍ତା ତଥା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ସୁଲଭ ମୂଲ୍ୟରେ ଏକ କୋଟିରୁ ଅଧିକ ଏଲ୍.ଇ.ଡି ବଲ୍‌ବ ଯୋଗାଇ ଦିଆଯାଇଛି । ଫଳରେ ହାରାହାରି ୧୫୦ ମେଗାୱାଟ୍‌ର ବିଦ୍ୟୁତ୍ ଉତ୍ପାଦନକୁ ଏଡାଇ ଦିଆଯାଇପାରିଛି । ଏହା ସହିତ ପାନୀୟ ଜଳଯୋଗାଣ ପ୍ରକଳ୍ପ, ସରକାରୀ କାର୍ଯ୍ୟାଳୟ, ବିଶ୍ୱବିଦ୍ୟାଳୟ, ସଦର ମହକୁମା ଚିକିତ୍ସାଳୟ, କୃଷି ଏବଂ ପଶୁପାଳନ ଫାର୍ମ ପ୍ରଭୃତିରେ ଶକ୍ତି ସଞ୍ଚୟକାରୀ ଉପକରଣ ବ୍ୟବହାର କରାଯିବା ଦ୍ୱାରା ଶକ୍ତି ସଂରକ୍ଷଣ କରାଯାଇପାରିଛି ।

ରାଜ୍ୟ ଉଠା ଜଳସେଚନ ନିଗମ ସହଯୋଗରେ ଉଠା ଜଳସେଚନ ପ୍ରକଳ୍ପରେ ବ୍ୟବହୃତ ପୁରାତନ ପମ୍ପ ପରିବର୍ତ୍ତେ ବି.ଇ.ଇ ତାରକା ଚିହ୍ନିତ ପମ୍ପ ବଦଳାଯିବା ସମେତ ପୌର ଅନୁଷ୍ଠାନଗୁଡିକରେ ରାସ୍ତା ଆଲୋକୀକରଣ ପାଇଁ ଏଲ୍.ଇ.ଡି ଲାଇଟ୍ ବ୍ୟବହାର କରାଯାଉଛି । ଶକ୍ତି ସଂରକ୍ଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଏବଂ କର୍ମଶାଳାର ଆୟୋଜନ କରାଯାଉଛି ।

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ କରିବା ସହିତ ଆମ ରାଜ୍ୟକୁ ବିଦ୍ୟୁତ୍ ଶକ୍ତି ସଂଚୟ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାପାଇଁ ନିବେଦନ କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

04001/13/0002/1920

DSPL-197

## ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମାନ୍ୟବର ଶକ୍ତି ମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ଭଳି ଚଳିତ ବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରୂପେ ପାଳନ କରାଯାଉଅଛି । ଏହି ଦିବସର ଗୁରୁତ୍ୱ ଆମେ ସମସ୍ତେ ଅନୁଭବ କରୁଅଛୁ । ରାଜ୍ୟର ଦ୍ରୁତ ପ୍ରଗତି ସହିତ ଶକ୍ତିର ଚାହିଦା ମଧ୍ୟ ବୃଦ୍ଧି ପାଇ ଚାଲିଛି, ଫଳରେ ଚାହିଦା ଏବଂ ଉତ୍ପାଦନ ତଥା ଯୋଗାଣର ବ୍ୟବଧାନ କ୍ରମଶଃ ବଢ଼ିବାରେ ଲାଗିଛି । ଏଥିନିମନ୍ତେ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବ୍ୟବହାର କ୍ରମଶଃ ବୃଦ୍ଧି ପାଉଅଛି ଯାହା ପରିବେଶ ଉପରେ ମାତ୍ରାଧିକ ପ୍ରଭାବ ପକାଉଛି । ତେଣୁ ଆମର ଦୈନନ୍ଦିନ ଜୀବନରେ ଶକ୍ତିର ବ୍ୟବହାର ଶୈଳୀରେ ସାମାନ୍ୟ ସଚେତନତା ଓ ସଂଯମତା ଆଣିପାରିଲେ ବହୁପରିମାଣର ଶକ୍ତି ସଂରକ୍ଷଣ ହେବା ସହ ବାୟୁମଣ୍ଡଳ ପ୍ରଦୂଷଣ ଏବଂ ବିଶ୍ୱ ତାପମାତ୍ରା ହ୍ରାସ କରିବାରେ ସହାୟକ ହୋଇପାରିବ । କେତେକ ସରଳ ଉପାୟ ଅବଲମ୍ବନ ଦ୍ୱାରା ଶକ୍ତି ସଂରକ୍ଷଣ ଅଭିଯାନରେ ଆମ୍ଭେମାନେ ସହଯୋଗ କରିପାରିବା ।

- ଆବଶ୍ୟକ ନଥିବା ସ୍ଥଳେ ଲାଇଟ୍, ପଙ୍ଖା, ଟିଭି, କମ୍ପ୍ୟୁଟର ସୁଇଚ୍‌ଗୁଡ଼ିକୁ ବନ୍ଦ ରଖିବା ।
- ସାଧାରଣ ବଲ୍‌ବ ଏବଂ ସି.ଏଫ୍.ଏଲ୍ ବଦଳରେ ଏଲ.ଇ.ଡ଼ି. ଲାଇଟ୍ ବ୍ୟବହାର କରିବା ।
- ବି.ଇ.ଇ. ଦ୍ୱାରା ତାରକା ଚିହ୍ନିତ ବୈଦ୍ୟୁତିକ ଉପକରଣ ଯଥା–ଫ୍ୟାନ୍, ଏୟାରକଣ୍ଡିସନର୍, ଫ୍ରିଜ୍ ଓ ମୋଟର ପ୍ରଭୃତି ବ୍ୟବହାର କରିବା ।
- ନୂତନ ଘର ନକ୍ସା ପ୍ରସ୍ତୁତ ସମୟରେ ପ୍ରାକୃତିକ ସୂର୍ଯ୍ୟକିରଣ ଆସିପାରୁଥିବାର ବ୍ୟବସ୍ଥା କରିବା ଏବଂ ଘର ଭିତର କାନ୍ଥ ଓ ଛାତରେ ଫିକା ରଙ୍ଗ ଦେବା ସହିତ ବାୟୁ ପ୍ରବାହର ସଠିକ୍ ଉପଯୋଗ ପ୍ରତି ଧ୍ୟାନ ଦେବା ।
- ଗୃହ ନିର୍ମାଣ ପୂର୍ବରୁ ଓଡ଼ିଶା ଶକ୍ତି ସଂରକ୍ଷଣ ଗୃହନିର୍ମାଣ ସଂହିତା (ଓ.ଇ.ସି.ବି.ସି)ର ନିର୍ଦ୍ଦେଶାବଳୀ ଅବଲମ୍ବନ କରିବା ।
- ବ୍ୟବସାୟିକ ପ୍ରତିଷ୍ଠାନ ଏବଂ କଳକାରଖାନାର ଶକ୍ତି ବ୍ୟବହାର ସମୀକ୍ଷା ଓ ଶକ୍ତି ଅପଚୟ ହେଉଥିବା ଦିଗଗୁଡ଼ିକ ପ୍ରତି ଧ୍ୟାନ ଦେଇ ଶକ୍ତି ସଂରକ୍ଷଣ କରିବା ।
- ଅକ୍ଷୟ ଶକ୍ତିର ଉତ୍ସକୁ ପାରମ୍ପରିକ ଶକ୍ତି ସହିତ ସନ୍ତୁଳନ ରଖି ଦକ୍ଷପୂର୍ଣ୍ଣ ଭାବେ ବ୍ୟବହାର କରିବା ଇତ୍ୟାଦି ।

ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣ, ବିଦ୍ୟୁତ୍ ବିତରଣ କମ୍ପାନୀ, ଗୃହ ନିର୍ମାଣ ତଥା କୃଷି ବିକାଶ ସଂସ୍ଥା, ଶିଳ୍ପ ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର ଶକ୍ତି ସଂରକ୍ଷଣ କ୍ଷେତ୍ରରେ ସହଯୋଗ କାମନା କରୁଅଛି ।

ଦିବ୍ୟ ଶଙ୍କର ମିଶ୍ର
(ଦିବ୍ୟ ଶଙ୍କର ମିଶ୍ର)
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ସ୍ୱରାଷ୍ଟ୍ର, ଓଡ଼ିଶା



ବାଲାକୋଟ ଏୟାର ଷ୍ଟ୍ରାଇକ୍‌କୁ ନେଇ କରୁଥିବା ଫିଲ୍ମଟି ଦେଶଭକ୍ତି ଉପରେ ଆଧାରିତ। ଏହି ଦେଶ ପ୍ରେମର ନିଦର୍ଶନ ବିଶ୍ୱବାସୀଙ୍କୁ ପ୍ରେରଣା ଦେବ।

**-ସଞ୍ଜୟ ଲୀଳା ଭଂସାଲି, ବଲିଉଡ୍ ଫିଲ୍ମ ନିର୍ମାତା**

# କ୍ୟାନ୍‌ସର ଦୂରକରେ ଚା

## ଅନ୍ତର୍ଜାତୀୟ ଚା' ଦିବସ

**ନୂଆଦିଲ୍ଲୀ:** ଶୀତଦିନେ ଚା'ର ମଜା ନିଆରା। ଏମିତିକି ଭାରତରେ ଲୋକମାନେ କପେ ଚା'କୁ ଅନେକ ଗୁଡ଼ିଏ ସମସ୍ୟାର ସମାଧାନ ବୋଲି ଭାବନ୍ତି। ଥକାପଣ ମେଣ୍ଟାଇବା, ଥଣ୍ଡା ଆଦି ସମସ୍ୟା ଦୂରେଇବା ଏପରିକି ଅନେକେ ମୁଣ୍ଡବିନ୍ଧା ହେଲେ ପ୍ରଥମେ ଚା ପିଇବାକୁ ପ୍ରାଧାନ୍ୟ ଦେଇଥାନ୍ତି। ଚା'ରେ ତୁଳସୀପତ୍ର ପକାଇ କାଢା ତିଆରି କରାଯାଏ, ଏହାକୁ ସବୁ ରୋଗର ଔଷଧ ବା ମହୌଷଧି କୁହନ୍ତି। ୧୫ ଡିସେମ୍ବରକୁ ଅନ୍ତର୍ଜାତୀୟ ଚା ଦିବସ ପାଳନ କରାଯାଉଛି। ଚା ପିଇବାକୁ



ନେଇ ଡାକ୍ତର କୁହନ୍ତି, ଚା'ରେ ଆଣ୍ଟି ଅକ୍ସିଡେଣ୍ଟ ପଲିଫେନଲ ରହିଛି, ଯାହା ଶୀଘ୍ର ପ୍ରଭାବିତ ହେଉଥିବା ଜୀବାଣୁଙ୍କ ସହ ଲଢ଼େଇ କରିଥାଏ। ଚା ଶରୀରରୁ କ୍ୟାଲୋରୀ ଖର୍ଚ୍ଚ ବଢ଼ାଇବା ସହ ମୋଟାପଣ କମାଇଥାଏ। ଏହାଛଡ଼ା ଚା ଶରୀରରେ ବ୍ରାଉନ୍ ଫ୍ୟାଟ୍ ବଢ଼ାଇବାରେ ସହାଯ୍ୟ କରିଥାଏ। ଏଥିରେ ହ୍ୱାଇଟ୍ ଫ୍ୟାଟ୍ ଅପେକ୍ଷା ମାଇଟୋକଣ୍ଡ୍ରିଆ ଅଧିକ ମାତ୍ରାରେ ରହିଥାଏ। ଫଳରେ ବ୍ରାଉନ୍ ଫ୍ୟାଟ୍ ଶରୀରରୁ କ୍ୟାଲୋରୀ ବର୍ନ କରିବା ସହ ପଚନକ୍ରିୟା ବଢ଼ାଇବାରେ ସହାୟ ହୋଇଥାଏ। ଭିନ୍ନ ଭିନ୍ନ ୧୫ଟି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦିନକୁ ୨ରୁ ୬କପ୍ ଗ୍ରୀନ୍ ଟି ପିଉଥିବା ଜଣେ ବ୍ୟକ୍ତି ୧୨ ସପ୍ତାହ ମଧ୍ୟରେ ଅନ୍ୟମାନଙ୍କ ଅପେକ୍ଷା ଶରୀରରୁ ଅଧିକ ଓଜନ ହଟାଇପାରିବେ। ୪୦ହଜାରରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ନେଇ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି, ପ୍ରତିଦିନ ଚା ପିଇବା ଦ୍ୱାରା ହାର୍ଟ ଡିଜିଜ୍, ଷ୍ଟ୍ରୋକ୍ ଓ କେତେକପ୍ରକାର କ୍ୟାନସର୍ ହେବାର ସମ୍ଭାବନା କମ୍ କରିଥାଏ। ଯେଉଁମାନେ ଦିନକୁ ୫କପ୍ ଗ୍ରୀନ୍ ଟି ପିଇଥାନ୍ତି ସେମାନଙ୍କୁ ହାର୍ଟ ଆଟାକ୍ ହେବାର ଆଶଙ୍କା ୧୬% କମ୍ ଦେଖାଯାଇଥାଏ। ଏଥିସହ ଡାଇବେଟିସ୍ କମ୍ କରିବାରେ ମଧ୍ୟ ଗ୍ରୀନ୍ ଟି ବିଶେଷ ଭାବେ କାର୍ଯ୍ୟ କରେ।

# ପ୍ରଥମ ସାମୁଦ୍ରିକ କବରଖାନା

**କୋଝିକୋଡ:** ସମୁଦ୍ରର ଅଥଳ ଜଳରାଶିଠାରୁ ଆରମ୍ଭ କରି ଏଭେରଷ୍ଟ, ଆମାଜନର ଘଞ୍ଚ ଜଙ୍ଗଲରୁ ସାହାରାର ବିସ୍ତୀର୍ଣ୍ଣ ମରୁପ୍ରାନ୍ତ ଯାଏ ସବୁଠି ମନୁଷ୍ୟକୃତ ଆବର୍ଜନାର ପାହାଡ଼। ଜାଣତ କିମ୍ବା ଅଜାଣତରେ ପ୍ରାକୃତିକ ପରିବେଶରେ ଏପରି ହସ୍ତକ୍ଷେପ ଏବେ ମଣିଷ ଜାତି ପାଇଁ ବୁମେରାଂ ପାଲଟିଛି। ଏହାଦ୍ୱାରା ଯେ କେବଳ ମାନବ ସଭ୍ୟତା ଧ୍ୱଂସ ପାଇବା ଆଶଙ୍କା ରହିଛି ତାହା ନୁହେଁ, ବରଂ ଏହା ଅନ୍ୟ ପ୍ରାଣୀଙ୍କୁ ମଧ୍ୟ ବିଲୁପ୍ତ ଅବସ୍ଥାକୁ ଟାଣିନେଲାଣି। ବଢ଼ୁଥିବା କଂକ୍ରିଟ ଜଙ୍ଗଲ ଏବଂ କମୁଥିବା ସବୁଜ ବନାନୀ ପାଇଁ ଅନେକ ଜୀବଜନ୍ତୁ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ଏପରି ସ୍ଥିତିରେ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାକୁ କେରଳର କୋଝିକୋଡ଼ରେ ନିର୍ମାଣ କରାଯାଉଛି ପୃଥିବୀର ପ୍ରଥମ ସାମୁଦ୍ରିକ କବରଖାନା। ବିଲୁପ୍ତ ହୋଇସାରିଥିବା ମାଛମାନଙ୍କ ପାଇଁ ଏହାକୁ ଉତ୍ସର୍ଗ କରାଯାଇଛି।

ବିଷାକ୍ତ ହେବାରେ ଲାଗିଛି ପରିବେଶ। ଜଳ, ବାୟୁ ଭଳି ପ୍ରାକୃତିକ ତତ୍ତ୍ୱ ଉପରେ ମନୁଷ୍ୟର ଅଯଥା ହସ୍ତକ୍ଷେପ ଜୀବନଚକ୍ରକୁ ପ୍ରଭାବିତ କରୁଛି। ଏଥିରେ ସର୍ବାଧିକ ପ୍ରଭାବିତ ହେଉଛି ସମୁଦ୍ର। ସବୁଜଗ୍ରହ ପୃଥିବୀର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସମୁଦ୍ର ଏବେ ଆବର୍ଜନାକୁଣ୍ଡରେ ପରିଣତ ହେଲାଣି। ଏହାଦ୍ୱାରା କେତେ ଯେ ସାମୁଦ୍ରିକ ଜୀବ ବିଲୁପ୍ତ ହୋଇସାରିଲେଣି ତାହା କଳିବା ଅସମ୍ଭବ। ଖାସ୍ ଏହି କଥାକୁ ଜନମାନସରେ ପ୍ରଚାର କରିବାକୁ ସେଠାକାର ଜିଲା ପ୍ରଶାସନ ଆରମ୍ଭ କରିଛି 'କ୍ଲିନ ବିଚ୍ ମିଶନ'। ଏଥିସହ ପ୍ରଶାସନ, ବେପୋର ପୋର୍ଟ ଏବଂ ଜେଲିଫିସ୍ ୱାଟରସ୍ପୋର୍ଟ୍ସର ମିଳିତ ସହଯୋଗରେ ନିର୍ମାଣ କରାଯାଉଛି ଏହି ସାମୁଦ୍ରିକ କବରସ୍ଥାନ। ସବୁଠାରୁ ମଜାକଥା ହେଉଛି, ଏହାର ଢାଞ୍ଚା ତିଆରି ହେଉଛି ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ୍‌ରେ। ଏହାକୁ ବିଲୁପ୍ତ ହୋଇସାରିଥିବା ୮ ପ୍ରଜାତିର ସାମୁଦ୍ରିକ ମାଛଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି। ଏଥିରେ ରହିଛି ସି-ହର୍ସ, ପ୍ୟାରଟ ଫିସ, ଇଗଲରେସ୍, କଇଁଛ, ଜେବ୍ରା ସାର୍କ, ହାମରହେଡ୍ ଭଳି ବିଲୁପ୍ତ ପ୍ରଜାତିର ସାମୁଦ୍ରିକ ଜୀବ। କେବଳ ଏତିକି ନୁହେଁ, ସ୍ଥାନୀୟ ମଧୁର ଜଳ ମାଛ 'ମିସ୍ କେରଳ'ର ସ୍ମାରକୀ ମଧ୍ୟ ଏଠାରେ ସ୍ଥାନ ପାଇଛି।

ମିଶନ ସମ୍ପର୍କରେ ପୋର୍ଟ ଅଫିସର କ୍ୟାପ୍‌ଟେନ୍ ଅଶ୍ୱିନୀ ପ୍ରତାପ କୁହନ୍ତି, ସିଙ୍ଗଲ ୟୁଜ୍‌ଡ ପ୍ଲାଷ୍ଟିକରୁ ବଢୁଥିବା ପ୍ରଦୂଷଣ ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହା ହେଉଛି ଏକ ପ୍ରତୀକାତ୍ମକ ସ୍ମାରକ। ମଣିଷ ସବୁବେଳେ ଅନ୍ୟ ଜୀବଙ୍କ ଆବାସସ୍ଥଳୀରେ ହସ୍ତକ୍ଷେପ କରୁଛି। ସମୁଦ୍ର, ନଦୀରେ ପ୍ଲାଷ୍ଟିକ ଭଳି ବିପଜ୍ଜନକ ଆବର୍ଜନା ଫିଙ୍ଗିବା ଫଳରେ ଅନେକ ଜୀବ ବିଲୁପ୍ତ ଅବସ୍ଥାକୁ ଆସିଗଲେଣି। ଏହି ସ୍ମାରକ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାରର ସାଂଘାତିକ ପରିଣାମ ବିଷୟରେ ଅବଗତ କରାଇବ। ଏକ ରିପୋର୍ଟ ଅନୁଯାୟୀ ପାଣି ଓ ପବନରେ ବଢୁଥିବା ପ୍ରଦୂଷଣ ଯୋଗୁ ପୃଥିବୀର ୭୦୦ ପ୍ରଜାତିର ଜୀବ ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି।



# ବିକଳ୍ପ ଶକ୍ତି ଭବିଷ୍ୟତର ଭରସା

**ଜାତିସଂଘ:** ବିଶ୍ୱରେ ୧୪ ଡିସେମ୍ବରରେ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି। ଶକ୍ତି କ୍ଷୟ ରୋକିବା ଓ ଏହାର ବିନିଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ଏହି ଦିବସ। ଦୈନନ୍ଦିନ ଜୀବନରେ ଶକ୍ତିର ଉପଯୋଗ ଓ ପରିବେଶ ଉପରେ ଏହାର ପ୍ରଭାବ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଏ। ଶକ୍ତିର ଅଭାବ ଯୋଗୁ ଆଗାମୀ ପିଢି ପାଇଁ ଉପୁଜିବାକୁ ଯାଉଥିବା ସମସ୍ୟା ଉପରେ ସମୀକ୍ଷା କରାଯିବା ସହ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଶକ୍ତିର ଆବଶ୍ୟକତା ଉପରେ ତତ୍‌କଳ ଭାବନା ଜାଗ୍ରତ କରିବାରେ ଏହି ଦିବସ ପ୍ରମୁଖ ଭୂମିକା ନେଇଥାଏ। ଶକ୍ତି ସଂରକ୍ଷଣର ଆବଶ୍ୟକତା ଓ ଶକ୍ତି ଉପଯୋଗରେ ମିତବ୍ୟୟିତା ପ୍ରତି ସଚେତନ କରିବା ଏହି ଦିବସର ଲକ୍ଷ୍ୟ।

ଜଳବାୟୁ ପରିବର୍ତ୍ତନ ହେବା ଦ୍ୱାରା ମଧ୍ୟ ସାଂଘାତିକ ଭାବେ ପାରମ୍ପରିକ ଶକ୍ତିର ଉତ୍ସ କ୍ଷୟ ହେବାରେ ଲାଗିଛି। ଏହାର ମୁକାବିଲା କରି ଶକ୍ତି ସଂରକ୍ଷଣ କରିବା ଲାଗି ଆହ୍ୱାନ ଦିଏ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ। ଅନ୍ୟ ପକ୍ଷରେ ଶକ୍ତିର ଅପବ୍ୟବହାର ବିଶ୍ୱତାପନ ବୃଦ୍ଧି କରୁଛି ଯଦ୍ଦ୍ୱାରା ବିଶ୍ୱ ଜୀବନ ଶୂନ୍ୟ ହେବାର ଆଶଙ୍କା ଉପୁଜିଛି। ଏହାସହ ପାରମ୍ପରିକ ଶକ୍ତିକୁ ଧରି ରଖିଥିବା ସବୁ ଉତ୍ସ ମଧ୍ୟ ନଷ୍ଟ ହେବାରେ ଲାଗିଛି। ମାନବ ଆଧୁନିକ ଜୀବନ ଲାଗି ଶକ୍ତିକୁ ବେଖାତିର ଭାବେ ଉପଯୋଗ କରିବାରେ ଲାଗିଛି। ଏହି ଉତ୍ସ ବାସ୍ତବରେ ସମାଜର ବିକାଶ ଲାଗି ଉଦ୍ଦିଷ୍ଟ। ଖାଦ୍ୟ ,ଆଶ୍ରୟ, ପୋଷାକ, ପାଣି, ପରିମଳ, ଔଷଧ,ପରିବହନ, ଶିଳ୍ପ,ତଥ୍ୟ

## ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ

ହାସଲ କରିବାରେ ବି ଶକ୍ତିକୁ ବିପଜ୍ଜନକ ଭାବେ ବ୍ୟବହାର କରାଯାଉଛି। କୋଇଲା, ପେଟ୍ରୋଲ, ଆଣବିକ ଶକ୍ତି ନିର୍ଦ୍ଦିଷ୍ଟ ପରିମାଣରେ ଏକ ସୀମିତ ସମୟ ଲାଗି ରହିଛି। ଏବେ ଗଚ୍ଛିତ ରହିଥିବା ଜୀବାଶ୍ମ ଇନ୍ଧନ ୪୫ ବର୍ଷ, ଗ୍ୟାସ୍ ୬୫ ବର୍ଷ, କୋଇଲା ୨୦୦ ବର୍ଷ ରହିବ ବୋଲି ଷ୍ଟାଟିଷ୍ଟିକାଲ ରିଭ୍ୟୁ ଅଫ୍ ୱାର୍ଲ୍ଡ ଏନର୍ଜି ପକ୍ଷରୁ ୨୦୧୦ରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଥିଲା। ଏଣୁ ଆଗାମୀ ପିଢି ଲାଗି ବିକଳ୍ପ ଶକ୍ତି ବ୍ୟବସ୍ଥା କରାଯିବା ଆବଶ୍ୟକତା ରହିଛି। ଏହା ହିଁ ଭବିଷ୍ୟତର ଭରସା। ଏବେ ବ୍ୟବହାର କରାଯାଉଥିବା ମୋଟ ଶକ୍ତିର ମାତ୍ର ୫.୫ ପ୍ରତିଶତ ଜଳବିଦ୍ୟୁତ। ଆଣବିକ ଶକ୍ତି ଉତ୍ପାଦନ ବୃଦ୍ଧି ପାଉଥିଲେ ବି ଏହା ବିଶ୍ୱରେ ଆବଶ୍ୟକ ହେଉଥିବା ଶକ୍ତି ୫.୨ ପ୍ରତିଶତ ଯୋଗାଇ ଦେବାକୁ ସମର୍ଥ ହୋଇପାରିବ। ଯେତେଯାହା କଲେ ବି କୌଣସି ଗୋଟିଏ ଶକ୍ତିର ଉତ୍ସ ଜୀବାଶ୍ମ ଇନ୍ଧନର ସ୍ଥାନ ପୂରଣ କରିପାରିବନାହିଁ। ଏହାକୁ ସଂରକ୍ଷଣ କରିବା ବି ସହଜ ନୁହେଁ, କିନ୍ତୁ ବିକଳ୍ପ ଖୋଜାଯିବାର ଆବଶ୍ୟତା ରହିଛି; ଯେହେତୁ ପ୍ରତିବର୍ଷ ବିଶ୍ୱର ଜନସଂଖ୍ୟା ଦ୍ରୁତ ଗତିରେ (୧.୬ ପ୍ରତିଶତ)ବୃଦ୍ଧି ପାଇବାରେ ଲାଗିଛି। ଶକ୍ତିର ସବୁ ଉତ୍ସକୁ ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ।




# ପ୍ରଦୂଷିତ ହେଉଛି ମହାକାଶ

## ପୃଥିବୀକୁ ଫେରାଇ ଅଣାଯିବ ଅଚଳ ଉପଗ୍ରହ

**ଲଣ୍ଡନ:** ଗତ ୬୦ ବର୍ଷ ମଧ୍ୟରେ ମହାକାଶରେ ସାଢ଼େ ୩ ହଜାରରୁ ଅଧିକ ଅଚଳ ଉପଗ୍ରହ ଜମା ହୋଇ ରହିଛି। ଏଠାରେ ସାଢ଼େ ୭ ଲକ୍ଷରୁ ଅଧିକ ଛୋଟ ଛୋଟ ଭଙ୍ଗାରୁଜା ଅଂଶ ମଧ୍ୟ ରହିଛି। ଫଳରେ ମହାକାଶ ପ୍ରଦୂଷିତ ହେବାରେ ଲାଗିଛି। ଘଣ୍ଟାପ୍ରତି ୨୦ ହଜାର କିମି ବେଗରେ ଏହି ଅଚଳ ଉପଗ୍ରହ ଗୁଡ଼ିକ ପୃଥିବୀର ପରିକ୍ରମା କରୁଛନ୍ତି। ଏହା ଦ୍ୱାରା ଭବିଷ୍ୟତରେ ମହାକାଶକୁ ଉପଗ୍ରହ ପଠାଇବାରେ ଅସୁବିଧା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ୟୁରୋପିଆନ୍ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ ୨୦୨୫ଠାରୁ ଏସବୁ ଅଚଳ ଉପଗ୍ରହ ଏବଂ ଭଙ୍ଗାରୁଜା ଟୁକୁଡ଼ାକୁ ପୃଥିବୀ ପୃଷ୍ଠକୁ ଫେରାଇ ଅଣାଯିବା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ପ୍ରଥମ 'ସ୍ପେସ୍ ଜଙ୍କ କଲେକ୍ଟର' ଅଭିଯାନକୁ କ୍ଲିୟର ସ୍ପେସ୍-୧ ଭାବେ ନାମିତ କରାଯାଇଛି। ସୁଇଜରଲାଣ୍ଡର ଏକ ଷ୍ଟାର୍ଟ ଅପ୍ ଦ୍ୱାରା ଏହା କରାଯିବ। ଏଥି ପାଇଁ ୯୪୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଉଛି। ବ୍ରିଟେନ୍ ଏହି ଅଭିଯାନ ପାଇଁ ଶହେ କୋଟି ଟଙ୍କାର ସହାୟତା ଯୋଗାଇ ଦେବ ବୋଲି



କହିଛି। ଏବେ ମହାକାଶରେ ପ୍ରାୟ ୨ ହଜାର ଚଳନକ୍ଷମ ଉପଗ୍ରହ ରହିଛି। ତେବେ ମହାକାଶକୁ ପରିଷ୍କାର ରଖିବା ପ୍ରତିଟି ବିକଶିତ ଦେଶର ପ୍ରଥମ କର୍ତ୍ତବ୍ୟ ବୋଲି ୟୁରୋପିଆନ୍ ମହାକାଶ ଗବେଷଣା ସଂସ୍ଥାର ମହାନିର୍ଦ୍ଦେଶକ ଜୈନ୍ ବୋର୍ନର କହିଛନ୍ତି। ଏନେଇ ନୂଆ ନିୟମ ପ୍ରଣୟନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# କାର୍‌ରେ ଗୁଡ୍ ନ୍ୟୁଜ୍ ପ୍ରମୋଶନ

**ମୁମ୍ବାଇ:** ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ଓ ବଲିଉଡ୍ ବେବୋ କରୀନା କପୁର ଖାଁ ତାଙ୍କ ଅପ୍ କମିଙ୍ଗ ଫିଲ୍ମ ଗୁଡ୍ ନ୍ୟୁଜର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏବେ ଏମାନଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଏମାନେ କାର୍ ଭିତରେ ଫିଲ୍ମର ପ୍ରମୋଶନ କରୁଥିବା ଦେଖାଯାଇଛି। ନିକଟରେ ଅକ୍ଷୟ, କରୀନା, ଦିଲ୍‌ଜିତ ଦୋସାଂଝ ଓ କିୟାରା ଆଡଭାନୀ ଫିଲ୍ମର ପ୍ରମୋଶନ ପାଇଁ ଯିବା ସମୟରେ ଟାଇମ୍ ୱେଷ୍ଟ ନ କରି ରାସ୍ତାରେ ଯିବାବେଳେ ଏକ ଭିଡିଓ ଶୁଟ୍ କରିଥିଲେ। ପରେ ଅକ୍ଷୟ ଏହାକୁ ସୋସିଆଲ ମିଡିଆରେ ଶେୟାର କରିବା ପରେ ଏବେ ଏହା ଭାଇରାଲ ହୋଇଛି। ଭିଡିଓଟି ଅକ୍ଷୟଙ୍କ ପାଖରୁ ଆରମ୍ଭ ହେଉଥିବା ବେଳେ ସେ ଫିଲ୍ମର ଗୀତ ମାନା ଦିଲ୍ ଗାଉଛନ୍ତି। ଅନ୍ୟ କଳାକାରମାନେ ତାଙ୍କ ନିକଟକୁ ଆସିଛନ୍ତି। ଫିଲ୍ମଟି ଚଳିତ ମାସ ୨୭ରେ ରିଲିଜ୍ ହେବାର ଯୋଜନା ରହିଛି।



# ବିଦ୍ୟା ଗଣିତ ସୂତ୍ରରେ ବୁଝାଇଲେ ଫିଲ୍ମର ରିଲିଜ୍ ଡେଟ୍

**ମୁମ୍ବାଇ:** ବଲିଉଡ୍ ଭର୍ସାଟାଇଲ୍ ଅଭିନେତ୍ରୀ ବିଦ୍ୟା ବଲାନ୍ ନିଜ ଦମ୍‌ଦାର ଅଭିନୟ ଜରିଆରେ ଦର୍ଶକଙ୍କ ହୃଦୟରେ ରାଜ୍ କରିଥାନ୍ତି। ନିକଟରେ ସେ ନିଜ୍ ଅପକମିଂ ଫିଲ୍ମ 'ଶକୁନ୍ତଳା ଦେବୀ'ର ଶୁଟିଂ ଶେଷ କରିଛନ୍ତି। ତେବେ ଆଜିକାଲି ଡିଜିଟାଲ ଯୁଗ ହୋଇଥିବାରୁ ବିଦ୍ୟା ବି ନିଜ ଫିଲ୍ମର ସମସ୍ତ ଅପ୍‌ଡେଟ୍ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ଏହାରି ଭିତରେ ସେ ଫିଲ୍ମକୁ ନେଇ ଅନେକ ଫଟୋ, ଭିଡିଓ ନିଜ ଫ୍ୟାନ୍‌ମାନଙ୍କ ସହ ଶେୟାର କରିଛନ୍ତି। ଯେପରି ସମସ୍ତେ ଜାଣିଛନ୍ତି, ବିଦ୍ୟା ନିଜର ପ୍ରତ୍ୟେକ ଫିଲ୍ମରେ ଭିନ୍ନ ଭିନ୍ନ ଗେଟ୍‌ଅପ୍ ସାଙ୍ଗକୁ ଭିନ୍ନ ସ୍ୱାଦର ଅଭିନୟ ନେଇ ଆସିଥାନ୍ତି। ଫିଲ୍ମ 'ଶକ୍ୱୁନ୍ତଳା ଦେବୀ'ରେ ମଧ୍ୟ ସେ ଟିକେ ହଟ୍‌କେ ନଜରକୁ ଆସିବେ, ଯାହାର ଝଲକ୍ ସାମ୍ନାକୁ ଆସିଯାଇଛି। ଏହାସହ ଫିଲ୍ମର ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରାଯାଇଛି, ଯାହାକୁ ନିଜେ ବିଦ୍ୟା ସୋସିଆଲ ମିଡିଆରେ ଜଣାଇଛନ୍ତି।

ଫିଲ୍ମର କାହାଣୀ ଦିବଂଗତ ବିଶିଷ୍ଟ ଗଣିତଜ୍ଞ ଶକ୍ୱୁନ୍ତଳା ଦେବୀଙ୍କ ଜୀବନୀ ଉପରେ ଆଧାରିତ। ଏଣୁ ବିଦ୍ୟା ସମ୍ପୂର୍ଣ୍ଣ ନିଆରା ଢଙ୍ଗରେ ସୋସିଆଲ ମିଡିଆରେ ଅପ୍‌କମିଂ ଫିଲ୍ମ 'ଶକୁନ୍ତଳା ଦେବୀ'ର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ଅନେକଥର କନ୍‌ଫ୍ୟୁଜ୍ କରିବା ପରେ ଶେଷରେ ବିଦ୍ୟା ଫିଲ୍ମର ରିଲିଜ୍ ଡେଟ୍ ସ୍ପଷ୍ଟ ଓ ସିଧା ସିଧା କହିଛନ୍ତି। ପ୍ରକୃତରେ ବିଦ୍ୟା ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ଫିଲ୍ମର ରିଲିଜ୍ ଡେଟ୍‌କୁ ଗଣିତ ସହ ଯୋଡ଼ି ଦର୍ଶକଙ୍କୁ କିଛି ପ୍ରଶ୍ନ ପଚାରିଛନ୍ତି ଏବଂ ଏହାର ସମାଧାନ କରିବାକୁ କହିଛନ୍ତି। ପ୍ରଶ୍ନଗୁଡ଼ିକ ଏତେ ଜଟିଳ ଯେ, ଜଣେ ସହଜରେ ବୁଝିପାରିବେ ନାହିଁ ବା ଉତ୍ତର ଦେଇପାରିବେ ନାହିଁ।

ଭିଡିଓରେ ବିଦ୍ୟା ପୁଣି କହିଛନ୍ତି, ହିସାବ କରିପାରୁ ନାହାନ୍ତି କି? କ'ଣ ଭାବିଥିଲେ! ମୁଁ ଶକୁନ୍ତଳା ଦେବୀ, ଏତେ ସହଜରେ କହିଦେବି? ପୁଣିଥରେ ଚେଷ୍ଟା କରନ୍ତୁ କହି ବିଦ୍ୟା ଇମୋଜି ମାଧ୍ୟମରେ ଫିଲ୍ମର ରିଲିଜ୍ ଡେଟ୍ ଜଣାଇଛନ୍ତି। ଏହା ମଧ୍ୟ ବୁଝିବା ସହଜ ନ ଥିଲା। ଶେଷରେ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି ନ କରି ବିଦ୍ୟା ସିଧା ସିଧା ସବୁ ପ୍ରଶ୍ନର ସମାଧାନ କରି ଜଣାଇଛନ୍ତି ଯେ, ଫିଲ୍ମ 'ଶକୁନ୍ତଳା ଦେବୀ' ୨୦୨୦ ମେ' ୮ରେ ରିଲିଜ୍ ହେବ।



ବିଦ୍ୟା ବଲାନ୍

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

■ରାଜ୍ୟସ୍ତରୀୟ ବରିଷ୍ଠ ଥ୍ରୋ-ବଲ ଚାମ୍ପିୟନଶିପ୍ ଉଦଘାଟନ ଉତ୍ସବ
ସ୍ଥାନ: ଦାଣ୍ଡିମାଳ ସରକାରୀ ହାଇସ୍କୁଲ, ସିମିନଇ
ସମୟ: ପୂର୍ବାହ୍ନ ୧୦ଟା।

■୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ
ସ୍ଥାନ: ସିଭିଲକୋର୍ଟ ପରିସର
ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### ବ୍ଲାକ୍ ସ୍ପଟ୍ ବୁଲି ଦେଖିଲେ ଏସ୍‌ପି

**ଢେଙ୍କାନାଳ ଅଫିସ, ୧୩।୧୨:** ଢେଙ୍କାନାଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ଏବଂ ଭାପୁର ଦେଇ ଯାଇଥିବା ପୁରୁଣାକଟକ-ସମ୍ବଲପୁର ରାସ୍ତାର ଦୁର୍ଘଟଣାପ୍ରବଣ ବ୍ଲାକ୍ ସ୍ପଟ୍‌ଗୁଡ଼ିକୁ ଏସ୍‌ପି ଅନୁପମା ଜେମ୍ ଶୁକ୍ରବାର ପରିଦର୍ଶନ କରିଛନ୍ତି। ସଦର ଥାନା ବଳଦିଆବନ୍ଧଠାରୁ ମୋଟଙ୍ଗା ଥାନା ନିମବାହାଲି ଏବଂ ଶଙ୍କରପୁରଠାରୁ ହିନ୍ଦୋଳ ବ୍ଲକ ହାତୁରା ମଧ୍ୟରେ ୨୭ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇଛି। ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ସାଇନେଜ ଲଗାଯିବ। ଏଥିସହ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏ ଦିଗରେ ପଦକ୍ଷେପ ନେବାକୁ ଆଞ୍ଚଳିକ ପରିବହନ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଏସ୍‌ପିଙ୍କ ପରିଦର୍ଶନ ବେଳେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ମୋଟରଯାନ ନିରୀକ୍ଷକ ଶ୍ରୀବତ୍ସ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

■କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

# ଅବାଧରେ ଚାଲିଛି ମୋରମ ଚାଲାଣ

ରୁପସା, ୧୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲ୍ଲା ରୁପସା ଥାନା ଅନ୍ତର୍ଗତ ୬୦ନଂ. ଜାତୀୟ ରାଜପଥ ଦେଇ ନିୟମିତ ବେଆଇନ ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ପୋଲିସ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଏହାକୁ ରୋକିବା ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବିଭିନ୍ନ ସଂଗଠନ ଓ ଯୁବକ ସଂଘ ତରଫରୁ ଚେତାବନୀ ଦିଆଯାଇଛି। ଉଲ୍ଲେଖନୀୟ ଯେ, ମୟୂରଭଞ୍ଜ ଜିଲାର କେତେକ ଅଞ୍ଚଳରୁ ଦୈନିକ ରାତିରେ ମୋରମ ବୋଝେଇ ଗାଡି ରୁପସା ରାସ୍ତା ଦେଇ ୬୦ନଂ. ଜାତୀୟ ରାଜପଥକୁ ଚଳାଚଳ କରୁଛି। ଭାରିଯାନ ଚଳାଚଳ ଯୋଗୁ ବୈଶିଙ୍ଗା-ରୁପସା ରାସ୍ତା ଓ ରୁପସା-ବସ୍ତା ରାସ୍ତା ନଷ୍ଟ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଅପରପକ୍ଷେ ରାଜସ୍ୱ ବିଭାଗ ଓ ପୋଲିସ ପକ୍ଷରୁ ମୋରମ ବେପାରୀଙ୍କୁ ସୁଯୋଗ ଦିଆଯାଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପୂର୍ବରୁ ବସ୍ତା ତହସିଲ ଅନ୍ତର୍ଗତ ଗଡ଼ପଦା ପଞ୍ଚାୟତର ଲକ୍ଷ୍ମଣଖୁଣ୍ଟା ମୌଜା ଅଞ୍ଚଳରୁ ଅବାଧରେ ସବୁଦିନ ପ୍ରାୟ କୋଟିଏଟଙ୍କାର ମୋରମ ଲୁଟ୍ ହେଉଥିଲା। ପଞ୍ଚାୟତ ତରଫରୁ ଦଳମତ ନିର୍ବିଶେଷରେ ସମସ୍ତ ଜନପ୍ରତିନିଧି ଏହାକୁ ବିରୋଧ କରିବା ପରେ ପ୍ରଶାସନ ବାଧ୍ୟ ହୋଇ ସେଠାରେ ୧୪୪ ଧାରା ଜାରି କରିବା ସହ ମୋରମ ଚାଲାଣକୁ ବନ୍ଦ କରିଛି। ହେଲେ ମୋରମ ବ୍ୟବସାୟୀମାନେ ଏବେ ମୟୂରଭଞ୍ଜ ଅଞ୍ଚଳରୁ ମେସିନ ଯୋଗେ ମୋରମ ଖୋଳି ବାଲେଶ୍ୱର, ମୟୂରଭଞ୍ଜ ଜିଲା ସମେତ ପଡୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିବା ଦେଖାଯାଉଛି। ପ୍ରଶାସନ ସବୁ ଜାଣିଶୁଣି ନୀରବ ରହିବା ନେଇ ସାଧାରଣରେ ନାନା ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସଦର ତହସିଲଦାର ପ୍ରଶାନ୍ତ ପାତ୍ରଙ୍କୁ ପଚରାଯିବାରୁ ବେଆଇନ ମୋରମ ଚାଲାଣ ରୋକିବା ଦିଗରେ ବିଭାଗ ତରଫରୁ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

■ବନ ବିଭାଗ ପକ୍ଷରୁ ଚଢ଼ାଉ

# ବାର୍‌ହା ମାଂସ ଜବତ

ସୋର, ୧୩।୧୨(ଡି.ଏନ.ଏ.)

ସୋର ଥାନା ଅଧୀନ ଔପଦା ରେଞ୍ଜ ଖୁଣ୍ଟାପାଟଣା ବିଟ୍ ବାଘଆମ୍ବୁଡା ଜଙ୍ଗଲରେ ଶୁକ୍ରବାର ବନବିଭାଗ ପକ୍ଷରୁ ଚଢାଉ କରାଯାଇ ବାର୍‌ହା ମାଂସ ସହ ଅସ୍ତ୍ର ଜବତ କରାଯାଇଛି। ଫରେଷ୍ଟ ଗାର୍ଡ ମଞ୍ଜୁଲତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସବୁଜ ବାହିନୀ ଚଢ଼ାଉ କରିଥିଲେ। ଚଢାଉ ବେଳେ ୧୫ କେଜି ବାର୍‌ହା ମାଂସ ଜବତ କରାଯାଇଛି। ବନ ବିଭାଗ ଓ ସବୁଜ ବାହିନୀ କର୍ମଚାରୀଙ୍କୁ ଦେଖି ଶିକାରୀ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ମାଂସ ସହ ଶିକାରରେ ବ୍ୟବହାର ହୋଇଥିବା ଧନୁତୀର ଜବତ କରାଯାଇଛି। ରେଞ୍ଜର ବବିତା ସରେନ୍, ରେଞ୍ଜର ସୁରମା ମଞ୍ଜରୀ ଦାସ ଏହି ଘଟଣାର ତଦନ୍ତ କରୁଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଢେଙ୍କାନାଳ ଅଫିସ, ୧୩।୧୨

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ତୃତୀୟ ବୈଠକ ସ୍ଥାୟୀ ସଭାପତି ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଖଳିଆ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ ଭାବେ ୧୫ଜଣଙ୍କ ନାମ ପଞ୍ଜୀକରଣ କରାଯାଇଛି। ଏଥିସହ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏହି ଅବସରରେ ବରିଷ୍ଠ ନାଗରିକ ପୀତବାସ ଦାସଙ୍କ ବିୟୋଗରେ ସ୍ମୃତିଚାରଣ କରାଯାଇଥିଲା। ଉପସଭାପତି କାଳିନ୍ଦୀ ଚରଣ ସାହୁ ଆହ୍ୱାନ କବିତା ଗାନ କରିଥିବାବେଳେ ମୁଖ୍ୟ ଉପଦେଷ୍ଟା ଭିକାରୀ ଚରଣ ରାଉତ ଉଦ୍‌ବୋଧନ ଦେଇଥିଲେ। ବିପିନ ବିହାରୀ ସିଂ, ଦଣ୍ଡଧର ସାହୁ, ଉପେନ୍ଦ୍ର ରାଉତ, କୈଳାସ ଚନ୍ଦ୍ର ପୃଷ୍ଟି, ଦୋଳଗୋବିନ୍ଦ ପଲାଇ, ପୀତବାସ ରାଉତ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତ ଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ବର୍ଷେ କାରାଦଣ୍ଡ

ଢେଙ୍କାନାଳ ଅଫିସ, ୧୩।୧୨

ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ବେଲପଡ଼ା ଗ୍ରାମରେ ୨୦୧୪ରେ ସଂଘଟିତ ଏକ ମହିଳା ଅସଦାଚରଣ ମାମଲାର ରାୟ ସିଭିଲ ଜଜ୍ ସିନିୟର ଡିଭିଜନ ମହିଳା ଅଦାଲତରେ ଶୁକ୍ରବାର ପ୍ରକାଶ ପାଇଛି। ବିଚାରପତି ଗୀତାଞ୍ଜଳି ନନ୍ଦ ଅଭିଯୁକ୍ତ ଅନଙ୍ଗ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ୧୫ଦିନ ଅଧିକ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ସେପ୍ଟେମ୍ବର ୧୦ ରାତି ପ୍ରାୟ ୯ଟାରେ ବେଲପଡ଼ା ଗ୍ରାମର ସମ୍ପୃକ୍ତ ମହିଳା ପରିସ୍ରା କରିବାକୁ ଯାଉଥିବାବେଳେ ଅନଙ୍ଗ ମନ୍ଦ ଉଦ୍ଦେଶ୍ୟ ରଖି ଚଣାଓଟରା କରିଥିଲେ। ମହିଳା ଜଣକ ପାଟି କରିବାରୁ ଅଭିଯୁକ୍ତ ଧମକଚମକ ଦେଇ ଫେରାର ହୋଇଯାଇଥିଲେ। ଏ ନେଇ ନଂ. ୧୫୮/୧୪, ଦଫା ୩୫୪, ୫୦୬ରେ ମାମଲା ରୁଜୁ କରାଯାଇଥିଲା। ମାମଲାର ଜିଆର କେସ୍ ନଂ. ୯୫୬/୧୪ର ବିଚାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପୁଷ୍ପକ ତ୍ରିପାଠୀ, ଅଦ୍ୱୈତ ବାରିକ, ଲକ୍ଷ୍ମୀଧର ପଣ୍ଡା, ସୁଶାନ୍ତ ହୋତା ମାମଲା ପରିଚାଳନା କରିଥିଲେ।

■ୱାର୍ଡସଭ୍ୟଙ୍କୁ ଆକ୍ରମଣ ମାମଲା

# ଦୁଇ ସପ୍ତାହ ପରେ ଜଣେ ଗିରଫ

ଢେଙ୍କାନାଳ ଅଫିସ,୧୩।୧୨

ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ପଞ୍ଚାୟତର ୱାର୍ଡସଭ୍ୟ ଜଗମୋହନ ସାହୁଙ୍କ ଉପରେ ନଭେମ୍ବର ୨୭ରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଦୁର୍ନୀତି ବିରୋଧରେ ମୁହଁ ଖୋଲିବାରୁ ଅଞ୍ଚଳର ୨ଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାର ୨ସପ୍ତାହ ପରେ ଶୁକ୍ରବାର ଢେଙ୍କାନାଳ ଟାଉନ ପ୍ଲାନିଂ ଅଞ୍ଚଳରୁ ଅଭିଯୁକ୍ତ ଅଜୟ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ଅନ୍ୟତମ ଅଭିଯୁକ୍ତ ସୁବ୍ରତ ସାହୁ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ପଞ୍ଚାୟତରେ ବିଭିନ୍ନ ଯୋଜନାରେ ହେଉଥିବା ଦୁର୍ନୀତିର ପର୍ଦ୍ଦାଫାଶ କରିବାକୁ ଜଗମୋହନ ଆର୍‌ଟିଆଇରେ ତଥ୍ୟ ମାଗିବାକୁ ଅଣ୍ଟା ଭିଡ଼ିଥିଲେ। ୨୭ ତାରିଖରେ ଆବେଦନ କରିବାକୁ ବ୍ଲକ କାର୍ଯ୍ୟାଳୟକୁ ଆସିଥିବାବେଳେ ସମ୍ପୃକ୍ତ ୨ଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଜଗମୋହନଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ. ୩୬୩/୧୯, ଦଫା ୩୪୧, ୨୯୪, ୩୨୩, ୩୨୪, ୩୭୯, ୫୦୬ ଓ ୩୪ରେ ମାମଲା ରୁଜୁ କରାଯାଇଛି।

## ଆବାସ ଯୋଜନା ଅର୍ଥ ହଡ଼ପ

# ପିଇଓ, ପୂର୍ବତନ ଜିଆରଏସ୍‌ଙ୍କୁ ନୋଟିସ

ଢେଙ୍କାନାଳ ଅଫିସ, ୧୩।୧୨

ଢେଙ୍କାନାଳ ସଦର ବ୍ଲକ ଭାଲିଆବୋଲକାଟେଣୀ ଏବଂ ଲମ୍ବୋଦରପୁର ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଥ୍ୟା ବିଲ କରି ୨ ଜଣ ହିତାଧିକାରୀଙ୍କ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଭାଲିଆବୋଲକାଟେଣୀର ପିଇଓ ଏବଂ ପୂର୍ବତନ ଜିଆରଏସ୍‌ଙ୍କୁ ପତ୍ର ନଂ. ୫୧୫୮, ତା. ୧୨।୧୨।୧୯ରେ ବିଡିଓ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଉଭୟ ହିତାଧିକାରୀଙ୍କ ଛାତ ଯାଏ ଘର ନିର୍ମାଣ ସରିଥିବା ଦର୍ଶାଯାଇଥିଲା। ହେଲେ ତଦନ୍ତରୁ ହିତାଧିକାରୀମାନେ ଆଦୌ ଘର ନିର୍ମାଣ କରି ନ ଥିବା ଜଣାପଡ଼ିଛି। ଘରର ମିଥ୍ୟା ଫଟୋ ଉଠାଇ ୯୦ହଜାର ଟଙ୍କା ଲେଖାଏ ବିଲ୍ କରି ହଡ଼ପ କରାଯାଇଛି। ଏ ନେଇ ବ୍ଲକ କର୍ତ୍ତୃପକ୍ଷ ପିଡି ଡିଆର୍‌ଡିଏଙ୍କୁ ଅବଗତ କରିଛନ୍ତି।

# ୩ ବଖରା ଜଳିଗଲା

ଖଇରା,୧୩।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ବରଗଡି ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ରତ୍ନାକର ମଲ୍ଲିକଙ୍କ ୩ ବଖରା ଜଳିଯାଇଛି। ଫଳରେ ମଲ୍ଲିକଙ୍କ ଧାନ ଚାଉଳ ସମେତ ମୋଟ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ସୋର ଓ ଖଇରା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।


## ନିୟନ୍ତ୍ରିତ ବଜାର କମିଟି, ପାଳଲହଡ଼ା

### ଧାନକ୍ରୟ ବିଜ୍ଞାପନ – ୨୦୧୯–୨୦

ଏତଦ୍ୱାରା ପାଳଲହଡା ଉପଖଣ୍ଡର ସମସ୍ତ ଚାଷୀଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୯–୨୦ ଖରିଫ ବର୍ଷର ଉତ୍ପାଦିତ ଧାନ ସେବା ସମବାୟ ସମିତି ମାଧ୍ୟମରେ ତା.୧୬.୧୨.୨୦୧୯ ରିଖ ଠାରୁ ତା.୩୦.୦୪.୨୦୨୦ ରିଖ ପର୍ଯ୍ୟନ୍ତ ଧାନକ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି। ଧାନକ୍ରୟ କେନ୍ଦ୍ରଠାରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଧାନ ଗ୍ରହଣ କରାଯିବ। ଧାନକ୍ରୟ କେନ୍ଦ୍ରକୁ ଆସୁଥିବା ଧାନ ଏଫଏକ୍ୟୁ (FAQ) ମାନର ହୋଇଥିବା ଆବଶ୍ୟକ।

| କ୍ର. ସଂ. | ପଞ୍ଚାୟତ ସମିତିର ନାମ | ସମବାୟ ସମିତିର ନାମ | ଗ୍ରାମ ପଞ୍ଚାୟତର ନାମ | ଗ୍ରାମର ନାମ | ଧାନ କ୍ରୟ କେନ୍ଦ୍ର ପାଇଁ ପ୍ରତି ମାସର ଧାର୍ଯ୍ୟ ଦିବସ |
|---|---|---|---|---|---|
| ୧. | ପାଳଲହଡ଼ା | ଲଞ୍ଜିଡ | ଇଞ୍ଜିଡ (ଅଂଶ) | ଇଞ୍ଜିଡ, ମାନଧାତା, ତିଳେଇପଶି, କୁସୁରିଆ, ଦେବାହାଲି, ରେଙ୍ଗାଲମୁଣ୍ଡା, ମଲାରବେଡା, ରଘୁନାଥପୁର, ସାଆନ୍ଦା, ଜଗନ୍ନାଥପୁର, | ସୋମବାର ଓ ମଙ୍ଗଳବାର |
| | | | ରୋହିଲା | ରୋହିଲା, ରଙ୍ଗିଆପାଳ, ଭୋଜପୁର, କଂସର ମଗରମୁହାଣ, ହଂସଳା, ବାଙ୍ଗୋଲ, ଷଣ୍ଢମୁଣ୍ଡା, ବେଣିପଥର, ଜାଉଁଳିବନ୍ଧ, ବିଜାଗୋଠ, ତଣ୍ଡିବେରେଣୀ। | |
| ୨. | ପାଳଲହଡ଼ା | ଖମାର | ଖମାର | ଖମାର, ଜେନାପଡା, ନୂଆପଡା, ସାହୁପଡା, ସତ୍ୟବନ୍ଧ, ଜିତଡିମିରିଆ, କୁଟାରୀମୁଣ୍ଡା, ନୁଥୁରିପଶି, କୋଠିଆବେଡା, ଓଡଶ, ଗୁନାପାଳ, ତୁଣ୍ଡୁଡିମୁଣ୍ଡା, ବାସୁଦେବପୁର | ମଙ୍ଗଳବାର |
| | | | ପରାଛାଟ | ପରାଛାଟ, ଭାଲୁକୀ, ଖଣ୍ଡିଆପଶି, ଗୋଦାରମୁଣ୍ଡା, ବରକଳାପାଳ, ଡଙ୍ଗାମଙ୍ଗ, କଲଣ୍ଡା, ପଟାଟାଙ୍ଗର, କରଡାଖମଣ, ପୁରୁଣାପାଣି | |
| ୩. | ପାଳଲହଡ଼ା | ଶଙ୍ଖମୂର | ଶଙ୍ଖମୂର | ଶଙ୍ଖମୂର, ରାଜାମୁଣ୍ଡା, ଜାମୁଆ, ବେଶାଲିଆ, ବୈଦେହୀପୁର, ବୈଦ୍ୟନାଥପୁର, ଗାରଡମୁଣ୍ଡା, ଖଣ୍ଡବେଡା, ରଞ୍ଜା, ପିଟା, ଖାରଜିଲିଣ୍ଡା, କେଉଟମୁଣ୍ଡା, ପାଣିହରା | ବୁଧବାର |
| ୪. | ପାଳଲହଡ଼ା | ମୁଣ୍ଡୁରିବେଡା | ମୁଣ୍ଡୁରିବେଡା, ଆଲୋରୀ | ମୁଣ୍ଡୁରିବେଡା, ସିଆରିମାଲିଆ, ଆଲୁରୀ, ଭେଟିଆ, ଗୁରୁଗୁରା, ନୂଆଗାଁ, ପରମାନନ୍ଦପୁର, ବିଜାଗୋଠ, ନାରାୟଣ ଚନ୍ଦ୍ରପୁର, ସାପଝରା, ବିରାଳମୁଣ୍ଡା | ସୋମବାର |
| ୫ | ପାଳଲହଡା | ବଡସଡା | ବଡସଡା | ବଡସଡା, ପଦାପଶି, ତାମ୍ପୁର, ଗୁରୁମୁଣ୍ଡା, ଖଣଡାପଶି, ସାନସଡା, ନିମିରିବେଡା, ତାଳବାହାଳି, ଖଣ୍ଡାପଶି କଲୋନୀ, ବ୍ରିତିକୃଷ୍ଣପୁର, ଗୋପୀନାଥପୁର, ଖାଲପାଳ | ମଙ୍ଗଳବାର |
| | | | କ୍ଷେମଳା | କ୍ଷେମଳା, ବନର, ବାଲିପଶି, ଫୁଲଝରୀ, ରୋହିଦା, ରେଙ୍ଗାଲମୁଣ୍ଡା, ବାରକୋଟିଆ | |
| | | | କରଡାପାଳ | କରଡାପାଳ, ମୁନିପାଳପୁର, ବାଙ୍ଗୋଲ, ବନ୍ଧକାନୀ, ଜୟମଲ | |
| ୬ | ପାଳଲହଡା | ଡିମିରିଆ | ଡିମିରିଆ | ଡିମିରିଆ ଝିମିରିପାଲି, ରଞ୍ଜୋ, ଭେଜିପଦା, ଦେବାହାଳି, ଚାନ୍ଦପଙ୍କ, ପ୍ରଭାଶୁଣି, କୁଟୁରିଆ, ଖଜୁରିଆ, ନୂଆସିଡିଙ୍ଗ, ବାଗଦରୀ | ଶନିବାର |
| | | | ବଡିସୁଆଁ | ବଡିସୁଆଁ, ରେଙ୍ଗାଳି, କରଡା, ରଞ୍ଜଣା, ତିରିଶି, ପୁରୁଣାପାଣି, ତାଳବାହାଳି, ଝରିଆଖମଣ, ଝରବାହଳ, କୁମ୍ଭିବାହାଳ | |
| | | | କରଡାପାଳ | ସହରଗୁରୁଜାଙ୍ଗ, ମାଙ୍କଡଗୁଆ, ନୂଆଗାଁ, ଗୁରୁଣ୍ଡିଆମୁଣ୍ଡା, ମୁନିପାଳପୁର, ମହାଳସରୁଆ | |
| ୭ | ପାଳଲହଡା | ନିଜିଗଡ | ନିଜିଗଡ | ପାଳଲହଡା, ପାଟବେଡା, କାଇଁସିରିପାଲି, ମୁଟୁରିଗାଡିଆ, ମୁଣ୍ଡାପୁର | ସୋମବାର |
| | | | ଈଶ୍ୱରନଗର | ଈଶ୍ୱରନଗର, ଚମ୍ପର, ଗୋଡାପଦା, ସମଳ | |
| | | | ବାଲିପଶି | ଫପଣ୍ଡ, ବାଲିପଶି, କଣ୍ଡରାପାଲି, କେଲପଶି | |
| | | | ଶିଗଡ | ଶିଗଡ, ନାଇକାଣିପାଲି, ସାମିଆଁପାଲି | |
| | | | ବନ୍ଧାଭୁଇଁ | ଇତି, ସିଆରିଆ, ବନ୍ଧାଭୁଇଁ | |
| ୮ | ପାଳଲହଡା | ଚଷାଗୁରୁଜାଙ୍ଗ | ଚଷାଗୁରୁଜାଙ୍ଗ | ଚଷାଗୁରୁଜାଙ୍ଗ, ଉଦୟପୁର, ଶୁଣବ, ଧୁବୁରିପାଲି | ଶନିବାର |
| | | | ପବିତ୍ରପୁର | ସିଆରିମାଲିଆ, ପବିତ୍ରପୁର, ବଡବାଗଦରୀ, ସାନବାଗଦରୀ, ପରା, ପରାମୁଣ୍ଡା, କଂସର, ଶିବଗ୍ରାମପୁର, ହରିପୁର, ମହୀଧରପୁର | |
| ୯ | ପାଳଲହଡା | ସଇତା | ସଇତା | ସଇତା, କନ୍ତଳା, ତାଲୋ, ରଜାମୁଣ୍ଡା, ଯୋଲଣ୍ଡା | ଶନିବାର |
| | | | ପେଚାମୁଣ୍ଡି | ଅଟନକା, ଶିମିଳିପାଳ, ପେଚାମୁଣ୍ଡି, ଯୋକପାଣି, ଶ୍ୟାମସୁନ୍ଦର ପୁର, ତୁଲପାଣି | |
| | | | ଶିଗଡ | ଟିମି, କଂପରକଳା | |
| | | | ବନ୍ଧାଭୁଇଁ | ଜମରଡିହି, ଭୀମକାଣ୍ଡ, ଗୋପପୁର, ଗଣେଶ୍ୱରପୁର, ତୁଡ଼ିପାଣି | |
| ୧୦ | ପାଳଲହଡା | ଝାରବେଡା | ଝାରବେଡା | ଝାରବେଡା, ଝରାଲୋ, ବର୍ଣ୍ଣମୁହାଣ, ରାଇପାଳ, ଜାମୁଆ, ବୋଇତାସରେଇ, ଶୁଣବନାଳୀ, କଦଳୀବାରୀ, ଟେଣ୍ଟେଇନାଳି, ତାଳବାହାଳି | ବୁଧବାର |
| | | | ନମପଶି | ନମପଶି, ନମଗାଁ, ଛେଳିଆବେଡା, ଛେଳିଆବେଡା କଲୋନୀ, ବାଦିବାହାଳ, ମହୁରାପାଣି, ଜମରା, କଣ୍ଡାନାଳି, ତପୁଝରଣ | |
| ୧୧ | ପାଳଲହଡା | କୁଞ୍ଜାମ | କୁଞ୍ଜାମ | କୁଞ୍ଜାମ, ସାନଧରାଗୋଠ, ଡଙ୍ଗାପାଳ, ଛାଞ୍ଚୁଣିଆ, ପ୍ରିୟବ୍ରତପୁର, ପଟାଙ୍ଗ, ଖୋଲମୁଣ୍ଡା | ବୁଧବାର |
| | | | ରଜଡଙ୍ଗ | ରଡଡଙ୍ଗ, ବଡବାଲିପଶି, ବଡଗୁଣ୍ଡ, ପାଉଁସିଆ, ଗଞ୍ଜେଇମୁଣି, ବ୍ରିତିକୃଷ୍ଣପୁର | |
| | | | ଇଞ୍ଜିଡ | ସାପଝରା, ଜଗନ୍ନାଥପୁର | |

ସରକାରଙ୍କ ପକ୍ଷରୁ ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନରେ ଦିଆଗଲା।

| କ୍ର.ନଂ. | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) |
|---|---|---|
| ୧. | ସାଧାରଣ ମାନ (FAQ) | ୧୮୧୫.୦୦ ଟଙ୍କା |
| ୨. | ଗ୍ରେଡ୍-ଏ କିସମ ଧାନ | ୧୮୩୫.୦୦ ଟଙ୍କା |

ଗୁଣାତ୍ମକ ଧାନର ମାନ-ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଓ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତଯୁକ୍ତ ହୋଇନଥିବ।

| କ୍ର.ନଂ. | ଧାନରେ ମିଶ୍ରିତ ବାହ୍ୟ ପଦାର୍ଥ | ଏଫଏକ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡି, ପଥର ବା ଧୂଳି ଆଦି ଅଜୈବିକ ପଦାର୍ଥ | ୧% |
| ୨. | କାଠି, କୁଟା, ଧୁସ, ଅଗାଡି ବା ପୋଲ ଆଦି ଜୈବିକ ପଦାର୍ଥ | ୧% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକରା ଇତ୍ୟାଦି | ୫% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ଓ ସଂକୁଚିତ ଇତ୍ୟାଦି | ୩% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଏ-ଗ୍ରେଡ୍ ନିମନ୍ତେ) | ୩% |
| ୬. | ଆର୍ଦ୍ରତା ଓ ଜଳୀୟ ଅଂଶ | ୧୭% |

ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ପାଳଲହଡା

ସ୍ୱା./– ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ପାଳଲହଡା



## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ନୟାପଲ୍ଲୀ ଶାଖା**
୩/୧୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨/୫୨୩

### ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

**ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ସମ୍ପୂର୍ଣ୍ଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ବାସନ୍ତି ସ୍ୱାଇଁ,** ସ୍ୱାମୀ: ବିଜୟ ପ୍ରସାଦ ସ୍ୱାଇଁ, ବାସସ୍ଥାନ ଠିକଣା- ସା/ ପୋ: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୨୦୬୦ | ଟ.୫୬,୫୮,୦୫୪/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ବାସନ୍ତି ସ୍ୱାଇଁ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୭, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶିଶୁ ଉଦ୍ୟାନ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୬, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ସୁଜିତ କୁମାର ହାଜରା,** ପିତା: ରଞ୍ଜିତ କୁମାର ହାଜରା, ବାସସ୍ଥାନ ଠିକଣା- ସା: ଇ-୭୫, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଶିବ ମନ୍ଦିର ନିକଟ, ଭୁବନେଶ୍ୱର-୭୫୧୦୦୩ | ଟ.୩୪,୭୦,୧୩୯/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁଜିତ କୁମାର ହାଜରା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୭, ପ୍ଲଟ୍ ନଂ.: ୭୭/୨୩୨୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୦.୯୯ଡିସିମିଲି (ଯାହାକି ୧୩୫୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୧, ଉତ୍ତର: ଡେଭେଲପର୍ସଙ୍କ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୩। |
| **ଋଣଗ୍ରହୀତା: ଶ୍ରୀ ଜୟଦେବ ପଣ୍ଡା,** ପିତା: ସଦାଶିବ ପଣ୍ଡା, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଥାନା: ଲିଙ୍ଗରାଜ, ଭୁବନେଶ୍ୱର | ଟ.୭୩,୪୫,୫୮୪/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜୟଦେବ ପଣ୍ଡା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୨, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୦, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୨୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୧୯, ପୂର୍ବ: ସବ୍ ପ୍ଲଟ୍ ନଂ. ୨୩, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ବଟକୃଷ୍ଣ ବେହେରା,** ପିତା: ବଳରାମ ବେହେରା, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୭୨, ଗୌତମ ନଗର, ବିଜେବି ନଗର, ଥାନା: ବଡ଼ଗଡ଼, ଭୁବନେଶ୍ୱର-୭୫୧୦୧୪ | ଟ.୩୪,୦୪,୭୯୨/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ବଟକୃଷ୍ଣ ବେହେରା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୪, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୧୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୧୪, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୧୬, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧୨। |
| **ଋଣଗ୍ରହୀତା: ଶ୍ରୀ ସୁଶାନ୍ତ କୁମାର ପାତ୍ର,** ପିତା: ଗଙ୍ଗାଧର ପାତ୍ର, ବାସସ୍ଥାନ ଠିକଣା- ସା: ମଙ୍ଗଳପୁର, ସୁହାଗପୁର, ପୁରୀ-୭୫୨୧୦୪ | ଟ.୫୨,୦୮,୯୫୧/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁଶାନ୍ତ କୁମାର ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୯ଡିସିମିଲି (ଯାହାକି ୧୩୦୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୪, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ସବ୍ ପ୍ଲଟ୍ ନଂ. ୫, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧ ଏବଂ ଅନ୍ୟ ରେଭିନ୍ୟୁ ପ୍ଲଟ୍। |
| **ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ,** ସ୍ୱାମୀ: ଅଜୟ କୁମାର ପ୍ରଧାନ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ଇଏ/୩୧, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ଟ.୫୨,୨୨,୪୧୧/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ସରସ୍ୱତୀ ପ୍ରଧାନ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୧, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୭ଡିସିମିଲି (ଯାହାକି ୧୬୧୨ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଡେଭେଲପର୍ସଙ୍କ ଅଂଶ, ପୂର୍ବ: ସବ୍ ପ୍ଲଟ୍ ନଂ. ୩୬, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୪। |
| **ଋଣଗ୍ରହୀତା: ଶ୍ରୀ ବିନୟ କୁମାର ସୁଆର,** ପିତା: ମୁରଲୀଧର ସୁଆର, ବାସସ୍ଥାନ ଠିକଣା- ସା/ପୋ: ଭିଲ୍ଲିଗ୍ରାମ, ଭାୟା: ନିମାପଡା, ପୁରୀ-୭୫୨୧୦୬ | ଟ.୫୧,୩୫,୭୧୨/- (+ ସୁଧ) | ୧୧.୦୬.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ବିନୟ କୁମାର ସୁଆର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୯.୩୯ଡିସିମିଲି (ଯାହାକି ୧୨୮୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୫, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୪। |
| **ଋଣଗ୍ରହୀତା: ଶ୍ରୀ ଜଗନ୍ନାଥ ଦାସ,** ପିତା: ଭାଗିରଥି ଦାସ, ବାସସ୍ଥାନ ଠିକଣା- ପ୍ଲଟ୍ ନଂ.: ୫୬୪, ନିକୋ ପାର୍କ ରୋଡ଼, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ | ଟ.୫୦,୪୯,୫୩୦/- (+ ସୁଧ) | ୧୧.୦୬.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜଗନ୍ନାଥ ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୭.୫୪ଡିସିମିଲି (ଯାହାକି ୧୨୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୫/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪, ପୂର୍ବ: ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍। |
| **ଋଣଗ୍ରହୀତା: ଶ୍ରୀ କରୁଣାକର ପଣ୍ଡା,** ପିତା: ସଦାଶିବ ପଣ୍ଡା, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୧୦୦୨ | ଟ.୫୭,୬୨,୩୭୬/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ କରୁଣାକର ପଣ୍ଡା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୫୬୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୮୪ଡିସିମିଲି (ଯାହାକି ୧୩୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୪/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ସବ୍ ପ୍ଲଟ୍ ନଂ. ୪, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୧ ଏବଂ ଅନ୍ୟ ରେଭିନ୍ୟୁ ପ୍ଲଟ୍। |
| **ଋଣଗ୍ରହୀତା: ଶ୍ରୀ ଶ୍ରୀମନ୍ତ କୁମାର ପାତ୍ର,** ପିତା: ଗଙ୍ଗାଧର ପାତ୍ର, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ଜଗନ୍ନାଥପୁର ପାଟଣା, ଭୁବନେଶ୍ୱର-୭୫୧୦୦୨ | ଟ.୫୧,୬୦,୭୭୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଶ୍ରୀମନ୍ତ କୁମାର ପାତ୍ର**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୩, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୫.୩ଡିସିମିଲି (ଯାହାକି ୧୧୦୨ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୦୬/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୭୭, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୦୬, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୭୭। |
| **ଋଣଗ୍ରହୀତା: ଶ୍ରୀ ଅର୍ଜୁନ ପଣ୍ଡା,** ପିତା: ବିଷ୍ଣୁ ପଣ୍ଡା, ବାସସ୍ଥାନ ଠିକଣା- ସା: ଜଗନ୍ନାଥପୁର ପାଟଣା, ଥାନା: ଧଉଳି, ଭୁବନେଶ୍ୱର-୭୫୧୦୦୨ | ଟ.୫୭,୮୧,୧୫୦/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଅର୍ଜୁନ ପଣ୍ଡା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୬.୧୭ଡିସିମିଲି (ଯାହାକି ୧୧୪୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୦, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୨, ପୂର୍ବ: ପ୍ଲଟ୍ ନଂ. ୭୭ର ଅବଶିଷ୍ଟ ଅଂଶ, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀମତୀ ନନ୍ଦିନୀ ଲେଙ୍କା,** ସ୍ୱାମୀ: ଛବି ଲେଙ୍କା, ବାସସ୍ଥାନ ଠିକଣା- ସା: ଦଣ୍ଡିରୀ, ପୋ: ରାସୋଲ, ଢେଙ୍କାନାଳ-୭୫୯୦୨୧ | ଟ.୫୧,୭୨,୪୮୯/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ନନ୍ଦିନୀ ଲେଙ୍କା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୩ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୯/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୩୯ର ଅବଶିଷ୍ଟ ଅଂଶ, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୧। |
| **ଋଣଗ୍ରହୀତା: ଶ୍ରୀ ଅମିତ ସାହୁ,** ପିତା: ବ୍ରଜ କିଶୋର ସାହୁ, ବାସସ୍ଥାନ ଠିକଣା- ସା: ମଝିହରା, ବାଲିପାଟଣା, ଖୋର୍ଦ୍ଧା-୭୫୨୧୦୩ | ଟ.୫୭,୮୯,୩୩୯/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଅମିତ ସାହୁ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୯୩, ପ୍ଲଟ୍ ନଂ.: ୭୭/୨୩୬୦, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୮୨ଡିସିମିଲି (ଯାହାକି ୧୨୫୬ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୬, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଡେଭେଲପର୍ସଙ୍କ ଅଂଶ, ପୂର୍ବ: ସବ୍ ପ୍ଲଟ୍ ନଂ. ୪୩, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ କୃଷ୍ଣଦେବ ସିଂହ,** ପିତା: ତ୍ରିବେଣୀ ସିଂହ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୯୯୨, ତ୍ରୀନାଥ ମନ୍ଦିର ପଛପାର୍ଶ୍ୱ, ବୁଦ୍ଧେଶ୍ୱରୀ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬ | ଟ.୫୧,୨୭,୧୫୩/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ କୃଷ୍ଣଦେବ ସିଂହ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୪, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୪.୮୯ଡିସିମିଲି (ଯାହାକି ୧୫୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା ଏବଂ ସବ୍ ପ୍ଲଟ୍ ନଂ. ୩୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୩, ପୂର୍ବ: ସବ୍ ପ୍ଲଟ୍ ନଂ. ୩୮, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୯। |
| **ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର କୁମାର ମହାରଣା,** ପିତା: ଉଦୟନାଥ ମହାରଣା, ବାସସ୍ଥାନ ଠିକଣା- ସା: ରୁପଦେଇପୁର, ଭାୟା: ସାତଶଙ୍ଖ, ପୁରୀ-୭୫୨୧୦୫ | ଟ.୫୫,୫୬,୯୩୯/- (+ ସୁଧ) | ୦୬.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ରବିନ୍ଦ୍ର କୁମାର ମହାରଣା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୬, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୪୫.୯୧ଡିସିମିଲି (ଯାହାକି ୨୦୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୨୮, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୨୯, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୩୩, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ନରେନ୍ଦ୍ର ରଣା,** ପିତା: ରାଜୀବ ରଣା, ବାସସ୍ଥାନ ଠିକଣା- ସା: ଛାମୁଣ୍ଡିଆ, ବେଣ୍ଟପଡ଼ା, ନୟାଗଡ-୭୫୨୦୮୫ | ଟ.୫୬,୧୭,୯୬୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ନରେନ୍ଦ୍ର ରଣା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୭.୫୪ଡିସିମିଲି (ଯାହାକି ୧୨୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୨, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୧, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୪୪, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ଶରତ ଚନ୍ଦ୍ର ପାତାଳସିଂହ,** ପିତା: କୃପାସିନ୍ଧୁ ପାତାଳସିଂହ, ବାସସ୍ଥାନ ଠିକଣା- ସା: କଣ୍ଟାବଣିଆ, ପୋ: ଗଡ଼ସାନପୁଟ, ଥାନା: କଣାସ, ପୁରୀ-୭୫୨୦୬୦ | ଟ.୫୧,୮୧,୯୦୩/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଶରତ ଚନ୍ଦ୍ର ପାତାଳସିଂହ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୩ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୮/ଏ, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୮ର ଅବଶିଷ୍ଟ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୭, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୨। |
| **ଋଣଗ୍ରହୀତା: ଶ୍ରୀ ସୁରେଶ ଭଞ୍ଜ,** ପିତା: କୁମାର ଭଞ୍ଜ, ବାସସ୍ଥାନ ଠିକଣା- ସା: ଗୋପିନାଥପୁର, ନୂଆଗୋପାଳପୁର, ପୁରୀ-୭୫୨୧୦୫ | ଟ.୪୮,୦୫,୩୨୮/- (+ ସୁଧ) | ୦୩.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ସୁରେଶ ଭଞ୍ଜ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ବିକ୍ରୟ କ୍ଷେତ୍ର: ଏକର୦.୦୨୧.୨୪ଡିସିମିଲି (ଯାହାକି ୯୨୫ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୮/ବି, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୯/ଏ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୮/ଏ, ପୂର୍ବ: ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୧ ଏବଂ ୩୨। |
| **ଋଣଗ୍ରହୀତା: ଶ୍ରୀମତୀ ମାମୁନି ଭଞ୍ଜ,** ସ୍ୱାମୀ: ସୁରେଶ ଭଞ୍ଜ, ବାସସ୍ଥାନ ଠିକଣା- ସା: ଗୋବିନ୍ଦପୁର, ନୂଆଗୋପାଳପୁର, ପୁରୀ-୭୫୨୧୦୫ | ଟ.୫୬,୩୮,୨୬୧/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ମାମୁନି ଭଞ୍ଜ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୩, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୬.୭୩ଡିସିମିଲି (ଯାହାକି ୧୬୦୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୩, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୩୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୩୭, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୨୮। |
| **ଋଣଗ୍ରହୀତା: ଶ୍ରୀମତୀ ସୁନିତା ପ୍ରିୟଦର୍ଶିନୀ,** ସ୍ୱାମୀ: ଅଜିତ କୁମାର ବାରିକ, ବାସସ୍ଥାନ ଠିକଣା- ସା: ଏଲଆଇଜି-୧୬୩, ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୨ | ଟ.୫୬,୬୬,୭୫୯/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ସୁନିତା ପ୍ରିୟଦର୍ଶିନୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୮୩, ପ୍ଲଟ୍ ନଂ.: ୭୭/୨୩୪୫, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୯.୬୩ଡିସିମିଲି (ଯାହାକି ୧୨୯୧ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୩୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୩୨, ପୂର୍ବ: ସବ୍ ପ୍ଲଟ୍ ନଂ. ୩୯, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୦। |
| **ଋଣଗ୍ରହୀତା: ଶ୍ରୀ ହିଟଲର ରାଉତରାୟ,** ପିତା: ସୁବାଷ ଚନ୍ଦ୍ର ରାଉତରାୟ, ବାସସ୍ଥାନ ଠିକଣା- ସା: କଣ୍ଟାବଣିଆ, ଗଡ଼ସାନପୁଟ, ଥାନା: ସତ୍ୟବାଦୀ, ପୁରୀ-୭୫୨୦୬୦ | ଟ.୫୬,୬୩,୧୭୪/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ହିଟଲର ରାଉତରାୟ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୪, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୪୫, ଦକ୍ଷିଣ: ରାସ୍ତା, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୪୨। |
| **ଋଣଗ୍ରହୀତା: ଶ୍ରୀମତୀ ପୁଷ୍ପାଞ୍ଜଳି ମଙ୍ଗରାଜ,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ମଙ୍ଗରାଜ, ବାସସ୍ଥାନ ଠିକଣା- ସା: ଛୋଟିଯୋଡି, ହଳଦୀପଦା, ଗଡ଼ସାନପୁଟ, ପୁରୀ-୭୫୨୦୬୦ | ଟ.୫୬,୧୩,୫୨୧/- (+ ସୁଧ) | ୦୨.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ପୁଷ୍ପାଞ୍ଜଳି ମଙ୍ଗରାଜ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୮.୩ଡିସିମିଲି (ଯାହାକି ୧୨୩୩ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୬, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୪୭, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୫, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ରାସ୍ତା |
| **ଋଣଗ୍ରହୀତା: ଶ୍ରୀମତୀ ମୀନା ସୁବୁଦ୍ଧି,** ସ୍ୱାମୀ: ନକୁଳ ସୁବୁଦ୍ଧି, ବାସସ୍ଥାନ ଠିକଣା- ସା: ଛୋଟିଯୋଡି, ହଳଦୀପଦା, ଗଡ଼ସାନପୁଟ, ଥାନା: କଣାସ, ପୁରୀ-୭୫୨୦୦୨ | ଟ.୫୫,୧୧,୧୯୪/- (+ ସୁଧ) | ୧୦.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀମତୀ ମୀନା ସୁବୁଦ୍ଧି**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୧.୮୬୯ଡିସିମିଲିରୁ ଏକର୦.୦୩୦ଡିସିମିଲି (ଯାହାକି ୧୩୦୭ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୩, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପୂର୍ବ: ଅନ୍ୟ ରେଭିନ୍ୟୁ ପ୍ଲଟ୍, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୩୬। |
| **ଋଣଗ୍ରହୀତା: ଶ୍ରୀ ଜଗନ୍ନାଥ ଦାସ,** ପିତା: ହର ଦାସ, ବାସସ୍ଥାନ ଠିକଣା- ସା: ଶିମିଳିସାହି, ଗୋଡ଼ିବିଡା, ନୟାଗଡ-୭୫୨୦୯୧ | ଟ.୫୬,୬୧,୦୮୪/- (+ ସୁଧ) | ୦୮.୦୭.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଜଗନ୍ନାଥ ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ସଂଶୋଧିତ ଖାତା ନଂ.: ୨୯୨, ପ୍ଲଟ୍ ନଂ.: ୭୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୨୧.୧୨ଡିସିମିଲି (ଯାହାକି ୯୨୦ ବର୍ଗଫୁଟ), ସବ୍ ପ୍ଲଟ୍ ନଂ.: ୪୦, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶିଶୁ ଉଦ୍ୟାନ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୪୧, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା। |
| **ଋଣଗ୍ରହୀତା: ଶ୍ରୀ ଚନ୍ଦନ ପୁରୀ,** ପିତା: ସୁଧାକର ପୁରୀ, ବାସସ୍ଥାନ ଠିକଣା- ସା: ପ୍ଲଟ୍ ନଂ.: ୧୫୧୩, ଫେଜ୍-୧, ଭୀମଟାଙ୍ଗି ଏଚ୍. ବି. କଲୋନୀ, ଭୁବନେଶ୍ୱର-୭୫୧୦୦୨ | ଟ.୪୨,୦୬,୧୪୨/- (+ ସୁଧ) | ୧୮.୦୫.୨୦୧୯ / ୧୦.୧୨.୨୦୧୯ | **ଶ୍ରୀ ଚନ୍ଦନ ପୁରୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ସହୀଦ ନଗର, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱରର ଅଧିକାର କ୍ଷେତ୍ର ଅନ୍ତର୍ଗତ, ମୌଜା: କୋରଡ଼କଣ୍ଟା, ସ୍ଥିତିବାନ ମ୍ୟୁଟେସନ୍ ଖାତା ନଂ.: ୪୫୯/୧୧୭୮, ପ୍ଲଟ୍ ନଂ.: ୭୭/୨୩୩୭, କିସମ: ଘରବାରି, ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରୟ କ୍ଷେତ୍ର: ଏକର୦.୦୩୧.୫୪ଡିସିମିଲି (ଯାହାକି ୧୩୭୪ ବର୍ଗଫୁଟ), ସବ୍ ପ୍ଲଟ୍ ନଂ. ୨୧, ଯାହାକି **"ଜିଡିଏସ୍-ବିଏନ୍ ହେରିଟେଜ୍"** ଭାବେ ନାମିତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସବ୍ ପ୍ଲଟ୍ ନଂ. ୨୨, ପଶ୍ଚିମ: ରାସ୍ତା, ଉତ୍ତର: ଡେଭେଲପର୍ସଙ୍କ ଅଂଶ, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୨୦ |

**ତାରିଖ: ୧୩.୧୨.୨୦୧୯, ସ୍ଥାନ: ଭୁବନେଶ୍ୱର** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ସଂକ୍ଷେପରେ

### ବିଦ୍ୟାଳୟରେ ଫାଟିଲା ଗ୍ୟାସ ସିଲିଣ୍ଡର



**ବଇଣ୍ଡା,୧୩।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗୁଣ୍ଡୁରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଏକ ଗ୍ୟାସ ଟାଙ୍କି ଫାଟି ଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଆତଙ୍କିତ ହୋଇପଡ଼ିଥିଲେ। ଘଟଣାରୁ ଜଣାପଡ଼ିଛି, ବିଦ୍ୟାଳୟର ଅଫିସ ଗୃହରେ ଉକ୍ତ ଗ୍ୟାସ ଟାଙ୍କିଟି ରହିଥିଲା। ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟ ପକ୍ଷରୁ ପାଣି ଗରମ କରାଯାଉଥିବାବେଳେ ହଠାତ୍ ଗ୍ୟାସ ଟାଙ୍କିଟି ଫାଟି ଯାଇଥିଲା। ଫଳରେ କାର୍ଯ୍ୟାଳୟରେ ଥିବା ସମସ୍ତ କାଗଜପତ୍ର ସହ ୧୦ କୁଇଣ୍ଟାଲ ଚାଉଳ, ଆଲମିରା, ରେଜିଷ୍ଟ୍ରେଶନ ପରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ିଯାଇଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ, ଠାକୁରଗଡ଼ ପୋଲିସ, ଆଠମଲ୍ଲିକ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରମାରଞ୍ଜନ ତ୍ରିପାଠୀ, ସିଆରସିସି ପ୍ରଦୀପ କୁମାର ନାୟକ ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ବିଦ୍ୟାଳୟକୁ ଛୁଟି କରି ଦିଆଯାଇଥିଲା।

### ଫୋନ ଚୋରି ଅଭିଯୁକ୍ତ ଗିରଫ

କଣିହାଁ, ୧୩।୧୨(ଡି.ଏନ.ଏ.)- କଣିହାଁ ଥାନା ପୋଲିସ ମୋବାଇଲ ଚୋରି ଅଭିଯୋଗରେ କଂସମୁଣ୍ଡା ଗ୍ରାମର କାଳିଆ ନାୟକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଥାନା ସୂଚନାରୁ ଜଣାଯାଏ, କାଳିଆ ଗୁରୁବାର ରାତିରେ ଗ୍ରାମର କେତକୀ ସେଠୀଙ୍କ ଘରୁ ଏକ ମୋବାଇଲ ଚୋରି କରି ପଳାଉଥିବାବେଳେ ପରିବାର ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ନଂ. ୨୪୩/୧୯ରେ ମାମଲା ରୁଜୁ କରାଯାଇଛି।

### ପୋଡ଼ାଗଲା ୫୨ ହଜାର ଟଙ୍କାର ଗଞ୍ଜେଇ ଗଛ




ଛେଣ୍ଡିପଦା,୧୩।୧୨(ସ୍ୱ.ପ୍ର.): ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ବଡକେରଜାଙ୍ଗ ପଞ୍ଚାୟତ ସାନଜାମୁଣ୍ଡା ଗ୍ରାମ ନିକଟରେ ଶୁକ୍ରବାର ବେଆଇନ ଭାବେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ନଷ୍ଟ କରାଯାଇଛି। ଅବକାରୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକଙ୍କ ନେତୃତ୍ୱରେ ଅବକାରୀ ନିରୀକ୍ଷକ କରୁଣା ଶଙ୍କର ତିୱାରୀ, ଏସ୍ଆଇ ଅରବିନ୍ଦ ରାଉତରାଏ, ଏଏସ୍ଆଇ, ବିଜୟ ସାମଲ, ହେମନ୍ତ କୁମାର ନାୟକ ପ୍ରମୁଖ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ପ୍ରାୟ ୨ ଡେସିମିଲି ଜମିରେ ଲାଗିଥିବା ଗଞ୍ଜେଇ ଗଛଗୁଡିକୁ କାଟି ଦିଆଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୫୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

### କାର୍ ଦୁର୍ଘଟଣା, ଜଣେ ଆହତ

ବଅଁରପାଳ, ୧୩।୧୨(ଡି.ଏନ.ଏ.)- ନାଲ୍କୋ କଲୋନୀର ଟିଏ ଲାଇନରେ ଶୁକ୍ରବାର ସକାଳେ ଏକ କାର ପାଚେରିରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କାର୍ ଚାଳକ ଜଣକ ଆହତ ହୋଇଛନ୍ତି। ଏଥିସହ ପାଚେରିଟି ଭାଙ୍ଗି ଯାଇଛି। ଗୁରୁତରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

■ମାଟିରେ ମିଶିଯିବ ମହତ ଉଦ୍ଦେଶ୍ୟ

# ଜରାଜୀର୍ଣ୍ଣ ହେଉଛି ପ୍ରଜାମଣ୍ଡଳ ଭବନ



ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ

**ତାଳଚେର,୧୩।୧୨ (ମନୋଜ ନନ୍ଦ)**

■ରକ୍ଷଣାବେକ୍ଷଣ କରୁନି ପୌରସଂସ୍ଥା

■ଭଡ଼ା ଲଗାଇ କେବଳ ଚାଲିଛି ଆୟ

■୧୫ ବର୍ଷ ତଳେ ୬୯ ଲକ୍ଷରେ ହୋଇଥିଲା ନିର୍ମାଣ

ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାତ୍ର ୧୫ ବର୍ଷ ତଳେ ଉଦ୍ଘାଟିତ ତାଳଚେର ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ଜରାଜୀର୍ଣ୍ଣ ହେବାରେ ଲାଗିଛି। ଉଦ୍ଘାଟନ ପରଠାରୁ ଏହାକୁ ପୌର ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲେ ବି କର୍ତ୍ତୃପକ୍ଷ କେବଳ ଏଠାରୁ ରାଜସ୍ୱ ଆଦାୟରେ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି। କାରଣ ଏହି ୧୫ ବର୍ଷ ମଧ୍ୟରେ ରକ୍ଷଣାବେକ୍ଷଣ ବାବଦରେ ପୌର ସଂସ୍ଥା କିଛି ବି କାର୍ଯ୍ୟ କରି ନ ଥିବା ସହରବାସୀ ଅଭିଯୋଗ କରୁଛନ୍ତି। ଖାସ୍ ଏଥିପାଇଁ ଯେଉଁ ମହତ ଉଦ୍ଦେଶ୍ୟରେ ଏହାର ନିର୍ମାଣ କରାଯାଇଥିଲା ତାହା ଏବେ ମାଟିରେ ମିଶିଯିବ ବୋଲି ସହରବାସୀ ଆଶଙ୍କା କରୁଛନ୍ତି।

୧୯୯୭ରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ଅମର ପ୍ରଧାନ ଏହି ପ୍ରଜାମଣ୍ଡଳ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମହାନଦୀ କୋଲ୍ ଫିଲଡ୍ସ ଲିମିଟେଡ୍ ପକ୍ଷରୁ ଏଥିପାଇଁ ୬୯ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ୨୦୦୪ ଜାନୁଆରୀ ୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଜାମଣ୍ଡଳ ଭବନର ଉଦ୍ଘାଟନ କରିଥିଲେ। ସେବେଠାରୁ ଏହାକୁ ତାଳଚେର ପୌରପରିଷଦକୁ ହସ୍ତାନ୍ତର କରାଯାଇଥିଲା। ଦାୟିତ୍ୱ ନେବାର ୧୫ ବର୍ଷ ମଧ୍ୟରେ ପୌର କର୍ତ୍ତୃପକ୍ଷ ପ୍ରଜାମଣ୍ଡଳ ଭବନ ଓ ଏହାର ପରିସରକୁ ବିଭିନ୍ନ ସାଂସ୍କୃତିକ, ବିବାହ, ବ୍ୟବସାୟିକ କାର୍ଯ୍ୟ ନିମନ୍ତେ ଭଡାରେ ଲଗାଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। କିନ୍ତୁ ମୁଖ୍ୟ ଫାଟକ, ଘର, ଶୌଚାଳୟ, କବାଟ ଝରକା ଆଦି ଭାଙ୍ଗିରୁଜି ଯିବାକୁ ବସିଥିଲେ ବି ତାହାର ମରାମତି କରୁନାହାନ୍ତି। ଏପରି କି ଚଟାଣ ତାଡ଼ି ହୋଇ ମାଟି ଦେଖାଯାଉଥିବାରୁ ଏହା ଏବେ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। କିନ୍ତୁ ପୌର କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେଉ ନ ଦେଇ ବ୍ୟବସାୟରେ ମାତି ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। କେବଳ ପୌର ସଂସ୍ଥା ନୁହେଁ ତାଳଚେର ପ୍ରଶାସନ ମଧ୍ୟ ଏଥିପାଇଁ ଦାୟୀ ବୋଲି ସହରବାସୀ ଅଭିଯୋଗ କରୁଛନ୍ତି।

**ଉନ୍ନତି ପାଇଁ ଡିଏମ୍ଏଫ୍‌ରୁ ମଗାଯାଇଛି ଅର୍ଥ**



ପ୍ରଜାମଣ୍ଡଳ ଭବନରେ ୩ଜଣ କର୍ମଚାରୀ କାମ କରୁଛନ୍ତି। ସେମାନଙ୍କ ମାସିକ ଦରମା ଲକ୍ଷେ ଟଙ୍କା, ଯାହା ସେଠାରୁ ଆୟ ହେଉନାହିଁ। ଅର୍ଥାଭାବରୁ ଏହାର ରକ୍ଷଣାବେକ୍ଷଣ କରାଯାଇ ନାହିଁ। ତଥାପି ଉନ୍ନତୀକରଣ କାର୍ଯ୍ୟ ନିମନ୍ତେ ୭/୮ ମାସ ତଳେ ୨.୫ କୋଟି ଟଙ୍କାର ଏକ ଡିପିଆର ପ୍ରସ୍ତୁତ କରି ଜିଲାପାଳଙ୍କୁ ଦିଆଯାଇଛି। ଜିଲା ଖଣିଜ ପାଣ୍ଠିରୁ ଅର୍ଥ ମିଳିଲେ ଉନ୍ନତୀକରଣ କରାଯିବ।

-ଅତସୀ ପରିଡା, ନିର୍ବାହୀ ଅଧିକାରୀ

**ଦାୟିତ୍ୱ ଭୁଲି ଯାଇଛି ପ୍ରଶାସନ**




“ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହାର ନିର୍ମାଣ କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ ଏହାକୁ ବ୍ୟବସାୟରେ ଲଗାଗଲା। ରକ୍ଷଣାବେକ୍ଷଣ ଦାୟିତ୍ୱ ପୌର କର୍ତ୍ତୃପକ୍ଷଙ୍କୁ ଦେଇ ପ୍ରଶାସନ ନିଜ ଦାୟିତ୍ୱ ଭୁଲିଗଲା।

-ବିଭୁଧେନ୍ଦ୍ର ପ୍ରତାପ ଦାସ, ବ୍ରାହ୍ମଣୀ ସୁରକ୍ଷା ପରିଷଦ ସଭାପତି



“ଏକ ସୁନ୍ଦର ଉଦ୍ଦେଶ୍ୟ ନେଇ ଏହାର ପରିକଳ୍ପନା କରାଯାଇଥିଲା। ହେଲେ ପୌର କର୍ତ୍ତୃପକ୍ଷ ଏହାକୁ ବ୍ୟବସାୟରେ ଲଗାଇ କେବଳ ଅର୍ଥ ଉପାର୍ଜନ କରୁଛନ୍ତି। ମରାମତି ପ୍ରତି ଆଦୌ ଗରୁତ୍ୱ ଦେଉନାହାନ୍ତି। ସେଥିପାଇଁ ଆଜି ଏହି ଅବସ୍ଥା ହୋଇଛି।

-ଧୀରମୋହନ ରାୟ, ବ୍ୟବସାୟୀ



“ବାଡ ଯଦି ଫସଲ ଖାଇବ ତାକୁ ଜଗିବ କିଏ। ଯାହାର ଦାୟିତ୍ୱ ସେ ନିଜେ ନୀରବଦ୍ରଷ୍ଟା। ପ୍ରଶାସନ ସାମନାରେ ଆଜି ପ୍ରଜାମଣ୍ଡଳ ଭବନ ମାଟିରେ ମିଶିବାକୁ ଯାଉଛି। କିନ୍ତୁ ଏଥିପ୍ରତି କାହାର ଆନ୍ତରିକତା ଥିବା ଭଳି ମନେହେଉ ନାହିଁ।

-ଚୈତନ୍ୟ ପ୍ରଧାନ, ଶିକ୍ଷାବିତ୍



“ତୁରନ୍ତ ଏହାର ଉନ୍ନତୀକରଣ ଓ ଆଧୁନୀକରଣ କରାଯିବାର ଆବଶ୍ୟକତା ରହିଛି। ସ୍ୱାଧୀନତା ସଂଗ୍ରାମୀଙ୍କ ନିମନ୍ତେ ଏହା ଏକ ସ୍ମାରକୀ କରାଯାଉ। ଯାହାଦ୍ୱାରା ଆମର ପରବର୍ତ୍ତୀ ପିଢୀ ସେମାନଙ୍କ ସମ୍ପର୍କରେ କିଛି ଜାଣି ପାରିବେ।

-କ୍ଷୀରୋଦ ସାହୁ, ସାମାଜିକ କର୍ମୀ

### ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**କଣିହାଁ, ୧୩।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମର ସୁଶୀଳ ବେହେରା(୨୫) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ୬/୧୯ରେ ଏକ ମାମଲା ରୁଜୁ କରିବା ସହ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନ୍‌ଟିପିସି ଟାଉନ ଥାନା ତଦନ୍ତ ଅଧିକାରୀ ଏସ୍ଆଇ ରାଜେନ୍ଦ୍ର ମହାପାତ୍ରଙ୍କ ସୂଚନାରୁ ଜଣାଯାଏ, ସୁଶୀଳ ୩ ମାସ ପୂର୍ବରୁ ଢେଙ୍କାନାଳ ଜିଲା ସରାଙ୍ଗ ଗ୍ରାମରେ ପ୍ରେମ ବିବାହ କରିଥିଲେ। ଦମ୍ପତି ଭୀମକାଣ୍ଡ ଗ୍ରାମରେ ଭଡ଼ାଘରେ ରହୁଥିଲେ। କୌଣସି କାରଣରୁ ଝଗଡା ହେବାରୁ ସୁଶୀଳଙ୍କ ସ୍ତ୍ରୀ କିଛି ସମୟ ପାଇଁ ଘରୁ ବାହାରି ପଳାଇଥିଲେ। ଘରକୁ ଫେରିବା ପରେ ସୁଶୀଳ ରଶି ଲଗାଇ ଝୁଲିପଡିଥିବା ତାଙ୍କ ସ୍ତ୍ରୀ ଦେଖିବାକୁ ପାଇଥିଲେ। ତାଙ୍କୁ କଣିହାଁ ଡାକ୍ତରଖାନାକୁ ଆଣିବାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୁଶୀଳ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ବାପା ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଗାଡ଼ିମୋଟର ଯାଞ୍ଚ

**ବଇଣ୍ଡା,୧୩।୧୨(ଡି.ଏନ.ଏ.)**

ହଣ୍ଡପା ଥାନା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ବାଇକଗୁଡ଼ିକୁ ଅଟକାଇ ହେଲମେଟ ସହ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୬ଟି ମାମଲା ରୁଜୁ କରାଯାଇ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଇଆଇସି ଲବ ବୋରା, ସେକେଣ୍ଡ ଅଫିସର ସରୋଜ କୁମାର ଦାସ, ଏଏସଆଇ ପ୍ରମୋଦ ଆଇଚ ଏହି ଯାଞ୍ଚ କରିଥିଲେ।

## ବାର୍ଷିକ କ୍ରୀଡ଼ା ଉଦ୍ଘାଟିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ବଇଣ୍ଡା,୧୩।୧୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ହାଇସ୍କୁଲ ଖେଳପଡ଼ିଆଠାରେ ଶୁକ୍ରବାର ଠାକୁରଗଡ଼ ସରସ୍ୱତୀ ଶିଶୁ ମନ୍ଦିରର ଦ୍ୱାଦଶ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଘାଟିତ ହୋଇଛି। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଡ. ଦେବାଶିଷ ଭଞ୍ଜ, ଶତ୍ରୁଘ୍ନ ସାହୁ, ବିଦ୍ୟାଳୟ ସଭାପତି ସୁରେଶ ଚନ୍ଦ୍ର ସାହୁ, ଉପସଭାପତି ହେମନ୍ତ କୁମାର ଖୁଣ୍ଟିଆ, ସମ୍ପାଦକ ପ୍ରାଣବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସାପଘରା ହାଇସ୍କୁଲର ଖେଳ ଶିକ୍ଷକ ନବ କୁମାର ବେହେରା, ଜିତେନ୍ଦ୍ର ସାହୁ, ରଞ୍ଜନ ପାତ୍ର, ସ୍ନେହଲତା ପ୍ରଧାନ, ଦୀପ୍ତିମୟୀ ପଟ୍ଟନାୟକ, ସୁଜାତା ସାହୁ ପରିଚାଳନା କରିଥିଲେ। ଏଥିରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଥାଳିଆ ଫିଙ୍ଗା, ବେଲୁନ ଫଟା, ଆଳୁ ଚାମଚ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଗଜାନନ ସାହୁ ଧନ୍ୟବାଦ ଦେଇଥିଲେ।

## ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

**ଅନୁଗୋଳ ଅଫିସ, ୧୩।୧୨**

ଅନୁଗୋଳ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମାନବିକ ଅଧିକାର ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସଙ୍ଗୀତା ଦାସ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଅରୁଣା ମିଶ୍ର ସାମ୍ପ୍ରତିକ ପରିସ୍ଥିତିରେ ମାନବିକ ଅଧିକାରର ସ୍ୱରୂପ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ଡ. ଧରଣୀଧର ନାଥ ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାର୍ବଜନିକ ମାନବିକ ଅଧିକାରର ଐତିହାସିକ ପୃଷ୍ଠଭୂମି, ବିକାଶ ତଥା ଭାରତରେ ମାନବିକ ଅଧିକାର ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟାପିକା ନିରଜା ସାହୁ ମଧ୍ୟ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସ୍ୱାଇଁ ପରିଚାଳନା କରିଥିଲେ।

## ସଫଳତା ପାଇଁ ପରିଶ୍ରମ କର



ପ୍ରବଚନ ସଭାରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ସମେତ କଲେଜ କର୍ମଚାରୀ, ଶିକ୍ଷାବିତ୍ ଓ ଅନ୍ୟମାନେ।

**ବଇଣ୍ଡା,୧୩।୧୨(ଡି.ଏନ.ଏ.)**

ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆଧ୍ୟାତ୍ମିକ ପ୍ରବଚନ ସଭା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ କଠିନ ପରିଶ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ସଫଳ ସ୍ଥାନରେ ପହଞ୍ଚିପାରିବେ ବୋଲି କହିଥିଲେ। ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମନୋଜ କୁମାର ମହାପାତ୍ର, ଶିକ୍ଷାବିତ୍ ପ୍ରଫେସର ନନ୍ଦକିଶୋର ମହାଖୁଡ଼, ବିଚିତ୍ରା ନନ୍ଦ ସାହୁ, ରତ୍ନାକର ପ୍ରଧାନ, ବସନ୍ତ ଗଡ଼ନାୟକ, ଡ. ସବିତା ପଟ୍ଟନାୟକ, କାଳନ୍ଦୀଚରଣ ପ୍ରଧାନ, ନିରଞ୍ଜନ ଦାସ, ରବିନାରାୟଣ ବେହେରା, ସନ୍ଧ୍ୟାରାଣୀ ରାଉଳ, ଅସିତ କୁମାର ଜେନା, ଲକ୍ଷ୍ମୀପ୍ରିୟା ବେହେରା, ଶର୍ମିଷ୍ଠା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ବଇଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ବଇଣ୍ଡା ନାଗରିକ ମଞ୍ଚ ଉକ୍ତ ଆଧ୍ୟାତ୍ମିକ ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା। ସନାତନ ଧର୍ମ, ବୈଦିକ ରୀତିନୀତି ଓ ଆଧ୍ୟାତ୍ମିକତା ସମ୍ପର୍କରେ ଅଞ୍ଚଳବାସୀ ଓ ଗ୍ରାମବାସୀଙ୍କୁ ବୁଝାଇ ଥିଲେ।

## ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ତାଲିମ



**କଣିହାଁ, ୧୩।୧୨(ଡି.ଏନ.ଏ.)**

ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟମାନଙ୍କ ନିମନ୍ତେ ଶୁକ୍ରବାର କଣିହାଁ ବ୍ଲକ ହାତିଆଦନ୍ତା ସରକାରୀ ଉପ୍ରା ବିଦ୍ୟାଳୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରସ୍ତରୀୟ ଏହିଦିନିକିଆ ଶିବିରରେ ରେଙ୍ଗାଳି ଓ କୁଲୁମା ପଞ୍ଚାୟତର ୮ଟି ବିଦ୍ୟାଳୟର ୧୨୦ ସଦସ୍ୟ ଅଂଶଗ୍ରହଣ କରିଥିଲେ। ୨ଟି ପର୍ଯ୍ୟାୟରେ ଶିବିର ଅନୁଷ୍ଠିତ ହୋଇଥିଲା। ରେଙ୍ଗାଳି ସରପଞ୍ଚ ରଶ୍ମିତା ସେଠୀ ଅତିଥି ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନର ଉନ୍ନତି ପ୍ରତି କମିଟି ସଦସ୍ୟଙ୍କ ସହ ଅଭିଭାବକମାନେ ମଧ୍ୟ ସହଯୋଗ କାମନା କରିଥିଲେ। ପ୍ରଧାନ ଶିକ୍ଷକ ଅରୁଣ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ତାଲିମଦାତା ଭାବେ ଶିକ୍ଷକ ଲିଙ୍ଗରାଜ ବେହେରା, କାଶୀନାଥ ରାଉତ, ଖଗେଶ୍ୱର କିଷାନ, ସନ୍ତୋଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମଗ୍ର ଶିକ୍ଷା ଅନୁଗୋଳ ଜିଲା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସିଆରସିସି ଭାଗୀରଥି ସେଠୀ ଓ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀମାନେ ପରିଚାଳନା କରିଥିଲେ।

## କାମରେ ଆସୁନି ଟ୍ରାଫିକ୍ ସିଗ୍ନାଲ

**ବଅଁରପାଳ, ୧୩।୧୨(ଡି.ଏନ.ଏ.)**



ନାଲ୍କୋ ଛକଠାରେ ଅଚଳ ହୋଇପଡିଥିବା ଟ୍ରାଫିକ୍ ସିଗ୍ନାଲ।

■କାମ ଚଳାଉଛନ୍ତି ୨ ହୋମଗାର୍ଡ

ଅନୁଗୋଳରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବୃଦ୍ଧି ଓ ଏଥିଜନିତ ଦୁର୍ଘଟଣା ହାର ବଢୁଥିଲେ ହେଁ ଏହାର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ନାଲ୍କୋ ସ୍ମେଲଟର ମେନ୍ ଗେଟ ଛକଠାରେ ଟ୍ରାଫିକ୍ ଅବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଏଠାରେ ଥିବା ଟ୍ରାଫିକ ସିଗ୍ନାଲ କାମ କରୁ ନ ଥିଲେ ହେଁ ଏହାର ମରାମତି କରାଯାଉନି। ଫଳରେ ଟ୍ରାଫିକ୍ ନିୟନ୍ତ୍ରଣ କରିବା କଷ୍ଟକର ହେଉଛି। ୫୫ ନଂ ଜାତୀୟ ରାଜପଥ ନାଲ୍କୋ ସ୍ମେଲଟର ଗେଟ୍ ଛକଠାରେ ଭିଡ଼ ନିୟନ୍ତ୍ରଣ ପାଇଁ ସୋଲାର ଟ୍ରାଫିକ୍ ଲାଇଟର ବ୍ୟବସ୍ଥା ହୋଇଥିଲା। ହେଲେ ଏହା ପ୍ରାୟ ବର୍ଷେ ହେଲା ଅଚଳ ହୋଇପଡିଛି। ଛକଠାରେ ଟ୍ରାଫିକ୍ ପୋଲିସ ନିୟୋଜିତ କରାଯାଇ ନ ଥିବାବେଳେ ୨ ଜଣ ହୋମଗାର୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରାସ୍ତା ମଧ୍ୟ ଭାଗରେ ଏକ ଡିଭାଇଡର ଅସୁରକ୍ଷିତ ଭାବେ ଥିବାରୁ ସେଠାରେ ଭିଡ଼ ନିୟନ୍ତ୍ରଣ କଷ୍ଟକର ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ପ୍ରାୟ ୬ ବର୍ଷ ପୂର୍ବରୁ ନାଲ୍କୋ ତରଫରୁ ଉକ୍ତ ଟ୍ରାଫିକ ଲାଇଟ ବ୍ୟବସ୍ଥା କରାଯାଇଥିଲା। ଏହା ଭିତରେ ଅନେକ ଥର ଏହା ଖରାପ ହୋଇପଡୁଛି। ରକ୍ଷଣାବେକ୍ଷଣ ଓ ମରାମତି ଦାୟିତ୍ୱ ନେଇଥିବା ସଂସ୍ଥା ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଏପରି ଅସୁବିଧା ଉପୁଜୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଶ୍ରମିକ, ଛାତ୍ରୀଛାତ୍ର ଯିବାଆସିବା କରୁଥିବାରୁ ସୁରକ୍ଷିତ ଯାତାୟାତ ପାଇଁ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ନେସେ ସଙ୍ଗଠନର ସାଧାରଣ ସମ୍ପାଦକ ନିର୍ମଳ ସାମଲ, ମେନଗେଟ ଛକର ବ୍ୟବସାୟୀ ସନ୍ଦୀପ ମିଶ୍ର କୁହନ୍ତି, ନାଲ୍କୋ ପକ୍ଷରୁ ଟ୍ରାଫିକ ସିଗନାଲ ବ୍ୟବସ୍ଥା କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏହା ମାସେ କାମ କଲେ ବର୍ଷେ ଅଚଳ ହୋଇପଡୁଛି। ଏ ନେଇ ନାଲ୍କୋ ଥାନା ଆଇଆଇସି ସରୋଜିନୀ ସାମ୍ଭଡା କହିଛନ୍ତି, ଟ୍ରାଫିକ ସିଗନାଲ ଫେଲ୍ ହେବା ଯୋଗୁ ସମସ୍ୟା ଦେଖାଦେଉଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା ସଂସ୍ଥା ମରାମତି କଲେ ଅସୁବିଧା ଦୂର ହୋଇପାରନ୍ତା।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୬୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### 'ଗରିବଙ୍କୁ ସେବା ଯୋଗାଇବାକୁ ପ୍ରାଥମିକତା ଦେବି'

**ହାଟଡିହୀ,୧୩। ୧୨(ଡି.ଏନ୍.ଏ.)-** କେନ୍ଦୁଝର ଜିଲାର ଆଦିବାସୀ ଅଧୁଷିତ ହାଟଡିହୀ ବ୍ଲକରେ ସମସ୍ତଙ୍କ ସହଯୋଗ ନେଇ ତଳସ୍ତରର ଗରିବ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇବା ଲାଗି ସେ ପ୍ରାଥମିକତା ଦେବେ ବୋଲି ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ବିଡିଓ ଜୟଦେବ ଦାସ କହିଛନ୍ତି। ପ୍ରଶାସନିକ କାର୍ଯ୍ୟରେ ଯୋଗ ଦେବା ପରଠାରୁ ସେ ସଂଗ୍ରହ କରିଥିବା ଅନୁଭୂତିକୁ ନେଇ ନିଜ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରି ପାରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଗତ ୯ ତାରିଖରେ ଜୟଦେବ ଏଠାରେ କାର୍ଯ୍ୟରେ ଯୋଗ ଦେବା ପରେ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେ ଏହି ଖବରଦାତାଙ୍କୁ କହିଛନ୍ତି, ଅସହାୟ ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସେ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତାରୁ ଯେଭଳି କେହି ବଞ୍ଚିତ ନ ହୁଅନ୍ତି ଏବଂ ସରକାରୀ ଅନୁଦାନ ଠିକ୍ ଭାବେ ଖର୍ଚ୍ଚ ହେବ ସେଥିପ୍ରତି ସେ ଅଧିକ ଧ୍ୟାନ ଦେଉଚନ୍ତି। ସେ କନ୍ଧମାଳ ଜିଲା ତୁମୁଡିବନ୍ଧରେ ବିଡିଓ ଭାବେ ଚାକିରି ଜୀବନ ଆରମ୍ଭ କରିବା ପରେ ହାଟଡିହୀକୁ ବଦଳି ହୋଇ ଆସିଥିବା କହିଛନ୍ତି।

### ବୋଲେରୋ କ୍ୟାମ୍ପରକୁ ପଛପଟୁ ପିଟିଲା ଡମ୍ପର

**ଯୋଡ଼ା, ୧୩।୧୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ବାମେବାରୀ ଥାନା ଜୁରୁଡି -ବାମେବାରୀ ୨ ନମ୍ବର ରାଜ୍ୟ ରାଜପଥର ଜୁରୁଡି କ୍ରେଚ ହଟିଂଠାରେ ଶୁକ୍ରବାର ଏକ ବୋଲେରୋ କ୍ୟାମ୍ପରକୁ ଡମ୍ପର ଧକ୍କା ଦେବାରୁ ବେଲେରୋ କ୍ୟାମ୍ପରଟି ଭାଙ୍ଗିରୁଜି ଯାଇଛି। ଏଥିରେ ବସିଥିବା ଡ୍ରାଇଭର ଓ ଜଣେ ବୃଦ୍ଧା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋଲେରୋ କ୍ୟାମ୍ପରରେ ଡ୍ରାଇଭର ଓ ଜଣେ ବୃଦ୍ଧା ଯୋଡା ଆଡୁ ଜୁରୁଡି ଅଭିମୁଖେ ଆସି କ୍ରେଚ ହଟିଂ ଗଡାଣିଆ ରାସ୍ତା ଛକଠାରେ ଗାଡି ଠିଆ କରିଥିବା ସମୟରେ ପଛପଟୁ ଆସୁଥିବା ଡମ୍ପର ଏହାକୁ ଧକ୍କା ଦେଇ ପ୍ରାୟ ୧୫ ଫୁଟ୍ ଦୂରକୁ ଘୋଷାରି ନେଇଥିଲା । ସ୍ଥାନୀୟ ଲୋକେ ଡମ୍ପର ଡ୍ରାଇଭରଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ ହେଁ ପୋଲିସ ପହଞ୍ଚିବା ପୂର୍ବରୁ ବୋଲେରୋ କ୍ୟାମ୍ପର ଓ ଡମ୍ପର ଚାଳକ ବୁଝାମଣା କରି ସେଠାରୁ ଚାଲିଯାଇଥିଲେ ।

### ନିଖୋଜ ଛାତ୍ର ଭୁବନେଶ୍ୱର ଷ୍ଟେଶନରୁ ଉଦ୍ଧାର

**ହାଟଡିହୀ,୧୩। ୧୨(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଛେନାପଦି ବଜାର ଅଞ୍ଚଳରୁ ଜଣେ ୧୨ ବର୍ଷର ନାବାଳକ ଗତ ଗୁରୁବାର ସନ୍ଧ୍ୟା ସମୟରୁ ନିଖୋଜ ଥିଲେ। ତାଙ୍କ ବାପା ଏ ନେଇ ପୋଲିସରେ ଅଭିଯୋଗ କରିବା ପରେ ସ୍ଥାନୀୟ ଥାନା ଅଧିକାରୀ ରଞ୍ଜିତ ପଟ୍ଟନାୟକ, ଏସଆଇ ଅରୂପ ସାମଲ ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ପରେ ଭୁବନେଶ୍ୱର ୬ ନଂ ପ୍ଲାଟଫର୍ମରୁ ଏହି ନାବାଳକଙ୍କୁ ଉଦ୍ଧାର କରାଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ସ୍ଥାନୀୟ ଅଟୋ ସଂଘର କର୍ମକର୍ତ୍ତାମାନେ ଏହି ଛାତ୍ରଙ୍କୁ ଉଦ୍ଧାର କରିବାରେ ସହଯୋଗ କରିଥିଲେ। ଏହି ନାବାଳକ ଛେନାପଦିରୁ କିପରି ଭୁବନେଶ୍ୱର ଆସିଲା ସେନେଇ ପୋଲିସ ତଦନ୍ତ ଜାରି ରଖିଛି।

### ତଦନ୍ତ କରି ଫେରିଲେ ଏସଡିପିଓ

**ଘସିପୁରା,୧୩।୧୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ଘସିପୁରାଠାରେ ଥିବା ଏକ ଅନାଥାଶ୍ରମକୁ ଶିଶୁ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ଅଧିକାରୀ ଗତ ୨୭ ତାରିଖରେ ଗ୍ରସ୍ତ କରିବା ସମୟରେ ୨ଜଣ ମହିଳା କେୟାର ଟେକରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହି ଜାତିଆଣ ଆକ୍ଷେପ କରିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଦୀର୍ଘ ୧୫ ଦିନ ପରେ ଏ ନେଇ ଜଣେ ମହିଳା କେୟାର ଟେକର ଥାନାରେ ଅଭିଯୋଗ କରିବାରୁ ପୋଲିସ ଦଫା ୨୯୪, ଏସିଏସ୍‌ଟି ଆଇନ ଦଫା ୩(୧) ରେ ଏକ ମାମଲା (ନଂ ୨୬୦/୧୯) ରୁଜୁ କରି ତଦନ୍ତ କରୁଛି। ଏହି ପରିପ୍ରେକ୍ଷୀରେ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା ଜିଲା ମୁଖ୍ୟାଳୟର ଏସଡିପିଓ ଗୋସନାର ବାଲା ଶୁକ୍ରବାର ଆଶ୍ରମକୁ ଯାଇ ପ୍ରାଥମିକ ତଦନ୍ତ କରି ଫେରିଛନ୍ତି। ଅପରପକ୍ଷେ ଶୁକ୍ରବାର ଆଶ୍ରମ ପକ୍ଷରୁ ଆହୂତ ଏକ ଖବରଦାତା ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦିଆଯିବା ସହ ପୋଲିସ ଓ ଜିଲା ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।


ଚମ୍ପୁଆରେ ଧାନ ମଣ୍ଡି ଉଦ୍‌ଘାଟନ ବେଳେ ଉପସ୍ଥିତ ଅଧିକାରୀ।


ଉଅଁର ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି।


ପାଟଣାରେ ଧାନ ମଣ୍ଡିରେ ଉପସ୍ଥିତ ଅଧିକାରୀ।

# ବିଭିନ୍ନ ସ୍ଥାନରେ ଖୋଲିଲା ଧାନମଣ୍ଡି

**ପାଟଣାରେ କଟ୍‌ନୀଛଟନିକୁ ନେଇ ଚାଷୀଙ୍କ ଆପତ୍ତି**

**ଚମ୍ପୁଆ/ ହାଟଡିହୀ/ ପାଟଣା, ୧୩।୧୨ (ଡି.ଏନ.ଏ/ସ୍ୱ.ପ୍ର.)**

ଚାଷୀଙ୍କଠାରୁସିଧାସଳଖ ଧାନକ୍ରୟ ନିମନ୍ତେ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଧାନମଣ୍ଡି ଖୋଲା ଯାଇଛି। ଧାନମଣ୍ଡି ଖୋଲାଯିବାକୁ ଚାହିଁ ବସିଥିବା ଚାଷୀମାନେ ମଣ୍ଡିକୁ ଧାନ ଆଣି ବିକିଥିଲେ । ବିଳମ୍ବରେ ଖୋଲାଯାଇଥିବା ଏହି ଧାନମଣ୍ଡିରେ କଟ୍‌ନୀଛଟନିକୁ ନେଇ ପାଟଣାରେ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଭାଗୀୟ ଅଧିକାରୀ ବୁଝାଶୁଝା କରି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

ଶୁକ୍ରବାର ଚମ୍ପୁଆ ଲ୍ୟାମ୍ପସ୍‌ଠାରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଖୋଲାଯାଇଥିବା ମଣ୍ଡିକୁ ଏଆରସିଏସ ସରୋଜିନୀ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଆରଏମସି ସମ୍ପାଦକ ଚାରୁଲତା ସିଂ, ଆଇସିଏସ ନୀହାର ରଞ୍ଜନ ମିଶ୍ର, ଏମ୍‌ଡି ବିଭୂତି ଗିରି, ଏସସିଏସଓ ମଙ୍ଗଲ ସିଂ, ସୁପରଭାଇଜର ବଗୁଲୁ ଚରଣ ବେହେରା, ଓୟୁଏଟି ସମୀକ୍ଷକ ସତଜିତ୍ ବିଶ୍ୱାଳ, ଚିନ୍ମୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଚାଷୀ ଅକ୍ଷୟ କୁମାର ମହାକୁଡ, ଅନାମ ଦାସ, ମୋହନ ମହାନ୍ତ, ଯୋଗେନ୍ଦ୍ର ପ୍ରଧାନ, ଡମ୍ବରୁଧର ମହାନ୍ତ, ପ୍ରଦୀପ ମହାନ୍ତ, ସରୋଜ ମହାନ୍ତ, ରାମଦାସ ମୁଣ୍ଡା ଓ ବିଭୂତି ଭୂଷଣ ଗିରିଙ୍କଠାରୁ ୧୯୮ କୁଇଣ୍ଟାଲ୍ ଏଫ୍‌ଏକ୍ୟୁ ମାନର ଧାନ କିଣାଯାଇଥିଲା। ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର ୧୮୧୫ ଟଙ୍କା ଥିବା ବେଳେ ସରୁ ଧାନ ୧୮୩୫ ଟଙ୍କା ରହିଛି।

ହାଟଡିହୀ ବ୍ଲକର ଉଅଁର ସେବା ସମବାୟ ସମିତି ତରଫରୁ ଶୁକ୍ରବାର ଧାନମଣ୍ଡି ଖୋଲିଛି। ସମିତି ସଭାପତି ରଞ୍ଜନ ପହି, ସମ୍ପାଦକ ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ସମିତିରେ ୧୪୮୯ ଜଣ ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୭୭୫ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ସ୍ୱୀକୃତି ଓ ୩୬ ଜଣଙ୍କୁ ଟୋକନ ପ୍ରଦାନ କରାଯାଇଛି। ୩୯ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ସୋମବାର, ବୁଧବାର ଓ ଶୁକ୍ରବାରରେ ଧାନ କିଣାଯିବ । ଶାଳଣିଆଠାରେ ଆଉ ଏକ ଧାନମଣ୍ଡି ଖୋଲିବ ବୋଲି ସମିତି ତରଫରୁ ସୂଚନା ଦିଆଯାଇଛି। ସରପଞ୍ଚ ହି.ସି. ହେମ୍ବ୍ରମ, ଏଆରସିଏସ ବୀରେନ୍ଦ୍ର କୁମାର ମହାନ୍ତି, ରଙ୍ଗାଧର ମଲ୍ଲିକ, ପ୍ରମୋଦ ରାଉତ, ସସ୍ମିତା ପହି, ରଞ୍ଜନ ଜେନା, ସାଗର ସା ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦୁଝର ଜିଲା ପାଟଣା ବ୍ଲକର ପାଟଣା ଓ ରାଜନଗର ସମବାୟ ସମିତି ଜରିଆରେ ଖରିଫ ଧାନ କିଣା ଲାଗି ମୋଟ ୭ଟି ଧାନ ମଣ୍ଡି ମାଧ୍ୟମରେ ୧ମ ପର୍ଯ୍ୟାୟରେ ଚାଷୀଙ୍କ ଠାରୁ ୫୪ହଜାର ୯୪୨ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଛି। ଶୁକ୍ରବାର ପାଟଣା ସମବାୟ ସମିତି ଜରିଆରେ ପୁଟୁଳିଆରେ ମଣ୍ଡି ଖୋଲା ଯାଇ ଧାନ କିଣା ଆରମ୍ଭ ହେବା ପରେ କଟନୀ ଛଟନି କରାଯିବାରୁ ଚାଷୀମାନେ ଏହାକୁ ବିରୋଧ କରିଥିଲେ। ଅପରାହ୍ନ ୨ଟା ପର୍ଯ୍ୟନ୍ତ କୌଣସି ଚାଷୀ ଧାନ ବିକ୍ରି କରି ନ ଥିଲେ। ପରେ କେନ୍ଦ୍ର ସମବାୟ ସମିତିର ଜିଲା ଡେପୁଟି ରେଜିଷ୍ଟ୍ରାର ପ୍ରମୋଦ ବରିହା ପହଞ୍ଚି ହସ୍ତକ୍ଷେପ କରିବାରୁ ଅବସ୍ଥା ସ୍ୱାଭାବିକ ହେବା ସହ ଧାନ ବିକ୍ରି ଆରମ୍ଭ ହୋଇଥିଲା। ଆଜିର ଧାନକ୍ରୟ କାର୍ଯ୍ୟକ୍ରମରେ ପାଟଣା ଯୋଗାଣ ଅଧିକାରୀ ବିଦ୍ୟୁତ୍ ଲତା ନାୟକ, ସମବାୟ ସମିତି ଡାଇରେକ୍ଟର ଅଜିତ କୁମାର ସେଠୀ ଓ ସମବାୟ ସମିତି ପରିଚାଳକ ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୫ ଜଣ ଚାଷୀଙ୍କ ଠାରୁ ମୋଟ ୧୯୬କୁଇଣ୍ଟାଲ ୮ କେଜି ଧାନ କ୍ରୟ ହୋଇଛି। ପାଟଣା ସମବାୟ ସମିତିର ପାଟଣା ମଣ୍ଡିରେ ପ୍ରତ୍ୟେକ ସୋମବାର, ଶୁକ୍ରବାର ଓ ଶନିବାର, ଏରେଣ୍ଡେଇ ମଣ୍ଡିରେ ମଙ୍ଗଳବାର ଓ ଶୁକ୍ରବାର ଓ କେନ୍ଦେଇପଶି ମଣ୍ଡିରେ ବୁଧବାର ଓ ଶନିବାର ଚାଷୀ ଧାନ ବିକ୍ରି କରିପାରିବେ ବୋଲିପାଟଣା ଲ୍ୟାମ୍ପସ ଏମ୍‌ଡି ବୀରେନ୍ଦ୍ର କୁମାର ଦାଶ ସୂଚନା ଦେଇଛନ୍ତି।

## ମୋରମ ଚୋରି:୧.୯୩ ଲକ୍ଷ ଟଙ୍କା ଜରିମାନା ଦେବାକୁ ନୋଟିସ୍

**ହାଟଡିହୀ,୧୩।୧୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଝୁଣାବାଡି ଅଞ୍ଚଳରୁ ମୋରମ ଚୋରି ଘଟଣା ଥମିବାର ନାଁ ନେଉ ନାହିଁ । ଏ ନେଇ ହାଟଡିହୀ ତହସିଲ ତରଫରୁ ପ୍ରାଥମିକ ଯାଞ୍ଚ କରାଯାଇ ଜଣେ ବ୍ୟକ୍ତିଙ୍କୁ ଚିଠି ନଂ ୪୭୪୩/୪/୧୨/୨୦୧୯ ରେ ୧ ଲକ୍ଷ ୯୩ ହଜାର ଟଙ୍କା ଜରିମାନା ଦେବାକୁ ନୋଟିସ ଜାରି କରାଯାଇଥିବା ଜଣାପଡିଛି। ଝୁଣାବାଡି ଅଞ୍ଚଳର ସରକାରୀଜାଗାରୁବହୁପରିମାଣରମୋରମଚାଲାଣ ହେଉଥିବା ଅଭିଯୋଗ ହେବା ପରେ ସୋସୋ ଆରଆଇ ଏ ନେଇ ଯାଞ୍ଚ କରି ତହସିଲ ଅଫିସକୁ ଜଣାଇଥିଲେ। ତଦନୁଯାୟୀ ତହସିଲ ତରଫରୁ ଏପରି ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

## ଭିଆଇପି ରୋଡ୍ ସଙ୍କୁଚିତ, ଯାତାୟାତରେ ବାଧା

**ଆନନ୍ଦପୁର,୧୩।୧୨(ସ୍ୱ.ପ୍ର.)**

ସ୍ଥାନୀୟ ଭିଆଇପି ରୋଡରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଆନନ୍ଦପୁର ପୌରପରିଷଦ ୧୩ ନଂ ଓାର୍ଡ଼ ଠାରୁ ୧୪ ନଂ ଓାର୍ଡ଼ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଯାନବାହନ ଅଟକି ରହୁଥିବାରୁ ଏହା ସଙ୍କୁଚିତ ହୋଇପଡୁଛି। କେତେକ ବ୍ୟବସାୟୀ ରାସ୍ତା ସଂଲଗ୍ନ ଡ୍ରେନ୍‌ରେ ସାମଗ୍ରୀ ରଖି ବିକ୍ରିବଟା କରୁଥିବାରୁ ରାସ୍ତା ଅଧିକ ସଙ୍କୁଚିତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି କାରଣରୁ ପ୍ରତ୍ୟହ ରାସ୍ତାରେ ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଦେଉଛି। ଏ ଦିଗରେ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ସକାଶେ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଭିଆଇପି ରୋଡ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ସୁଦ୍ଧା ଖପରାଖାଇଠାରୁ ଡଙ୍ଗା ଘାଟ ପର୍ଯ୍ୟନ୍ତ ଲଗା ଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାରୁ ଦୁଇ ବର୍ଷ ହେବ ଏହି ରାସ୍ତା ଅନ୍ଧାରରେ ରହିଛି। ଫଳରେ ସ୍ଥାନୀୟ ଲୋକେ ଯାତାୟାତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ବେଳେ ଷ୍ଟ୍ରିଟ୍ ଲାଇଟ୍ ଖୋଲି ନିଆଯାଇଥିଲା। ଅଦ୍ୟାବଧି ଏହାକୁ ଲଗାଇବା ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ବିଧାୟକଙ୍କ ଗାଡ଼ି ଆଗରେ ପିସିଆର୍ ଭ୍ୟାନ୍

**■ଏସ୍‌ଡିପିଓ କହିଲେ ପ୍ରୋଟୋକଲ ବାହାରେ**

**ଆଠମଲ୍ଲିକ, ୧୩।୧୨(ଡି.ଏନ.ଏ.)**

ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଗାଡ଼ି ଆଗରେ ଶୁକ୍ରବାର ପିସିଆର୍ ଭ୍ୟାନ୍ ଯିବାକୁ ନେଇ ସହରରେ ବିଭିନ୍ନ ଚର୍ଚ୍ଚା ଜୋର ଧରିଛି। ହଠାତ୍ ବିଧାୟକଙ୍କୁ ପୋଲିସ ସୁରକ୍ଷା କାହିଁକି ଆବଶ୍ୟକ ପଡ଼ିଲା ତାହା ଆଲୋଚନାର ବିଷୟ ହୋଇଥିବା ବେଳେ ଏହା ପ୍ରୋଟୋକଲ ବାହାରେ ବୋଲି ଆଠମଲ୍ଲିକ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା କହିଛନ୍ତି। ଏସ୍‌ଡିପିଓ କହିଛନ୍ତି, ବିଧାୟକଙ୍କ ଗାଡ଼ିକୁ ପୋଲିସ ପକ୍ଷରୁ ପାଇଲଟିଂ କରାଯିବା ପ୍ରୋଟୋକଲରେ ନାହିଁ। ଏହି ଘଟଣାର ତଦନ୍ତ କରାଯିବ।

ପ୍ରକାଶ ଯେ, ବିଧାୟକ ସାଏ ଶୁକ୍ରବାର ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ୩୦ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ରମେଶ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆସୁଥିବା ବେଳେ ବିଧାୟକଙ୍କ ଗାଡ଼ି ଆଗରେ ପିସିଆର୍ ଭ୍ୟାନ ଥିବା ଦେଖିବାକୁ ମିଳିଥିଲା। ସେହିପରି ସାଏ ମାଧପୁର ଯାଉଥିବା ବେଳେ ମଧ୍ୟ ପିସିଆର ଭ୍ୟାନ ପାଇଲଟିଂ କରିଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ବିଧାୟକ ସାଏ କହିଛନ୍ତି, ସରକାରୀ କାର୍ଯ୍ୟକ୍ରମରେ ଯେଉଁ ସ୍ଥାନକୁ ଯାଉଛି ପୋଲିସ ସେଠାକୁ ଯାଉଛି। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଥିବାରୁ ପୋଲିସ ସେଠାକୁ ଯାଇଥିଲା। ମୋ ଜୀବନ ପ୍ରତି କିଛି ବିପଦ ନ ଥିବା ବିଧାୟକ ପ୍ରକାଶ କରିଛନ୍ତି।

## ତୀର୍ଥଯାତ୍ରାରେ ସାମିଲ ହେଲେ ପାଟଣାର ୭ ବରିଷ୍ଠ ନାଗରିକ

**ପାଟଣା,୧୩।୧୨(ସ୍ୱ.ପ୍ର.):** ଓଡିଶା ସରକାର ବରିଷ୍ଠ ନାଗରିକଙ୍କ ପାଇଁ କରିଥିବା ତୀର୍ଥ ପରିଦର୍ଶନ ଯୋଜନାରେ କେନ୍ଦୁଝର ଜିଲାରୁ ୧୭୫ ଜଣ ସାମିଲ ହୋଇ ଗୁରୁବାର ଯାତ୍ରା କରିଛନ୍ତି। ସେଥିମଧ୍ୟରୁ ପାଟଣା ବ୍ଲକର ୭ ଜଣ ବରିଷ୍ଠ ନାଗରିକ ରହିଛନ୍ତି। ଏମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବା ସହ ୪ ଟି ବସ ଯୋଗେ ବାଲେଶ୍ୱର ରେଲୱେ ଷ୍ଟେଶନକୁ ନିଆଯାଇଥିଲା। ସେମାନେ ସେଠାରୁ ଟ୍ରେନ ଧରି ଋଷିକେଶ ଓ ହରିଦ୍ୱାର ଯାତ୍ରା କରିଥିବା ଜଣାପଡ଼ିଛି। ସେମାନେ ଆସନ୍ତା ୧୮ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି।

## ପୁଣ୍ୟାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ


ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

**ବଅଁରପାଳ, ୧୩।୧୨(ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବଳରାମପ୍ରସାଦ ଠାରେ ଥିବା ପୁଣ୍ୟାଶ୍ରମର ୧୨୦ ଅନ୍ତେବାସୀଙ୍କୁ ଗୁରୁବାର କମ୍ବଳ ବଣ୍ଟନ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ମାନସ ରଞ୍ଜନ ମିଶ୍ର ଓ ଅନୁଷ୍ଠାନର ପ୍ରତିଷ୍ଠାତା ରେଣୁବାଳା ଦାଶ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଅକ୍ଷମ ନ ହୋଇ ସେମାନେ ସକ୍ଷମ ଭଳି କାର୍ଯ୍ୟ କରୁଛନ୍ତି। ଏମାନେ ସମସ୍ତେ ଗୋଟିଏ ଗୋଟିଏ ଉଦାହରଣ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କରିଥିଲେ। ଏଥିସହିତ ଆଶ୍ରମର ବିଭିନ୍ନ ସମସ୍ୟା ବିଷୟରେ ବୁଝି ଏହାର ସମାଧାନ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ।




ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଡିସେମ୍ବର, ୨୦୧୯

ସମୟ – ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମି. ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ,**
ସଭାପତି, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ମୁଖ୍ୟ ବକ୍ତା – **ଡ. ଅନନ୍ତରାମ କର,** ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ

ଧନ୍ୟବାଦ ଅର୍ପଣ – **ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ,**
ସମ୍ପାଦକ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0100/1920 DADLS-68

## ସଂକ୍ଷେପରେ

### ମାଛ ମାରିବା ବେଳେ ଦୁର୍ଘଟଣା, ୫ ଆହତ

ଅନୁଗୋଳ ଅଫିସ, ୧୩।୧୨- ଅନୁଗୋଳ ଥାନା ଅଞ୍ଚଳର ଏକ ଜୋରରୁ ମାଛ ମାରିବା ବେଳେ ଶୁକ୍ରବାର ମଧାହ୍ନରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ଦୁଇ ଜଣ ଗୁରୁତର ଥିବାବେଳେ ଅନ୍ୟ ଦୁଇ ଜଣ ବଧିର ହୋଇଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଜଣେ ଛୋଟ ପିଲା ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ କି ସୂଚନା ନ ଥିବା ଜଣାପଡ଼ିଛି। ଡିନାମାଇଟ୍ ଫୁଟି ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ରନାଥ ମହାନ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ତେବେ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ମେଡିକାଲ ପକ୍ଷରୁ ସେପରି କୌଣସି ସୂଚନା ଆମ ନିକଟକୁ ଆସିନାହିଁ। ଆସିଲେ ଘଟଣାର ତଦନ୍ତ କରାଯିବ।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଅନୁଗୋଳ ଅଫିସ, ୧୩।୧୨: ଅନୁଗୋଳ ଜିଲା ପରତରା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ କୁମାର ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କରଡ଼ାଗାଡ଼ିଆର ପୂର୍ବତନ ସରପଞ୍ଚ ନିବାସ ଦାସଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ବଅଁରପାଳ ବ୍ଲକର ଏବିଇଓ ମନୋରମା ମାଝି, ସିଆର୍‌ସିସି ଲକ୍ଷ୍ମୀଧର ସାହୁ, ହେମନ୍ତ କୁମାର ମାଝି, ସନ୍ତୋଷ କୁମାର ସାମଲ, କିଶୋର ଚନ୍ଦ୍ର ସାହୁ ଓ ଆଦିତ୍ୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁ, ସହକାରୀ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ସାର୍ଥକ କୁମାର ଦେହୁରୀ, ଶିକ୍ଷୟିତ୍ରୀ ମିନତୀ ମିଶ୍ର ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ସଦ୍‌ଗୁଣ ଉପରେ ଆଲୋକପାତ କରିଥିଲେ। ଗ୍ରାମ କମିଟି ସମ୍ପାଦକ ବିଚିତ୍ର କୁମାର ଦେହୁରୀ, ଜ୍ୟୋତ୍ସ୍ନା ପ୍ରଧାନ, ଗ୍ରାମବାସୀ, ଏସ୍‌ଏମ୍‌ସି ସଭ୍ୟା ସଭ୍ୟ, ପୂର୍ବତନ ଓ ଏବେର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଶ୍ରୀରାଧାକୃଷ୍ଣ ବିବାହ ମହୋତ୍ସବ

ଭଦ୍ରକ ଅଫିସ, ୧୩।୧୨: ଭଦ୍ରକ ଚନ୍ଦନବଜାରସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ଶ୍ରୀରାଧାକୃଷ୍ଣ ବିବାହ ମହୋତ୍ସବ ସ୍ୱାମୀ ମୁକୁନ୍ଦ କୃଷ୍ଣଜୀ ମହାରାଜାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକୃଷ୍ଣଙ୍କ ପିତା ରୂପେ ଗୋବିନ୍ଦ ଗୁପ୍ତା ଓ ଶ୍ରୀରାଧାଙ୍କ ପିତା ରୂପେ ମହେନ୍ଦ୍ର ଗୁପ୍ତା ଯୋଗ ଦେଇଥିଲେ। ଆୟୋଜିତ ସନ୍ଥ ସମ୍ମିଳନୀରେ ଓଡ଼ିଶାରୁ ମହନ୍ତ କମଳାକାନ୍ତ ଦାସ ମହାରାଜ, ପଦ୍ମଚରଣ ଦାସ ମହାରାଜ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ■ଫସଲ ବଞ୍ଚାଇବାକୁ ଜୀବନ ବାଜି

# ମଞ୍ଚାରେ ବିତୁଛି ମାସ ପରେ ମାସ

ବନ୍ତଳା, ୧୩।୧୨ (ଦିନେଶ ଦେହୁରୀ)



ଟିକରପଡ଼ା ପଞ୍ଚାୟତ ହାତିବାରୀର ଜଣେ ମହିଳା ମଞ୍ଚା ଉପରେ ବସି ଫସଲ ଜଗିଛନ୍ତି।

ପରିବାର ପ୍ରତିପୋଷଣ ପାଇଁ ସେମିତି କିଛି ଆୟ ନାହିଁ। ଯେଉଁ ଅଳ୍ପ କିଛି ଜମି ଅଛି ସେଥିରେ ଦିନରାତି ପରିଶ୍ରମ କରି ଚାଷ କରୁଛନ୍ତି। ହେଲେ ସମସ୍ତ ଫସଲ ଯେ ଅମଳ ହୋଇ ଘରକୁ ଆସିବ ସେ ନେଇ ଶତପ୍ରତିଶତ ନିଶ୍ଚିତ ନୁହନ୍ତି ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ୭ ପଞ୍ଚାୟତର ଚାଷୀ। ତେଣୁ ଜୀବନକୁ ବାଜି ଲଗାଇ ସେମାନେ ମାସ ମାସ ଧରି ମଞ୍ଚା ବାନ୍ଧି ଫସଲ ଜଗୁଛନ୍ତି। ବନ୍ୟପ୍ରାଣୀ ମୁହଁରୁ ଯାହା କିଛି ବଳୁଛି ତାହାକୁ ଘରକୁ ଆଣୁଛନ୍ତି। କେତେବେଳେ ହାତୀ, ବରହା ଆକ୍ରମଣରେ ମୃତାହତ ମଧ୍ୟ ହେଉଛନ୍ତି। ବର୍ଷ ବର୍ଷ ଧରି ଏପରି ଫସଲ କ୍ଷତିର ସମ୍ମୁଖୀନ ହେଉଥିଲେ ବି ବନ ବିଭାଗ ଉପଯୁକ୍ତ କ୍ଷତିପୂରଣ ଦେଉନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ଏକର ପିଛା ସହାୟତା ଦେବାକୁ ସେମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ଅଭୟାରଣ୍ୟ ମଧ୍ୟରେ ଥିବା ଅନୁଗୋଳ ଜିଲାର ଟିକରପଡ଼ା, ପୁରୁଣାକୋଟ, ଜଗନ୍ନାଥପୁର, ବଲଙ୍ଗ, ଟାଇଁସି, ଅନ୍ତୁଳିଆ ଓ କୋଠଭୂଇଁ ପଞ୍ଚାୟତର ଚାଷୀମାନେ ବର୍ଷ ତମାମ ବିଭିନ୍ନ ଫସଲ କରିଥାନ୍ତି। ଧାନ, ମୁଗ, ବିରି, ବାଦାମ, ହରଡ଼, କନ୍ଦମୂଳ ଆଦି ଚାଷ କରିବା ସହ ତାହାକୁ ବନ୍ୟପ୍ରାଣୀଙ୍କ ମୁହଁରୁ ରକ୍ଷା କରିବାକୁ ଜଗି ରହିଥାନ୍ତି। ଦିନକୁ ଦିନ ଏଠାର ହାତୀ, ବାରହା ଉପଦ୍ରବ ବଢୁଥିବାରୁ ଚାଷୀମାନେ ଆଉ ପୂର୍ବପରି ଅଧିକ ଜମିରେ ଚାଷ କରିପାରୁ ନାହାନ୍ତି। କାରଣ ବନ ବିଭାଗର ସହାୟତା ବିନା ଏତେ ଫସଲକୁ ସୁରକ୍ଷା ଦେବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ଅଳ୍ପ ଜମିରେ କରୁଥିବା ଫସଲକୁ ମଞ୍ଚା ବାନ୍ଧି ସେମାନେ ଜଗି ବସୁଛନ୍ତି। ହାତୀ ପଲ ଆସିଲେ ଘଉଡ଼ାଇବାକୁ ବନ ବିଭାଗ କେବଳ କିଛି ବାଣ ଯୋଗାଉଥିବାବେଳେ ଚାଷୀମାନେ ରାତିରେ ନିଆଁହୁଳା ଓ ଦିନରେ ଟିଣ ବାଜା ବଜାଇ ବନ୍ୟଜନ୍ତୁଙ୍କୁ ଦୂରେଇବାକୁ ଉଦ୍ୟମ କରୁଛନ୍ତି। ସେହିପରି ନଷ୍ଟ ହେଉଥିବା ଫସଲର କ୍ଷତିପୂରଣ ବାବଦରେ ବନ ବିଭାଗ କେବଳ କିଛି ଅନୁକମ୍ପାମୂଳକ ସହାୟତା ପ୍ରଦାନ କରୁଛି, ଯେଉଁଥିରେ କ୍ଷତିଭରଣା ସମ୍ଭବ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ସାତକୋଶିଆ ଅଧିବାସୀମାନେ ବାରମ୍ବାର ଆନ୍ଦୋଳନ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା କହିଛନ୍ତି। ଟିକରପଡ଼ା ପଞ୍ଚାୟତ ହାତିବାରୀ ଗ୍ରାମର ରମେଶ ସାହୁ, କଇରା ସାହୁ, ଧୀର ବେହେରା, ବିଜୁ ନାଏକ, ନୀଳକଣ୍ଠ ସାହୁ, ଧୁବେଇ ସାହୁଙ୍କ ସମେତ ଗ୍ରାମର ଚାଷୀମାନେ ଜମିରେ ୩୦ଟି ମଞ୍ଚା କରି ଫସଲକୁ ସୁରକ୍ଷା ଦେଉଛନ୍ତି। ସେହିପରି ଟିକରପଡ଼ା ଗାଁର ଚାଷୀ ୧୫ଟି ମଞ୍ଚା, ବେହେରାସାହିର ଚାଷୀ ୩୦ଟି, କଟରଙ୍ଗରେ ୩୫, କୁଶଖଳିରେ ୧୦, କରଡ଼ାପଡ଼ାରେ ୨୫ଟିକୁ ମିଶାଇ ଏହି ପଞ୍ଚାୟତର ଚାଷୀମାନେ ମୋଟ୍ ୧୪୮ଟି ମଞ୍ଚାରେ ଜୀବନକୁ ବାଜି ଲଗାଇ ଫସଲକୁ ସୁରକ୍ଷା ଦେଉଛନ୍ତି। ସେହିପରି ପୁରୁଣାକୋଟ ପଞ୍ଚାୟତ ପୁରୁଣାକୋଟ ଗ୍ରାମର ବିଜି ବିଶୋଇ, ପ୍ରଫୁଲ୍ଲ ବିଶୋଇ, ଗୋକୁଳ ବିଶୋଇ, ନୀର ବିଶୋଇ ପ୍ରମୁଖ ୩୫ଟି ମଞ୍ଚା କରିଛନ୍ତି। ଗୋପାଳପୁର ଗ୍ରାମର ନୀର ପଧାନ, ଅଦେଇ ମହାରଥୀ, ବସନ୍ତ ନାଏକ, କ୍ଷେତ୍ର ନାଏକ, କୁମୁଦ ଦାସ, ଶରତ ଦାସ ପ୍ରମୁଖ ୧୨ଟି ମଞ୍ଚା କରିଛନ୍ତି। ଛୋଟକେଇରେ ୨୫ଟି, ଟୁଲୁକାରେ ୩୦, ସାଲରରେ ୨୦, ଭୁକୁଣ୍ଡିରେ ୩୨, ବଡ଼କ୍ଷେତାରେ ୧୩ଟିକୁ ନେଇ ପୁରୁଣାକୋଟ ପଞ୍ଚାୟତରେ ୧୩୭ଟି ମଞ୍ଚା କରାଯାଇଛି। ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ୨୫ଟି, ବୃତ୍ତିରେ ୨୦, ଟାକରିସିଂହାରେ ୩୨, ହିଂସିରିଡ଼ାରେ ୧୦, କୁଲାଙ୍ଗୀରେ ୨୫, ତରଭାରେ ୨୦, ଅଶନବାହାଳରେ ୨୪ଟିକୁ ନେଇ ମୋଟ୍ ୧୩୪ଟି ମଞ୍ଚା ଜଗନ୍ନାଥପୁର ପଞ୍ଚାୟତର ଚାଷୀମାନେ କରିଛନ୍ତି। ଟାଇଁସିରେ ୧୪୧ଟି ମଞ୍ଚା, କୋଠଭୂଇଁରେ ୧୨୩, ଅନ୍ତୁଳିଆରେ ୧୧୭, ବଲଙ୍ଗ ପଞ୍ଚାୟତରେ ୧୨୦ଟି ମଞ୍ଚାରେ ଚାଷୀ ଫସଲ ଜଗୁଛନ୍ତି। ଏପରି ଭାବେ ଅଭୟାରଣ୍ୟ ମଧ୍ୟରେ ଥିବା ୭ଟି ପଞ୍ଚାୟତରେ ମୋଟ୍ ୯୨୦ଟି ମଞ୍ଚା କରାଯାଇଥିବା ସୂଚନା ମିଳିଛି। ହାତୀବାରିର ଚାଷୀ ମୀନତି ସାହୁ ଓ ସୋମନାଥ ଗଡ଼ତିଆ କୁହନ୍ତି, ଧାନ ବିଲ ହୁଡ଼ାରେ ମଞ୍ଚା କରି ୪୫ ଦିନ ଜଗି ରହୁଛୁ। ତଥାପି ବାରହା ଓ ହାତୀ ଆସି ଫସଲ ନଷ୍ଟ କରୁଛି। ସାତକୋଶିଆବାସୀଙ୍କ ଏପରି କ୍ଷୟକ୍ଷତିର ଉପଯୁକ୍ତ ତଦନ୍ତ କରି ବନ ବିଭାଗ ଏକର ପିଛା କ୍ଷତିପୂରଣ ସହ ବନ୍ୟଜନ୍ତୁ ଆକ୍ରମଣରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଓ ଜଣକୁ ଚାକିରି, ଗାଁ ଚାରିପଟେ ଟ୍ରେଞ୍ଚ ଖୋଳୁ ବୋଲି ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି ସଭାପତି ଜନାର୍ଦ୍ଦନ ସାହୁ, ସମ୍ପାଦକ ବିରାଜ ଜାନି, ପୁରୁଣାକୋଟ ସରପଞ୍ଚ ଅନନ୍ତ ବାସୁଦେବ ମହାନ୍ତି, ଆଇନଜୀବୀ ବୀରେନ୍ ନାଏକ, ଟିକରପଡ଼ା ସରପଞ୍ଚ ସୁମତି ଦଳବେହେରା, ସମିତି ସଭ୍ୟ ବିଦ୍ୟାଧର ପଧାନ, ଜଗନ୍ନାଥପୁର ସରପଞ୍ଚ ବିନୋଦ ସାହୁ ପ୍ରମୁଖ ଦାବି କରିଛନ୍ତି।

■୭ ପଞ୍ଚାୟତବାସୀ ବାନ୍ଧିଛନ୍ତି ୯୨୦ ମଞ୍ଚା

■ବନ୍ୟପ୍ରାଣୀ ମୁହଁରୁ ବଳିଲେ ଆଣୁଛନ୍ତି ଘରକୁ

■ଏକର ପିଛା କ୍ଷତିପୂରଣ ଦେବାକୁ ଦାବି

### ଅନୁଦାନ ଅନୁଯାୟୀ ଦିଆଯାଉଛି ସହାୟତା



ଅଭୟାରଣ୍ୟ ଅଞ୍ଚଳର ଚାଷୀଙ୍କ ଏହି ସମସ୍ୟା ସମ୍ପର୍କରେ ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି. କୁହନ୍ତି, ମଞ୍ଚାରେ ଯେଉଁମାନେ ଫସଲ ଜଗୁଛନ୍ତି ସେମାନଙ୍କୁ ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ବାଣ ଦିଆଯାଉଛି। ଏଥିସହ ହାତୀଙ୍କୁ ରୋକିବାକୁ ବନ ବିଭାଗ ପକ୍ଷରୁ ୱାଚରଙ୍କୁ ନେଇ ପାଟ୍ରୋଲିଂ କରାଯାଉଛି। ଇଡିସି ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ସରକାର ଯାହା ଅନୁଦାନ ଦିଅନ୍ତି ସେହି ଅନୁଯାୟୀ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଉଛି।

## ରୋଗ ଯନ୍ତ୍ରଣା ଅସହ୍ୟ ହେଲା

### ନିଜକୁ ଜାଳିଦେଲେ ଯୁବକ

ରାଇରଙ୍ଗପୁର,୧୩।୧୨ (ଡି.ଏନ୍.ଏ.)

ରୋଗ ଯନ୍ତ୍ରଣା ଅସହ୍ୟ ହେଲା। ଶେଷରେ ଜୀବନ ହାରି ଦେବାକୁ କଠୋର ନିଷ୍ପତ୍ତି ନେଲେ ଯୁବକ। ନିଜକୁ ଜାଳି ଦେଇ ସବୁଦିନ ପାଇଁ ନିଃଶେଷ ହୋଇଗଲେ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ସୁନାପୋଷି ଗ୍ରାମରେ। ପଡ଼ୋଶୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସୁନାପୋଷି ଗ୍ରାମର ରବୀନ୍ଦ୍ର ତାମୁଡିଆ(୪୦) ଦୀର୍ଘଦିନ ହେବ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରିବାରରେ ଅନ୍ୟ କେହି ନ ଥିବାରୁ ସେ ଗାଁ ମୁଣ୍ଡ ଏକ କୁଡ଼ିଆ ଘରେ ଏକାକୀ ରହୁଥିଲେ। ଶୁକ୍ରବାର ଅପରାହ୍ନ ୩ଟାରେ ଘର ଭିତରେ ସେ ପୋଡ଼ି ହୋଇ ଗୁରୁତର ହୋଇ ପଡ଼ିଥିବା ପଡ଼ୋଶୀ ଲୋକେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସେ କେଉଁ ରୋଗରେ ପୀଡ଼ିତ ଥିଲେ ତାହା ସ୍ପଷ୍ଟ ହୋଇ ନାହିଁ। ତିରିଂ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୯) ରୁଜୁ ହୋଇଛି।

# ବେଆଇନ ପାଚେରି ଭାଙ୍ଗିଲା ପ୍ରଶାସନ

ଛେଣ୍ଡିପଦା,୧୩।୧୨(ସ୍ୱ.ପ୍ର.)

■ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ ଉତ୍ତେଜନା

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମର କଲ୍ୟାଣ ମଣ୍ଡପକୁ ଲାଗି ଥିବା ସରକାରୀ ଜମିରେ ନିର୍ମିତ ବେଆଇନ ପାଚେରିକୁ ଶୁକ୍ରବାର ଛେଣ୍ଡିପଦା ତହସିଲଦାର ଉଚ୍ଛେଦ କରାଇଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା।

ଘଟଣାରୁ ପ୍ରକାଶ, ବ୍ରାହ୍ମଣବିଲ ଗ୍ରାମର କଲ୍ୟାଣ ମଣ୍ଡପକୁ ଲାଗିଥିବା ସରକାରୀ ଜମି ଖାତା ନଂ. ୮୧୩ର ପ୍ଲଟ ନଂ.୧୪୭୩, ୧୪୭୪ ଓ ୧୪୭୫ରେ ସେହି ଗ୍ରାମର ଚିନ୍ତାମଣି ବେହେରା ୦.୦୨୩୦ ହେକ୍ଟର ଜାଗା ଜବରଦଖଲ କରି ସେଠାରେ ପକ୍କାଘର ସହ ଏକ ଇଟା କାନ୍ଥ ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ଉକ୍ତ ସରକାରୀ ଜାଗା ସଙ୍କୁଚିତ ହେବା ଯୋଗୁ ସେଠାରୁ ଜବରଦଖଲ ହଟାଇବାକୁ ଗ୍ରାମବାସୀ ଗ୍ରାମ ସଭା କରିବା ସହ ଛେଣ୍ଡିପଦା ତହସିଲଦାରଙ୍କ ନିକଟରେ ଦାବି କରିଆସୁଥିଲେ। ଏ ନେଇ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଜଣାଇଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ଓ ଛେଣ୍ଡିପଦା ପୋଲିସ ବ୍ରାହ୍ମଣବିଲ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ଉପସ୍ଥିତିରେ ଜବର ଦଖଲ ଚିହ୍ନଟ କରିବା ସହିତ ସେଠାରେ ନିର୍ମିତ ହୋଇଥିବା ପାଚେରିକୁ ଭାଙ୍ଗିଥିଲେ। ତେବେ ସେଠାରେ ନିର୍ମିତ ହୋଇଥିବା ଘରକୁ ପ୍ରଶାସନ ପକ୍ଷରୁ ଭଙ୍ଗା ନ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଏପରିକି ଗ୍ରାମବାସୀ ବ୍ରାହ୍ମଣବିଲ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ତହସିଲଦାର ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ଛେଣ୍ଡିପଦା ତହସିଲଦାର କୁହନ୍ତି, ସରକାରୀ ନିୟମ ଅନୁଯାୟୀ ସେଠାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଆଇନ ଅନୁସାରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଆସନ୍ତା ଜାନୁୟାରୀ ୧୬ ତାରିଖ ମଧ୍ୟରେ ଉଚ୍ଛେଦ କାମ କରା ନ ଗଲେ ୧୮ ତାରିଖରୁ ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ମା’ ଲକ୍ଷ୍ମୀଙ୍କୁ ବିଦାୟ

ବନ୍ତଳା, ୧୩।୧୨ (ଡି.ଏନ୍.ଏ.)



ମାଣବସା ଗୁରୁବାର ପାଇଁ ଅନୁଗୋଳ ଜିଲା ବନ୍ତଳା ଥାନା ଖାଲଗାଁ ଗ୍ରାମରେ ହୋଇଥିବା ମା’ ଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବାରଗୌଣିଆରୁ ଘଣ୍ଟବାଜା, ଖଣ୍ଡହତାର ଲଉଡ଼ି ଖେଳ, ସିଙ୍ଘ ବାଜା ଆଦି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଗାଁରେ ଏହି ପୂଜା ଉତ୍ସବ ୭ ଦିନ ଧରି ଚାଲିଥିଲା। ପୂଜା ମଣ୍ଡପରୁ ବାହାରିଥିବା ଏହି ଭସାଣି ଶୋଭାଯାତ୍ରା ବଉଳୀନାଳ ନିକଟରେ ଶେଷ ହେବା ସହ ମା’ଙ୍କୁ ବିସର୍ଜନ କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ପରେ ସମସ୍ତେ ଏକତ୍ର ବସି ପ୍ରସାଦ ସେବନ କରିଥିଲେ।

## ମୁଖ୍ୟ ଚିକିତ୍ସାଳୟରେ ଥାଲାସେମିଆ ରୋଗୀଙ୍କୁ ଅଣଦେଖା

# ମିଳୁନି ଔଷଧ, ପ୍ରଦାନ କରାଯାଉନି ଭତ୍ତା

ଅନୁଗୋଳ ଅଫିସ, ୧୩।୧୨



ଅଭିଯୋଗ ପତ୍ର ପ୍ରଦାନ କରିବାକୁ ଆସିଥିବା ଅଭିଯୋଗକାରୀମାନେ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ସିକଲସେଲ ଓ ଥାଲାସେମିଆ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ରୋଗୀମାନଙ୍କୁ ମେଡିକାଲରେ ଔଷଧ ମିଳୁ ନ ଥିବାବେଳେ ୮ ମାସ ହେବ ଭତ୍ତା ମଧ୍ୟ ପ୍ରଦାନ କରାଯାଇନାହିଁ। ବସଲା, ବେନ୍ତପୁର ଆଦି ଅଞ୍ଚଳରୁ ଆସିଥିବା ସିକଲସେଲ ଓ ଥାଲାସେମିଆ ରୋଗୀଙ୍କ ପରିବାର ଏବଂ ସମ୍ପର୍କୀୟମାନେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ ଉଦ୍ଦେଶ୍ୟରେ ଏପରି ଅଭିଯୋଗପତ୍ର ଏଡିଏମ୍‌ଓଙ୍କୁ ପ୍ରଦାନ କରିଛନ୍ତି। ତେବେ ଏ ନେଇ ଅନୁଧ୍ୟାନ କରାଯିବ ବୋଲି ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଉକ୍ତ ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ସିକଲସେଲ ଓ ଥାଲାସେମିଆ ରୋଗୀରେ ପୀଡ଼ିତ ପିଲାଙ୍କୁ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥାନ୍ତି। ତେବେ ରକ୍ତଭଣ୍ଡାରରେ ରକ୍ତ ମିଳିଯାଉଥିବାବେଳେ ମେଡିକାଲରେ ଔଷଧ ପାଇଁ କୌଣସି ସୁବିଧା ରହୁନାହିଁ। ଏପରି କି ନିରାମୟ ଓ ଜନଔଷଧି କେନ୍ଦ୍ରରେ ଏହା ମିଳୁନାହିଁ। ଫଳରେ କଟକ ବଡ଼ ମେଡିକାଲକୁ ପ୍ରତ୍ୟେକ ମାସରେ ସେମାନଙ୍କୁ ଦୁଇ ଥର ଯିବାକୁ ପଡୁଛି। ଏହାଦ୍ୱାରା ସେମାନେ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ରୋଗୀଙ୍କୁ ସରକାରୀ ପ୍ରୋତ୍ସାହନ ରାଶି ବାବଦକୁ ମାସିକ ଯାତାୟାତ ଖର୍ଚ୍ଚ ୫ ଶହ ଟଙ୍କା ଭତ୍ତା ହିସାବରେ ପ୍ରଦାନ କରାଯାଇଥାଏ। କିନ୍ତୁ ଗତ ୮ ମାସ ହେବ ସେମାନଙ୍କୁ ଏହି ଭତ୍ତା ଟଙ୍କା ମିଳିପାରିନାହିଁ। ଫଳରେ ଚିକିତ୍ସା କରାଇବାକୁ ମେଡିକାଲ ଆସିବା କଷ୍ଟକର ହୋଇପଡ଼ିଲାଣି ବୋଲି ସେମାନେ କହିଛନ୍ତି। ଏପରି କି ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ଉଦ୍ଦିଷ୍ଟ ଔଷଧ କଟକ ଯାଇ ଆଣିବା ସମ୍ଭବପର ହୋଇପାରୁନାହିଁ। ଏ ନେଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉକ୍ତ ଔଷଧ ଯୋଗାଇ ଦିଆଯିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ସିକଲସେଲ ଓ ଥାଲାସେମିଆ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ଖୋଲାଯିବାକୁ ମଧ୍ୟ ଉଲ୍ଲେଖ କରିଛନ୍ତି। ଅଭିଯୋଗପତ୍ର ଗ୍ରହଣ କରିବା ସମୟରେ ଏଡିଏମ୍‌ଓ ବିଶୋଇ କହିଥିଲେ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିଶିନ ମଗାଯିବାର ବ୍ୟବସ୍ଥା କରାଯିବ। ଏଥିସହ ଭତ୍ତା ପ୍ରଦାନ କେଉଁ କାରଣରୁ ହୋଇନାହିଁ, ତାହାର ମଧ୍ୟ ଅନୁଧ୍ୟାନ କରାଯିବ ବୋଲି ଏଡିଏମ୍‌ଓ ପ୍ରତିଶ୍ରୁତି ଦେଇଛନ୍ତି।

## ■ଭିନ୍ନ ନିଶା କବଳରେ ଯୁବଗୋଷ୍ଠୀ

# କଫ୍‌ସିରପ, ଅଠାକୁ କରୁଛନ୍ତି ନିଶା

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୧୩।୧୨



■ଶସ୍ତା, ସହଜରେ ମିଳିଯାଉଛି

■କିଣିବା ପାଇଁ କୋଡ୍‌ୱାର୍ଡ ବ୍ୟବହାର

■ନାଲ୍‌କୋ ପରେ ଅନୁଗୋଳ

ସାଧାରଣତଃ ନିଶା ସେବନ କଥା କହିଲେ ଅନେକେ ମଦ୍ୟପାନକୁ ବୁଝିଥାନ୍ତି। ହେଲେ ଏବର ଯୁବପିଢ଼ି କେବଳ ମଦ୍ୟପାନକୁ ନିଶା କରିନାହାନ୍ତି, ସେମାନେ ଅପେକ୍ଷାକୃତ ଶସ୍ତା ଓ ସହଜରେ ମାର୍କେଟରେ ମିଳୁଥିବା କଫ୍‌ସିରପ ଏବଂ ଏକପ୍ରକାର ଅଠାକୁ ବ୍ୟବହାର କରୁଥିବା ଦେଖାଯାଉଛି। ଏହାଛଡ଼ା ଧଳା ଜହର ଭାବେ ପରିଚିତ ବ୍ରାଉନସୁଗାର ନିଶାରେ ମଧ୍ୟ ଅନେକ ଯୁବ ଗୋଷ୍ଠୀ ପଡ଼ିଛନ୍ତି। ଏସବୁ ନିଶା କାରବାର ଏବେ ଅନୁଗୋଳ ସହରରେ ବଢ଼ିଚାଲିଛି। ସକାଳୁ ସନ୍ଧ୍ୟା ଯାଏ ସହରର ବିଭିନ୍ନ ମାର୍କେଟ୍‌ରେ ଚୋରାରେ ଓ କୋଡ୍ ୱାର୍ଡ଼ରେ ଏସବୁ ବିକ୍ରି କରାଯାଉଥିବା ବେଳେ ଅତି ସହଜରେ ଯୁବଗୋଷ୍ଠୀ ଏହାକୁ ପାଇପାରୁଛନ୍ତି। ଫଳରେ ଶିଳ୍ପନଗରୀ ଅନୁଗୋଳ ଏବେ ଏହି ଭିନ୍ନ ନିଶାଡିଙ୍କ ପାଇଁ ସେଫ୍ ଜୋନ୍ ପାଲଟି ଯାଇଛି।

ସହରବାସୀଙ୍କ କହିବା ଅନୁଯାୟୀ, କଫ୍‌ସିରପ ଓ ଏହି ଅଠା ସାମଗ୍ରୀକୁ ନିଶା ଭାବେ ବ୍ୟବହାର କରାଯିବା ଏବେ ଅନେକ ସ୍ଥାନରେ ଦେଖାଯାଉଛି। ପୂର୍ବରୁ ସହରରେ କାଁ ଭାଁ କେତେଜଣ ଏହାକୁ ବ୍ୟବହାର କରୁଥିବା ଶୁଣାଯାଉଥିଲା। ହେଲେ ବର୍ତ୍ତମାନ ଅତି ସହଜରେ ଓ ଶସ୍ତାରେ ଏହା ସବୁଠି ମିଳିଯାଉଥିବାରୁ ଅଧିକରୁ ଅଧିକ ନିଶାଡ଼ି ଏପରି ନିଶାରେ ପଡ଼ିଛନ୍ତି। ବିଶେଷକରି ଯୁବଗୋଷ୍ଠୀ ଏହାକୁ ଅଧିକ ଲୋଡୁଥିବାରୁ ଚୋରା କାରବାର ସହରରେ ବଢ଼ିଚାଲିଛି। କେତେକ ପାନ ଦୋକାନ, ଗ୍ୟାରେଜ୍, ଏପରି କି କେତେଜଣ ବହି, ଫୁଲ ଦୋକାନୀ ମଧ୍ୟ ଏପରି ନିଶା କାରବାରରେ ସମ୍ପୃକ୍ତ ରହୁଥିବା ଆଲୋଚନା ହେଉଛି। ପୂର୍ବରୁ ନାଲ୍‌କୋକୁ ଏପରି ଚୋରା କାରବାରର ପେଣ୍ଠସ୍ଥଳୀ କୁହାଯାଉଥିଲା। କିନ୍ତୁ ଏବେ ଅନୁଗୋଳ ସହରରେ ଏହି କଫ୍‌ସିରପ ଓ ଅଠାର ନିଶା ବ୍ୟବସାୟ ତାର କାୟା ବିସ୍ତାର କରିଛି। ସ୍ୱଳ୍ପ ଦରରୁ ଆରମ୍ଭ କରି ଦାମୀ ନିଶା ପର୍ଯ୍ୟନ୍ତ, ସହରରେ ସବୁକିଛି ଉପଲବ୍ଧ ହେଉଛି। ବିଗତ ଦିନରେ ଅନୁଗୋଳର କେତେକ ସ୍ଥାନରୁ ବ୍ରାଉନସୁଗାର ବେପାରୀଙ୍କୁ ଧରି ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ କୋର୍ଟ ଚାଲାଣ କରିଥିଲା। କିନ୍ତୁ ଏହି ଚୋରା କାରବାରର ମୂଳ ବ୍ୟବସାୟୀଙ୍କ ନିକଟରେ ପୋଲିସ ଅଦ୍ୟାବଧି ପହଞ୍ଚି ପାରିନାହିଁ। ଛୋଟ ଛୋଟ ପୁଡ଼ିଆରେ ବିକ୍ରି ହେଉଛି ବ୍ରାଉନ ସୁଗାର। ଗୋଟିଏ ପୁଡ଼ିଆ ଦାମ୍ ୨୦୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଏହାର ସ୍ୱତନ୍ତ୍ର କୋଡ୍ ୱାର୍ଡ୍ ରହିଥିବାବେଳେ କଫ୍‌ସିରପକୁ ପାଣି ଓ ଅଠା ସାମଗ୍ରୀର ନାମ ପଲିଥିନ୍ ପ୍ୟାକ୍ ରଖାଯାଇଥିବା ଶୁଣାଯାଉଛି। ସାଧାରଣତଃ ସହରରେ ବୁଲୁଥିବା ଯାଯାବର ପିଲାମାନେ ଏହି ଅଠାକୁ ନିଶା ଆକାରରେ ଅଧିକ ବ୍ୟବହାର କରୁଥିବାବେଳେ ଅନେକ କଲେଜ ଛାତ୍ର ମଧ୍ୟ ଏହାସହ କଫ୍‌ସିରପ ଓ ବ୍ରାଉନସୁଗାର କବଳରେ ପଡୁଛନ୍ତି। ତେବେ ବ୍ରାଉନସୁଗାର ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଥିବାରୁ ଯୁବଗୋଷ୍ଠୀ ଚୋରି, ଲୁଟ୍, ଛିନ୍‌ତାଇ ଆଦି ଆପରାଧିକ କାର୍ଯ୍ୟ କରିବାକୁ ମଧ୍ୟ ପଛାଉ ନାହାନ୍ତି। ସେଥିପାଇଁ ସହରରେ ଅପରାଧ ମଧ୍ୟ ବୃଦ୍ଧି ପାଉଥିବା କୁହାଯାଉଛି। ରାୟପୁରରୁ ସମ୍ବଲପୁର ବାଟ ଦେଇ କଫ୍‌ସିରପ ଅନୁଗୋଳକୁ କକଆସୁଥିବା ଚର୍ଚ୍ଚା ହେଉଥିବା ବେଳେ ଅନୁଗୋଳ ପୋଲିସ କିମ୍ବା ଅବକାରୀ ବିଭାଗ ଏହାକୁ ଅଟକାଇ ପାରୁନାହିଁ।

### ସନ୍ଧାନ କରୁଛି ଅନୁଗୋଳ ପୋଲିସ

ଅନୁଗୋଳ ସହରରେ ବଢୁଥିବା ଏପରି ଭିନ୍ନ ନିଶା କାରବାର ସମ୍ପର୍କରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ବିଭିନ୍ନ ସମୟରେ ଅନୁଗୋଳ ପୋଲିସ, ଅବକାରୀ ବିଭାଗ ଓ ସ୍ପେଶାଲ୍ ସ୍କ୍ୱାଡ୍ ପକ୍ଷରୁ ସହରରେ ଚଢ଼ାଉ କରାଯାଉଛି। ବିଗତ ଦିନରେ ବ୍ରାଉନସୁଗାର ଭଳି ନିଶା ବ୍ୟବସାୟୀ ଓ ଚୋରାରେ କଫ୍‌ସିରପ ବିକ୍ରି କରୁଥିବା ଦୁଇଟି ଦୋକାନୀଙ୍କୁ ଧରାଯାଇଛି। ତେବେ ଅଠା ସାମଗ୍ରୀର ଚୋରା କାରବାର କେଉଁଠି ଚାଲିଛି ତାହାର ସନ୍ଧାନ ନିଆଯାଉଛି। ଏପରି ନିଶା କାରବାର ବନ୍ଦ କରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ସମ୍ପୃକ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

## ଆଜିଠାରୁ 'ଇକୋ ରିଟ୍ରିଟ୍'

# ଗ୍ଲାମରସ୍ କ୍ୟାମ୍ପିଂ-ଫୁଡ୍-ଫନ୍



- ରାମଚଣ୍ଡୀ ବିଚ୍‌ରେ ୪୯ ଦିନର କାର୍ଯ୍ୟକ୍ରମ
- ୫୦ ଲକ୍ସ୍ୟୁରି କଟେଜ୍, ଆଡ୍‌ଭେଞ୍ଚର୍ ସ୍ପୋର୍ଟସ, ମ୍ୟୁଜିକାଲ ନାଇଟ୍
- ଆଜି ପରିବେଷଣ କରିବ 'ୟୁଫୋରିଆ' ବ୍ୟାଣ୍ଡ୍
- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର,୧୩ା୧୨(ବ୍ୟୁରୋ)**

ଲକ୍ସ୍ୟୁରି କଟେଜ୍, ଆଡ୍‌ଭେଞ୍ଚର ସ୍ପୋର୍ଟସ, ୱାଟର୍ ସ୍ପୋର୍ଟସ, ବିଚ୍ ଭଲିବଲ୍, ଥେରାପ୍ୟୁଟିକ୍ ୱାକ, ବିଚ୍ ସ୍ପା, ସେଲିବ୍ରିଟି ଡିଜେ, ଖ୍ୟାତନାମା ବ୍ୟାଣ୍ଡ୍ ଓ ମନପସନ୍ଦର ଖାଦ୍ୟ। ଗୋଟିଏ ସ୍ଥାନରେ ସବୁକିଛିର ଅନୁଭବ ନେଇପାରିବେ ପର୍ଯ୍ୟଟକ। ଏଥିପାଇଁ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି 'ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ୍'। ବିଶ୍ୱ ଦରବାରରେ ଓଡ଼ିଶା ପର୍ଯ୍ୟଟନର ସ୍ୱତନ୍ତ୍ରତାକୁ ଦର୍ଶାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଆକର୍ଷଣୀୟ ପଦକ୍ଷେପ ନିଆଯାଇଛି। ଏଥିରେ ଦେଶ ବିଦେଶର ପର୍ଯ୍ୟଟକ ପ୍ରଥମଥର ପାଇଁ ଓଡ଼ିଶାରେ 'ଗ୍ଲାମରସ୍ କ୍ୟାମ୍ପିଂ' ବା ଗ୍ଲାମ୍ପିଂର ମଜା ନେଇପାରିବେ। ବିଶ୍ୱପ୍ରସିଦ୍ଧ କୋଣାର୍କକୁ ଦିନିକିଆ ପର୍ଯ୍ୟଟନସ୍ଥଳୀରୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଆୟୋଜିତ ହେବାକୁ ଥିବା ଏହି ବହୁ ପ୍ରତୀକ୍ଷିତ ଉତ୍ସବକୁ ଶନିବାର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଗୁଜରାଟର କଚ୍ଛ ରାନ୍ ଉତ୍ସବ ଢାଞ୍ଚାରେ କରାଯାଉଥିବା ଏହି ଉତ୍ସବ ଡିସେମ୍ବର ୧୪ରୁ ଆରମ୍ଭ ହୋଇ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଚାଲିବ। ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ୫୦ଟି ଲକ୍ସ୍ୟୁରି କଟେଜ୍‌ରେ ପର୍ଯ୍ୟଟକମାନେ ରହିବା ସହ ସୁସ୍ୱାଦୁ ଖାଦ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇପାରିବେ। ଏଥିସହ ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ଓ ଖାଦ୍ୟାଭ୍ୟାସକୁ ନିକଟରୁ ଜାଣିବାର ସୁଯୋଗ ପାଇପାରିବେ ବୋଲି ଶୁକ୍ରବାର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ କହିଥିଲେ। ୪.୮୨ କୋଟି ଟଙ୍କା ବଜେଟରେ ହେଉଥିବା ଏହି ୪୯ ଦିନିଆ ଉତ୍ସବ ଉଭୟ ସାଧାରଣ ଲୋକ ଏବଂ ଇନ୍‌ହାଉସ୍ ପର୍ଯ୍ୟଟକଙ୍କ ପାଇଁ ଖୋଲାରହିବ। ଉତ୍ସବକୁ ୩ଟି ଜୋନ୍‌ରେ ବିଭକ୍ତ କରାଯାଇଥିବାବେଳେ କେବଳ ପବ୍ଲିକ୍ ଏରିଆକୁ ସାଧାରଣ ଲୋକଙ୍କୁ ଛଡାଯିବ। ସେହିଭଳି ଇନ୍‌ହାଉସ୍ ଏରିଆରେ କଟେଜ୍ ବୁକିଂ କରିଥିବା ପର୍ଯ୍ୟଟକମାନେ ରହିପାରିବେ। ସ୍ୱତନ୍ତ୍ର ଷ୍ଟେଜ୍ ଏରିଆରେ ପ୍ରତି ସନ୍ଧ୍ୟାରେ ଓଡ଼ିଶାର ଲୋକକଳା, ନୃତ୍ୟ, ସଙ୍ଗୀତ ପରିବେଷଣ କରାଯିବ। ପ୍ରତି ଶନିବାର ସନ୍ଧ୍ୟାରେ 'ୟୁଫୋରିଆ', 'ଇଣ୍ଡିଆନ୍ ଓସେନ୍' ଭଳି ବ୍ୟାଣ୍ଡ୍ ସହ ହର୍ଷଦୀପ କୌର, ବେନି ଦୟାଲ, ମାମେ ଖାନ୍, ସଲିମ ସୁଲେମାନ୍ ଓ କ୍ରିଷ୍ଣା ବେଉରାଙ୍କ ଭଳି ଖ୍ୟାତନାମା କଣ୍ଠଶିଳ୍ପୀମାନେ ଲାଇଭ୍ ମ୍ୟୁଜିକ୍ ପରିବେଷଣ କରିବେ। ଏଥିପାଇଁ ପ୍ରବେଶ ଶୁଳ୍କ ଅତିକମ୍‌ରେ ୫୦ଟଙ୍କା ରହିବ। ଅସ୍ଥାୟୀଭାବେ ନିର୍ମିତ ୪ଟି ରେଷ୍ଟୁରାଣ୍ଟ ପାରମ୍ପରିକ ଓଡ଼ିଆ ଖାଦ୍ୟରୁ ଆରମ୍ଭକରି ସମସ୍ତ ପ୍ରକାର ଦେଶୀ ବିଦେଶୀ ଖାଦ୍ୟ ପରିବେଷଣ କରିବେ।

ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ସ୍ୱତନ୍ତ୍ର ଷ୍ଟଲ୍ ଖୋଲିବାକୁ ଥିବାବେଳେ ବାଲୁଖଣ୍ଡ ଅଭୟାରଣ୍ୟରେ ନେଚର ଟ୍ରେଲ୍ ସହ ଟେମ୍ପୁଲ୍ ଟୁର୍ ଏବଂ ଇକୋଲୋଜିକାଲ ଟୁର୍ ହେବ। ସେହିଭଳି ଆଡ୍‌ଭେଞ୍ଚର ସ୍ପୋର୍ଟସରେ 'ଜେଟ୍-ସ୍କି', 'ସ୍ପିଡ୍ ବୋଟିଂ', 'ପାରାସେଲିଂ', 'ଏଟିଭି', 'ଆର୍ଚେରୀ', 'ରାଇଫଲ୍ ଶୁଟିଂ', 'ବିଚ୍ ଭଲିବଲ୍', 'ୱାଟର୍ ରୋଲର୍' ଆଦି ରହିବ। 'ମାଇସ୍ ଟୁରିଜିମ୍'କୁ ନଜରରେ ରଖି ଏଠାରେ ସ୍ୱତନ୍ତ୍ର କନ୍‌ଫରେନ୍ସ ହଲ୍ କରାଯାଇଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର କର୍ପୋରେଟ୍ ପ୍ୟାକେଜ୍ ରହିଛି। ଏହାବ୍ୟତୀତ ସ୍ୱତନ୍ତ୍ର ଫୁଡ୍ ଫେଷ୍ଟିଭାଲ ଓ ବିଚ୍ ମାର୍କେଟ୍‌ର ମଜା ସାଧାରଣ ଲୋକ ନେଇପାରିବେ। ପର୍ଯ୍ୟଟକମାନେ https://ecoretreat.odishatourism.gov.in/ ଏବଂ ecoretreat@panthanivas.com ଜରିଆରେ ବୁକିଂ କରିପାରିବେ ବୋଲି ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍. ଯାଦବ କହିଛନ୍ତି।

# କେନ୍ଦ୍ର ଯୋଜନା ହଡ଼ପ ଅଭିଯୋଗ ଆଣିଲା ଭାଜପା

**ଭୁବନେଶ୍ୱର,୧୩ା୧୨(ବ୍ୟୁରୋ)**

ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରି ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ କରିବା ପାଇଁ ବାରମ୍ବାର ଷଡ଼ଯନ୍ତ୍ର କରୁଛନ୍ତି। ଯାଜପୁର ଜିଲା ଡିଆର୍‌ଡିଏ ତରଫରୁ ପିଡିଙ୍କ ଦସ୍ତଖତରେ ୧୦ଟି ବ୍ଲକ ପାଇଁ ୧୪ ହଜାର ୧୩୧ଟି ବିଜୁ ପକ୍କା ଘରର ଚିତ୍ର ଥିବା ଟାଇଲ ଯୋଗାଇଦେବା ପାଇଁ ବରାଦ ଦିଆଯାଇଛି। ଉକ୍ତ ସେ ବାବଦ ଅର୍ଥ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦିଆଯାଉଛି। ତେଣୁ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ସାଧାରଣ ଲୋକଙ୍କୁ ନ ଠକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚିତ୍ର ପ୍ରସ୍ତୁତ କରି ହିତାଧିକାରୀଙ୍କ ଘର ଉପରେ ଲଗାଯାଉ ବୋଲି ଭାଜପା ଉପସଭାପତି ସମୀର ମହାନ୍ତି ଦାବି କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଗତ ୩ଟି ବଜେଟରେ ରାଜ୍ୟ ସରକାର ଗରିବଙ୍କ ପାଇଁ ଉଦ୍ଦିଷ୍ଟ ବିଜୁ ପକ୍କା ଘର ଯୋଜନାରେ ଟଙ୍କାଟିଏ ମଧ୍ୟ ବ୍ୟୟବରାଦ କରିନାହାନ୍ତି। ବିଜୁ ପକ୍କା ଘର ଟାଇଲ ନିର୍ମାଣ ପାଇଁ ବଜେଟ ବ୍ୟୟବରାଦରେ ଅର୍ଥ ନିଅଣ୍ଟ ପଡ଼ିବ। ସରକାର ଚଞ୍ଚକତା କରି ଯୋଜନା ହଡ଼ପ ବନ୍ଦ କରନ୍ତୁ ଏବଂ ଏଥିଲାଗି ଜିଲା ପ୍ରଶାସନକୁ ସରକାର ଦେଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ବାତିଲ କରନ୍ତୁ ବୋଲି ସମୀର ଦାବି କରିଛନ୍ତି।

### ଭାଜପା ଶାସିତ ରାଜ୍ୟଠାରୁ ଆମେ ଆଗରେ: ବିଜେଡି

ଅପରପକ୍ଷରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ବିଜୁ ପକ୍କା ଘରକୁ ନେଇ ଭାଜପା ଯେଉଁ ତଥ୍ୟ ରଖୁଛି, ତାହା ସମ୍ପୂର୍ଣ୍ଣ ମିଛ। ଭାଜପା ମୁଖପାତ୍ରମାନେ ଏଭଳି ମନ୍ତବ୍ୟ ଦେବା ପୂର୍ବରୁ ଥରେ କେନ୍ଦ୍ର ସରକାରଙ୍କ ୱେବ୍‌ସାଇଟ ଦେଖିନେବା ଉଚିତ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ୬୦ ପ୍ରତିଶତ ଅର୍ଥ ଦେଉଥିବାବେଳେ ରାଜ୍ୟ ୪୦ ପ୍ରତିଶତ ଅନୁଦାନ ଦେଉଛି। ପ୍ରୋତ୍ସାହନ ରାଶି ଓ ପ୍ରଶାସନିକ ବାବଦ ବ୍ୟୟ ପରେ ଏହା ୫୦-୫୦ ପ୍ରତିଶତ ହୋଇଯାଉଛି। କେନ୍ଦ୍ରର ତଥ୍ୟ ଅନୁଯାୟୀ, ୨୦୧୯-୨୦ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଏକ ନମ୍ବର। ଭାଜପା ଶାସିତ ରାଜ୍ୟଗୁଡ଼ିକ ଏ କ୍ଷେତ୍ରରେ ଓଡ଼ିଶାଠାରୁ ଢେର୍ ପଛରେ। କିନ୍ତୁ ବାସ୍ତବ ଚିତ୍ର ଲୋକଙ୍କ ଆଗରେ ନ ରଖି ଭାଜପା ଯେଭଳି ପ୍ରଚାର କରୁଛି ସେଥିରୁ ତା'ର ହତାଶ ଏବଂ ହୀନ ରାଜନୀତି ସ୍ପଷ୍ଟ ବାରିହୋଇପଡୁଛି ବୋଲି ଲେନିନ୍ କହିଛନ୍ତି।



## ଜିଲା ଚିଠି ସୁନ୍ଦରଗଡ଼

# ସେବା ଆଳରେ ଶୋଷଣ

ଶିଶୁ ଅଧିକାର ଆଇନକୁ କଡ଼ାକଡ଼ି କରାଯାଇଛି। ଶିଶୁମାନଙ୍କ ସୁରକ୍ଷା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ମାତ୍ର ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହାୟତାରେ ପରିଚାଳିତ ହେଉଥିବା ଅଧିକାଂଶ ଶିଶୁଯତ୍ନ ଅନୁଷ୍ଠାନରେ ଶିଶୁମାନେ ଅସୁରକ୍ଷିତ ରହୁଥିବା ଅଭିଯୋଗ ହୋଇଛି। ଜିଲାରେ ୧୬ଟି ଶିଶୁ ଯତ୍ନ ଅନୁଷ୍ଠାନ ରହିଛି। ବିଭିନ୍ନ ସ୍ଥାନରୁ ଉଦ୍ଧାର ଶିଶୁ, ନାବାଳିକା, ନାବାଳକମାନଙ୍କୁ ସେଠାରେ ରଖାଯାଇଛି। ସରକାରଙ୍କ ତରଫରୁ ସେମାନଙ୍କ ଖାଦ୍ୟ,ପାନୀୟ ବ୍ୟବସ୍ଥା କରାଯିବା ସହିତ ପାଠପଢ଼ା ପାଇଁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯାଉଛି। ଏହି ଶିଶୁ ଯତ୍ନ ଅନୁଷ୍ଠାନ ମଧ୍ୟରୁ ୧୪ଟି ବିଭିନ୍ନ ସାମାଜିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଛି। ଏହି ସବୁ ଅନୁଷ୍ଠାନରେ ଶିଶୁ ସୁରକ୍ଷା ଆଇନ୍ ଅନୁଯାୟୀ ସୁବିଧା, ସୁଯୋଗ ନାହିଁ। ପରିଚାଳନା ଦାୟିତ୍ୱରେ ଥିବା ଉପରୋକ୍ତ ଅନୁଷ୍ଠାନର କର୍ମକର୍ତ୍ତା ସେବା ଆଳରେ ପିଲାମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏପରି କି ପିଲାମାନଙ୍କ ପାଇଁ ଆସୁଥିବା ଅନୁଦାନକୁ ହରିଲୁଟ କରାଯାଉଛି। ଏହାକୁ ଅର୍ଥ ରୋଜଗାରର ଏକ ଉତ୍ତମ ମାଧ୍ୟମ ବୋଲି କର୍ମକର୍ତ୍ତାମାନେ ଧରି ନେଇଛନ୍ତି। ଉପଯୁକ୍ତ ତଦାରଖ ଅଭାବ ହେଉ କିମ୍ବା ପରିଚାଳନା ଦାୟିତ୍ୱରେ ଥିବା ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଚାପରେ ଉପରୋକ୍ତ ଅନୁଷ୍ଠାନଗୁଡିକ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲୁଛି। ନିକଟରେ ଜିଲା ପ୍ରଶାସନର ତଦାରଖ କମିଟି ସେହି ଭଳି ଏକ ଅନୁଷ୍ଠାନ ପରିଦର୍ଶନ କରିଥିଲା। ସେତେବେଳେ ନାନା ଅବ୍ୟବସ୍ଥା ସାମ୍ନାକୁ ଆସିଥିଲା। ପରେ ସେହି ଅନୁଷ୍ଠାନରେ ଥିବା ୭ଜଣ ଶିଶୁଙ୍କୁ ଅନ୍ୟ ଏକ ଶିଶୁ ଯତ୍ନକାରୀ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଥିଲା। ଏପରି କି ଆଉ କେତେକ ଅନୁଷ୍ଠାନକୁ କେତେଜଣ ସରକାରୀ କର୍ମଚାରୀ ପରିଚାଳନା କରୁଛନ୍ତି ବୋଲି ଜଣାପଡିଛି। ପରିଚାଳନା କମିଟିରେ ସେମାନଙ୍କ ପରିବାର ଓ ସମ୍ପର୍କୀୟ ଲୋକଙ୍କୁ ରଖାଯାଇଛି। ଏହାଦ୍ୱାରା ଆସୁଥିବା ସରକାରୀ ଅର୍ଥକୁ ଆତ୍ମସାତ କରିବାକୁ ସୁବିଧା ହେଉଛି। ଅବ୍ୟବସ୍ଥାକୁ ଲୁଚାଇବା ପାଇଁ ଏହି ସାମାଜିକ ଅନୁଷ୍ଠାନଗୁଡିକ ପ୍ରଶାସନ ଉପରେ ନାନା ଚାପ ପକାଇବାକୁ ମଧ୍ୟ ପଛାଉ ନାହାନ୍ତି। ଏଭଳି ସ୍ଥିତିରେ ଉପରୋକ୍ତ ଅନୁଷ୍ଠାନରେ ରଖାଯାଇଥିବା ଶିଶୁମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। କେତେକ ଅନୁଷ୍ଠାନରେ ଶିଶୁମାନଙ୍କୁ ଘରୋଇ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଉଛି। ଏଣୁ ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଗୁରୁତ୍ୱାରୋପ କରାଯାଇଛି।

**– ଜୟନାରାୟଣ ମେଣ୍ଟୁଲି**

# କେନ୍ଦ୍ରୀୟ ଡେପୁଟେଶନରେ ନୀତେନ, ଶ୍ରୀନିବାସ

### ରାଜେଶ ବର୍ମା କୃଷି ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ

**ଭୁବନେଶ୍ୱର,୧୩ା୧୨(ବ୍ୟୁରୋ)**

୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ନୀତେନ ଚନ୍ଦ୍ର କେନ୍ଦ୍ରୀୟ ସୂଚନା କମିଶନଙ୍କ ନୂଆ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସେହି ବ୍ୟାଚ୍‌ର ଜି.ଶ୍ରୀନିବାସ ମଧ କେନ୍ଦ୍ରୀୟ ଡେପୁଟେଶନରେ ଅବସ୍ଥାପିତ ହୋଇଛନ୍ତି। ସେ ବର୍ତ୍ତମାନ କେନ୍ଦ୍ରୀୟ ଖାଦ୍ୟ ଯୋଗାଣ, ଉପଭୋକ୍ତା ବ୍ୟାପାର ଏବଂ ପିଡିଏସ୍ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରୂପେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ୟୁପି କ୍ୟାଡର ଓଡ଼ିଆ ଆଇଏଏସ୍ ଅଫିସର ଦେବାଶିଷ ପଣ୍ଡା(୧୯୮୭) କେନ୍ଦ୍ରୀୟ ଅର୍ଥ ସେବାର ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି ପାଇଛନ୍ତି। ୧୯୮୭ ବ୍ୟାଚ୍‌ର ରାଜେଶ ବର୍ମା କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବଭାବେ କାର୍ଯ୍ୟ କରିବେ। ଓଡ଼ିଶା ପ୍ରଶାସନରେ କାର୍ଯ୍ୟରତ ଦୁଇ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପରେ ରାଜ୍ୟରେ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ପଛରେ ପିଟିହେଲା ବାଇକ୍

# ଶାଳକ, ଭିଣୋଇ ସମେତ ୩ ମୃତ

**ସବ୍‌ଡେଗା, ୧୩ା୧୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ତଲସରା ଥାନା ଅନ୍ତର୍ଗତ ୨୪ନଂ. ରାଜ୍ୟ ରାଜପଥର ସବ୍‌ଡେଗା ଗ୍ରାମ କୁଲିହାଯୋରଠାରେ ଗୁରୁବାର ରାତି ୧୧ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାଗ୍ରସ୍ତ ହୋଇ ଛିଡ଼ା ହୋଇଥିବା ଟ୍ରକ ପଛପଟେ ବାଇକ୍ ପିଟି ହେବାରୁ ଶାଳକ ଭିଣୋଇଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାଲିଶଙ୍କରା ବ୍ଲକ ସଉନାମୁରା ଗ୍ରାମର କ୍ରିଷ୍ଟା ନାଏକ (୩୩), ତାଙ୍କ ଶାଳକ ତଥା ସବ୍‌ଡେଗା ଗ୍ରାମର ଲିଙ୍ଗରାଜ ଭୋଇ (୨୫) ଓ କୁରେଇ ଗ୍ରାମର ଲୋକନାଥ ପ୍ରଧାନ (୨୬)। ବୁଧବାର ରାତିରେ ଦୁଇଟି ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ଟ୍ରକ ରାସ୍ତା ଉପରେ ଓ ଅନ୍ୟଟି ବିଲ ଭିତରେ ପଶି ଯାଇ ପଡି ରହିଥିଲା। ରାସ୍ତା ଉପରରେ ପଡି ରହିଥିବା ଟ୍ରକକୁ ପୋଲିସ ଉଠାଇ ନ ଥିଲା। ଗୁରୁବାର ରାତିରେ ଏକ ବାଇକ୍‌ରେ କ୍ରିଷ୍ଟା, ଲୋକନାଥ, ଲିଙ୍ଗରାଜ ସବ୍‌ଡେଗାକୁ ଆସୁଥିଲେ। ଘନକୁହୁଡି ଯୋଗୁ ବାଇକ୍ ଚାଳକ ରାସ୍ତା ଉପରେ ପଡିଥିବା ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଦେଖି ପାରି ନ ଥିଲେ। ବାଇକ୍‌ଟି ଦ୍ରୁତଗତିରେ ପଛପଟକୁ ଧକ୍କା ଦେଇ ଟ୍ରକ ତଳେ ପଶିଯାଇଥିଲା। ୩ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ଟ୍ରକ ତଳେ ପଶି ଯାଇଥିଲେ। ଗ୍ରାମବାସୀ, ପୋଲିସ ଏବଂ ଦମକଳବାହିନୀ ସମସ୍ତଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ।


**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674 - 2340573, PBX - 2340170, Fax – 2340096

**TENDER CALL NOTICE**

**No- OSSC/ Engg- 57/2019**

No. CAD-685

The Managing Director, Odisha State Seeds Corporation Ltd invites *Percentage Rate Tenders* through ONLINE MODE only for the works **"INSTALLATION OF POWER SUPPLY TO SEED PROCESSING PLANT BARGAON, SUNDARGARH** from eligible contractors as specified through e-tender site of Govt of Odisha (www.tenderodisha.gov.in).

The details of location of work, estimated amount, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date for uploading of tender to tender portal is dt. 25.12.2019

01045/11/0025/1920

*Sd/- Sri JR Mishra OAS-S,* Managing Director.



OFFICE OF THE
SUPERINTENDING ENGINEER
ELECTRICAL CIRCLE (R&B) B-421
NIRMAN SOUDHA BHUBANESWAR
E-mail seec.bbsr2010@gmail.com
Bid Identification No.S.E.E.C (R&B) 06/2019-20.
No.____2153________/Date___09.12.2019________/

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for Construction & Renovation of Modular OT E.I. works to be received in online bidding, double cover system as detailed in:https://tendersorissa.gov.in. The details of bid documents will be available in the above website from 10.00 A.M. of 19.12.2019 to 5:00 P.M. of 02.01.2020. The bidders must possess compatible Digital Signature Certificate of Class II or III. Bids received online shall be opened at 11:30 A.M. of 03.01.2020 in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/-
Superintending Engineer
Electrical Circle (R&B)
Odisha, BBSR

34107/11/0006/1920



**NOTIFICATION**

**No. MM-108:-** This is for information of all concerned that the following Forest roads of Keonjhar Forest Division in Keonjhar District will remain closed to Traffic on 30th December, 2019 from "0" (Zero) hour to 24 hours in accordance with Rule-284 with Orissa Forest Department Code 1979. The movement of Traffic on the date as specified above will be violation of Section-26 of Orissa Forest Act and hence will be liable for prosecution.

| Sl. No. | Name of the Range | Name of Forest Road | Length (in Km.) |
|---|---|---|---|
| 1 | 2 | 3 | 4 |
| 1 | Barbil | Harmatha - Nadidiha | 6 |
| 2 | Barbil | Murga - Karo | 3 |
| 3 | Ghatgaon | Kadabahali - Baiganpal | 17 |
| 4 | Ghatgaon/ Patna | Baiganpal to Bhimkund | 20 |
| 5 | Ghatgaon | Melan - Mahisagotha | 8 |
| 6 | Ghatgaon | Melan - Musal | 5.29 |
| 7 | Ghatgaon | Murgapahadi - Mahisigotha | 11 |
| 8 | Patna | Banamahuldiha -Tando | 5 |
| 9 | Ghatgaon | Sunariposi - Khuntaposi | 18 |
| 10 | Keonjhar | Badkhaman - Janghira | 12 |
| 11 | Telkoi | Badakhaman - Similipal | 10 |
| 12 | Telkoi | Ahigola - Sankoi | 10 |
| 13 | Telkoi | S.N. Pur Goda - Talpada | 7 |
| 14 | Telkoi | Sankoi - Similipal | 7 |
| 15 | Telkoi | Talpada - Pithagola | 7 |
| 16 | Telkoi | Ranibeda - Karamangi | 7.59 |
| | Total | | 153.88 |

*Sd./- Divisional Forest Officer*
*Keonjhar Division*

08042/11/0002/1920



**DISTRICT RURAL DEVELOPMENT AGENCY, BALANGIR**
Order No.4257 **AUCTION SALE NOTICE** Date: 13.12.19

Sealed tenders in plain papers (in separate envelopes) are invited towards auction of vehicle bearing registration No.OR-03-8242 (Jeep) of BDO, Belpada so as to reach the office of BDO, Belpada on or before Dt.31.12.2019, 3.00 P.M. The base price Base Price of the vehicles OR-03-8242 (Jeep) is Rs.35,000/- Written tender alongwith Bank Draft of Rs.1000/- (Rupees One thousand) only for vehicle in favour of BDO, Belpada be attached with. The tender will be opened on Dt.31.12.2019 at 4.00 P.M. at the office of the BDO, Belpada in presence of the bidders or their authorized representatives. The details of the tender is available at www.balangir.nic.in

**Sd./- Project Director, DRDA Balangir**



**ସୁନ୍ଦରଗଡ଼ ଜିଲ୍ଲାରୁ ହରଡ଼ ଓ ମାଣ୍ଡିଆ ସରକାର କିଣିବେ**

ଏତଦ୍ୱାରା ସମସ୍ତ ହରଡ଼ ଓ ମାଣ୍ଡିଆ ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ବର୍ଷ ୨୦୧୯-୨୦ରେ ସରକାରୀ ଦରରେ ହରଡ କିଲୋ ପ୍ରତି ଟ.୫୮.୦୦ ଓ ମାଣ୍ଡିଆ ପ୍ରତି ଟ.୩୧.୫୦ ଦରରେ ପଞ୍ଜୀକୃତ ଚାଷୀମାନଙ୍କଠାରୁ ସମବାୟ ସମିତି ଜରିଆରେ ସରକାର କିଣିବେ। କୁତ୍ରା, ରାଜଗାଙ୍ଗପୁର, କୁଆରମୁଣ୍ଡ, ନୂଆଗାଁ ଓ ଲାଠିକଟା ବ୍ଲକରୁ ହରଡ ଏବଂ କୁତ୍ରା, ରାଜଗାଙ୍ଗପୁର, କୁଆରମୁଣ୍ଡ, ନୂଆଗାଁ ଓ ସଦର ବ୍ଲକରୁ ମାଣ୍ଡିଆ କିଣାଯିବାର ସ୍ଥିର କରାଯାଇଛି। ତେଣୁ ଚାଷୀମାନଙ୍କୁ ଅନୁରୋଧ, ଚାଷ କରିଥିବା ହରଡ ଓ ମାଣ୍ଡିଆ କ୍ଷେତର ପଞ୍ଜୀକୃତ କରିବେ ଓ ସଫାସୁତୁରା, ସୁଖା ହରଡ ଓ ମାଣ୍ଡିଆକୁ ନିର୍ଦ୍ଧାରିତ ତାରିଖରେ ନିକଟସ୍ଥ ସମବାୟ ସମିତିରେ ବିକ୍ରି କରନ୍ତୁ। ପଞ୍ଜୀକରଣ ପାଇଁ ଜମିର ପଟ୍ଟା, ଭୋଟର ପରିଚୟ ପତ୍ର/ଆଧାରକାର୍ଡ ଓ ଜାତୀୟ କରଣ ବ୍ୟାଙ୍କ ପାସବୁକ୍‌ର ପ୍ରଥମ ପୃଷ୍ଠାର ନକଲ ସାଥିରେ ଆଣିବାକୁ ବିଶେଷ ଅନୁରୋଧ। ହରଡ ଫେବୃଆରୀ ୧୫ତାରିଖଠାରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଓ ମାଣ୍ଡିଆ ଡିସେମ୍ବର ୧୨ତାରିଖଠାରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ନିର୍ଦ୍ଧାରିତ ତାରିଖରେ ନିକଟସ୍ଥ ସମବାୟ ସମିତିରେ କିଣାଯିବ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ ସହକାରୀ କୃଷି ଅଧିକାରୀ, କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ସାଥୀଙ୍କ ସହ ଯୋଗାଯୋଗ କରନ୍ତୁ।

**ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ-ତଥା-ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁନ୍ଦରଗଡ଼**



**OFFICE OF THE VYASANAGAR MUNICIPALITY, VYASANAGAR, JAJPUR**
Email_Id: vyasanagarmunicipality@gmail.com
Website: ulbodisha.gov.in, Ph. No.-06726-220207

Letter No.2775 **QUOTATION CALL NOTICE** Date: 13.12.2019

1. The Executive Officer, Vyasanagar Municipality invites quotation in sealed cover from the intending firms / agencies / individuals having experience in same nature of works for execution of following works "wall painting" in different places under this Municipality. 2. Quotations must be accompany with EMD of Rs.2000/- (Rupees Two thousand) only in shape of DD / Cash in favour of "The Executive Officer, Vyasanagar Municipality, Jajpur Road" which is refundable to unsuccessful bidder on demand. Copies of valid Registration Certificate from competent authority (if any) ITCC/Pan Card/Aadhaar Card required which may be annexed with the Quotation. 3. The Sealed Quotations shall be reached before the undersigned on or before dated 19.12.19 & the same shall be opened on 20.12.19 P.M. in the presence of quotationer or their authorized agent if any. 4. The details of Quotation Call Notice can be viewed from the District website i.e www.jajpur.nic.in.

Sd./- Executive Officer, Vyasanagar Municipality



No. O-619:-

Government of Odisha
Office of the Executive Engineer,
**Rural Works Division, Dhenkanal**
E-Mail: eerwdkl@yahoo.co.in

**e-procurement Notice No. 10 / Road Work / 2019-20.**

1. Name of the work : Road Works
2. Total No. of Works : 12(Twelve) Nos.
3. Estimated Cost : Rs. 10.62 lakh to 53.98lakh(approx.)
4. Class Contractor : "D","C" ,"B","A"Class
5. Period of Completion : 2(Two) months.
6. Availability of Tender online for bidding : 23.12.19 at 11.00 A.M to 02.01.2020 up to 5.00 P.M
7. Last Date & Time of seeking tender clarification : 31.12.2019 upto 4.00 PM
8. Date & Time of opening of tender (Technical Bid) : 04.01.2020 at 11.00AM
9. Date & Time of opening of tender (Financial Bid) : 06.01.2020 at 11.00AM

Other Details can be seen from the website http://tendersorissa.gov.in.

Executive Engineer
R.W.Division, Dhenkanal

25101/11/0003/1920



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା: **29404**/ ଭୁ.ଉ.କ., ଭୁବନେଶ୍ୱର ତା୦୬।୧୨।୨୦୧୯ରିଖ
SRC-427/88

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ଜମି ପ୍ରକଳ୍ପର MIG ପ୍ଲଟ୍ ନଂ.-K9A-219କୁ ଶ୍ରୀମତୀ ନିର୍ମଳା ଦେଈ, ସ୍ୱାମୀ- ରାମଚନ୍ଦ୍ର ପ୍ରଧାନ, ଗ୍ରାମ- ମନ୍ତପଡ଼ା, ପୋଷ୍ଟ- ହରିଡ଼ାପଦର, ଥାନା- ଆସ୍କା, ଜିଲ୍ଲା- ଗଞ୍ଜାମ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ନିର୍ମଳା ଦେଈ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଜତିକା ପାତ୍ର, ସ୍ୱାମୀ- ଏ. ସିମାଦ୍ରୀ ପାତ୍ରୋ, ଗ୍ରାମ/ପୋଷ୍ଟ- ଶାସନ ଆମ୍ବଗାଁ, ଭାୟା- କଞ୍ଚୁରୁ, ଜିଲ୍ଲା- ଗଞ୍ଜାମ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପର ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**



**ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ**
ପ୍ଲଟ୍ ନଂ.୨, କଟକରୋଡ୍, ଭୁବନେଶ୍ୱର-୭୫୧୦୦୬

**ରାଜ୍ୟ ପଣ୍ୟାଗାର ନିଗମ ଦୀର୍ଘ ଛଅ ଦଶନ୍ଧି ଧରି ରାଜ୍ୟରେ ଖାଦ୍ୟଶସ୍ୟ ତଥା ଅନ୍ୟାନ୍ୟ ସାମଗ୍ରୀର ସଂରକ୍ଷଣ ସେବାରେ ନିୟୋଜିତ**

- ରାଜ୍ୟର ସମସ୍ତ ଜିଲ୍ଲାରେ ୬୭ଟି ସ୍ଥାନରେ ୫.୧୫ ଲକ୍ଷ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଗୋଦାମ ଘର ଉପଯୋଗ କରି ଖାଦ୍ୟଶସ୍ୟ, ଡାଲିଜାତୀୟ ଶସ୍ୟ, ବିହନ, ସାର, ସିମେଣ୍ଟ, କପା, କାଗଜ ରିଲ, ରିଲିଫ୍ ସାମଗ୍ରୀ ଏବଂ ଅନ୍ୟାନ୍ୟ ବିଜ୍ଞାପିତ ସାମଗ୍ରୀର ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣର ସୁବିଧା ପ୍ରଦାନ କରୁଅଛି।
- ପଣ୍ୟାଗାରରେ ଜମାକାରୀଙ୍କର ଗଚ୍ଛିତ ସାମଗ୍ରୀ ବନ୍ୟା, ବାତ୍ୟା, ଭୂମିକମ୍ପ ଆଦି ପ୍ରାକୃତିକ ବିପର୍ଯ୍ୟୟ ତଥା ନିଆଁ ଓ ଚୋରିଜନିତ କ୍ଷତିରୁ ସୁରକ୍ଷିତ ରଖିବା ପାଇଁ ବୀମାଭୁକ୍ତ ଅଟେ।
- ଜମାକାରୀମାନଙ୍କର ସାମଗ୍ରୀ ଦେଣନେଣ ଓ ପରିବହନ ପାଇଁ ଠିକାଦାରମାନଙ୍କ ମାଧମରେ ଉଚିତ ଦରରେ ସେବା ପ୍ରଦାନ।
- ପଣ୍ୟାଗାର ପରିସରରେ ବିଭିନ୍ନ ସାମଗ୍ରୀ ମହଜୁଦ ରଖିବା ପାଇଁ ଖୋଲା ସ୍ଥାନ ଉପଲବ୍ଧ।
- କୃଷକ ଓ ସମବାୟ ସଂସ୍ଥାମାନଙ୍କୁ ପଣ୍ୟାଗାରରେ ସ୍ଥାନ ଉପଯୋଗ ପାଇଁ ଗୋଦାମ ଭଡ଼ାରେ ରିହାତି ବ୍ୟବସ୍ଥା।
- ବିଭିନ୍ନ ସଂସ୍ଥାର କୃଷିଜାତ ଦ୍ରବ୍ୟ ପାଇଁ କୀଟ ନିୟନ୍ତ୍ରଣ ନିମନ୍ତେ ସୁଲଭ ମୂଲ୍ୟରେ ସେବା ପ୍ରଦାନ।
- ଅନୁଗୁଳ ଜିଲ୍ଲାର ବଇଣ୍ଡା (ବଡ଼ହୁଲା)ଠାରେ ଖାଦ୍ୟଶସ୍ୟ ସଂରକ୍ଷଣ ପାଇଁ ନୂତନ ଭାବେ ୫୦୦୦ ମେଟ୍ରିକ୍‌ଟନ କ୍ଷମତା ବିଶିଷ୍ଟ ଗୋଦାମଘର କାର୍ଯ୍ୟକ୍ଷମ ହେବାକୁ ଯାଉଛି।

**A grain saved is a grain produced**
ଏକ ଶସ୍ୟଦାନା ସଂରକ୍ଷଣ, ଏକ ଶସ୍ୟଦାନା ଉତ୍ପାଦନ ସଙ୍ଗେ ସମାନ

## ସଂକ୍ଷେପରେ

### ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଶାଙ୍କୁଚ ଉଦ୍ଧାର



ନିଆଳି, ୧୩।୧୨(ଡି.ଏନ୍.ଏ.): କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ବିଲାସୁଣୀ ନିକଟସ୍ଥ କନ୍ଦଳ ନଦୀରୁ ଶୁକ୍ରବାର ସକାଳେ ଏକ ବିରାଟକାୟ ଶାଙ୍କୁଚ ଉଦ୍ଧାର କରାଯାଇଛି। ଏହାର ଓଜନ ପ୍ରାୟ ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଲମ୍ବ ୧୩ଫୁଟ ଏବଂ ଓସାର ୭ଫୁଟ ବୋଲି ଜଣାପଡ଼ିଛି। ଖବରପାଇ ଫୁଲନଖରା ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଏହି ଶାଙ୍କୁଚକୁ ଗଭୀର ନଦୀଜଳରେ ଛାଡିଦେଇଛନ୍ତି। ସୂଚନା ଅନୁଯାୟୀ, କନ୍ଦଳ ନଦୀର କୁଣ୍ଡେଇ ମୁହଁ ନିକଟରେ ଦୀର୍ଘଦିନ ହେବ ଜଣେ ବ୍ୟକ୍ତି ବେଆଇନଭାବେ ବାଡ ବସାଇ ମାଛ ମାରୁଥିଲେ। ଶୁକ୍ରବାର ସକାଳେ ବାଡ଼ ବସାଇଥିବା ଜାଲରେ ଏକ ବିରାଟକାୟ ଶାଙ୍କୁଚ ପଡିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଶାଙ୍କଚକୁ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।

### ୨ ଜଣଙ୍କୁ ଧକ୍କା ଦେଲା କାର୍
#### ଆହତଙ୍କୁ ଡାକ୍ତରଖାନା ନେଲେ ଏସ୍‌ଡିପିଓ

ଛତ୍ରପୁର, ୧୩।୧୨(ଡି.ଏନ.ଏ): ରମ୍ଭା ଥାନା ଅଧୀନ ଜାତୀୟ ରାଜପଥ ବୁରୁଡି ନିକଟରେ ଶୁକ୍ରବାର ଏକ କାର୍ ଭାରସାମ୍ୟ ହରାଇ ଦୁଇ ଜଣଙ୍କୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସକୁ ଅପେକ୍ଷା ନ କରି ଛତ୍ରପୁର ଏସଡିପିଓ ଗୌତମ କିଶାନ ଆହତଦ୍ୱୟଙ୍କୁ ଉଦ୍ଧାର କରି ନିଜ ଗାଡିରେ ଡାକ୍ତରଖାନାକୁ ଆଣିଥିବା ଦେଖାଯାଇଥିଲା। ଆହତମାନେ ହେଲେ ବୁରୁଡି ଗାଁର କାମେଶ୍ୱର ନାହାକ(୭୦) ଓ ରମ୍ଭାର ସୀମାଞ୍ଚଳ ପାଣି (୩୦)। ପ୍ରକାଶ ଯେ, କାର (ନଂ.ଓଡି୦୭ ଜେଡ୍ ୨୧୧୫) ଟି ପ୍ରଥମେ ସ୍କୁଲରୁ ବାଇକ ଯୋଗେ ଫେରୁଥିବା ଶିକ୍ଷକ ସୀମାଞ୍ଚଳଙ୍କୁ ଧକ୍କା ଦେଇ ପରେ ଭାରସାମ୍ୟ ହରାଇ ରାସ୍ତା ନିକଟରେ ଛିଡା ହୋଇଥିବା କାମେଶ୍ୱରଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ କାର୍ ଛାଡି ଚାଳକ ଫେରାର ହୋଇଯାଇଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଛତ୍ରପୁର ଏସଡିପିଓ ଆହତଦ୍ୱୟ ରାସ୍ତାରେ ପଡିଥିବା ଦେଖି ସେମାନଙ୍କୁ ନିଜ ଗାଡିରେ ବସାଇ ଛତ୍ରପୁର ହସ୍ପିଟାଲକୁ ଆଣିଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ କାମେଶ୍ୱରଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ରମ୍ଭା ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିଛି।

### ଆହତଙ୍କୁ ସାହାଯ୍ୟ କଲେ ଏସ୍‌ପି

ଫୁଲବାଣୀ ଅଫିସ, ୧୩।୧୨-ଫୁଲବାଣୀ କୋର୍ଟ ଛକରେ ଶୁକ୍ରବାର ବାଇକ୍ ଦୁର୍ଘଟଣା ପରେ ରାସ୍ତାରେ ପଡି ରହିଥିବା ୨ ଆହତଙ୍କୁ କନ୍ଧମାଳ ଏସପି ପ୍ରତୀକ ଗୀତା ସିଂ ସାହାଯ୍ୟ କରିଛନ୍ତି। ଆହତଦ୍ୱୟ ହେଲେ ଖଜୁରିପଡା ବ୍ଲକ ଭେଟଖୋଲର ସମୀର ନାୟକ ଓ ଫୁଲବାଣୀ ଡାକପାଲାର ରାକେଶ ଗୌଡ।
ଫୁଲବାଣୀ ଟାଉନ ଥାନା ପଟୁ ମେଡ଼ିକାଲ ରାସ୍ତା ଅଭିମୁଖେ ଏକ ବାଇକ୍‌ରେ ଦ୍ରୁତ ଗତିରେ ଯାଉଥିବା ବେଳେ ଧକ୍କା ହୋଇ ପଡି ଯାଇଥିଲେ। ଏହି ସମୟରେ ଉକ୍ତ ବାଟ ଦେଇ ଯାଉଥିବା ଏସପି ଗାଡିରୁ ଓହ୍ଲାଇ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଇଥିଲେ।

## ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟି ବୈଠକ
# ଶ୍ରୀମନ୍ଦିର, ସ୍ୱର୍ଗଦ୍ୱାରକୁ ଯିବ ବାଲୁଖଣ୍ଡ କାଠ

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ବାତ୍ୟା 'ଫନୀ'ରେ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟାରେ ନଷ୍ଟ ହୋଇଥିବା ପ୍ରାୟ ୨୦ ଲକ୍ଷ ବୃକ୍ଷରୁ ମାତ୍ର ୨ ଲକ୍ଷ ଗଛ ଏ ପର୍ଯ୍ୟନ୍ତ ସଫା ହୋଇପାରିଛି। ଏହା ଦ୍ୱାରା ହରିଣମାନଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହେବାସହ ସେମାନଙ୍କ ପାଇଁ ନୂତନ ଚାରଣ ଭୂମି ସୃଷ୍ଟି କରିବାରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏହାଛଡ଼ା ପଡ଼ି ରହିଥିବା ଗଛ ଓ ଡାଳଗୁଡ଼ିକରେ ଆସନ୍ତା ଗ୍ରୀଷ୍ମ ଋତୁରେ ନିଆଁ ଲାଗିଯିବାର ଆଶଙ୍କା ରହିଛି। ତେଣୁ ଉପୁଡ଼ି ପଡ଼ିଥିବା ଓ ଭାଙ୍ଗି ଯାଇଥିବା ଗଛଗୁଡ଼ିକର ଅପସାରଣ ନିମନ୍ତେ ପଦକ୍ଷେପ ନିଆଯିବ। ବାଲୁଖଣ୍ଡ ଅଭୟାରଣ୍ୟରେ ପଡ଼ି ରହିଥିବା ଭଙ୍ଗା ଗଛ ଡାଳ ଏବଂ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ଅଭୟାରଣ୍ୟ ନିକଟସ୍ଥ ୨୮ଟି ସ୍ଥାନୀୟ ପରିବେଶ ବିକାଶ ସମିତିକୁ ସେମାନଙ୍କ ଦୈନନ୍ଦିନ ବ୍ୟବହାର ନିମନ୍ତେ ହସ୍ତାନ୍ତର କରାଯିବ। ବଳକା କାଠଗୁଡ଼ିକୁ ବିନା ମୂଲ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ସ୍ୱର୍ଗଦ୍ୱାରକୁ ପ୍ରଦାନ କରାଯିବ। କାଠ କାଟିବା ଓ ପରିବହନ ବାବଦକୁ ଖର୍ଚ୍ଚ ମନ୍ଦିର ପ୍ରଶାସନକୁ ବହନ କରିବାକୁ ହେବ ବୋଲି ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ହୋଇଛି।



ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟି ବୈଠକରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

### ନନ୍ଦନକାନନ 'ରୋପ୍ ୱେ' ନିର୍ମାଣ ପାଇଁ ପ୍ରସ୍ତାବ

ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟିର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲୁଖଣ୍ଡ ଅଭୟାରଣ୍ୟ ବିଷୟ ସହ ନନ୍ଦନକାନନ 'ରୋପ୍-ୱେ' ନିର୍ମାଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ 'ରୋପ୍-ୱେ' ପର୍ଯ୍ୟଟକମାନଙ୍କ ନିମନ୍ତେ ଏକ ପ୍ରମୁଖ ଆକର୍ଷଣ। କିନ୍ତୁ ଏହା ଅଚଳ ଅବସ୍ଥାରେ ରହିଛି। ପ୍ରସ୍ତାବିତ ୬୨୪ ମିଟର ଦୈର୍ଘ୍ୟ ବିଶିଷ୍ଟ ନୂତନ 'ରୋପ୍-ୱେ' ନିର୍ମାଣ ଲାଗି ନନ୍ଦନକାନନ ମଧ୍ୟରେ ଛୋଟ ଏବଂ ମଧ୍ୟମ ଧରଣର ପ୍ରାୟ ୩୬ଟି ବୃକ୍ଷ ଛେଦନ କରିବାର ଆବଶ୍ୟକତା ରହିଛି। ଏଥିଲାଗି ଆବଶ୍ୟକ ପ୍ରସ୍ତାବକୁ ବନ୍ୟପ୍ରାଣୀ ବୋର୍ଡ ଅନୁମୋଦନ କରିବା ପରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମୋନା ଶର୍ମା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକ କାର୍ଯ୍ୟସୂଚୀ ଅନୁସାରେ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଧାନ ବନସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟ ତତ୍ତ୍ୱାବଧାରକ ଡ. ହରିଶଙ୍କର ଉପାଧ୍ୟାୟ ସବିଶେଷ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଡ. ସନ୍ଦୀପ ତ୍ରିପାଠୀ, ନନ୍ଦନକାନନର ନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଶଶି ପଲ୍‌ଙ୍କ ସମେତ ଜଙ୍ଗଲ ଓ ପରିବେଶ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଷ୍ଟାଣ୍ଡିଂ କମିଟିର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

## ସତ୍ୟଙ୍କ ରେକର୍ଡ ନିଶା
# ପୁଣି କଲେ ବିଶ୍ୱ ରେକର୍ଡ

ବ୍ରହ୍ମପୁର ଅଫିସ, ୧୩।୧୨

ନିଆରା କଳାକୃତି କରି ରେକର୍ଡ କରିବାର ନିଶା ତାଙ୍କୁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପୂର୍ବରୁ ବହୁବାର ଚକ, କାଠ, ସାବୁନରେ ନିଆରା କ୍ଷୁଦ୍ର କଳାକୃତି କରି ବିଶ୍ୱସ୍ତରରେ ରେକର୍ଡ ସୃଷ୍ଟି କରିଥିବା ବେଳେ ଏବେ କାଠରେ ବିଶ୍ୱର ସବୁଠାରୁ କ୍ଷୁଦ୍ର ଗଣେଶ ନିର୍ମାଣ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ସୋରଡାରେ ଜନ୍ମିତ ତଥା ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା।କାଠରେ ବିଶ୍ୱର ସବୁଠୁ କ୍ଷୁଦ୍ର ଗଣେଶ କରି ସେ ଏକା ସମୟରେ ଦୁଇଟି ରେକର୍ଡରେ ନିଜ ନାମ ସ୍ଥାନିତ କରିଛନ୍ତି। ଗମ୍ଭାରୀ କାଠରେ ୧.୯ ଇଞ୍ଚ ଉଚ୍ଚତା ଓ ୧ ଇଞ୍ଚ ଓସାରର ନିର୍ମିତ ଏହି କ୍ଷୁଦ୍ର କାଠ ଗଣେଶ ମୂର୍ତ୍ତିଟି ଏକା ସମୟରେ ୟୁନିଭର୍ସାଲ ବୁକ ଅଫ ରେକର୍ଡ ଓ କାଲାମ ବୁକ ଅଫ ରେକର୍ଡରେ ସ୍ଥାନୀତ ହୋଇଛି।
ସୂଚନାଯୋଗ୍ୟ, ନିକଟରେ ରଥଯାତ୍ରା ଉପଲକ୍ଷେ ୧.୪ ଇଞ୍ଚ ଉଚ୍ଚତାର ବିଶ୍ୱର ସବୁଠାରୁ କ୍ଷୁଦ୍ର ରଥ ନିର୍ମାଣ କରି ଅଗଷ୍ଟରେ ଏସିଆ ବୁକ ଅଫ ରେକର୍ଡରେ ନିଜ ନାମକୁ ସ୍ଥାନିତ କରିଥିଲେ। ଏଥିପାଇଁ ସେ ଏସିଆ ବୁକ ଅଫ ରେକର୍ଡ ପକ୍ଷରୁ ଗ୍ରାଣ୍ଡମାଷ୍ଟର ଟାଇଟଲ ମଧ୍ୟ ହାସଲ କରିଥିଲେ।

**ୟୁନିଭର୍ସାଲ, କଲାମ ବୁକ ଅଫ ରେକର୍ଡରେ ୧.୯ ଇଞ୍ଚର ଗଣେଶ**



କ୍ଷୁଦ୍ର ଗଣେଶ ସହ ଶିଳ୍ପୀ ସତ୍ୟ ମହାରଣା

# ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟସେବା ପାଇଁ ୪ ପୁରସ୍କୃତ

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ହେଲ୍‌ଥ ଆଣ୍ଡ୍ ୱେଲନେସ୍ ସେଣ୍ଟରରେ ଉତ୍ସର୍ଗୀକୃତ ସେବା ପ୍ରଦାନ ଲାଗି କେନ୍ଦ୍ରାପଡ଼ା ଜିଲାର ୪ଜଣ ପୁରସ୍କୃତ ହୋଇଛନ୍ତି। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କୃତ ବ୍ୟକ୍ତିମାନେ ହେଲେ କେନ୍ଦ୍ରାପଡ଼ା ଓଳାଭର ହେଲ୍‌ଥ ଆଣ୍ଡ୍ ୱେଲନେସ୍ ସେଣ୍ଟରର ମେଡିକାଲ ଅଫିସର ଡା. ସୌମ୍ୟରଞ୍ଜନ ନାୟକ, ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଜମ୍ବୁ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରଶ୍ମିତା ସାମଲ, ଏଏନ୍‌ଏମ୍ ସଚି ମିଶ୍ର ଏବଂ ଆଶାକର୍ମୀ ରଞ୍ଜିତା ମଣ୍ଡଳ।





ସୂଚନାଯୋଗ୍ୟ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧାଙ୍କ ପରାମର୍ଶ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବହୁବିଧ ପଦକ୍ଷେପମାନ ଗ୍ରହଣ କରାଯାଇଛି। ଅଣସଂକ୍ରମିତ ରୋଗ ନିୟନ୍ତ୍ରଣ ନିମନ୍ତେ ୩୦ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ରୋଗ ଚିହ୍ନଟ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୧୮-୧୯ ବର୍ଷରେ ରାଜ୍ୟର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପରୀକ୍ଷା କରାଯାଇଥିଲା। ୨୦୧୯-୨୦ ବର୍ଷରେ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପରୀକ୍ଷା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ, ମନ୍ତ୍ରଣାଳୟର ସଚିବ ପ୍ରୀତି ସୁଦାନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ବନ୍ଦନା ଗୁରନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଣ୍ଡା ପାଇଁ ଛାତ୍ରୀଙ୍କୁ ମାଡ଼

ଲଙ୍ଗଳେଶ୍ୱର, ୧୩।୧୨

ସାମାନ୍ୟ ଅଣ୍ଡା ପାଇଁ ବାଲିଆପାଳ ବ୍ଲକର ଏକ ପ୍ରାଥମିକ ବିଦ୍ୟାଳୟର ଜଣେ ହୃଦ୍‌ରୋଗ ଆକ୍ରାନ୍ତ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ମାଡ଼ ମାରିବାରୁ ସେ ଅସୁସ୍ଥ ହେବା ସହ ଅଚେତ୍ ହୋଇପଡିଥିଲେ। ଏନେଇ ଛାତ୍ରୀଙ୍କ ପିତା ସିଂଲା ଥାନା ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।
ଉକ୍ତ ଛାତ୍ରୀ ସିଝା ଅଣ୍ଡା ବଦଳରେ କଞ୍ଚା ଅଣ୍ଡା ଦେବା ପାଇଁ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରିଥିଲେ। ତେବେ କଞ୍ଚା ଅଣ୍ଡା ଦେବାର ନିୟମ ନ ଥିବା କହି ଶିକ୍ଷୟିତ୍ରୀ ତାଙ୍କୁ ଗାଳିଗୁଲଜ କରି ଅଣ୍ଡା ଦେଇ ନ ଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ଜେଜେମା' ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଶିକ୍ଷୟିତ୍ରୀଜଣକ ଅଭିଯୋଗ ସମ୍ପର୍କରେ ଜାଣିବା ପରେ ଗତ ୬ ତାରିଖରେ ବିଦ୍ୟାଳୟରେ ଛାତ୍ରୀଙ୍କୁ ପଚରାଉଚୁରା କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ପରେ ଛାତ୍ରୀଜଣକ ଘରେ ପହଞ୍ଚି ଅଚେତ୍ ହୋଇପଡ଼ିଥିବା ଘଟଣା ଜାଣିବା ପରେ ପରିବାର ଲୋକେ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଛି।
ଏନେଇ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସଙ୍କୁ ଏ ବିଷୟରେ ପଚାରିବାରୁ ଘଟଣାର ତଦନ୍ତ କରିବା ପାଇଁ ଏକ କମିଟି କରାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କହିଛନ୍ତି ଛାତ୍ରୀଙ୍କୁ ମାଡ଼ ନୁହେଁ କେବଳ ତାଗିଦ୍ କରାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତା ଶିକ୍ଷୟିତ୍ରୀ ଘଟଣାକୁ ଅସ୍ୱୀକାର କରିଛନ୍ତି।

# ୩୦ ଫୁଟର ତିମି ଉଦ୍ଧାର



ଋଷିକୁଲ୍ୟା ବେଳାଭୂମିରେ ପଡିଥିବା ମଲା ତିମି।

ଗଞ୍ଜାମ, ୧୩।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଣାବନ୍ଧ ଗ୍ରାମ ଗଙ୍ଗାଦେବୀ ପୀଠ ନିକଟସ୍ଥ ଋଷିକୁଲ୍ୟା ମୁହାଣରେ ଶୁକ୍ରବାର ଏକ ମଲା ତିମି ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ବେଳାଭୂମିରେ ପହଞ୍ଚି ମୃତ ତିମିକୁ ହଟାଇବାକୁ ବ୍ୟବସ୍ଥା କରିଥିଲେ। ସମୁଦ୍ର ପାଣିକୁ ଲାଗି ତିମିଟି ପଡ଼ିଥିବାରୁ ଉଦ୍ଧାର କାର୍ଯ୍ୟରେ ବନ କର୍ମଚାରୀଙ୍କୁ ବହୁ ଅସୁବିଧା ହୋଇଥିଲା। ମାଛଟି ପଚି ଯାଇଥିବାରୁ ୪-୫ ଦିନ ଆଗରୁ ମରିଥିବା ଅନୁମାନ କରାଯାଉଛି। ଏହାକୁ ଖଣ୍ଡ ଖଣ୍ଡ କରି କାଟି ବେଳାଭୂମିରୁ ପ୍ରାୟ ୨ଶହ ମିଟର ଦୂରରେ ଗାତ ଖୋଳି ପୋତି ଦିଆଯାଇଥିବା ରମ୍ଭା ବନାଞ୍ଚଳ ଅଧିକାରୀ ସୋମନାଥ ମଲିକ ସୂଚନା ଦେଇଛନ୍ତି। ଏହାର ଲମ୍ବ ଆନୁମାନିକ ୩୦ ଫୁଟ ଓ ଓଜନ ପ୍ରାୟ ୮୦ ରୁ ୯୦ କେଜି ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଜାହାଜ, ଟ୍ରଲର ମାଡ କିମ୍ବା ବୟସ ଅଧିକ ଯୋଗୁ ତିମିଟିର ମୃତ୍ୟୁ ହୋଇଥିବା ବନାଞ୍ଚଳ ଅଧିକାରୀ ମଲିକ କହିଛନ୍ତି।

## ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣା
# ଏସ୍‌ଆଇଟି ତଦନ୍ତ, ସୂଚନାଧିକାର କର୍ମୀଙ୍କୁ ସୁରକ୍ଷା ଦାବି

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

କନ୍ଧମାଳ ଜିଲାର ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କ ହତ୍ୟା ଘଟଣାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏହି ଘଟଣା ଏକ ଷଡ଼ଯନ୍ତ୍ର ବୋଲି ଅଭିଯାନ ଅଭିଯୋଗ ଆଣିବା ସହ ଏ ନେଇ ଏସ୍‌ଆଇଟି ତଦନ୍ତ ଦାବି କରିଛି।
ଶୁକ୍ରବାର ଭୁବନେଶ୍ୱରସ୍ଥ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଅଭିଯୋଗ କରିଛନ୍ତି, ଗତ ୧୦ ତାରିଖରେ ଅଭିମନ୍ୟୁଙ୍କୁ କନ୍ଧମାଳ ଜିଲା ବାଲିଗୁଡ଼ାସ୍ଥିତ ତାଙ୍କ ବାସଭବନ ସମ୍ମୁଖରେ ଦୁଇଜଣ ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ତେବେ ଏହା ଏକ ସୁପରିକଳ୍ପିତ ରାଜନୈତିକ ହତ୍ୟାକାଣ୍ଡ ଓ ଏହା ପଛରେ ବଡ ଧରଣର ଷଡ଼ଯନ୍ତ୍ର ରହିଛି। ଅଭିମନ୍ୟୁଙ୍କ ଘରେ ଥିବା ଆର୍‌ଟିଆଇ ଫାଇଲ୍‌ରୁ ଏ ନେଇ ସୁରାକ ମିଳିଥିବାବେଳେ ପରିବାର ବର୍ଗ ସମାନ ଅଭିଯୋଗ ଆଣିଛନ୍ତି। ଗତ ୧୧ତାରିଖରେ 'ଓଡ଼ିଶା ସୂଚନା ଅଧିକାର ଅଭିଯାନ'ର ୫ଜଣିଆ ପ୍ରତିନିଧି ଦଳ ବାଲିଗୁଡ଼ା ଯାଇ ପରିବାରବର୍ଗଙ୍କୁ ଭେଟି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହି ଅଞ୍ଚଳରେ ସରକାରୀ ଯୋଜନାରେ ହୋଇଥିବା ଦୁର୍ନୀତିକୁ ଅଭିମନ୍ୟୁ ଲୋକଲୋଚନକୁ ଆଣିଥିଲେ। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ବିବ୍ରତ ଓ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ତେଣୁ ସେମାନେ ହିଁ ସଂଘବଦ୍ଧ ଭାବେ ଚକ୍ରାନ୍ତ କରି ଅଭିମନ୍ୟୁଙ୍କୁ ହତ୍ୟା କରିଛନ୍ତି। ଘଟଣାକୁ ୩ଦିନ ବିତିଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରି ନାହିଁ। ତେଣୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା (ଏସ୍‌ଆଇଟି) ଦ୍ୱାରା ଏହାର ତଦନ୍ତ କରାଇବା ସହ ତୁରନ୍ତ ଥାନାଧିକାରୀଙ୍କୁ ଚାକିରିରୁ ନିଲମ୍ବନ କରିବା ଏବଂ ଅଭିମନ୍ୟୁଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ପ୍ରଧାନ ଦାବି କରିଛନ୍ତି। ସେହିପରି ରାଜ୍ୟରେ ସୂଚନା ଅଧିକାର କର୍ମୀମାନଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ସେମାନଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ଡିଜିପିକୁ ସେ ନିବେଦନ କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ସଂଯୁକ୍ତା ପାଣିଗ୍ରାହୀ, ସର୍ବେଶ୍ୱର ବେଉରା, ଶ୍ରୀକାନ୍ତ ପାକଳ, ସଞ୍ଜୟ ସାହୁ, ଶ୍ରୀ ଅଖଣ୍ଡ ଓ ସୁଧୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଧରିତ୍ରୀ DHARITRI — CAREER APPOINTMENT — ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୫୦୦୦ - ୧୮୦୦୦ + ରୁମ୍। ବୟସ: ୨୨-୪୫ । ହାଉସକିପିଂ ବଏ / ଚାକର / ଘରୋଇ ରୋଷେୟା / ଅଫିସ୍ ଆସିଷ୍ଟାଣ୍ଟ। ଯୋଗାଯୋଗ: ଅଗରୱାଲ- 9884761210

Cuttack Office କାମପାଇଁ Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

Hard Working Sales Professionals Require for National Sales :
- National Sales Manager/ Executive.
- Sales Co-ordinator/ Tele Caller (Female).
Package for both : Starting from 20K to 60K + Incentives.
Ph: 9437009824, Email : info@orlia.in

SECURITY JOB
Operation Manager - 2 Nos. Qul - +3 Pass, Height - 5'.7", Age - 30 to 50, Exp - Minimum 3 years (All Odisha), Security Supervisor - 10 Nos. Qul - 12th Pass, Height - 5'.6", Age - 25 to 45, Exp - Minimum 3 years (All Odisha)
Contact : GISS SECURITY SERVICES Pvt. Ltd., Gopalpur, Cuttack
9861744455

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705, 6372600373

OFFICIALLYJOB
Qualification 10th above Salary up to Rs. 25,000/- For BBSR, Cuttack, Puri, Berhampur.
M-9938699963

ଭୁବନେଶ୍ୱର, କଟକ, ପୁରୀ ଏବଂ ଜଗତସିଂହପୁରରେ Bridge, Well, Pile and Raft Foundation work ପାଇଁ Experience Engineer, Project Manager, Manager, Supervisor, Official & Coocker ଆବଶ୍ୟକ। Minimum Experience 3 years to 10 years
ଯୋଗାଯୋଗ- 9937499625, 9937199625, 9937000661

WANTED
GOP COLLEGE, GOP, PURI-752110
Applications are invited from the intending candidates to fill up the following posts :
1. Lecturer in Odia - 01 (One) 55% marks at P.G. Level
2. Librarian - 02 (Two) Degree with B. Library Science
3. Jr. Clerk - 01(One) Degree with Computer knowledge
4. Library Attendant - 01 (One) +2 or Equivalent
The application along with copy of all Certificates (Self attested) should reach in the College Office either in person or through Registered Post or Online on or before Dt.21.12.2019 at 03.00 P.M. No. applications will be accepted after the schedule date and time.
Interview for the above posts will be held on Dt.29.12.2019 at 10.00 A.M. in the College. No intimation letter will be issued. Candidates are directed to attend the interview with all Original Certificates on the schedule date & time.
Since the institution is managed by the Governing Body, Salary for the above posts shall be fixed by the Governing Body.
Sd./- Principal-cum-Secretary Gop College, Gop Pin-752110
Email Id : gopcollege@gmail.com

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ, ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Urgently Required
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact: 9871421149 / 8144146705

BACK OFFICE EXECUTIVE
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

ନୋଟିସ
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

CLASSIFIED DISPLAY on Every Tuesday and Friday

OFFICE OF THE PRINCIPAL
DR. HAREKRUSHNA MAHATAB DEGREE COLLEGE
NAAC ACCREDITED B+
At/PO: Kupari, Dist: Balasore, Odisha, Pin: 756059, Ph: 06788-231140,
E-mail: hkmcollege@rediffmail.com/ hkmcollegekupari@gmail.com,
Website: www.drhkmcollegekupari.org
A walk in interview will be held on 20.12.2019 in the Office of the Principal, Dr. H.K. Mahatab College, Kupari, Balasore. For the post of D.E.O. +2 & WATCHMAN on contractual basis. Desire candidates are attend the interview on the schedule date. Salary is negotiable.
Sd./- Principal, Dr. H.K. Mahatab College, Kupari, Dist-Balasore, Odisha

| Dollar | Sensex | Nifty | Gold | Silver |
|---|---|---|---|---|
| 70.83 (0) | 41,009.71 (▲428) | 12,086.70 (▲114.90) | 38,486.00 (▲₹232) | 45,189.00 (▲₹7) |



“ ଆବେଦନକାରୀ ଆବଶ୍ୟକୀୟ ଦସ୍ତାବିଜ ପ୍ରଦାନ କରିବାକୁ ସକ୍ଷମ ହେଉ ନ ଥିବାରୁ ଆଇଜିଏସ୍‌ଟି ବାବଦ ରିଫଣ୍ଡ ପ୍ରଦାନରେ ବିଳମ୍ବ ହେଉଛି।

– ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ

“ ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ବେତନ ପ୍ରଦାନ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ସହ ନେଉଛନ୍ତି।

– ସଞ୍ଜୟ ଧୋତ୍ରେ, କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ର ମନ୍ତ୍ରୀ



## ସଂକ୍ଷେପରେ

### ଟ୍ରେଡ୍ ଡିଲ୍ ଲାଗି ଆମେରିକା-ଚାଇନାର ସହମତି

ନୂଆଦିଲ୍ଲୀ,୧୩-୧୨: ପ୍ରଥମ ପର୍ଯ୍ୟାୟ ଟ୍ରେଡ ଡିଲ ଲାଗି ଆମେରିକା ଏବଂ ଚାଇନା ସହମତି ପ୍ରକାଶ କରିଛନ୍ତି। ଏହି ଚୁକ୍ତି ସମ୍ପାଦିତ ହେଲେ ଗତ ୧୭ ମାସ ଧରି ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧର ଅନ୍ତ ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଡିଲ୍ ମୁତାବକ ଚଳିତ ମାସ ୧୫ରୁ ୧୬୦ ବିଲିୟନ ଡଲାର ମୂଲ୍ୟର ଚାଇନା ସାମଗ୍ରୀ ଉପରେ ଆମେରିକା ଲାଗୁ କରିବାକୁ ଥିବା ଟାରିଫ୍ କାର୍ଯ୍ୟକାରୀ ହେବ ନାହିଁ। ସେହିଭଳି ଚାଇନାରୁ ଆସୁଥିବା ସାମଗ୍ରୀ ଉପରେ ଲାଗୁ ହେଉଥିବା ଟାରିଫ ମଧ୍ୟ ୫୦% ହ୍ରାସ ହେବ। ଆସନ୍ତା ବର୍ଷ ଚାଇନା ଆମେରିକାଠାରୁ ୫୦ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ ମଧ୍ୟ କ୍ରୟ କରିବା ନେଇ ସବୁଜ ସଙ୍କେତ ଦେଇଛି। ଏହି ଚୁକ୍ତି ଦ୍ୱାରା ଆମେରିକାର କୃଷି ଉତ୍ପାଦ ସାମଗ୍ରୀ ରପ୍ତାନି ବଢ଼ିବ। ଟ୍ରେଡ ୱାର ଯୋଗୁ ଚାଇନା ଆମେରିକାଠାରୁ ଏହି ସାମଗ୍ରୀ କିଣିବା ବନ୍ଦ କରି ଦେଇଥିଲା। ଫଳରେ ଆମେରିକା କୃଷିଜାତ ସାମଗ୍ରୀ ରପ୍ତାନି ୭୨% ହ୍ରାସ ଘଟିଥିଲା। ସେହିଭଳି ଟାରିଫ ୱାର ଯୋଗୁ ଚାଇନାର ସେପ୍ଟେମ୍ବର ତ୍ରୈମାସ ଜିଡ଼ିପି ଅଭିବୃଦ୍ଧି ୨୭ ବର୍ଷର ସର୍ବନିମ୍ନ ସ୍ତର ୬%କୁ ଖସିଛି। ଚୁକ୍ତି ଦ୍ୱାରା ଆମେରିକା କମ୍ପାନୀଗୁଡିକ ପ୍ରତିମାସ ୨.୫ ବିଲିୟନ ଡଲାର ସଞ୍ଚୟ କରିପାରିବେ ବୋଲି ଆକଳନ କରାଯାଇଛି।

# ଅଭିବୃଦ୍ଧି ପାଇଁ ଚାହିଦା ବୃଦ୍ଧି ଉପରେ ଫୋକସ

ନୂଆଦିଲ୍ଲୀ,୧୩-୧୨



ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଜିଡ଼ିପି ଅଭିବୃଦ୍ଧି ସେପ୍ଟେମ୍ବର ତ୍ରୈମାସରେ ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ଏଭଳି ସ୍ଥିତିରେ ଘରୋଇ ବଜାରରେ ଚାହିଦାକୁ ବଢ଼ାଇବା ଲାଗି କେନ୍ଦ୍ର ସରକାର ଫୋକସ ରଖିଥିବା ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ଶୁକ୍ରବାର କହିଛନ୍ତି। ସରକାର ଏବେ ଯାଏ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ପ୍ରଥମେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଦେଶ ମଧ୍ୟରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକର ରିସ୍କ ରିଟର୍ନରେ ଉନ୍ନତି ଆଣିବା ଲାଗି କର୍ପୋରେଟ ଟିକସ ହ୍ରାସ କରାଯାଇଛି। ଏହାବାଦ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁଞ୍ଜିଯୋଗାଣ ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅଧାପନ୍ତରିଆ ହୋଇ ପଡି ରହିଥିବା ରିୟଲ ଇଷ୍ଟେଟ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆଗକୁ ବଢ଼ାଇବା ଲାଗି ପାଣ୍ଠି ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିଲାଗି ହାଉସିଂ ଏବଂ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡ଼ିକୁ ସହାୟତା କରିବା ଲାଗି ୪.୪୭ ଲକ୍ଷ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ଦ୍ୱାରା ସେମାନେ ଋଣ ଯୋଗାଣ ଧାରାକୁ ତ୍ୱରାନ୍ୱିତ କରିପାରିବେ ବୋଲି ସେ ମତ ରଖିଛନ୍ତି।

ଏହାବାଦ ସେ କହିଛନ୍ତି, ଆଂଶିକ କ୍ରେଡିଟ ଗ୍ୟାରେଣ୍ଟି ଯୋଜନାରେ ୧୭ ପ୍ରସ୍ତାବ ଲାଗି ୭,୬୫୭ କୋଟି ଟଙ୍କା ମଞ୍ଜୁର ହୋଇଛି। ବଜେଟରେ ଧାର୍ଯ୍ୟ ହୋଇଥିବା ୩.୩୮ ଲକ୍ଷ କୋଟି ଖର୍ଚ୍ଚ ଯୋଜନା ହାତକୁ ନିଆଯାଇଛି। ରେଳ ଏବଂ ରାଜପଥ ମନ୍ତ୍ରଣାଳୟ ୨.୪୬ ଲକ୍ଷ କୋଟି ଖର୍ଚ୍ଚ ଯୋଜନାକୁ କାର୍ଯ୍ୟକାରୀ କରାଉଛନ୍ତି। ଚଳିତ ବର୍ଷ ନଭେମ୍ବର ୨୭ ସୁଦ୍ଧା ୮ ଲକ୍ଷରୁ ଊର୍ଦ୍ଧ୍ୱ ରେପୋ ସଂଯୋଗୀ ଋଣ ବାବଦ ୭୦,୦୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୬୦,୩୧୪ କୋଟି ଟଙ୍କାର ପୁଞ୍ଜି ଯୋଗାଣ ହୋଇଛି। ଏହାବାଦ ବ୍ୟାଙ୍କଗୁଡ଼ିକ କର୍ପୋରେଟ ସଂସ୍ଥାଗୁଡ଼ିକୁ ୨.୨ ଲକ୍ଷ କୋଟି ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ୭୨,୯୮୫ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି।

### ଜିଡିପି ପୂର୍ବାନୁମାନ କମାଇଲେ ମୁଡିସ୍, ଡିବିଏସ୍

ନୂଆଦିଲ୍ଲୀ,୧୩-୧୨

ମୁଡିସ ଇନଭେଷ୍ଟର୍ସ ସର୍ଭିସ ଶୁକ୍ରବାର ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଜିଡ଼ିପି ଅଭିବୃଦ୍ଧି ପୂର୍ବାନୁମାନକୁ ୫.୬%କୁ ଖସାଇଛି। ନିବେଶ ଏବଂ ନିଯୁକ୍ତି ହାର ମନ୍ଥରକୁ ନେଇ ମୁଡିସ ଆକଳନକୁ ଖସାଇଥିବା ଜଣାପଡିଛି। ୨୦୨୦ ଏବଂ ୨୦୨୧ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ଯଥାକ୍ରମେ ୬.୬% ଏବଂ ୬.୭% ରହିବ ବୋଲି ଏହା କହିଛି। ପୂର୍ବର ଅଭିବୃଦ୍ଧି ତୁଳନାରେ ଆକଳନ ହୋଇଥିବା ଅଭିବୃଦ୍ଧି ହାର କମ୍ ବୋଲି ଏହା ସ୍ପଷ୍ଟ କରିଛି। ୨୦୧୯ ଲାଗି ବିକାଶ ଅନୁମାନ ୫.୬%କୁ ହ୍ରାସ କରାଯାଇଛି। ଏହା ୨୦୧୮ର ୭.୪% ଅଭିବୃଦ୍ଧି ତୁଳନାରେ କମ୍ ବୋଲି ମୁଡିସ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏହାବାଦ ସିଙ୍ଗାପୁର ଭିତ୍ତିକ ଡିବିଏସ୍ ବ୍ୟାଙ୍କ ଭାରତର ବିକାଶ ହାରକୁ ଅନୁମାନକୁ ୫%କୁ ଖସାଇଛି। ଚଳିତ ଆର୍ଥିକ ବର୍ଷ ଭାରତର ଅଭିବୃଦ୍ଧି ୫.୫% ରହିବ ବୋଲି ଏହା ପୂର୍ବରୁ କହିଥିଲା ମାତ୍ର ବର୍ତ୍ତମାନ ଏଥିରେ ପରିବର୍ତ୍ତନ କରିଥିବା ଜଣାପଡିଛି।

# ଆଦିତ୍ୟ ହ୍ୟୁଣ୍ଡାଇରେ ମାଗଣା କାର୍ କେୟାର କ୍ଲିନିକ



ଭୁବନେଶ୍ୱର,୧୩-୧୨

ଆଦିତ୍ୟ ହ୍ୟୁଣ୍ଡାଇରେ ୨୯ତମ ମାଗଣା କାର କେୟାର କ୍ଲିନିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଶିବିର ଚଳିତ ମାସ ୧୫ ତାରିଖ ଯାଏ ଚାଲିବ। ଏହାକୁ ଆଦିତ୍ୟ ହ୍ୟୁଣ୍ଡାଇର ସର୍ଭିସ ଜେନେରାଲ ମ୍ୟାନେଜର ଅଜିତ କୁମାର ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କମ୍ପାନୀର ଗ୍ରାହକ, ସର୍ଭିସ ମ୍ୟାନେଜର ଏବଂ କଷ୍ଟମର କେୟାର ମ୍ୟାନେଜର ଉପସ୍ଥିତ ଥିଲେ। ଏହି ଶିବିରରେ ଗ୍ରାହକମାନେ କାରର ୫୦% ପଏଣ୍ଟ ଚେକ୍ ଅପ୍ ମାଗଣା କରାଇ ପାରିବେ। ଶ୍ରମ ଉପରେ ୨୫% ଯାଏ ରିହାତି, ଯନ୍ତ୍ରାଂଶ ଉପରେ ୫% ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ରିହାତି ରହିଥିବା ଶୋ'ରୁମ ପକ୍ଷରୁ କୁହାଯାଇଛି।

# ଆଇସିସି ମହିଳା ଉଦ୍ୟମିତା କମିଟିର ଶୁଭାରମ୍ଭ




ଭୁବନେଶ୍ୱର,୧୩-୧୨

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ମହିଳାଙ୍କ ନୂଆ ଉଦ୍ୟମିତା କମିଟି (ଆଇଡବ୍ଲ୍ୟୁଇସି)ର ଶୁଭାରମ୍ଭ ସମ୍ପର୍କରେ ଏଠାରେ ଅନୁଷ୍ଠିତ ଏକ ଖବରଦାତା କାର୍ଯ୍ୟକ୍ରମରେ ଘୋଷଣା କରାଯାଇଛି। ଦେଶର କୌଣସି ଶିଳ୍ପ ସଂଘରେ ପ୍ରଥମ ଥର ଲାଗି ଏଭଳି ମହିଳା ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ରାଜ୍ୟ ମଧ୍ୟରେ ମହିଳା ଉଦ୍ୟୋଗୀଙ୍କ ସମସ୍ୟା ସମାଧାନ ଲକ୍ଷ୍ୟରେ ଏହାର ଆରମ୍ଭ ହୋଇଥିବା କୁହାଯାଇଛି। ଜାତୀୟ ସ୍ତରରେ ରହିଥିବା ପ୍ରସଙ୍ଗ ଉପରେ ଏହି କମିଟି ନିୟମିତ ବିଚାରବିମର୍ଷ କରିବ। ସଶକ୍ତୀକରଣ, ଶିକ୍ଷା, କୌଶଳ ବିକାଶ, ନିଯୁକ୍ତି ଉଦ୍ୟମିତା ଓ ବ୍ୟବସାୟ ବିକାଶ ଭଳି ଲକ୍ଷ୍ୟ ନେଇ କମିଟି ଅଗ୍ରସର ହେବ। ୨୦୨୦ ଜାନୁୟାରୀ ୧୧ରେ ଭୁବନେଶ୍ୱରରେ ଏକ ଲିଡରଶିପ ସମ୍ମିଳନୀ ଆୟୋଜନ କରାଯିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।

**ଜାନୁୟାରୀରେ ମହିଳା ଲିଡରଶିପ ସମ୍ମିଳନୀ**

ଏହି ଅବସରରେ ମହିଳା ଉଦ୍ୟମିତା କମିଟିର ଆନୁଷ୍ଠାନିକ ଉଦଘାଟନ ହେବ। ବ୍ଲୁଜମ କୋଚର ଗ୍ରୁପର ପରିଚାଳନା ନିର୍ଦ୍ଦେଶିକା ସମନ୍ତା କୋଚର ମୁଖ୍ୟ ଅତିଥି, ବିୟୁଟି ଇଣ୍ଡେକ୍ସ ମିଡିଆ ପ୍ରାଇଭେଟ ଲିମିଟେଡର ମୁଖ୍ୟ ସମ୍ପାଦିକା ରିତୁ ଝା, ବଲିଉଡ ଅଭିନେତ୍ରୀ ମୁଗ୍‌ଧା ଗୋଡ୍‌ସେ ପ୍ରମୁଖ ଏଥିରେ ଯୋଗଦେବେ। ଉଦ୍ୟମିତା କମିଟି ପକ୍ଷରୁ ଆଗାମୀ ଦିନଗୁଡ଼ିକରେ ମହିଳା ଉଦ୍ୟୋଗୀଙ୍କ ଲାଗି ବିଜନେସ ମେଳା, ଜାତୀୟ ଓ ଅନ୍ତର୍ଜାତୀୟ ସେମିନାର ଆୟୋଜନ କରାଯିବାକୁ ଲକ୍ଷ୍ୟ ରହିଥିବା ଆଇସିସି ଓଡିଶାର ସହ ଅଧ୍ୟକ୍ଷ ଜେ.ବି. ପାଣି କହିଛନ୍ତି। ଏହି କମିଟି ଜରିଆରେ ମହିଳାଙ୍କ ସାମଗ୍ରିକ ନେତୃତ୍ୱକୁ ବ୍ୟବହାର କରି ବ୍ୟବସାୟ ଆହ୍ୱାନଗୁଡ଼ିକର ସମାଧାନ ଏବଂ ସମାଜରେ ଉଲ୍ଲେଖନୀୟ ପରିବର୍ତ୍ତନ ଦିଗରେ ଯୋଗଦାନ ରହିବ ବୋଲି ଆଇଡବ୍ଲ୍ୟୁଇସିର ସଂଯୋଜିକା ସୁକୀର୍ତ୍ତି ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ସହ ସଂଯୋଜିକା ଚିଦାତ୍ମିକା ଖଟୁଆ, ସଦସ୍ୟା ତନୟା ପଟ୍ଟନାୟକ, ଡ. ମୋନାଲିସା ବଳ, ଡ. ପୁନମ ବଳିଆରସିଂ, ସୁନୀତା ମହାନ୍ତି, ଶାଳିନୀ କୋଠାକୋଣ୍ଡା, ସୁପ୍ରୀତ ମିଶ୍ର, ପ୍ରିୟଙ୍କା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସିପେଟ୍ ପକ୍ଷରୁ ନିଯୁକ୍ତିପତ୍ର ପ୍ରଦାନ

ଭୁବନେଶ୍ୱର,୧୩-୧୨

ସିପେଟ ସିଏସ୍‌ଟିଏସ୍ ଭୁବନେଶ୍ୱର ଏନ୍‌ଏସ୍‌ପିସିଏଲ୍ ଭିଲାଇର ମିଳିତ ଆନୁକୂଲ୍ୟରେ ୫୦ ଜଣ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏମାନଙ୍କୁ ୭ ମାସିଆ ମାଗଣା ଦକ୍ଷତା ତାଲିମ ପ୍ରଦାନ ପରେ ଚାକିରି ପ୍ରଦାନ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ପ୍ରଥମ ୨ଟି ବ୍ୟାଚ୍ ମେଶିନ ଅପରେଟର ଟୁଲ ରୁମ୍, ମେଶିନ ଅପରେଟର ପ୍ଲାଷ୍ଟିକ ପ୍ରୋସେସିଂ ଟ୍ରେଡରେ ତାଲିମ ଦିଆଯାଇଛି। ଏନ୍‌ଏସ୍‌ପିସିଏଲ୍ ଭିଲାଇର ଜେନେରାଲ ମ୍ୟାନେଜର ଭି.ଏମ୍.ରାଜନ ଏବଂ ବିଜ୍‌ନେସ ୟୁନିଟ ହେଡ ଏ.ୱାଶିମ୍ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସିପେଟକୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ସିପେଟର ଏହି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ରାଜନ କହିଛନ୍ତି। ସିପେଟର ଡେପୁଟି ଡାଇରେକ୍ଟର ଏବଂ ମୁଖ୍ୟ ସୁଶ୍ରୀ ନିହାରିକା ପରିଡା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏଥିରେ ଆଡମିନିଷ୍ଟେଟର ଜୟନ୍ତ କୁମାର ଦାସ ପରିଚାଳନା କରିଥିଲେ।

# ଯାନ ଦର ବଢ଼ାଇବ ହିରୋ ମୋଟୋକର୍ପ

ନୂଆଦିଲ୍ଲୀ,୧୩-୧୨

ଆସନ୍ତା ଜାନୁୟାରୀରୁ ଯାନ ଦର ବଢ଼ାଇବା ନେଇ ହିରୋମୋଟୋକର୍ପ ପକ୍ଷରୁ ଘୋଷଣା କରାଯାଇଛି। ଏହା ଦ୍ୱାରା କମ୍ପାନୀର ବିଭିନ୍ନ ମଡେଲଗୁଡ଼ିକ ପ୍ରାୟ ୨୦୦୦ ଟଙ୍କାର ମହଙ୍ଗା ହେବ। ଜାନୁୟାରୀ ପହିଲାରୁ କମ୍ପାନୀର ବିଭିନ୍ନ ସ୍କୁଟର ଏବଂ ଟୁହ୍ୱିଲର୍ସ ମଡେଲ ରେଞ୍ଜରେ ଏହା ଲାଗୁ ହେବ। ବିଭିନ୍ନ ବଜାର ଓ ମଡେଲ ଉପରେ ଏହି ମୂଲ୍ୟ କାର୍ଯ୍ୟକାରୀ ହେଲେ ଦରରେ କିଛିଟା ପରିବର୍ତ୍ତନ ଆସିବ। ଚଳିତ ବର୍ଷ ନଭେମ୍ବରରେ କମ୍ପାନୀ ବିଏସ୍-୬ ମାନକଯୁକ୍ତ ଟୁହ୍ୱିଲର୍ସ ନୂଆ ସ୍ପ୍ଲେଣ୍ଡର ଆଇ-ସ୍ମାର୍ଟ ବଜାରକୁ ଛାଡ଼ିଛି। ଏହାର ବଜାର ଦର ୬୪,୯୦୦ ଟଙ୍କା ରହିଛି। କମ୍ପାନୀ ଅଧିକ ବିଏସ୍-୬ ମଡେଲ ଆଣିବା ଲାଗି ପ୍ରସ୍ତୁତି ଜାରି ରଖିଛି।

# ଭିଏଲ୍‌ସିସିର ନୂଆ ୱେଲ୍‌ନେସ ସେଣ୍ଟର




ଭୁବନେଶ୍ୱର,୧୩-୧୨

ପ୍ରମୁଖ ବିୟୁଟି ଏବଂ ୱେଲନେସ ବ୍ରାଣ୍ଡ ଭିଏଲ୍‌ସିସି ପକ୍ଷରୁ ଭୁବନେଶ୍ୱରରେ ଏହାର ଦ୍ୱିତୀୟ ସେଣ୍ଟର ଶହୀଦନଗରରେ ଶୁଭାରମ୍ଭ ହୋଇଛି। ରାଜଧାନୀରେ ଥିବା ଏହାର ପ୍ରଥମ ସେଣ୍ଟରକୁ ପଟିଆ, କିଟ ଛକରେ ଉନ୍ମୋଚନ କରାଯାଇଛି। ସେଣ୍ଟରଗୁଡ଼ିକୁ ଭିଏଲ୍‌ସିସି ପ୍ରତିଷ୍ଠାତା ବନ୍ଦନା ଲୁଥ୍‌ରା ଶୁଭାରମ୍ଭ କରିଛନ୍ତି। ଭିଏଲ୍‌ସିସି ବର୍ତ୍ତମାନ ରାଜ୍ୟରେ ୭ଟି ୱେଲ୍‌ନେସ ଓ ବିୟୁଟି ସେଣ୍ଟର ସହ ୩ଟି କୌଶଳ ବିକାଶ ସଂସ୍ଥା ସହ କାର୍ଯ୍ୟ କରୁଛି। ଉଭୟ ସେଣ୍ଟରରେ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଓଜନ ପରିଚାଳନା ସମାଧାନ, ସ୍କିନ ଓ ହେୟାର ଟ୍ରିଟମେଣ୍ଟ, ଲେଜର ଓ ଆଏସ୍ଥେଟିକ୍ ଟ୍ରିଟମେଣ୍ଟର ସଦ୍ୟତମ କୌଶଳ ଉପଲବ୍ଧ ହେବ ବୋଲି ପ୍ରତିଷ୍ଠାତା ଲୁଥରା କହିଛନ୍ତି।

## ■ ଫୋର୍ବସ ପ୍ରଭାବଶାଳୀ ମହିଳା ତାଲିକା

# ୩୪ତମ ସ୍ଥାନରେ ସୀତାରାମନ

**ରୋଶନୀ ନାଦାର ମାଲହୋତ୍ରାଙ୍କୁ ୫୪ତମ, କିରନ ମଜୁମଦାର ଶ ୬୫ତମ ସ୍ଥାନ**



ନୂଆଦିଲ୍ଲୀ,୧୩-୧୨

ଫୋର୍ବସ ପକ୍ଷରୁ ପ୍ରକାଶିତ ବିଶ୍ୱର ୧୦୦ ସବୁଠାରୁ ପ୍ରଭାବଶାଳୀ ମହିଳା ତାଲିକାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୩୪ତମ ସ୍ଥାନରେ ରହିଛନ୍ତି। ସେହିଭଳି ଅନ୍ୟ ଭାରତୀୟ ମହିଳାଙ୍କ ମଧ୍ୟରେ ଏଚ୍‌ସିଏଲ୍ କର୍ପୋରେଶନର ସିଇଓ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋଶନୀ ନାଦାର ମାଲହୋତ୍ରା, ବାୟୋକନ ପ୍ରତିଷ୍ଠାତା କିରନ ମଜୁମଦାର ଶ ଏହି ତାଲିକାରେ ଯଥାକ୍ରମେ ୫୪ ଏବଂ ୬୫ତମ ସ୍ଥାନରେ ରହିଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ଜର୍ମାନୀର ଚାନସେଲର ଆଞ୍ଜେଲା ମାର୍କେଲ ଏବଂ ଦ୍ୱିତୀୟରେ ୟୁରୋପିୟାନ ସେଣ୍ଟ୍ରାଲ ବ୍ୟାଙ୍କର ସଭାପତି ଥିବା କ୍ରିଷ୍ଟିନ ଲାଗାର୍ଡେ ରହିଛନ୍ତି। ତୃତୀୟରେ ଆମେରିକା ହାଉସ ଅଫ୍ ରିପ୍ରେଜେଣ୍ଟେଟିଭର ବାଚସ୍ପତି ନାନସି ପେଲୋସି ଅଛନ୍ତି। ୨୯ତମ ସ୍ଥାନରେ ବାଂଲାଦେଶ ରାଷ୍ଟ୍ରପତି ସେଖ ହାସିନା ସ୍ଥାନିତ ହୋଇଛନ୍ତି। ତାଲିକାରେ ପ୍ରଥମଥର ଲାଗି ସ୍ଥାନ ପାଇଥିବା ନିର୍ମଳା ଏବେ ଭାରତର ଅର୍ଥମନ୍ତ୍ରୀ ଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ କାର୍ଯ୍ୟଭାର ସମ୍ଭାଳିଛନ୍ତି। ତାଲିକାର ୬ଷ୍ଠ ସ୍ଥାନରେ ବିଲ ଆଣ୍ଡ ମିଲିଣ୍ଡ ଗେଟ୍‌ସ ଫାଉଣ୍ଡେଶନ କୋ ଚେୟାର ମିଲିଣ୍ଡା ଗେଟ୍‌ସ, ୯ମରେ ଆଇବିଏମ୍ ସିଇଓ ଗିନି ରୋମେଟି, ୧୮ତମରେ ଫେସବୁକ ସିଓଓ ସେର୍ଲି ସ୍ୟାଣ୍ଡବର୍ଗ, ୩୮ତମ ସ୍ଥାନରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାକିଣ୍ଡା ଆର୍ଡେନ, ୪୨ତମ ସ୍ଥାନରେ ଇଭାଙ୍କା ଟ୍ରମ୍ପ, ୬୧ତମରେ ଗାୟିକା ରିହାନା, ୬୬ତମ ସ୍ଥାନରେ ବେୟୋନ୍ସ, ୭୧ତମରେ ଟେଲର ସ୍ୱିଫ୍ଟ, ୮୧ ତମରେ ଟେନିସ ଷ୍ଟାର ସେରେନା ୱିଲିୟମ୍ସ ଏବଂ ୧୦୦ତମ ସ୍ଥାନରେ ପରିବେଶ କର୍ମୀ ଗ୍ରେଟା ଥନବର୍ଗ ରହିଛନ୍ତି।

**ଜିଏସ୍‌ଟି ବୃଦ୍ଧି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଲେ**

ଜିଏସ୍‌ଟି କାଉନସିଲ ବୈଠକ ଆସନ୍ତା ସପ୍ତାହରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଅର୍ଥମନ୍ତ୍ରୀ ସୀତାରାମନ ଜିଏସ୍‌ଟି ବୃଦ୍ଧି ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ମୋ କାର୍ଯ୍ୟାଳୟକୁ ଛାଡି ଦେଲେ ଅନ୍ୟ ସବୁଆଡେ ଜିଏସ୍‌ଟି ବଢିବ ବୋଲି ଆଲୋଚନା ହେଉଛି। ରାଜସ୍ୱ ହ୍ରାସ ହେଉଥିବାରୁ ସରକାର ବିଭିନ୍ନ ଜିଏସ୍‌ଟି ହାରରେ ପରିବର୍ତ୍ତନ କରି ରାଜସ୍ୱ ଭରଣା କରିବାକୁ ଚାହୁଁଥିବା ଏକ ପ୍ରଶ୍ନର ଉତ୍ତର ରଖି ନିର୍ମଳା ଏଭଳି ମନ୍ତବ୍ୟ ଦେଇଛନ୍ତି। ମାତ୍ର ଜିଏସ୍‌ଟି ନ ବଢ଼ିବା ନେଇ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି। ଏବେ ଯାଏ ଅର୍ଥ ମନ୍ତ୍ରଣାଳୟ ଏହି ପ୍ରସଙ୍ଗ ଉପରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରି ନ ଥିବା ସେ କହିଛନ୍ତି।

# ଜିଭାର ମାଗଣା ପରାମର୍ଶ ଶିବିର

ଭୁବନେଶ୍ୱର,୧୩-୧୨: ଜିଭା ଆୟୁର୍ବେଦ ପକ୍ଷରୁ ଜାତୀୟ ସ୍ତରର ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ସାରା ଦେଶରେ ଆୟୋଜନ କରାଯାଉଛି। ଜିଭାର ଏହି ସ୍ୱାସ୍ଥ୍ୟ ସପ୍ତାହ ଚଳିତ ମାସ ୨୨ ଯାଏ ଚାଲିବ। ଶୀତଋତୁରେ ନିଃଶ୍ୱାସ ପ୍ରଶ୍ୱାସ ଏବଂ ଗଣ୍ଠିବାତ ସମସ୍ୟା ଭୋଗୁଥିବା ଲୋକମାନେ ଏହି ଶିବିର ଦ୍ୱାରା ଲାଭବାନ ହୋଇ ପାରିବେ ବୋଲି ଜିଭା ପକ୍ଷରୁ ସୂଚନା ରହିଛି। ସାରା ଦେଶରେ ଥିବା ଜିଭାର ୮୦ କ୍ଲିନିକରେ ଲୋକମାନେ ହର୍ବାଲ ଔଷଧ, ଖାଦ୍ୟ ପରାମର୍ଶ, ଜୀବନଶୈଳୀ ଯୋଜନା ଏବଂ ବ୍ୟକ୍ତିଗତ ସୁହାଇବା ଭଳି ଚିକିତ୍ସା ସୁବିଧା ପାଇପାରିବେ। ନିକଟସ୍ଥ କ୍ଲିନିକ ସହ ସମ୍ପର୍କ କରି ଏହାର ଲାଭ ନେବାକୁ ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.), E.H.T. (O&M) DIVISION, JODA
P.O.- Boneikala, Dist.- Keonjhar, Pin- 758038 (Odisha), Phone No.- 7328829375,
E-mail: ehtm.div.jod@optcl.co.in, CIN: U40102OR2004SGC007553

Letter No. 929 (2) Dated 13.12.2019

TENDER CALL NOTICE NO.-10/2019-2020

Sealed tenders are invited from the Civil having valid "C" & "D" Class Civil Contractor license issued by Govt. of Odisha/ Military/ Railways & having valid IT PAN Card/GST registration for the Work of "Supply & fixing of concertina coil on the existing boundary wall of main road & 33KV S/Y side of Grid s/s Joda" under EHT(O&M) Division, Joda. Estimate cost of work= Rs. 493815/- (Including GST). Cost of Tender paper Rs. 2240/-, EMD= Rs. 5000/-. Sale of tender documents from dt:- 23.12.2019 to 07.01.2020. Last Date of submission of tender: 08.01.2020 upto 1.00 PM. Date of opening of tender:- 08.01.2020 at 3.00 PM. For details visit our website:- www.optcl.co.in.

Corrigendum if any will be published in the OPTCL website only.

Sd./- Dy. General Manager (Elect), EHT(O&M) Division, Joda

OFFICE OF THE C.D.M. & PHO CUM DISTRICT MISSION DIRECTOR, JAJPUR

TENDER CALL NOTICE

No.2899 Date: 12.12.2019

Sealed tenders are invited by the Zilla Swasthya Samiti, Jajpur from reputed parties / firms / Dealers / suppliers dealing in specific goods / items for empanelment and supply of different items to the office of undersigned for the current financial year 2019-20 as and when required within a stipulated time frame as per the supply order.

Types of Work :- 1. Fooding, 2. Office Stationery and 3. Printing.

The detail regarding bidding format, terms and conditions may be download from District website i.e. www.jajpur.nic.in. The tenders should reach the office of the undersigned by 24.12.2019 (till 12.30 P.M.) through Speed Post or registered Post only. The date of opening of tenders is as mentioned in the terms & condition. The undersigned is not responsible for any kind of postal delay and reserves all right to cancel any or all the tender at any stage of selection / finalization process without assigning any reason thereof. Any typographical error may be exempted

Sd./- C.D.M. & PHO cum District Mission Director, Jajpur

BHUBANESWAR MUNICIPAL CORPORATION

No : 33578 Dt.27.11.2019

E-PROCUREMENT NOTICE

1. Bid reference No: BMC-EED-II-04(EL.)/2019-20 Dt.27.11.19
2. Tender Call Notice No : No.33578, Dt.27.11.2019
3. No. of work : 1 No.
4. Bid Value : Rs. 20,85,372.00
5. Period of completion : 1 Year

Date and time of schedule

| Start | End | Opening |
|---|---|---|
| 11.00 A.M of 16.12.19 | 5 P.M of 26.12.19 | 11.00 A.M.of 30.12.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,Div-II
Bhubaneswar Municipal Corporation

Progress Through Partnership for a Better Bhubaneswar

BHUBANESWAR MUNICIPAL CORPORATION

No : 35368 Dt.13.12.2019

E-PROCUREMENT NOTICE

1. Bid reference No : BMC-EED-II-17/2019-20 Dt.13.12.19
2. Tender Call Notice No : No.35368, Dt.13.12.2019
3. No. of work : 11 Nos.
4. Bid Value : Rs.11,06,972/- to Rs. 40,80,033/-
5. Period of completion : 60 Days

Date and time of schedule

| Start | End | Opening |
|---|---|---|
| 11.00 A.M of 16.12.19 | 5 P.M of 26.12.19 | 11.00 A.M.of 27.12.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,
BMC, Division No.II

Progress Through Partnership for a Better Bhubaneswar

भारतीय विमानपत्तन प्राधिकरण
AIRPORTS AUTHORITY OF INDIA

ଇ-ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି

ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର, ଭୁବନେଶ୍ୱର ତରଫରୁ NDTB-T1 ଭିତରେ "ଖାଦ୍ୟ ଏବଂ ପେୟ ସୁବିଧାର ବିକାଶ, ବଜାର ସ୍ଥାପନ, ସଂଚାଳନ, ରକ୍ଷଣାବେକ୍ଷଣ ଏବଂ ପ୍ରବନ୍ଧନ ନିମନ୍ତେ ଆର.ଏଫ୍.ପି. ଆମନ୍ତ୍ରଣ କରୁଛି। ଏମ୍.ଆର.ଏଲ.ଏଫ୍: ଟ.73,80,000/-ଙ୍କା ପ୍ରତି ମାସ। ଟେଣ୍ଡର ଆଇ.ଡି ସଂଖ୍ୟା: 2019_AAI_38040_1 ସିପିପି ପୋର୍ଟାଲ https://etenders.gov.in ମାଧ୍ୟମରେ ଟେଣ୍ଡର ଜମା କରାଯିବାର ଶେଷ ତାରିଖ: ତା.03.01.2020ରିଖ 06.00 PM ପର୍ଯ୍ୟନ୍ତ ଅଟେ। ବିସ୍ତୃତ ବିବରଣୀ ନିମନ୍ତେ www.aai.aero କିମ୍ବା https://etenders.gov.in ରେ ଲଗ୍ ଅନ୍ କରନ୍ତୁ। ଏ ସମ୍ପର୍କରେ ଯଦି କୌଣସି ସଂଶୋଧନ/ଶୁଦ୍ଧିପତ୍ର ଥାଏ, ତେବେ ତାହା କେବଳ https://etenders.gov.in କିମ୍ବା www.aai.aero ରେ ଅପଲୋଡ୍ କରାଯିବ।

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

NOTICE INVITING TENDERS

Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :

1- NIT No. OMC-5137
Name of the work: Packaging of Wire Rod Coils (9.5mm / 12 mm wire rods)

2- NIT No. OMC-5142
Name of the work: Maintenance Jobs for Instruments Installed at various location of Cast House - A & B. DGM (Mech.)-T&C

3- NIT No. OMC-5144
Name of the work: A.T Welding of 52 KG Rail at Budhapank Exchange Yard & Smelter in Plant Yard. AGM (Mech.)-T&C

For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in



ଲିଓନେଲ ମେସି ବିଶ୍ୱକପ୍ ଜିତି ନ ଥିଲେ ମଧ୍ୟ ପେଲେ ଓ ଡିଏଗୋ ମାରାଡୋନାଙ୍କ ଭଳି ମହାନ୍ ଫୁଟ୍‌ବଲ ଖେଳାଳି ବିବେଚିତ ହେବେ।

– ହର୍ନାନ କ୍ରେସ୍ପୋ, ଆର୍ଜେଣ୍ଟିନାର ପୂର୍ବତନ ଷ୍ଟାର ଷ୍ଟ୍ରାଇକର



ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ଶ୍ରେୟାସ ଆୟାରଙ୍କୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ ସୁଯୋଗ ଦିଆଯିବା ଉଚିତ।

ଅନିଲ କୁମ୍ବଲେ ପୂର୍ବତନ ଅଧିନାୟକ, ସ୍ପିନ କିମ୍ବଦନ୍ତୀ

## ସଂକ୍ଷେପରେ

### ସନ୍ଦେହରେ ବୋଲରଙ୍କ ନୋ ବଲ

**ଢାକା, ୧୩।୧୨:** ଚଳିତ ବାଂଲାଦେଶ ପ୍ରିମିୟର ଲିଗ୍ (ପିବିଏଲ)ରେ ବାଂଲାଦେଶ ବୋଲରଙ୍କ ପ୍ରଦର୍ଶନ ଉପରେ ପ୍ରଶଂସକ ମ୍ୟାଚ୍ ଫିକ୍ସିଂ ହୋଇଥିବା ଅଭିଯୋଗ ଆଣିଛନ୍ତି। ଚାଟଗ୍ରାମ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସିଲହଟ ଥଣ୍ଡର୍ସ ପେସର କ୍ରିଶମାର ସାଣ୍ଟୋକିଙ୍କ ଦୁଇଟି ବଲ ଫିଲ୍ଡ ଅମ୍ପାୟର ଓ ସାଥୀ ଖେଳାଳିଙ୍କ ଚକିତ କରିଦେଇଥିଲା। ତାଙ୍କର ଏକ ବଲ ଏତେ ୱାଇଡ୍ ଥିଲା ଯେ, ଉଇକେଟକିପରଙ୍କୁ ବଲକୁ ରୋକିବା ପାଇଁ ବଡ଼ ଡ୍ରାଇଭ ମାରିବାକୁ ପଡ଼ିଥିଲା। ସେହି ଓଭରର ଆଉ ଏକ ବଲ ସାଣ୍ଟୋକି ନୋ ବଲ ପାଇଁ ଧାର୍ଯ୍ୟ ସୀମାଠାରୁ ଏକ ମିଟର ଆଗରେ ବଲ ପକାଇ ଥିଲେ। ଏହାକୁ ଭାଷ୍ୟକାର ବିଶ୍ୱାସ କରିପାରି ନ ଥିଲେ। କେଉଁଭଳି ଜଣେ ବୋଲର ଲାଇନକୁ ଏତେ ମାତ୍ରାରେ ଅତିକ୍ରମ କରିପାରିବେ ବୋଲି ଜଣେ ଭାଷ୍ୟକାର ପ୍ରଶ୍ନ କରିଥିଲେ। ଦୁଇ ବଲର ଭିଡିଓ ସୋସିଆଲ ମିଡିଆରେ ଛାଇ ହୋଇଯିବା ପରେ ପ୍ରଶଂସକମାନେ ସାଣ୍ଟୋକିଙ୍କୁ ସମାଲୋଚନା କରିଛନ୍ତି। ଏପରି କି ଜଣେ ଫ୍ୟାନ ଲେଖିଛନ୍ତି, ଏଥିନେଇ ସାଣ୍ଟୋକିଙ୍କୁ ଜବାବ ଦେବାକୁ ପଡ଼ିବ। ପୂର୍ବତନ ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନ ଡିନ ଜୋନ୍ସ ବୋଲରଙ୍କ ପ୍ରଦର୍ଶନ ଉପରେ ପ୍ରଶ୍ନ କରି ଟୁଇଟ କରିଛନ୍ତି ସତରେ ଏଭଳି ସମ୍ଭବ? କିଛି ପ୍ରଶଂସକ ମ୍ୟାଚ୍ ଫିକ୍ସିଂ ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ଏପର୍ଯ୍ୟନ୍ତ ଏ ଘଟଣା ସମ୍ପର୍କରେ ଉକ୍ତ ବାଂଲାଦେଶ ବୋଲର ପ୍ରତିକ୍ରିୟା ରଖି ନାହାନ୍ତି। ଉଲ୍ଲେଖଥାଉ କି, ୨୦୧୦ରେ ପାକିସ୍ତାନ ପେସର ମହମ୍ମଦ ଆମିର କ୍ରମାଗତ ଦୁଇ ବଡ଼ ନୋ ବଲ ପକାଇଥିଲେ। ଏଥିପାଇଁ ତାଙ୍କୁ ୫ ବର୍ଷ ବାସନ୍ଦ କରାଯାଇଥିଲା।

### ଫାଇନାଲରେ କିସ୍-ସିଡିଏ ଡିଏଭି

**କଟକ ଅଫିସ, ୧୩।୧୨:** ବୋଷ ଗ୍ରାଉଣ୍ଡରେ ଚାଲିଥିବା ୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ କିସ୍ ଓ ସିଡ଼ିଏ ଡିଏଭି ମଧ୍ୟରେ ଖେଳାଯିବ। ସିଡ଼ିଏ ପୂର୍ବରୁ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ସାରିଥିବା ବେଳେ ଶୁକ୍ରବାର ଯୋବ୍ରା ମ୍ୟୁନିସିପାଲ ହାଇସ୍କୁଲକୁ ହରାଇ କିସ୍ ଫାଇନାଲରେ ପ୍ରବେଶ କରିଛି। ଏହି ଦୁଇ ଦଳ ଲଗାତାର ଭାବେ ଉକ୍ତ ଟୁର୍ନାମେଣ୍ଟର ଫାଇନାଲରେ ସାମ୍ନାସାମ୍ନି ହେଉଛନ୍ତି। ଯୋବ୍ରା ମ୍ୟୁନିସିପାଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହ ସମସ୍ତ ଉଇକେଟ ହରାଇ ମାତ୍ର ୭୩ରନ କରିଥିଲା। ଦିଲ୍ଲୀପ ବେହେରା ସର୍ବାଧିକ ୧୯ରନ କରିଥିଲେ। ରମେଶ ମେଲେକା କିସ୍ ପକ୍ଷରୁ ୫ଟି ଉଇକେଟ ଅକ୍ତିଆର କରିଛନ୍ତି। ରମେଶଙ୍କ ୨୬ରନର ଇନିଂସ ବଳରେ କିସ୍ ବିଜୟ ଲକ୍ଷ୍ୟ ହାସଲ କରିଛି। ଯୋବ୍ରା ପକ୍ଷରୁ ମହେଶ୍ୱର ନାଏଡୁ ୪ଟି ଉଇକେଟ ଦଖଲ କରିଛନ୍ତି। ଅଲରାଉଣ୍ଡର ମ୍ୟାଚ ବିଜୟୀ ଇନିଂସ ଯୋଗୁ ରମେଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

### ସିନ୍ଧୁଙ୍କ ସାନ୍ତ୍ୱନାମୂଳକ ବିଜୟ

**ଗୁଆଙ୍ଗଝୋ, ୧୩।୧୨ (ପି.ଟି.):** ବର୍ଷ ଶେଷ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ ଟୁର୍ନାମେଣ୍ଟରୁ ଆଉଟ୍ ହୋଇଯାଇଥିଲେ ହେଁ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛନ୍ତି। ଗ୍ରୁପ୍ ଏ'ର ତୃତୀୟ ମ୍ୟାଚରେ ସେ ଚାଇନାର ହି ବିଙ୍ଗ୍‌ଜିଓଙ୍କୁ ୨୧-୧୯, ୨୧-୧୯ରେ ପରାସ୍ତ କରିଛନ୍ତି। ସିନ୍ଧୁ ତାଙ୍କ ପ୍ରଥମ ଦୁଇଟି ମ୍ୟାଚରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ଆଉଟ୍ ହୋଇସାରିଥିଲେ। ଚାଇନାର ଏହି ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କ କ୍ରମାଗତ ଚତୁର୍ଥ ପରାଜୟ ପରେ ପ୍ରଥମ ବିଜୟ। ସିନ୍ଧୁଙ୍କୁ ପରେ ପ୍ରିମିୟର ବ୍ୟାଡମିଣ୍ଟନ ଲିଗ୍‌ରେ ଦେଖିବାକୁ ମିଳିବ।

### ବିବିଏଲ ପାଇଁ ଏନ୍‌ଓସି ଦେଲା ନାହିଁ ପିସିବି

**କରାଚୀ, ୧୩।୧୨:** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଲରାଉଣ୍ଡର ଫହିମ ଅଶରଫ ଓ ପେସର ଉସମାନ ଶିନୱାରିଙ୍କୁ ଅଷ୍ଟ୍ରେଲିଆର ବିଗ୍ ବାଶ ଲିଗ୍ (ବିବିଏଲ)ରେ ଖେଳିବାକୁ ଏନ୍‌ଓସି ଦେବାକୁ ମନା କରିଦେଇଛି। ନିକଟରେ ଉଭୟ କ୍ରିକେଟରଙ୍କ ସହ ବିବିଏଲ ଚୁକ୍ତି କରାଯାଇଥିଲା। ଚୂଡ଼ାନ୍ତ ବିଶ୍ୱକପ ଦଳରୁ ବାଦ୍ ପଡ଼ିବା ପରେ ଅଶରଫ ଏପର୍ଯ୍ୟନ୍ତ ଜାତୀୟ ଦଳ ପାଇଁ ଖେଳି ନାହାନ୍ତି। ସେ ମେଲବୋର୍ନ ରେନେଗାଡେସ ପାଇଁ ଖେଳିଥାନ୍ତେ। ଶିନୱାରିଙ୍କ ସମାନ ଦଳ ପ୍ରଥମ ୫ ମ୍ୟାଚ୍ ପାଇଁ ଚୁକ୍ତି କରିଥିଲା। ପିସିବି ସୂତ୍ରରୁ ଜଣାପଡ଼ିଛି, ଅଶରଫଙ୍କୁ ଘରୋଇ କ୍ରିକେଟରେ ଧ୍ୟାନ ଦେବାକୁ କୁହାଯାଇଥିବାବେଳେ ସିନୱାରିଙ୍କୁ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଡାକରା ଦିଆଯାଇଛି।

# ପର୍ଥ ଟେଷ୍ଟ: ଦୃଢ଼ ସ୍ଥିତିରେ ଅଷ୍ଟ୍ରେଲିଆ

**ପର୍ଥ, ୧୩।୧୨**

ସ୍ଥାନୀୟ ପର୍ଥ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ମଜଭୁତ ସ୍ଥିତିରେ ରହିଛି। ମାର୍ନସ ଲାବୁସେନଙ୍କ ଶତକପରେ ଶେଷଭାଗ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ଅବଦାନ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୧୬ ରନ କରିଛି। ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ଦଳ ୧୦୯ ରନରେ ନ୍ୟୁଜିଲାଣ୍ଡର ୫ ଉଇକେଟ ଅକ୍ତିଆର କରି ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଛି। ନ୍ୟୁଜିଲାଣ୍ଡ ହାତରେ ଆଉ ୫ ଉଇକେଟ ଥିବାବେଳେ ଅଷ୍ଟ୍ରେଲିଆ ଆହୁରି ୩୦୭ ରନରେ ଅଗ୍ରଣୀ ରହିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୪୮/୪ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଦିବସରେ ମଧ୍ୟ ଆକର୍ଷଣୀୟ ବ୍ୟାଟିଂ କରିଥିଲା। ୫ମ ଉଇକେଟରେ ୭୬ ରନ ଯୋଗ ହେବାପରେ ଲାବୁସେନ ବ୍ୟକ୍ତିଗତ ୧୪୩ ରନ କରି ଆଉଟ ହୋଇଥିଲେ। ସେ ୨୪୦ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୮ ଚୌକା ଓ ୧ ଛକା ମାରିଥିଲେ। ତାଙ୍କ ପାର୍ଟନର ଟ୍ରାଭିସ ହେଡ୍ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୯୭ଟି ବଲ୍ ଖେଳି ୧୦ ଚୌକା ସହ ୫୬ ରନ କରିଥିଲେ। ଏହି ଯୋଡ଼ି ଭାଙ୍ଗିବାପରେ ମଧ୍ୟ ନ୍ୟୁଜିଲାଣ୍ଡ ବୋଲରଙ୍କୁ ବିଶେଷ ସଫଳତା ମିଳି ନ ଥିଲା। ଅଧିନାୟକ ଟିମ୍ ପେନ୍ ୩୯(୧୦୫ ବଲ, ୨ ଚୌକା), ପ୍ୟାଟ୍ କମିନ୍ସ ୨୦(୮୫ ବଲ, ୨ ଚୌକା) ଓ ମିଚେଲ ଷ୍ଟାର୍କ ୩୦(୪୧ ବଲ, ୩ ଚୌକା, ୧ ଛକା) ରନ କରି ଅଷ୍ଟ୍ରେଲିଆ ସ୍କୋରକୁ ୪୦୦ ଅତିକ୍ରମ କରାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସୌଦୀ ଓ ନେଲ ୱାଗନର ୪ଟି ଲେଖାଏ ଏବଂ କଲିନ ଡି' ଗ୍ରାଣ୍ଡହୋମ ଓ ଜୀତ୍ ରାଭାଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସ ଆରମ୍ଭରୁ ହିଁ ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ଟମ୍ ଲଥାମ ଖାତା ଖୋଲିବା ପୂର୍ବରୁ ଏବଂ ଦ୍ୱିତୀୟ ଓଭରରେ ଜୀତ ରାଭାଲ ମାତ୍ର ୧ ରନ କରି ଆଉଟ ହୋଇଥିଲେ। ଫଳରେ ୧ ରନରେ ୨ ଓପନରଙ୍କୁ ହରାଇ ନ୍ୟୁଜିଲାଣ୍ଡ ବିପଦରେ ପଡ଼ିଥିଲା। ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଅଧିନାୟକ କେନ୍ ୱିଲିୟମସନ ଓ ରସ୍ ଟେଲର ସତର୍କତାର ସହିତ ଖେଳି ଦଳକୁ ବିପଦରୁ ବାହାର କରିଥିଲେ। ତେବେ ତୃତୀୟ ଉଇକେଟ ଯୋଡ଼ିରେ ୭୬ ରନ ଯୋଗ ହେବାପରେ ୱିଲିୟମସନଙ୍କୁ ଆଉଟ କରି ପୁଣି ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ ଷ୍ଟାର୍କ। ୭୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ୱିଲିୟମସନ ୭ ଚୌକା ସହାୟତାରେ ୩୪ ରନ କରିଥିବାବେଳେ ଦ୍ୱିତୀୟ ସ୍ଲିପ୍‌ରେ ଷ୍ଟିଭ୍ ସ୍ମିଥଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ପରେ ହେନରି ନିକୋଲାସ(୭) ଓ ନେଲ୍ ୱାଗନର(୦)ଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲେ ଷ୍ଟାର୍କ। ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଟେଲର ୬୬(୮୬ ବଲ, ୮ ଚୌକା) ଓ ବି.ଜେ. ୱାଟଲିଙ୍ଗ୍ କୌଣସି ରନ ନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆର ଷ୍ଟାର୍କ ୩୧ ରନରେ ୪ଟି ଏବଂ ଜୋଶ୍ ହାଜଲେଉଡ୍ ଗୋଟିଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ମିଚେଲ ଷ୍ଟାର୍କ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୧୬/ଅଲଆଉଟ (ଲାବୁସେନ-୧୪୩, ହେଡ୍-୫୬, ସ୍ମିଥ-୪୩, ୱାର୍ନର-୪୩, ପେନ୍-୩୯, ଷ୍ଟାର୍କ-୩୦, ୱାଗନର-୪/୯୨, ସୌଦୀ-୪/୯୩, ଗ୍ରାଣ୍ଡହୋମ-୧/୩୭, ଜୀତ ରାଭାଲ-୧/୩୩)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୦୯/୫(ଟେଲର-୬୬*, ୱିଲିୟମସନ-୩୪, ଷ୍ଟାର୍କ-୪/୩୧, ହାଜଲେଉଡ-୧/୦)।

## ୨୦୨୩ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ଦୌଡ଼ରେ ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ

**ମେଲବୋର୍ନ, ୧୩।୧୨(ଏଏଫ୍‌ପି)**

ଆଗାମୀ ୨୦୨୩ ମହିଳା ଫିଫା ବିଶ୍ୱକପ୍ ଆୟୋଜନ ଲାଗି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଶୁକ୍ରବାର ମିଳିତ ଭାବେ ବିଡ୍ ଦାଖଲ କରିଛନ୍ତି। ଇଭେଣ୍ଟ ଆୟୋଜନ ଦ୍ୱାରା ଦୁଇ ଦେଶରେ ମହିଳା ଫୁଟବଲର ଗୁରୁତ୍ୱ ବୃଦ୍ଧି ପାଇବ। ଫିଫା ବିଶ୍ୱକପ୍ ଇଭେଣ୍ଟରେ ଅଂଶଗ୍ରହଣକାରୀ ଦଳର ସଂଖ୍ୟା ୨୪ରୁ ୩୨କୁ ବୃଦ୍ଧି କରିବାକୁ ଯୋଜନା କରୁଛି। ଚଳିତବର୍ଷ ଫ୍ରାନ୍ସରେ ଅନୁଷ୍ଠିତ ଇଭେଣ୍ଟରେ ୨୪ ଦଳ ଭାଗ ନେଇଥିଲେ। ଦୁଇ ଦେଶ ଆୟୋଜନ ଅଧିକାର ହାତେଇବା ଦ୍ୱାରା ଅଧିକରୁ ଅଧିକ ମ୍ୟାଚ୍ ଖେଳାଯାଇପାରିବ। ଉଭୟ ଦେଶର ବଡ଼ ଅନ୍ତର୍ଜାତୀୟ କ୍ରୀଡ଼ା ଭିତ୍ତିକ ଇଭେଣ୍ଟ ଆୟୋଜନ କରିସାରିଛନ୍ତି। ଆମ ନିକଟରେ ଭିତ୍ତିଭୂମି, ଅଭିଜ୍ଞତା ଓ ୨୦୨୩ ମହିଳା ବିଶ୍ୱକପ୍ ଆୟୋଜନ କରିବା ଲାଗି ଉତ୍ସାହ ଥିବା ଅଷ୍ଟ୍ରେଲିଆର କ୍ରୀଡ଼ାମନ୍ତ୍ରୀ ରିଚାର୍ଡ କୋଲବେକ କହିଛନ୍ତି। ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ସମେତ ୮ ଦେଶ ଏହି ଇଭେଣ୍ଟ ଆୟୋଜନ ଅଧିକାର ହାତେଇବା ପାଇଁ ବିଡ୍ ଦାଖଲ କରିଛନ୍ତି। ଏଥିରେ ଆର୍ଜେଣ୍ଟିନା, ବ୍ରାଜିଲ, କଲମ୍ବିଆ, ଜାପାନ, ଦକ୍ଷିଣ କୋରିଆ ଓ ଦକ୍ଷିଣ ଆଫ୍ରିକା ରହିଛନ୍ତି।



ଭାରତ-ୱେଷ୍ଟଇଣ୍ଡିଜ୍ ଦିନିକିଆ କ୍ରିକେଟ ପୂର୍ବରୁ ବାରବାଟୀ ଷ୍ଟାଡିୟମ ପଡ଼ିଆରେ ରାସାୟନିକ ସାର ସିଞ୍ଚନ କରାଯାଉଛି।



ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି କାର୍ଯ୍ୟ।

## ପ୍ରସ୍ତୁତି ଅନୁଧ୍ୟାନ କଲେ ମନ୍ତ୍ରୀ

### ବାରବାଟୀ ଦିନିକିଆ: ଆଉ ୮ ଦିନ

**କଟକ ଅଫିସ, ୧୩।୧୨**

ଡିସେମ୍ବର ୨୨ରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ ମ୍ୟାଚ୍ ଏବେ ରାଜ୍ୟରେ ସବୁଠାରୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମେତ ରାଜ୍ୟ ସରକାର, ଜିଲା ପ୍ରଶାସନ ମ୍ୟାଚ୍‌କୁ ସୁଚାରୁରୂପେ ଆୟୋଜନ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତି ରାଜ, ପାନୀୟ ଜଳ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଶୁକ୍ରବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିବା ସହ ମ୍ୟାଚ୍ ନେଇ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ବିଶେଷକରି ଦର୍ଶକମାନଙ୍କ ନିମନ୍ତେ ଉପଲବ୍ଧ ଥିବା ବିଭିନ୍ନ ସୁବିଧା ସୁଯୋଗ ଯଥା ପାନୀୟଜଳ, ଆମ୍ବୁଲାନ୍ସ, ଖାଦ୍ୟ ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଷ୍ଟାଡିୟମ ଭିତରକୁ ପାଣି ବୋତଲ ମନା ଥିବା ବେଳେ ଦର୍ଶକଙ୍କୁ କିପରି ପାନୀୟ ଜଳ ଯୋଗାଇ ଦିଆଯିବ ସେ ସମ୍ପର୍କରେ ଓସିଏ ପକ୍ଷରୁ ମନ୍ତ୍ରୀ ଜେନାଙ୍କୁ ଅବଗତ କରାଯାଇଥିଲା।



ବାରବାଟୀ ଷ୍ଟାଡିୟମ ପରିଦର୍ଶନ ଅବସରରେ ମନ୍ତ୍ରୀ ପ୍ରତାପ ଜେନା (ମଝି) ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ସହ।

### ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍

## ସ୍ୱିଡେନଠାରୁ ହାରିଲା ଭାରତ

ମୁମ୍ବାଇ, ୧୩।୧୨ (ପି.ଟି.)- ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୧୭ ବର୍ଷରୁ କମ୍ ମହିଳା ତ୍ରିରାଷ୍ଟ୍ରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚରେ ପରାସ୍ତ ହୋଇଛି। ସ୍ୱିଡେନଠାରୁ ଦଳ ୦-୩ ଗୋଲରେ ହାରିଯାଇଛି। ଭାରତର ରକ୍ଷଣଭାଗ ଖେଳାଳିଙ୍କ ଦୁର୍ବଳତାର ସୁଯୋଗ ନେଇ ବିଜୟୀ ଦଳ ପକ୍ଷରୁ ମାଲ୍‌ଟିଡା ଭିନ୍‌ବର୍ଗ (୪ର୍ଥ ମିନିଟ୍), ଇଡା ୱିଡେନ୍‌ବର୍ଗ (୨୫ତମ) ଏବଂ ମୋନିକା ଜୋଶୁ ବାଃ (୯୦+୧ ମିନିଟ୍) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମ୍ୟାଚରେ ଷ୍ଟ୍ରାଇକର ଏସ୍. ଲିଣ୍ଡାକମ୍ ୧୧ତମ ୨୧ତମ ମିନିଟ୍‌ରେ ଭାରତ ପାଇଁ ଗୋଲ ଦେବା ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ସାଥୀ ଖେଳାଳିଙ୍କ ସହାୟତା ଅଭାବରୁ ସେ ଅସଫଳ ରହିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ସ୍ୱିଡେନ ୨-୦ରେ ଅଗ୍ରଣୀ ରହିଥିଲା। ଭାରତ ଆହୁରି ମଧ୍ୟ ଦ୍ୱିତୀୟାର୍ଦ୍ଧ ଖେଳର ୬୪ତମ ଏବଂ ୭୫ତମ ମିନିଟ୍‌ରେ ଗୋଲ ଦେବା ସୁଯୋଗ ପାଇ ମଧ୍ୟ ଅସଫଳ ରହିଥିଲା। ଦଳ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଥାଇଲାଣ୍ଡ ବିପକ୍ଷରେ ଖେଳିବ।

## ସାହାଣୀ କପ୍ ଫୁଟବଲ: ସୁନ୍ଦରଗଡ଼ ଚାମ୍ପିୟନ

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଶୁକ୍ରବାର ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ୨-୦ ଗୋଲରେ ରାଉରକେଲାକୁ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ସୁନ୍ଦରଗଡ଼ର ମୁକେଶ ମିଞ୍ଜ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ସୁନ୍ଦରଗଡ଼ର ସ୍ୱାଧୀନ ଲଢ଼େଇ ଦଳ ପକ୍ଷରୁ ଆଉ ଏକ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ବାରମ୍ବାର ସୁଯୋଗ ମିଳିବା ସତ୍ତ୍ୱେ ମ୍ୟାଚ ଶେଷସୁଦ୍ଧା ରାଉରକେଲା ଖେଳାଳିମାନେ ଗୋଲ ସ୍କୋର କରିପାରି ନ ଥିଲେ। ରେଫେରି ଆଶୀର୍ବାଦ କାନୁନଗୋ, ଦେବାଶିଷ ବାଗ, ରମଣୀ ଝା ପ୍ରମୁଖ ମ୍ୟାଚ ପରିଚାଳନା କରିଥିବାବେଳେ ଦୁର୍ଗାମାଧବ ନାୟକ ମ୍ୟାଚ କମିଶନର ଦାୟିତ୍ୱରେ ରହିଥିଲେ।





ଚାମ୍ପିୟନ ସୁନ୍ଦରଗଡ଼ ଦଳ ଅତିଥିଙ୍କ ଗହଣରେ।

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ଉପସଭାପତି ରବି ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଉଦଯାପନୀ ସମାରୋହ ହୋଇଥିଲା। ଏଥିରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଏବଂ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ସୁନ୍ଦରଗଡ଼ର ମହେଶ ପ୍ରଧାନ ମ୍ୟାନ ଅଫ ଦି ଫାଇନାଲ, ମୁକେଶ ମିଞ୍ଜ ଶ୍ରେଷ୍ଠ ଖେଳାଳି, ସ୍ୱାଧୀନ ବଢ଼େଇ ଶ୍ରେଷ୍ଠ ସ୍କୋରର ଏବଂ ବରଗଡ଼ର ବୀରେନ ମହାକୁଡ଼ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

ଫାଓର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ପର୍ଯ୍ୟବେକ୍ଷକ ରବୀନ୍ଦ୍ର ମହାପାତ୍ର, ବରଗଡ଼ ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଝାରି, ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ର, ହରଦୀପ ସିଂ, ଶ୍ୟାମସୁନ୍ଦର ଅଦାବର, ଶୁଭ୍ରାଂଶୁ ଶେଖର ମହାପାତ୍ର, ସୁରେଶ ଦାଶ, ଜ୍ଞାନରଞ୍ଜନ ପୂଜାରୀ, ଶେଖ ସବଦର୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଅତିଥି, ଆୟୋଜକ ଏବଂ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।


# ବାରବାଟୀରେ ହୋଇପାରେ ଭାରତ-ଦକ୍ଷିଣ ଆଫ୍ରିକା ଟେଷ୍ଟ

**କଟକ ଅଫିସ,୧୩।୧୨**

ବାରବାଟୀ ଷ୍ଟାଡିୟମରେ ଏକ ଟେଷ୍ଟ ମ୍ୟାଚ୍ ଆୟୋଜନ ହେବାର ସମ୍ଭାବନା ଦୃଢ଼ୀଭୂତ ହୋଇଛି। ଆସନ୍ତା ମାର୍ଚ୍ଚରେ ଏଠାରେ ଭାରତ–ଦକ୍ଷିଣଆଫ୍ରିକା ଟେଷ୍ଟ ମ୍ୟାଚ୍ ଆୟୋଜନ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପ୍ରଚେଷ୍ଟା ଆରମ୍ଭ କରିଛି। ଏ ନେଇ ଓସିଏ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ମଧ୍ୟ ଚଳାଇଛି। ଆସନ୍ତା ୨୨ରେ ଏଠାରେ ହେବାକୁ ଥିବା ଭାରତ–ୱେଷ୍ଟଇଣ୍ଡିଜ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବିସିସିଆଇର ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇ କ୍ଷମତାଶାଳୀ କ୍ରୀଡ଼ା ସଙ୍ଗଠକଙ୍କ ଉପସ୍ଥିତି ପରେ ବାରବାଟୀରେ ଟେଷ୍ଟ ମ୍ୟାଚ ଆୟୋଜନ ନେଇ ସ୍ପଷ୍ଟ ସୂଚନା ମିଳିବ ବୋଲି ଓସିଏର ଜଣେ ଅଧିକାରୀ କହିଛନ୍ତି।


ଆସନ୍ତା ମାର୍ଚ୍ଚରେ ଦକ୍ଷିଣଆଫ୍ରିକା ଭାରତ ଗସ୍ତରେ ଆସି ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ। ଦକ୍ଷିଣଆଫ୍ରିକାର ଉକ୍ତ ଗସ୍ତରେ ଟେଷ୍ଟ ସିରିଜ ଯୋଡ଼ାଯିବାକୁ ଯୋଜନା ଚାଲିଛି। ଯାହାଦ୍ୱାରା ବାରବାଟୀରେ ଗୋଟିଏ ମ୍ୟାଚ୍ ଆୟୋଜନ କରାଯିବାକୁ ପ୍ରସ୍ତୁତ ହେଉଛି ଓସିଏ। ବାରବାଟୀରେ ମୋଟ୍ ୨ଟି ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ୧୯୮୭ରେ ଶ୍ରୀଲଙ୍କା ବିପକ୍ଷରେ ଓ ୧୯୯୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଗୋଟିଏ ଲେଖାଏ ଟେଷ୍ଟ ମ୍ୟାଚ ବାରବାଟୀରେ ଖେଳିଛି। ଦୀର୍ଘ ୨୪ବର୍ଷର ବ୍ୟବଧାନ ପରେ ବାରବାଟୀରେ ପୁଣି ଥରେ ଟେଷ୍ଟ ମ୍ୟାଚ ଦେଖିବାକୁ ମିଳିବ। ଯାହା ରାଜ୍ୟର ଅଗଣିତ କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ଖୁସି ଖବର।


**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**




**ଶୁଭଲକ୍ଷ୍ମୀ ପୃଷ୍ଟି (ଖୁସୀ)**
ରଞ୍ଜାଗୋଳ, ଢେଙ୍କାନାଳ
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନର ଚଲାପଥ କୁସୁମିତ ହେଉ ଏତିକି କାମନା।
**ଶୁଭେଚ୍ଛା ସହ**
ଜେଜେବାପା, ଜେଜେମା', ଅଜା, ଆଇ, ରୀନାଅପା, ମାମୁନି, ବର୍ଷା, ଜିଲୁଭାଇ, ଚିଣ୍ଟୁ।
ଧ–୧୫୫୦୬

**୯ମ ଜନ୍ମଦିନ ଶୁଭେଚ୍ଛା**



**ଶୁଭମ୍ ନନ୍ଦ**
ବଲାଙ୍ଗୀର, ପାଟଣାଗଡ, ଜୁରିଆ
ଆଜି ତୋର ୯ମ ଜନ୍ମଦିନ ଅବସରରେ ପ୍ରଭୁ ଦେବ ଦେବ ମହାଦେବଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ। ଚଲାପଥ କୁସୁମିତ ହେଉ।
**–:ଶୁଭେଚ୍ଛା ସହ:–**
ଜେଜେବାପା, ଜେଜେମା' ଆମବାପା, ଆମମମି ବାପା, ମା' ବଡ଼ଅପା, ବଡ଼ମାମୁ, ସାନଅପା, କୁମ୍ଭାର ଆଞ୍ଜା, ରୋଜି, ରାକ୍ଷୀ, ମୁନା, ଲୁନା, ଟିନା, ମୁକେଶ, ବସୁମତି, ରେଖା, ରିମା, ପାପୁନି, ଲକ୍ଷ୍ମୀ, ରାଜା, ଦୀପା, ଶକ୍ତି ଓ ପରିବାରବର୍ଗ।
ଧ–୧୫୬୪୩

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ସାସ୍ୱାତ ରଞ୍ଜନ କେତକି (ସ୍ୱାଗତ)**
ପିତା: ରତନ କେତକି
ମାତା: ସନ୍ଧ୍ୟାରାଣୀ କେତକି
ବିଶିକଲୋନୀ, ନୂଆପଡ଼ା
ତୋର ଚତୁର୍ଥ ଜନ୍ମ ଦିବସ ଅବସରରେ ଭଗବାନଙ୍କ ନିକଟରେ ତୋର ଚଲାପଥ କୁସୁମିତ ହେଉ। ଭଗବାନ ତୁମକୁ ବୁଦ୍ଧିବିଦ୍ୟା ପ୍ରଦାନ କରିବା ସହ ଦୀର୍ଘାୟୁ କାମନା କରୁଛୁ।
**ଶୁଭେଚ୍ଛା ସହ:**
ଟିକେଲାଲ୍, ସଂଯୁକ୍ତା, ଯୁଧିଷ୍ଠିର, ସନାତନ, ଉମାକାନ୍ତୀ, ଚନ୍ଦନ, ଅରୁଣ, ଚୂଡ଼ାମଣୀ, ପିତାମ, ସୀମା, ସ୍ମୃତୀ, ସବିତା, କୁନ୍ତୁ, କୁନାଲ୍, ସୋମ୍, ତନ୍ମୟ, ଶୁଭମ୍, କ୍ଷୀତେଶ, ଜେଜେମା', ଜେଜେବାପା, ଅଜା, ଆଇ ସହ କେତକୀ ପରିବାର ଓ ବନ୍ଧୁବର୍ଗ।
ଧ–୧୫୭୧୬


## ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ୍
# ତସନିମ୍ ବିଜୟୀ

**ସୁରାବାୟା (ଇଣ୍ଡୋନେସିଆ), ୧୩।୧୨ (ପି.ଟି.):** ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତର ତସନିମ୍ ମୀର୍ ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ବରୁଣ କାପୁର ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଗୁଜରାଟର ମୀର ଗତ କିଛି ମାସ ହେଲା ବିଭିନ୍ନ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ଆସିଛନ୍ତି। ସେପ୍ଟେମ୍ବରରେ ଦୁବାଇ ଜୁନିୟର ଇଣ୍ଟରନ୍ୟାଶନାଲ ସିରିଜ ଟାଇଟଲ ଜିତି ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ଏଠାରେ ସେ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ମାଲେସିଆର ୱେନ୍ ତିସ୍ ଚାନ୍‌ଙ୍କୁ ୨୧-୬, ୨୧-୧୬ରେ ହରାଇ ଦେଇଛନ୍ତି। ମ୍ୟାଚ ଜିତିବା ଲାଗି ସେ ମାତ୍ର ୨୦ମିନିଟ୍ ସମୟ ନେଇଥିଲେ। ମୀର୍ ବର୍ତ୍ତମାନ ଜାପାନର ମାୟା ତାଗୁଚିଙ୍କୁ ଭେଟିବେ। ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ମହାରାଷ୍ଟ୍ରର ବରୁଣ କାପୁର ଲଢୁଆ ପ୍ରଦର୍ଶନ କରିଥିଲେ ସୁଦ୍ଧା ଇଣ୍ଡୋନେସିଆର ରେନାଲ୍ଡି ଓକ୍ଟାଭିଏନୁରଙ୍କଠାରୁ ୧୯-୨୧, ୨୧-୨୩ରେ ପରାସ୍ତ ହୋଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୫୦ ମିନିଟ୍ ଦରି ଚାଲିଥିଲା। ୧୫ ବର୍ଷରୁ କମ୍ ବିଭାଗରେ ଏଠାରେ ଟପ୍ ସିଡ୍‌ର ମାନ୍ୟତା ପାଇଥିବା ଆସାମର ତନ୍ମୟ ବିକାଶ ବରୁଆ ତାଙ୍କ ଓପନିଂ ଗେମ୍‌ରେ ୧୩ ତମ ସିଡ୍ ଡେନମାର୍କର ଫାରେଲ ସାଟିରାଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା।

## ନାଲ୍‌କୋ ଓପନ ଟେନିସ ଆରମ୍ଭ
# ଅନମ, ଋତୁପର୍ଣ୍ଣା ସେମିଫାଇନାଲରେ



ଉଦ୍‌ଘାଟନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଅନ୍ୟଅତିଥି ଏବଂ କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୧୩।୧୨ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଜିଲା ଟେନିସ୍ ଆସୋସିଏଶନ (ବିଡିଟିଏ) ଆନୁକୂଲ୍ୟରେ ୨୧ ତମ ଅଲ ଓଡ଼ିଶା ନାଲ୍‌କୋ ଓପନ୍ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ସିନିୟର ମହିଳା ବିଭାଗରେ ଅନମ ଆଲମାସ ଓ ପୁରୁଷରେ ଅଂଶୁକୁମାର ଭୂୟାଁ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରଥମ ଦିବସରେ ଡବଲ ବିଜୟ ସହ ଅନମ ଓ ଦ୍ୱିତୀୟ ସିଡ୍ ଋତୁପର୍ଣ୍ଣା ଚୌଧୁରୀ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ଅନମ ଅଣସିଡେଡ ସିମରନ ଏକ୍କାଙ୍କୁ ଭେଟିବେ। ସେହିପରି ଋତୁପର୍ଣ୍ଣା ସେମିରେ ଅଣସିଡେଡ ଦୀକ୍ଷା ରାଉତଙ୍କ ସହ ମୁକାବିଲା କରିବେ। ପୁରୁଷ ବିଭାଗରେ ଅଂଶୁ ପ୍ରଥମ ରାଉଣ୍ଡରେ ବାଇ ପାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଥିବାବେଳେ କମଳେଶ ରଥ, ସପ୍ତପୂର୍ଣ୍ଣ ଜେନା, ଅକ୍ଷତ ବେଉରିଆ, ବିଶ୍ୱ ବିସ୍ମିତ ପ୍ରଧାନ, ଦିଶାନ୍ତ ମହାନ୍ତି, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ, ଅଂଶୁମାନ ଆଚାର୍ଯ୍ୟ, ଲଳିତ ଟୁଡୁ ପ୍ରମୁଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି, ବିଡିଟିଏ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର, ଡ. ସରୋଜ କୁମାର ଦାସ ମଜୁମଦାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ୨୦୨୦ରେ ଏଫ୍‌ଆଇଏଚ୍ ନୂଆ ବିଶ୍ୱ ର୍‍ୟାଙ୍କିଙ୍ଗ୍ ସିଷ୍ଟମ ଆରମ୍ଭ କରିବ

**ଲାଉସାନେ,୧୩।୧୨(ପି.ଟି.)**

୨୦୨୦ ବର୍ଷ ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଶୁକ୍ରବାର ନୂଆ ବିଶ୍ୱ ର୍‍ୟାଙ୍କିଙ୍ଗ୍ ପ୍ରଣାଳୀ ଆରମ୍ଭ କରିବ। ଏହି ର୍‍ୟାଙ୍କିଙ୍ଗ୍ ମ୍ୟାଚ୍ ଉପରେ ପର୍ଯ୍ୟବସିତ ହେବ। ପୂର୍ବରୁ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ର୍‍ୟାଙ୍କିଙ୍ଗ୍ ପ୍ରକାଶିତ ହେଉଥିଲା। ଏହା ଦ୍ୱାରା ଦଳଗୁଡ଼ିକର ସଦ୍ୟ ପ୍ରଦର୍ଶନକୁ ଭିତ୍ତିକରି ର୍‍ୟାଙ୍କିଙ୍ଗ୍ ସ୍ଥିରୀକୃତ ହେବ ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି।

ଆସନ୍ତା ଜାନୁୟାରୀ ୨ରୁ ଏହି ନୂଆ ପ୍ରଣାଳୀ ଲାଗୁ ହେବ। ଗତ ୧୨ ମାସର ନିରବଚ୍ଛିନ୍ନ କଷ୍ଟସାଧ୍ୟ ରିସର୍ଚ୍, ଆନାଲିସିସ୍ ଓ ଟେଷ୍ଟିଂ ପରେ ଯାଇ ଏହି ନୂଆ ବିଶ୍ୱ ର୍‍ୟାଙ୍କିଙ୍ଗ୍ ପ୍ରଣାଳୀ ଲାଗୁ ହେବ ବୋଲି ଏଫ୍‌ଆଇଏଚ୍ କହିଛି। ଚଳିତ ର୍‍ୟାଙ୍କିଙ୍ଗ୍ ପ୍ରଣାଳୀ ୨୦୦୩ରୁ ଲାଗୁ ହୋଇ ଆସୁଥିଲା। ବିଭିନ୍ନ ଟୁର୍ନାମେଣ୍ଟ ପରେ ଯାଇ ର୍‍ୟାଙ୍କିଙ୍ଗ୍ ପ୍ରକାଶିତ ହେଉଥିଲା। ଫଳରେ ଗୋଟିଏ ବର୍ଷରେ ଦେଶ ତଥା ଦଳଗୁଡ଼ିକ ଦୁଇ କିମ୍ବା ୩ଥର ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରୁଥିଲେ। ର୍‍ୟାଙ୍କିଙ୍ଗ୍ ପ୍ରଣାଳୀରେ ପରିବର୍ତ୍ତନ ପାଇଁ ଏକାଧିକ ପ୍ରତିବନ୍ଧ ରଖାଯାଇଛି ବୋଲି ଏଫ୍‌ଆଇଏଚ୍ ତରଫରୁ କୁହାଯାଇଛି। ପୁରୁଣା ନିୟମରେ ଲୋ ର୍‍ୟାଙ୍କ୍‌ର ଦଳଗୁଡ଼ିକ ପଏଣ୍ଟ ହାସଲ କରିବାରେ ସୀମିତ ସୁଯୋଗ ରହୁଥିଲା। ପ୍ରକୃତରେ ୬୦ ପ୍ରତିଶତ ହକି ମ୍ୟାଚ୍‌ର କୌଣସି ର୍‍ୟାଙ୍କିଙ୍ଗ୍ ପଏଣ୍ଟ ନ ଥିଲା। ଏବେ କିନ୍ତୁ ଏଥିରେ ପରିବର୍ତ୍ତନ ଆସିବ ବୋଲି ଏଫ୍‌ଆଇଏଚ୍ କହିଛି। ନୂଆ ପ୍ରଣାଳୀରେ ଦୁଇ ଦଳ ମଧ୍ୟରେ ଏଫ୍‌ଆଇଏଚ୍ ସ୍ୱୀକୃତିପ୍ରାପ୍ତ ଯେକୌଣସି ମ୍ୟାଚ୍‌ରେ ପଏଣ୍ଟ ଅଦଳବଦଳ ହେବାର ବ୍ୟବସ୍ଥା ରହିଛି। ପଏଣ୍ଟ ଅଦଳବଦଳରେ ୩ଟି ଜିନିଷ ଯଥା ମ୍ୟାଚର ଫଳାଫଳ, ଦଳଗୁଡ଼ିକର ତୁଳନାତ୍ମକ ର୍‍ୟାଙ୍କିଙ୍ଗ୍ ଓ ମ୍ୟାଚ୍ ଗୁରୁତ୍ୱକୁ ଦୃଷ୍ଟିରେ ରଖାଯିବ। ଗୋଟିଏ ବର୍ଷର ଲମ୍ବା ଟ୍ରାଏଲ ପରେ ଏହି ନୂଆ ର୍‍ୟାଙ୍କିଙ୍ଗ୍ ସିଷ୍ଟମ ଲାଗୁ ହେବାକୁ ଯାଉଛି। ତେବେ ଲାଗୁ ହେବାକୁ ଥିବା ନୂଆ ସିଷ୍ଟମରେ ଦଳଗୁଡ଼ିକ ଅଧିକାର କରିଥିବା ଏବେକାର ସ୍ଥାନରେ କୌଣସି ପରିବର୍ତ୍ତନ ହେବ ନାହିଁ। ଅର୍ଥାତ ୨୦୧୯ ଶେଷରେ ଦଳଗୁଡ଼ିକ ହାସଲ କରିଥିବା ର୍‍ୟାଙ୍କିଙ୍ଗ୍ ପଏଣ୍ଟରୁ ନୂଆ ପ୍ରଣାଳୀ ଆରମ୍ଭ ହେବ। ନୂଆ ର୍‍ୟାଙ୍କିଙ୍ଗ୍ ପ୍ରଣାଳୀରେ ଏଫ୍‌ଆଇଏଚ୍‌ର ସଭ୍ୟ ଦେଶଗୁଡ଼ିକୁ ନୂଆ ସୁଯୋଗ ଦେବାକୁ ଆମର ପ୍ରୟାସ ସବୁବେଳେ ଜାରି ରହିବ ବୋଲି ଏଫ୍‌ଆଇଏଚ୍ ସ୍ପୋର୍ଟ୍ସ ଆଣ୍ଡ ଡେଭଲପ୍‌ମେଣ୍ଟ ଡାଇରେକ୍ଟର ଜନ ୱାଟ୍ କହିଛନ୍ତି।

# କିଟ୍‌ରେ ୨ରୁ ଜାତୀୟ ପୁରୁଷ ଭଲିବଲ୍ କୋଚିଂ କ୍ୟାମ୍ପ୍

**ଭୁବନେଶ୍ୱର,୧୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଚାଇନାର ଜିଆଙ୍ଗମେନ୍‌ଠାରେ ଜାନୁୟାରୀ ୭ରୁ ୧୨ ତାରିଖ ମଧ୍ୟରେ ହେବାକୁ ଥିବା ଏସିଆ ପୁରୁଷ ଟୋକିଓ ଭଲିବଲ୍ କ୍ୱାଲିଫିକେଶନ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଅଂଶଗ୍ରହଣ କରିବ। ଏହି ମେଗା ଇଭେଣ୍ଟ ସକାଶେ ଭାରତୀୟ ପୁରୁଷ ଦଳ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏକ କୋଚିଂ କ୍ୟାମ୍ପ ଆୟୋଜନ କରାଯିବ। ଏହା ୨ରୁ ଆରମ୍ଭ ହୋଇ ୪ ତାରିଖରେ ଶେଷ ହେବ। ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ଏହି କୋଚିଂ କ୍ୟାମ୍ପ ଆୟୋଜନ କରିବାକୁ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)କୁ ଦାୟିତ୍ୱ ଦେଇଛି। କ୍ୟାମ୍ପ ସରିବା ପରେ ଭାରତୀୟ ଦଳ ସିଧା ଚାଇନାର ଜିଆଙ୍ଗ୍‌ମେନ ଯାତ୍ରା କରିବ। ଭାରତୀୟ ଦଳରେ ୧୪ ଖେଳାଳି ସାମିଲ ହୋଇଛନ୍ତି। ଦଳ ସହ ୩ କୋଚ୍, ଜଣେ ଫିଜିଓଥେରାପିଷ୍ଟ, ଜଣେ ମ୍ୟାନେଜର ଓ ଜଣେ ରେଫରି ମଧ୍ୟ ଯାତ୍ରା କରିବେ।

## ଇଷ୍ଟ୍ ଇଣ୍ଡିଆ ଓପନ ସ୍ନୁକର
# ପ୍ରି–କ୍ୱାର୍ଟରରେ ସୁବ୍ରତ





**ଭୁବନେଶ୍ୱର,୧୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ପାଟଣାରେ ଚାଲିଥିବା ଇଷ୍ଟ ଇଣ୍ଡିଆ ସ୍ନୁକର ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁବ୍ରତ ଦାସ ରାଉଣ୍ଡ ଅଫ୍ ୧୬ ବା ପ୍ରି– କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପାଟଣାର ଆଡିକ୍ସନ ସ୍ନୁକର ସେଣ୍ଟରରେ ଚାଲିଥିବା ଏହି ପ୍ରତିଯୋଗିତାରେ ସୁବ୍ରତ ୩–୦ରେ ପୂର୍ବତନ ବିହାର ଜୁନିୟର ଚାମ୍ପିୟନ ଉତ୍କର୍ଷ ସିଂଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ୪ ଦିନଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଥିବା ସୁବ୍ରତଙ୍କ ସମେତ ପୂର୍ବ ଭାରତର ଅନ୍ୟ ଖେଳାଳିମାନଙ୍କୁ ମଧ୍ୟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରାଯାଇଥିଲା। ଏହି ଚାମ୍ପିୟନଶିପ୍‌ରେ ସୁବ୍ରତଙ୍କୁ ଟପ୍ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଜାତୀୟ ସର୍କିଟରେ ସୁବ୍ରତ ଶ୍ରେଷ୍ଠ ୩୨ରେ ସ୍ଥାନ ପାଇଛନ୍ତି।

## ରାଓ୍ୱଲପିଣ୍ଡି ଟେଷ୍ଟ
# ତୃତୀୟ ଦିବସରେ ୫.୨ ଓଭର ଖେଳ

**ରାଓ୍ୱଲପିଣ୍ଡି, ୧୩।୧୨**

ଏଠାରେ ଚାଲିଥିବା ପାକିସ୍ତାନ–ଶ୍ରୀଲଙ୍କା ପ୍ରଥମ କ୍ରିକେଟ ଟେଷ୍ଟ ବର୍ଷା ଯୋଗୁ କ୍ରମାଗତ ତୃତୀୟ ଦିବସ ପାଇଁ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ତୃତୀୟ ଦିବସରେ ମାତ୍ର ୫.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏହି ସମୟ ମଧ୍ୟରେ ଶ୍ରୀଲଙ୍କା କୌଣସି ଉଇକେଟ ନ ହରାଇ ୧୯ ରନ ସଂଗ୍ରହ କରିଛି। ଆଲୋକ କମିଯିବାରୁ ଶୀଘ୍ର ଷ୍ଟମ୍ପ ପାଇଁ ଅମ୍ପାୟର ନିଷ୍ପତ୍ତି ନେଇଥିଲେ। ସେତେବେଳକୁ ଶ୍ରୀଲଙ୍କା ୬ ଉଇକେଟ ବିନିମୟରେ ୨୮୨ ରନ ସଂଗ୍ରହ କରିଥିଲା। ଧନଞ୍ଜୟ ଡି'ସିଲଭା ୮୭ ଓ ଦିଲରୁୱାନ ପେରେରା ୬ ରନ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୮୨/୬(ଧନଞ୍ଜୟ–୮୭*, ଦିମୁଥ କରୁଣାରତ୍ନେ–୫୯, ଓଶାଡା ଫର୍ନାଣ୍ଡୋ–୪୦, ଡିକ୍‌ୱେଲା–୩୩, ଆଞ୍ଜେଲୋ ମାଥ୍ୟୁସ–୩୧, ଶାହିନ ଆଫ୍ରିଦୀ–୨/୫୮, ନସିମ ଶାହ–୨/୮୩, ଉସମାନ ଶିନ୍‌ୱାରି–୧/୫୪, ମହମ୍ମଦ ଆବାସ–୧/୫୬)।


ପ୍ରଶଂସକଙ୍କ ସହ ସେଲ୍‌ଫି ନେଉଛନ୍ତି ପାକିସ୍ତାନ କ୍ରିକେଟର ବାବର ଆଜମ୍।

# ନେଟ୍ସରେ ବୋଲିଂ କରିବେ ବୁମ୍‌ରା

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

ଆହତ ହୋଇଥିବା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ରିହାବିଲିଟେଶନରେ ରହିଥିବା ବେଳେ ଏବେ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏଥିପାଇଁ ତାଙ୍କୁ ଫିଟ୍‌ନେସର ପ୍ରମାଣ ଦେବାକୁ ହେବ। ଫଳରେ ୧୮ ତାରିଖରେ ବିଶାଖାପାଟଣାରେ ଖେଳାଯିବାକୁଥିବା ଦ୍ୱିତୀୟ ଦିନିକିଆ ପୂର୍ବରୁ ତାଙ୍କୁ ନେଟ୍ସରେ ବୋଲିଂ କରିବା ସହ ଭାରତୀୟ ଦଳ ସହ ସମୟ ବିତାଇବାକୁ ହେବ। ଏହା ପରେ ତାଙ୍କ ଫିଟ୍‌ନେସ ନେଇ ଆକଳନ କରାଯିବ। ଏଥି ସହିତ ସେ ଦଳକୁ କେବେ ପ୍ରତ୍ୟାବର୍ତ୍ତନ କରିବେ ସେ ନେଇ ମଧ୍ୟ ସ୍ଥିତି ସ୍ପଷ୍ଟ ହେବ। ୧୫ ତାରିଖରେ ଚେନ୍ନାଇରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ।

ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜରେ ବୁମ୍‌ରା ଷ୍ଟ୍ରେସ୍ ଫ୍ରାକ୍‌ଚର ଯୋଗୁ ଆହତ ହୋଇଥିଲେ ମଧ୍ୟ ସମୟକ୍ରମେ ସୁସ୍ଥତା ଲାଭ କରିଛନ୍ତି। ଆସନ୍ତାବର୍ଷ ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା କରୁଛି। ଏବେ ସେ ନିୟମ ଅନୁସାରେ ଭାରତୀୟ ଦଳ ସହ ନେଟ୍ ସେସନରେ ସାମିଲ ହେବେ। ନୂଆ ନିୟମ ଅନୁସାରେ ଯେକୌଣସି ଆଘାତପ୍ରାପ୍ତ ଖେଳାଳି ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ପ୍ରଥମେ ରିହାବିଲିଟେଶନ ପ୍ରୋଗ୍ରାମ୍‌ରେ ସାମିଲ ହେବା ଜରୁରୀ। ଏହାପୂର୍ବରୁ ଅନ୍ୟତମ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ଫିଟ୍‌ନେସ ନେଇ ବାଂଲାଦେଶ ବିପକ୍ଷ ଟେଷ୍ଟ ପୂର୍ବରୁ ଇନ୍ଦୋରରେ ଟେଷ୍ଟ କରାଯାଇଥିଲା। ଯଦିଓ ସେ ସେତେବେଳେ ଦଳରେ ନ ଥିଲେ।

ବୁମ୍‌ରାଙ୍କ ଭଳି ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ରିହାବିଲିଟେଶନରେ ରହିଛନ୍ତି। ତେବେ ୨୬ ବର୍ଷୀୟ ବୁମ୍‌ରା ଆଗାମୀ ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର ସିରିଜ ପୂର୍ବରୁ ଦଳକୁ ଫେରିବାର ସମ୍ଭାବନା କମ୍ ରହିଛି। ନ୍ୟୁଜିଲାଣ୍ଡ ଗସ୍ତରେ ସାମିଲ ହେବା ପୂର୍ବରୁ ସେ ଗୋଟିଏ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବାର ସମ୍ଭାବନା ରହିଛି। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ବୁମ୍‌ରା ପ୍ରଥମେ ଭାରତ ଏ' ଦଳ ପାଇଁ ଖେଳିବାର ସମ୍ଭାବନା ରହିଛି। ଉଲ୍ଲେଖଥାଉ କି, ବୁମ୍‌ରା ଏପର୍ଯ୍ୟନ୍ତ ୧୨ ଟେଷ୍ଟ ଖେଳି ୬୨, ୫୮ ଦିନିକିଆ ଖେଳି ୧୦୩ ଓ ୪୨ ଟି୨୦ ଖେଳି ୫୧ଟି ଉଇକେଟ ହାସଲ କରିଛନ୍ତି।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ଶ୍ରୀଯୁକ୍ତ ଅର୍ଜ୍ଜୁନ ମିଶ୍ର**
ଶାସନ ଦାମୋଦରପୁର, ପୁରୀ
ଆବିର୍ଭାବ: ୨୩।୧୦।୩୪
ତିରୋଧାନ: ୦୫।୧୨।୧୯
ଆପଣଙ୍କର ହଠାତ୍ ବିୟୋଗରେ ଆମ୍ଭେ ସ୍ତବ୍ଧ ଓ ମର୍ମାହତ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର: ମକୁନ୍ଦ, ମନମୋହନ, ପୁତ୍ରବଧୂ: ମନି, ରିନି, ଝିଅ: ବିଜୁ, ଫୁନି, ପିଙ୍କି, ଲକି, ନାତି: ଗୋବିନ୍ଦ, ନାତୁଣୀ: ଖୁସି, ଲୁସି, ଆୟୁଷୀ, ପାରସୀ, କୁନୁଲୁ, ଜ୍ୱାଇଁ: ଅଜୁ, ରାମ, ଲକ୍ଷ୍ମୀଧର, ପୁତୁରା, ଝିଆରୀ ଓ ମିଶ୍ର ପରିବାର।
ଧ–୬୮୪୦

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଛୋଟରାୟ**
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୨୩।୦୫।୧୯୨୩
ତିରୋଧାନ: ୧୬।୧୨।୨୦୧୬
ଏହା ଭିତରେ ତିନିବର୍ଷ ଅତୀତ, ତୁମ ସ୍ମୃତି ଆମ ପାଇଁ ଜୀବନ୍ତ। ତୁମର ସଚ୍ଚୋଟତା, ଦୃଢ଼ତା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ଆଦର୍ଶ ଆମପାଇଁ ପ୍ରେରଣା ଓ ଶକ୍ତିର ଉତ୍ସ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱରଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ।
**ଶୋକସନ୍ତପ୍ତ**
ପୁତ୍ର: ମନ୍ମଥ ଛୋଟରାୟ(ମନ), ବୋହୂ, ଝିଅ, ଜ୍ୱାଇଁ, ନାତି–ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ–୬୮୭୨୪

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବିଦ୍ୟୁଲତା ଛୋଟରାୟ**
ଦାରୁଠେଙ୍ଗ, ଭୁବନେଶ୍ୱର
ଆବିର୍ଭାବ: ୧୯।୦୫।୧୯୩୪
ତିରୋଧାନ: ୧୪।୧୨।୨୦୧୫
ଏହା ଭିତରେ ଚାରିବର୍ଷ ଅତୀତ, ତୁମ ସ୍ମୃତି ଆମପାଇଁ ଜୀବନ୍ତ। ତୁମଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ପୁଅ: ମନ୍ମଥ ଛୋଟରାୟ(ମନ), ବୋହୂ, ଝିଅ–ଜ୍ୱାଇଁ, ନାତି–ନାତୁଣୀ, ନାତୁଣୀ ବୋହୂ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ–୬୮୭୨୫

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଯମୁନା ବେହେରା**
ବାଲୁଅ, ରାମକୃଷ୍ଣପୁର, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୩୨
ତିରୋଧାନ: ୦୪।୧୨।୨୦୧୯
ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
**ଶ୍ରଦ୍ଧାଞ୍ଜଳି ସହ:**
ହରିଶ୍, ରବୀନ୍ଦ୍ର, ଖଗେଶ୍ୱର, ରିଆ, ସାଇପ୍ରିୟା, ସୁନା, ସତ୍ୟ,ସିଧୁ, ଶିବା, ସରୋଜ, ମନୋଜ।
ଧ–୧୫୭୧୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଯୁଗଳ କିଶୋର ଦାସ**
ଦଣ୍ଡତୋଟା, ପୁରୀ
ଆବିର୍ଭାବ-୧୦.୧୦.୧୯୩୧
ତିରୋଧାନ-୨୪.୧୨.୨୦୧୮
ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଅମରାତ୍ମା ଚିରକାଳ ଶାନ୍ତିରେ ବିଚରଣ କରୁ।
**ଶୋକସନ୍ତପ୍ତ:**
ପତ୍ନୀ,ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଏବଂ ବନ୍ଧୁବର୍ଗ।
ଧ–୬୮୯୨୬





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଆଜି ଅନୁଗୋଳ ଆସିବେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ

**ଅନୁଗୋଳ ଅଫିସ, ୧୩।୧୨**

ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଶନିବାର ଅନୁଗୋଳ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନରେ ବିଭିନ୍ନ ଶିଶୁ ଆଦୃତ ଗୃହ ଗୁଡ଼ିକ ସେ ପରିଦର୍ଶନ କରିବେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ପରେ ମନ୍ତ୍ରୀ ଟିଟିଲାଗଡ଼ ଅଭିମୁଖେ ଯାତ୍ରା କରିବେ ବୋଲି ଅନୁଗୋଳ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବାଲୁଅକଟା କ୍ରିକେଟ୍ ଟୁର୍ନାମେଣ୍ଟ: ଖଣ୍ଡହତା, କୁରୁମିଠା ବିଜୟୀ

**ବନ୍ତଳା, ୧୩।୧୨ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ବାଲୁଅକଟା କୁମ୍ଭକର୍ଣ୍ଣ ସାହି ରାଧାକୃଷ୍ଣ ଖେଳ ପଡ଼ିଆରେ ଚାଲିଥିବା ମା' ହିଙ୍ଗୁଳା କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ୨ଟି ମ୍ୟାଚରେ ଖଣ୍ଡହତା ଓ କୁରୁମିଠା ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ୱିକେଟ ହରାଇ ୧୩୪ ରନ କରିଥିଲା। ଜବାବରେ କଳମଛୁଇଁ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ସନ୍ତୋଷ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ କୁରୁମିଠା ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୩୬ ରନ ସଂଗ୍ରହ କରିଥିଲା। ଜବାବରେ ଖାଲଗାଁ ୧୫ ଓଭରରେ ୮ ଉଇକେଟ ହରାଇ ୯୬ ରନ କରି ପରାସ୍ତ ହୋଇଥିଲା। କୁରୁମିଠାର ଡବୁ ସାମଲ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ଆଶୁତୋଷ ଦେହୁରୀ, ପିପିନ୍ଦ୍ର ଦେହୁରୀ, ଲିପୁ ଦେହୁରୀ, ବବୁଲୁ ଦେହୁରୀ ଖେଳ ପରିଚାଳନା କରିଥିଲେ। ଜିତେନ୍ଦ୍ର ଦେହୁରୀ ଓ ବାଦଲ ଦେହୁରୀ ସ୍କେରର ଦାୟିତ୍ୱରେ ଥିଲେ। ପ୍ରକାଶ ଦେହୁରୀ ଧାରାବିବରଣୀ ଦେଇଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶନିବାର ସୁରାବ ଓ ବନ୍ତଳା, କୁଲାଡ଼ ଓ ଫୁଲପଡ଼ା ମଧ୍ୟରେ ମ୍ୟାଚ ଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।